# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୦/୨୦୨୩ (୨୦ ପୃଷ୍ଠା) | Bhubaneswar, Friday, March 10/2023 | Page 20 | ₹ 7.00 | SAMBALPUR

୪୯ଶ ଭାଗ ୧୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 104 | ମୂଲ୍ୟ ₹୭/-




ପୁରୀ ବଡ଼ଦାଣ୍ଡର ମରିଚିକୋଟ ଛକ ନିକଟସ୍ଥ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ବୁଧବାର ଲାଗିଥିବା ନିଆଁକୁ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ଲିଭାଉଛନ୍ତି।

# ଜଳିଗଲା ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ

## ଛାରଖାର ୪୩ ଦୋକାନ, ହୋଟେଲ, ବ୍ୟାଙ୍କ

**ପୁରୀ ଅଫିସ, ୯।୩:** ଶ୍ରୀମନ୍ଦିରଠାରୁ ମାତ୍ର ୨୦୦ ମିଟର ଦୂର ବଡ଼ଦାଣ୍ଡର ମରୀଚିକୋଟ ଛକ ନିକଟରେ ଥିବା ତିନି ମହଲା ବିଶିଷ୍ଟ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଫଳରେ ପ୍ରାୟ ୨୫ ବର୍ଷର ଏହି ପୁରୁଣା ମାର୍କେଟ କମ୍ପ୍ଲେକ୍ସରେ ଥିବା ଏକ ବ୍ୟାଙ୍କ ଶାଖା ସହ ୪୩ଟି ବ୍ୟବସାୟ ପ୍ରତିଷ୍ଠାନର କୋଟି କୋଟି ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ତେବେ ଏଥିରେ କୌଣସି ଜୀବନ ହାନି ହୋଇନାହିଁ। ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ପରିସରସ୍ଥ ଏକ ଲଜ୍ ଓ ହୋଟେଲରେ ରହୁଥିବା ୧୪୦ ଜଣ ପର୍ଯ୍ୟଟକଙ୍କ ସମେତ ସମସ୍ତ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଅଗ୍ନିକାଣ୍ଡକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇପାରିନାହିଁ। ୧୨ଟି ଦମକଳ, ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନବଗଠିତ ଷ୍ଟ୍ରାଇକିଂ ଫୋର୍ସ ସମେତ ମହାରାଷ୍ଟ୍ରର ନ୍ୟାଶନାଲ ଫାୟାର ସର୍ଭିସ୍ କଲେଜର ଟିମ୍‌କୁ ନିଆଁଲିଭା କାର୍ଯ୍ୟରେ ନିୟୋଜିତ କରାଯାଇଛି। ଉଦ୍ଧାର କାର୍ଯ୍ୟବେଳେ ୧୫ରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ଅଣନିଃଶ୍ୱାସୀ ହୋଇ ଅସୁସ୍ଥ ହୋଇପଡ଼ିଥିବାବେଳେ ଜଣଙ୍କ ବାମହାତ ସାମାନ୍ୟ ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ☞ପୃଷ୍ଠା-୨





We Wish all the best to
H.S.C. Examinees-2023
NEWTON COLLEGE OF +2 SCIENCE/
NEWTON HIGHER SECONDARY
SCHOOL OF SCIENCE, SAMBALPUR
REGISTRATION FOR FOUNDATION
COURSE IS GOING ON
Commencement of Classes on
Dt. 02.04.2023
Subject to be taught: Physics, Chemistry, Mathematics, Biology, English, Inf. Tech. & Statistics
Kindly contact for further details:
Mob. 9938586082, 9938417517, 9583325666, 9337301382





# ଭାରତ ସହ ପାକ୍, ଚାଇନାର ସଶସ୍ତ୍ର ସଂଘର୍ଷ ହୋଇପାରେ

## ଆମେରିକୀୟ ଗୋଇନ୍ଦା ଅଧିକାରୀଙ୍କ ଆଶଙ୍କା

**ୱାଶିଂଟନ,୯।୩**

ଭାରତ-ପାକିସ୍ତାନ ଓ ଭାରତ-ଚାଇନା ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଆଗକୁ ଏହା ସଶସ୍ତ୍ର ସଂଘର୍ଷର ରୂପ ନେଇପାରେ। ଏପରି କି ପାକିସ୍ତାନ କୌଣସି ଉତ୍ତେଜନାମୂଳକ ପଦକ୍ଷେପ ନେଲେ ଭାରତ ଏହାର ମୁହଁତୋଡ଼ ଜବାବ ଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପୂର୍ବାପେକ୍ଷା ଅଧିକ ପ୍ରଭାବଶାଳୀ ହେବ ବୋଲି ବୁଧବାର ଆମେରିକୀୟ ଗୋଇନ୍ଦା ଅଧିକାରୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଆମେରିକାର ଇଣ୍ଟେଲିଜେନ୍ସ କମ୍ୟୁନିଟି ପକ୍ଷରୁ କରାଯାଇଥିବା ବାର୍ଷିକ ବିପଦ ସମୀକ୍ଷା ସମ୍ପର୍କିତ ଉକ୍ତ ରିପୋର୍ଟକୁ ୟୁଏସ୍ କଂଗ୍ରେସରେ ଶୁଣାଣି ବେଳେ ଅଫିସ୍ ଅଫ୍ ଡାଇରେକ୍ଟର ଅଫ୍ ନ୍ୟାଶନାଲ ଇଣ୍ଟେଲିଜେନସରେ ଦାଖଲ କରାଯାଇଛି। ରିପୋର୍ଟ ଅନୁସାରେ ଭାରତ ଓ ଚାଇନା ସୀମା ବିବାଦର ସମାଧାନ ପାଇଁ ଦ୍ୱିପାକ୍ଷିକ ଆଲୋଚନାରେ ବ୍ୟସ୍ତ ଥିବାବେଳେ ପୂର୍ବ ଲଦାଖରେ ୨୦୨୦ ମେ'ର ରକ୍ତାକ୍ତ ସଂଘର୍ଷ ପରିପ୍ରେକ୍ଷୀରେ ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିପାରେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କୃତ୍ରିମ ବୁଦ୍ଧିମତ୍ତା ଦୌଡ଼**

# ଆଜିଠୁ ମାଟ୍ରିକ ସପ୍ଲିମେଣ୍ଟାରୀ-୨ ପରୀକ୍ଷା

**କଟକ ଅଫିସ,୯।୩**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ-୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ଏହି ପରୀକ୍ଷା ମାର୍ଚ୍ଚ ୨୦ ତାରିଖରେ ସରିବ। ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଏହି ସମୟ ମଧ୍ୟରେ କରାଯିବ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ମୋଟ ୫ଲକ୍ଷ ୪୧ହଜାର ୨୪୭ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବାବେଳେ ୩,୨୧୮ଟି କେନ୍ଦ୍ରରେ ଏହି ପରୀକ୍ଷା କରାଯିବ। ସେହିପରି ୩୧୬ଟି ନୋଡାଲ ସେଣ୍ଟର କରାଯାଇଛି। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ୨୨ଟି ଥାନାରେ ନୋଡାଲ ସେଣ୍ଟର କରାଯାଇଛି। ସେଥିମଧ୍ୟରେ କନ୍ଧମାଳରେ ୭, କୋରାପୁଟରେ ୫, ମାଲକାନଗିରିରେ ୧୦ଟି ଥାନା ରହିଥିବା ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ☞ପୃଷ୍ଠା-୨

# ପରଲୋକରେ ସତୀଶ କୌଶିକ



**ନୂଆଦିଲ୍ଲୀ, ୯।୩**

ଭେଟେରାନ୍ ଅଭିନେତା ସତୀଶ କୌଶିକଙ୍କ ଜୀବନ୍ତ ଅଭିନୟ ଦର୍ଶକେ ଆଉ ବଡ଼ ପରଦାରେ ଦେଖିପାରିବେ ନାହିଁ। ତାଙ୍କ ଡାଇଲଗ୍ କହିବାର ବ୍ୟଙ୍ଗାତ୍ମକ ଶୈଳୀକୁ ଏଣିକି ଖୁବ୍ ଝୁରିବେ ସିନେପ୍ରେମୀ। ହିନ୍ଦୀ ଚଳଚ୍ଚିତ୍ର ଜଗତର ଅଭିନେତା ତଥା ଫିଲ୍ମ ନିର୍ଦ୍ଦେଶକ ସତୀଶ କୌଶିକଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୬୬ ବର୍ଷ ହୋଇଥିଲା। ସତୀଶଙ୍କ ପରଲୋକରେ ☞ପୃଷ୍ଠା-୨










# ସମୁଦ୍ରରୁ ଗୁପ୍ତଚର ପାରା ଉଦ୍ଧାର

- ଗୋଡ଼ରେ ବନ୍ଧା ହୋଇଛି କ୍ୟାମେରା, ଚିପ୍
- ପରୀକ୍ଷା ପାଇଁ ଏସ୍ଏଫ୍ଏସ୍ଏଲ୍ ନେଲା ପୋଲିସ
- ବିଦେଶୀ ଗୋଇନ୍ଦା ବିଭାଗ ପକ୍ଷରୁ ଛଡା ଯାଇଥିବା ସନ୍ଦେହ

**ଜଗତ୍ସିଂହପୁର ଅଫିସ, ୯।୩**

କୋଣାର୍କ ବେଳାଭୂମି ସିଧା ସମୁଦ୍ରରୁ ସନ୍ଦେହଜନକଭାବେ ଏକ ଧଳା ପାରା ଉଦ୍ଧାର ହୋଇଛି। ଏହି ପାରାର ବାମଗୋଡ଼ରେ ଏକ କ୍ୟାମେରା ଭଳି ଲେନ୍ସ ଓ ଡାହାଣ ପଟ ଗୋଡ଼ରେ ଏକ ଚିପ୍ ଭଳି ଜିପିଏସ୍ଥିବା ଦେଖିବାକୁ ମିଳିଛି। ପାରାଦୀପ ଭିଏସ୍(ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ)ଙ୍କ ଦ୍ୱାରା ଉଦ୍ଧାର ପାରାର ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଗୁରୁବାର ତାକୁ ଭୁବନେଶ୍ୱରସ୍ଥିତ ଏସ୍ଏଫ୍ଏସ୍ଏଲ୍ (ଷ୍ଟେଟ ଫୋରେନ୍ସିକ ସାଇନ୍ସ ଲାବୋରେଟୋରି)କୁ ନିଆଯାଇଛି। ସେଠାରେ ପାରାର ୨ ଗୋଡ଼ରୁ ସନ୍ଦିଗ୍ଧ ଯନ୍ତ୍ରାଂଶ ପରୀକ୍ଷା ପାଇଁ କଢ଼ାଯାଇଛି।

ପାରାଟି କେଉଁଠୁ, କିଏ ଏବଂ କେଉଁ ପରିପ୍ରେକ୍ଷୀରେ ଛାଡ଼ିଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହା କୌଣସି ଦେଶର ଗୋଇନ୍ଦା ବିଭାଗ ଦ୍ୱାରା ପ୍ରେରିତ ପାରା ବୋଲି ସନ୍ଦେହ କରାଯାଉଛି। ବିଶେଷ କରି ପାକିସ୍ତାନ ଓ ଚାଇନା ସହ ଭାରତର ସମ୍ପର୍କ ଭଲ ନ ଥିବାରୁ ସେଠାରୁ କିମ୍ବା ଆତଙ୍କବାଦୀ ଅବା ଆଉ କାହାଦ୍ୱାରା ଏହି ଗୁପ୍ତଚର ପାରା ପଠାଯାଇଛି ସେନେଇ ତଦନ୍ତ ଆରମ୍ଭ ହୋଇଛି। ଭାରତର ସମୁଦ୍ର ଓ ଏହାର ତଟବର୍ତ୍ତୀ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ ପାଇଁ ପାରାଟିକୁ ପ୍ରେରଣ କରାଯାଇଥିବା ଚର୍ଚ୍ଚା ହେଉଛି। ପାରାଦୀପ ମାଛଧରା ବନ୍ଦର ଅଞ୍ଚଳରେ ଏହା ପ୍ରଥମ ଘଟଣା ହୋଇଥିବାରୁ ଏନେଇ ଜୋରଦାର ତନାଘନା ଚାଲିଛି। ଉଦ୍ଧାର କ୍ୟାମେରା ଓ ଚିପ୍ ଯାଞ୍ଚ ପାଇଁ ସାଇବର ବିଶେଷଜ୍ଞଙ୍କ ସହାୟତା ନିଆଯାଇଛି। ଏଥିସହ ପାରାଟିର ସ୍ୱାସ୍ଥ୍ୟ ସମେତ ଅନ୍ୟାନ୍ୟ ପରୀକ୍ଷା ନିମନ୍ତେ ଆନିମଲ ଓ ବାର୍ଡ ବିଶେଷଜ୍ଞଙ୍କ ସହାୟତା ନିଆଯାଇଥିବା ପାରାଦୀପ ଅତିରିକ୍ତ ଏସ୍ପି (ଏଏସ୍ପି) ନିମାଇଁ ଚରଣ ସେଠୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଗତ ୪ ତାରିଖରେ ପାରାଦୀପ ମାଛଧରା ବନ୍ଦରରୁ ସାରଥି ନାମଧାରୀ ଏକ ମାଛଧରା ବୋଟ ମାଛ ଧରିବାକୁ ସମୁଦ୍ର ଭିତରକୁ ଯାଇଥିଲା। ଏହି ବୋଟର ମାଷ୍ଟର ଥିଲେ ଶଙ୍କର ବେହେରା। ତାଙ୍କ ସମେତ ଅନ୍ୟ ୮ ଜଣ କୋଣାର୍କ ବେଳାଭୂମି ସିଧା ବେ ଅଫ ବେଙ୍ଗଲର ହାରାହାରି ୧୦ ରୁ ୧୫ କିଲୋମିଟର ଭିତରେ ମାଛ ଧରୁଥିଲେ। ଗତ ୬ ତାରିଖ ଅପରାହ୍ନ ପ୍ରାୟ ୪ଟାବେଳେ ଏକ ଧଳା ପାରା ଉଡି ଆସି ବୋଟ ଉପରେ ବସିଥିଲା। ସେତେବେଳେ ବୋଟ୍ଟି ପାରାଦୀପରୁ ୪୦ ନଟିକାଲ ମାଇଲ୍ସ ଅର୍ଥାତ୍ ୭୨ କିଲୋମିଟର ଦୂରରେ ଥିଲା। ପାରାଟି ହାଲିଆ ହୋଇଯାଇଥିବାରୁ ଉଡ଼ିପାରି ନ ଥିଲା। ପ୍ରଥମେ ମାଛ ଧରାଳିମାନେ ପାରାଟିର ଗୋଡରେ କିଛି ବନ୍ଧା ହୋଇଥିବା ଦେଖି ଡରିଯାଇଥିଲେ। ପରବର୍ତ୍ତୀ ସମୟରେ ତାକୁ ଧରିବାକୁ ଚେଷ୍ଟା କରି ସଫଳ ହୋଇଥିଲେ। ପାରାର ଦୁଇ ଗୋଡ଼ରେ ଜିପିଏସ୍ ଓ କ୍ୟାମେରା ଭଳି ଜିନିଷ ଦେଖି ସେମାନଙ୍କ ସନ୍ଦେହ ଘନୀଭୂତ ହୋଇଥିଲା। ଏନେଇ ସେମାନେ ପାରାକୁ ନେଇ ପାରାଦୀପ ମାଛଧରା ବନ୍ଦରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଗତ ୮ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ସେମାନେ ପାରାଦୀପ ମାଛଧରା ବନ୍ଦରରେ ପହଞ୍ଚି ମେରାଇନ ଥାନା ଆଇଆଇସିଙ୍କୁ ସୂଚନା ଦେଇଥିଲେ। ତା'ପରେ ପୋଲିସ ତୁରନ୍ତ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରି ସାଇବର ଏକ୍ସପର୍ଟଙ୍କ ସହାୟତା ନେବାକୁ ନିଷ୍ପତ୍ତି ନେଇଥିଲା। ଏସମ୍ପର୍କରେ ପାରାଦୀପ ମେରାଇନ୍ ଥାନା ଆଇଆଇସି ଲିଜାରାଣୀ ବିଶ୍ୱାଳ କହିଛନ୍ତି, ପାରାକୁ ପ୍ରଥମେ କଟକ ବକ୍ସିବଜାରସ୍ଥିତ ଓଡିଶା ପୋଲିସର ଡଗ୍ ଆଣ୍ଡ ପ୍ରିଜନ ସ୍କ୍ୱାର୍ଡକୁ ନିଆଯାଇଥିଲା। ସେଠାରୁ ବିଭାଗୀୟ ଅଧିକାରୀଙ୍କ ସହ ପାରାଟିକୁ ଧରି ଭୁବନେଶ୍ୱରସ୍ଥିତ ଏସ୍ଏଫଏସ୍ଏଲ୍ ନିଆଯାଇଥିଲା। ସନ୍ଦିଗ୍ଧ ଯନ୍ତ୍ରାଂଶ କଢ଼ାଗଲା ପରେ କିଛି ଜାଣିବା ସମ୍ଭବ ହୋଇ ନ ଥିଲା। ଏନେଇ ଉକ୍ତ ଯନ୍ତ୍ରାଂଶ ସହ ପାରାକୁ ନନ୍ଦନକାନନ ପକ୍ଷୀ ବିଶେଷଜ୍ଞଙ୍କ ନିକଟକୁ ନିଆଯାଇଥିଲା। ସେଠାରେ ବିଶେଷଜ୍ଞମାନେ ଉକ୍ତ ଯନ୍ତ୍ରାଂଶକୁ ଜିପିଏସ୍ ଓ କ୍ୟାମେରା ବୋଲି କହିଥିଲେ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ଦେଇ ନ ଥିଲେ। ଅଧିକ ସୂଚନା ନିମନ୍ତେ ଦିଲ୍ଲୀ କିମ୍ବା ହାଇଦ୍ରାବାଦସ୍ଥିତ ସେଣ୍ଟ୍ରାଲ ଫୋରେନ୍ସିକ ଲାବୋରେଟୋରିକୁ ପଠାଯିବା ପାଇଁ ଯୋଜନା ଚାଲିଛି। ଏସ୍ପିଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ବିଶ୍ୱାଳ କହିଛନ୍ତି।


ସମଦ୍ରରୁ ଉଦ୍ଧାର ହୋଇଥିବା ପାରା।

## ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ରକୁ ଟାର୍ଗେଟ | ଗରିବଙ୍କ ଚାଉଳରୁ ୫ କେ.ଜି. କାଟିଛନ୍ତି: ନବୀନ

**ଭୁବନେଶ୍ୱର, ୯।୩(ବ୍ୟୁରୋ)**

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ୫ କେ.ଜି. ଚାଉଳ ବନ୍ଦ କରିବା ଏବଂ ଏଲ୍ପିଜି ଦରବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ସିଧାସଳଖ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ବିଜେଡି ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ବିଶ୍ୱ ମହିଳା ଦିବସ ଉପଲକ୍ଷେ ବୁଧବାର ଅନୁଷ୍ଠିତ ସମାବେଶରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, ସମସ୍ତଙ୍କୁ ଏବଂ ବିଜେଡିର ଲକ୍ଷ ଲକ୍ଷ ମହିଳାମାନଙ୍କୁ ଶୁଭେଚ୍ଛା ଜଣାଉଛି। ରାଜ୍ୟ ସରକାର ଲୋକଙ୍କୁ ଦେଇଥିବା କିଛି ବି ସୁବିଧା ଏ ପର୍ଯ୍ୟନ୍ତ ବନ୍ଦ କରିନାହାନ୍ତି। ହେଲେ ସମସ୍ତେ ଜାଣନ୍ତି କେନ୍ଦ୍ର ସରକାର ଗରିବ ଲୋକଙ୍କ ଚାଉଳରୁ ୫ କେ.ଜି. କାଟି ଦେଇଛନ୍ତି। ସେହିପରି ଏଲ୍ପିଜି ଦର ଏବେ ଆକାଶଛୁଆଁ ହେଲାଣି। ଚାଉଳ କାଟିବା ଓ ଏଲ୍ପିଜି ଦର ବୃଦ୍ଧି ଯୋଗୁ ମହିଳାମାନେ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି। କେନ୍ଦ୍ରର ଏଭଳି ମହିଳା ବିରୋଧୀ ପଦକ୍ଷେପକୁ ସେ କଡ଼ା ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ମହିଳା ସଶକ୍ତୀକରଣ ବିଜେଡିର ମୁଖ୍ୟ ଲକ୍ଷ୍ୟ। ସମସ୍ତଙ୍କ ପ୍ରିୟନେତା ବିଜୁବାବୁ କେବଳ ଓଡ଼ିଶା ନୁହେଁ, ସାରା ଭାରତରେ ମହିଳା ସଶକ୍ତୀକରଣ ପାଇଁ ନୂଆ ରାସ୍ତା ଦେଖାଇଛନ୍ତି। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶା ଏକ ଆଗୁଆ ରାଜ୍ୟ ହୋଇପାରିଛି। ପଞ୍ଚାୟତ ଓ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ମହିଳାଙ୍କ ସଂଖ୍ୟାକୁ ୩୩%ରୁ ୫୦%କୁ ବୃଦ୍ଧି କରାଯାଇଛି। ପାର୍ଲାମେଣ୍ଟ ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଦେବା ଲାଗି ବିଜେଡି ପକ୍ଷରୁ ଲଢ଼େଇ ଜାରି ରହିବ। ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ସମସ୍ତଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ନିଷ୍ପତ୍ତି ନେବା କ୍ଷେତ୍ରରେ ମହିଳାଙ୍କ ଗୁରୁତ୍ୱ ବଢ଼ିଛି। ମିଶନ ଶକ୍ତି କାର୍ଯ୍ୟକ୍ରମକୁ ମହିଳାମାନେ ଏକ ସଫଳ କାର୍ଯ୍ୟକ୍ରମ ଭାବେ ଗଢ଼ିଛନ୍ତି। ଏସ୍ଏଚ୍ଜିରୁ ସେମାନେ ଏବେ ଉଦ୍ୟୋଗୀ ହେବାର ନୂଆ ଯାତ୍ରା ଆରମ୍ଭ କରିଛନ୍ତି। ମୁଁ ଚାହେଁ ରାଜ୍ୟର ମହିଳାମାନେ ସଶକ୍ତ ଏବଂ ସଫଳ ହୁଅନ୍ତୁ। ମହିଳାମାନଙ୍କ ଦକ୍ଷତା ନୂଆ ଓଡ଼ିଶାର ପରିଚୟ ହେଉ। ବିଜେଡି ସବୁବେଳେ ମହିଳାଙ୍କ ପାଇଁ କାମ କରୁଛି, ଆଗକୁ ମଧ୍ୟ କରି ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ସେ ବନ୍ଦେ ଉତ୍କଳ ଜନନୀ କହି ତାଙ୍କ ଅଭିଭାଷଣ ଶେଷ କରିଥିଲେ।










# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୦/୨୦୨୩ | Bhubaneswar, Friday, March 10/2023 | ପୃଷ୍ଠା-୧


# ପୁଣି ୬ ମାସ ବଢ଼ିପାରେ ଘରୋଇ ଡିଲରଙ୍କ କାର୍ଯ୍ୟକାଳ

## ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ସୂଚନା

ଭୁବନେଶ୍ୱର, ୯।୩(ବ୍ୟୁରୋ)

ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରାୟ ୧୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ଜଣାପଡ଼ିଛି। ବିଧାନସଭା ଅଧିବେଶନ ଚାଲିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ କିଛି ସୂଚନା ଦିଆଯାଇନାହିଁ। ଶୁକ୍ରବାର ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ଆରମ୍ଭ ହେବ। ତେଣୁ ବିଧାନସଭା ଅଧିବେଶନରେ ସରକାର କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇବେ ବୋଲି ସୂଚନା ମିଳିଛି।

ଘରୋଇ ଡିଲରଙ୍କ କାର୍ଯ୍ୟକାଳ ପୁଣି ଥରେ ୬ ମାସ ବୃଦ୍ଧି କରାଯିବ। ଡିଲରଙ୍କ କାର୍ଯ୍ୟକାଳ ୨୦୨୩ ମାର୍ଚ୍ଚ ୩୧ରେ ଶେଷ ହେଉଥିବାବେଳେ ଏହି କାର୍ଯ୍ୟକାଳ ବଢ଼ିପାରେ। ଏହାଦ୍ୱାରା ରାଜ୍ୟରେ ପ୍ରାୟ ୭ ହଜାର ଘରୋଇ ଡିଲର ଉପକୃତ ହେବେ। ଏନେଇ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି। ରାଜ୍ୟ ସରକାର ଶେଷଥର ଲାଗି ୨୦୨୨ ଅକ୍ଟୋବର ୧ରୁ ଘରୋଇ ଡିଲରଙ୍କ କାର୍ଯ୍ୟକାଳକୁ ୬ ମାସ ପାଇଁ ବୃଦ୍ଧି କରିଥିଲେ। ୨୦୧୬ ମାର୍ଚ୍ଚ ୧୬ରେ ରାଜ୍ୟ ସରକାର ଓଡ଼ିଶା ପିଡିଏସ୍ କଣ୍ଟ୍ରୋଲ ବିଜ୍ଞପ୍ତି ଜାରି କରି ୨ବର୍ଷ ମଧ୍ୟରେ ଘରୋଇ ଡିଲର ବ୍ୟବସ୍ଥାର ଉଚ୍ଛେଦ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ହେଲେ ଗତ ୭ବର୍ଷ ଧରି ସେମାନଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ଲଗାତର ଭାବେ ବଢ଼ାଇ ଚାଲିଛନ୍ତି। ସେହିପରି କ୍ୟାବିନେଟ୍‌ରେ ଆପାର୍ଟମେଣ୍ଟ ଓନରଶିପ୍ ସଂଶୋଧନ ବିଲ୍‌କୁ ମଞ୍ଜୁରୀ ମିଳିଥିବା ସୂଚନା ମିଳିଛି। ଓଡ଼ିଶା ହାଇକୋର୍ଟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ରେରା ଆକ୍ଟ –୨୦୧୬ର ପ୍ରାବଧାନ ଓ ଓଡ଼ିଶା ଆପାର୍ଟମେଣ୍ଟ ଓନରଶିପ୍ (ସଂଶୋଧନ) ରୁଲ୍‌ସ–୨୦୨୧ର ପ୍ରାବଧାନ ପରସ୍ପର ବିରୋଧୀ ହୋଇଥିବାରୁ ସେନେଇ ସରକାରଙ୍କଠାରୁ ଜବାବ ଲୋଡ଼ିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଏହି ଆପାର୍ଟମେଣ୍ଟ ଓନରଶିପ୍ ଆଇନରେ ସଂଶୋଧନ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲାରେ ଏକ ଗୋଶାଳା ନିର୍ମାଣ ପାଇଁ ରାଜ୍ୟ ସରକାର ମାଗଣା ଜମି ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ସମବାୟ ନିବନ୍ଧକ କ୍ୟାଡର ପୁନର୍ଗଠନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିବା ସୂଚନା ମିଳିଛି। ଏହା ବ୍ୟତୀତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ୟାଡର ରୁଲ୍‌ସ ସଂକ୍ରାନ୍ତ ପ୍ରସ୍ତାବକୁ ମଧ୍ୟ ଆଜିର ବୈଠକରେ ଅନୁମୋଦନ ମିଳିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ରାଜ୍ୟ କୃଷି ମନ୍ତ୍ରୀଙ୍କୁ ଭେଟିଲେ କିଷାନ ଯାତ୍ରା ସଦସ୍ୟ



କୃଷକଙ୍କ ବିଭିନ୍ନ ଦାବି ନେଇ ତାମିଲନାଡୁ ଅଲ୍ ଫାର୍ମର୍ସ ଅର୍ଗାନାଇଜେଶନ କୋଅର୍ଡ଼ିନେଶନ କମିଟି ପକ୍ଷରୁ ମାର୍ଚ୍ଚ ୨ରୁ କନ୍ୟାକୁମାରୀରୁ ବାହାରିଥିବା କିଷାନ ଯାତ୍ରା ଗୁରୁବାର ଓଡ଼ିଶାରେ ପହଞ୍ଚିବା ପରେ ଏହାର ସଦସ୍ୟମାନେ କୃଷକ ଭବନଠାରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭେଟୁଛନ୍ତି।

ଭୁବନେଶ୍ୱର, ୯।୩(ବ୍ୟୁରୋ)

କୃଷକଙ୍କ ବିଭିନ୍ନ ଦାବି ନେଇ ତାମିଲନାଡୁ ଅଲ୍ ଫାର୍ମର୍ସ ଅର୍ଗାନାଇଜେଶନ କୋଅର୍ଡ଼ିନେଶନ କମିଟି ପକ୍ଷରୁ ଜାରି ରହିଥିବା କିଷାନ ଯାତ୍ରା ଗୁରୁବାର ଓଡ଼ିଶାରେ ପହଞ୍ଚିଥିଲା। ଏହାର ସଦସ୍ୟମାନେ କୃଷକ ଭବନରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭେଟି କୃଷକଙ୍କ ୯ ଦଫା ଦାବି ନେଇ ଆଲୋଚନା କରିଥିଲେ। ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା ପ୍ରଦାନ, ସମ୍ପୂର୍ଣ୍ଣ କୃଷି ଋଣ ଛାଡ଼, କୃଷକର ବିନା ଅନୁମତିରେ କୃଷି ଉତ୍ପାଦିତ ଜମିକୁ ହଡ଼ପ ନ କରିବା, କୃଷି ଜମି ଉପରେ ବିଦ୍ୟୁତ୍ ବିଲ୍ ଛାଡ଼, କୃଷି ଉତ୍ପାଦନ ଓ ବିକ୍ରୟ କ୍ଷେତ୍ରରେ ବୃହତ୍ ପୁଞ୍ଜିପତିଙ୍କ ପ୍ରବେଶ ନିଷେଧ କରିବା, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବିଧିବଦ୍ଧ ବ୍ୟବସ୍ଥା କରାଯାଉ, ଦିଲ୍ଲୀ କୃଷକ ଆନ୍ଦୋଳନରେ ଭାଗନେଇଥିବା କୃଷକଙ୍କ ବିରୋଧରେ ଥିବା ମକଦ୍ଦମାକୁ ଖାରଜ କରାଯାଉ, ସାର, ବିହନ କୀଟନାଶକ ଓ କୃଷି ଯନ୍ତ୍ରପାତିରେ ଥିବା ରିହାତି ପରିମାଣକୁ ପୂର୍ବ ନିର୍ଦ୍ଧାରିତ ମୂଲ୍ୟ ସ୍ଥିର କରାଯିବା ଆଦି ଦାବି ଉପରେ କମିଟିର ରାଜ୍ୟ ସଭାପତି ସଚିନ ମହାପାତ୍ର ଓ ଅନ୍ୟମାନେ କୃଷି ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଯାତ୍ରାର ମୁଖ୍ୟ ସଂଯୋଜକ ପିଆର୍ ପାଣ୍ଡିଆନଙ୍କ ସମେତ ବିଭିନ୍ନ ରାଜ୍ୟର କୃଷକ ନେତୃତ୍ୱଙ୍କୁ ନେଇ ମାର୍ଚ୍ଚ ୨ରୁ କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା ଏହି ଯାତ୍ରା କେରଳ, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼, ଓଡ଼ିଶା ଯାତ୍ରା କରି ଉପରୋକ୍ତ ଦାବି ନେଇ ସଂପୃକ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ କୃଷି ମନ୍ତ୍ରୀଙ୍କ ସମର୍ଥନ ଲୋଡ଼ିଛନ୍ତି। ପଶ୍ଚିମବଙ୍ଗ ଅଭିମୁଖେ ବାହାରିଥିବା ଏହି ଯାତ୍ରା ପରବର୍ତ୍ତୀ ପର୍ଯ୍ୟାୟରେ ବିହାର, ରାଜସ୍ଥାନ, ପଞ୍ଜାବ ଓ ଦିଲ୍ଲୀ ଯାତ୍ରା କରିବ ବୋଲି ସୂଚନା ଦିଆଯାଇଛି।

# ମଦୁଆଙ୍କ ଗାଡ଼ି ୟୁକ୍ରେନ୍‌କୁ ଦାନ କରୁଛି ଲାଟ୍‌ଭିଆ

ରିଗା,୯।୩

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ଗୋଟିଏ ବର୍ଷ ବିତିଯାଇଛି। ଯୁଦ୍ଧ ଯୋଗୁ ଉଭୟ ଦେଶର ବ୍ୟାପକ କ୍ଷତି ହୋଇଛି। ତେବେ ଏହି ଦୁଇ ଦେଶକୁ ସେମାନଙ୍କ ମିତ୍ରରାଷ୍ଟ୍ରଗୁଡ଼ିକ ଯଥାସମ୍ଭବ ସାହାଯ୍ୟ କରିବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ଲାଟ୍‌ଭିଆ ମଧ୍ୟ ୟୁକ୍ରେନ୍‌କୁ ସହଯୋଗର ହାତ ବଢ଼ାଇଛି। ମଦୁଆ ଡ୍ରାଇଭରଙ୍କଠାରୁ ଜବତ କାର୍‌ଗୁଡ଼ିକୁ ଲାଟ୍‌ଭିଆ ୟୁକ୍ରେନ୍‌କୁ ସହାୟତା ସ୍ୱରୂପ ଦେଉଥିବା ଜଣାପଡ଼ିଛି। ଲାଟ୍‌ଭିଆ ସରକାରଙ୍କ ପକ୍ଷରୁ ଏପ୍ରକାର ନିଷ୍ପତ୍ତି ନିଆଯିବା ପରେ ବୁଧବାର ୭ଟି ଜବତ କାର୍ ଟ୍ରେଲର୍ ଯୋଗେ ୟୁକ୍ରେନ୍‌କୁ ପଠାଯାଇଛି।



ଜବତ ଗାଡ଼ିକୁ ଟ୍ରେଲର୍‌ରେ ଲଦି ୟୁକ୍ରେନ୍ ପଠାଯାଉଛି।

ବ୍ଲଡ୍ ଆଲ୍‌କୋହଲ ସ୍ତର ୦.୧୫%ରୁ ଅଧିକ ରହୁଥିବା ଡ୍ରାଇଭରମାନଙ୍କ ଗାଡ଼ିକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜବତ କରାଯାଉଛି। ଗତ ୨ ମାସରେ ମୋଟ ୨୦୦ ଗାଡ଼ି ଜବତ କରାଯାଇଛି। ତେବେ ଲାଟ୍‌ଭିଆର ଏକ ଅଣସରକାରୀ ସଂଗଠନ (ଏନ୍‌ଜିଓ) 'ଟୁଇଟର କନ୍‌ଭଏ' ଦ୍ୱାରା ଜବତ କାରଗୁଡ଼ିକୁ ୟୁକ୍ରେନ୍‌କୁ ପଠାଯାଉଛି। ଏନ୍‌ଜିଓର ପ୍ରତିଷ୍ଠାତା ରେନିସ୍ ପୋଜନାକ୍ସ କହିଛନ୍ତି, ଦେଶରେ ବହୁ ସଂଖ୍ୟାରେ ଲୋକ ମଦ ପିଇ ଗାଡ଼ି ଚଳାଉଛନ୍ତି, ଯାହା ଅତ୍ୟନ୍ତ ଭୟଙ୍କର ପରିସ୍ଥିତି। ତେବେ ପ୍ରତି ସପ୍ତାହରେ ୟୁକ୍ରେନ୍ ପଠାଇବା ଲାଗି ୨୪ଟି ଏନ୍‌ଜିଓକୁ ହସ୍ତାନ୍ତର କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିବା ପୋଜନାକ୍ସ କହିଛନ୍ତି। ଜବତ ଗାଡ଼ିକୁ ସରକାରଙ୍କ ପକ୍ଷରୁ ନିଲାମ କରିବା ପ୍ରକ୍ରିୟା ବିଳମ୍ବ ହେଉଥିବାବେଳେ ତା'ଠାରୁ ଦ୍ରୁତବେଗରେ ସେମାନେ ଗାଡ଼ିଗୁଡ଼ିକୁ ସହାୟତା ସ୍ୱରୂପ ଦାନ କରାଯାଇପାରିବ। ଜବତ ଗାଡ଼ିର ନିଲାମ ନ ଡାକି ସେଗୁଡ଼ିକୁ ୟୁକ୍ରେନ୍ ପଠାଯିବା ନେଇ ଏନ୍‌ଜିଓ ପକ୍ଷରୁ ଅଣାଯାଇଥିବା ପ୍ରସ୍ତାବ ଖୁବ୍ ଉତ୍ସାହପ୍ରଦ ଥିବା ଲାଟଭିଆନ ଅର୍ଥମନ୍ତ୍ରୀ ଅରଭିଲ୍ସ ଅସେରାଡେନ୍ସ କହିଛନ୍ତି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ସୁନ୍ଦରୀଲୋ ଚହଟ ଗୋରୀ
ଆଗେ ତୋତେ ହେଲି ବିଭା
ଏବେ ଯହୁଁ ଧନ ବୟସ ସରିଲା
ଦାଣ୍ଡେ ବସାଉଛୁ ସଭା।**

ଅନେକ କ୍ଷେତ୍ରରେ ଧନ ଏବଂ ଯୌବନ ସରି ଆସୁଥିବାବେଳେ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେଉଥିବାର ଦେଖିବାକୁ ମିଳିଥାଏ। ନାରୀର ସ୍ୱାର୍ଥପର ମନୋଭାବର ଚିତ୍ର ଉତ୍ତର ବୟସରେ ଏହିଭଳି ପ୍ରକଟିତ ହୋଇଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଅଦା ଘେନି ଖାଇବି ଓଉ ଫେଡା ଖାଇବି
ଏତେ ବଡ଼ ମହାକାର୍ତ୍ତିକ ଆଉ କାହୁଁ ପାଇବି?**

କାର୍ତ୍ତିକ ମାସ ହେଉଛି ପୁଣ୍ୟର ମାସ, ଧର୍ମର ମାସ। ଏହି ମାସରେ ବ୍ୟକ୍ତି ନିରାମିଷ ଖାଦ୍ୟ ଗ୍ରହଣ କରିଥାନ୍ତି। ଶୁଦ୍ଧପୂତ ଜୀବନ ଯାପନ ଜରିବା ସହ ଭଜନ କୀର୍ତ୍ତନ କରି ବହୁ ପୁଣ୍ୟ ଅର୍ଜନ କରିଥାନ୍ତି। କାର୍ତ୍ତିକ ମାସରେ ବିଧବାମାନେ ହବିଷ ପାଳନ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆୟତ୍ତରେ ନାହିଁ ଜଙ୍ଗଲ ନିଆଁ

- ୫ ବର୍ଷରେ ଘଟିଲାଣି ୧,୫୩,୫୫୯ ବନାଗ୍ନି
- ଧ୍ୱଂସ ହେଲାଣି ୬୧,୫୩୧ ହେକ୍ଟର ଜଙ୍ଗଲ

ଭୁବନେଶ୍ୱର,୯।୩(ବ୍ୟୁରୋ)

ରାଜ୍ୟରେ ଜଙ୍ଗଲ ନିଆଁ ଆୟତ୍ତରେ ନାହିଁ। କେବଳ ବର୍ଷା ହି ଭରସା। ଗତ ନଭେମ୍ବରରୁ ରାଜ୍ୟରେ ବର୍ଷା ହୋଇନାହିଁ। ଅନ୍ୟପଟେ ତାପମାତ୍ରା ମଧ୍ୟ ବଢ଼ିଚାଲିଛି। ଗତ କିଛି ସପ୍ତାହ ହେବ ରାଜ୍ୟର ଅଧିକାଂଶ ଜଙ୍ଗଲରେ ନିଆଁ ଲାଗିଛି। କୋରାପୁଟରୁ କନ୍ଧମାଳ, ଗଞ୍ଜାମରୁ ରାୟଗଡ଼ା ସବୁଠି ଜଙ୍ଗଲ ନିଆଁ ବ୍ୟାପୁଛି। ସମଗ୍ର ଦେଶର ୫୭୦ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ଓଡ଼ିଶାରେ କେବଳ ୧୪୨ ସ୍ଥାନରେ ନିଆଁ ଲାଗିଛି। ଓଡ଼ିଶାରେ ଲାଗିଥିବା ନିଆଁକୁ ଆୟତ୍ତ କରିବାରେ ରାଜ୍ୟ ବନ ବିଭାଗ ବିଫଳ ହୋଇଛି। କେବଳ ଚଳିତ ବର୍ଷ ନୁହେଁ, ରାଜ୍ୟରେ ଲଗାତର ନିଆଁ ଲାଗି ଅନେକ ଜଙ୍ଗଲ ସମ୍ପଦ ନଷ୍ଟ ହୋଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ୨୦୧୮ରୁ ଏ ପର୍ଯ୍ୟନ୍ତ ମୋଟ ୧,୫୩,୫୫୯ ବନାଗ୍ନି ବ୍ୟାପି ୬୧,୫୩୧ ହେକ୍ଟର ଜଙ୍ଗଲ ଧ୍ୱଂସ ହୋଇଛି। ୨୦୧୮ରେ ୩୧,୬୮୦ଟି ଜଙ୍ଗଲ ନିଆଁରେ ୯୭୩୦.୦୭ ହେକ୍ଟର ଜଙ୍ଗଲ ଜଳିପୋଡି ଯାଇଥିବା ବେଳେ ୨୦୧୯ରେ ୧୯୭୮୭ଟି ଜଙ୍ଗଲ ନିଆଁରେ ୭୧୭୪.୯୫ ହେକ୍ଟର, ୨୦୨୦ରେ ୧୧୦୮୮ଟି ନିଆଁରେ ୬୦୭୦.୨୫ ହେକ୍ଟର, ୧୦୨୧ରେ ୫୭୩୩୯ଟି ଜଙ୍ଗଲ ନିଆଁରେ ୨୮୬୫୩. ୧୭ ହେକ୍ଟର,୨୦୨୨ରେ ୨୯,୧୯୯ଟି ଜଙ୍ଗଲ ନିଆଁରେ ୮୪୫୦. ୩୯ ହେକ୍ଟର ଏବଂ ୨୦୨୩ ଫେବୃୟାରୀ ଶେଷ ବେଳକୁ ରାଜ୍ୟରେ ୧୪୪୫.୧୧ ହେକ୍ଟର ଜଙ୍ଗଲ ନିଆଁ ଯୋଗୁ ନଷ୍ଟ ହୋଇଛି। ତେବେ ଚଳିତ ବର୍ଷ ରାଜ୍ୟର ବିଭିନ୍ନ ବନଖଣ୍ଡରେ ଲାଗିଥିବା ଜଙ୍ଗଲ ନିଆଁର ୯୩ ପ୍ରତିଶତ ଆୟତ୍ତ କରାଯାଇଛି। ବର୍ଷା ହେଲେ ହିଁ ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇ ପାରିବ ବୋଲି ଜଙ୍ଗଲ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ରାଜଧାନୀରେ ନବବଧୂଙ୍କୁ ତଣ୍ଟିଚିପି ହତ୍ୟା

## ଯୌତୁକ ପାଇଁ ପୂର୍ବରୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ

ଭୁବନେଶ୍ୱର,୯।୩(ବ୍ୟୁରୋ)



ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜରିପାଟଣା ଗାଁରେ ଜଣେ ନବବଧୂଙ୍କୁ ତଣ୍ଟି ଚିପି ହତ୍ୟା ଅଭିଯୋଗ ହୋଇଛି। ମୃତା ମହିଳା ଜଣକ ହେଲେ ଉକ୍ତ ଗାଁର ପ୍ରଭାତ ପରିଡ଼ାଙ୍କ ସ୍ତ୍ରୀ ତଥା ଜଗତ୍‌ସିଂହପୁର ଜିଲା ତିହସାହିର ଲକ୍ଷ୍ମୀପ୍ରିୟା ମହାନ୍ତି। ଯୌତୁକ ପାଇଁ ସ୍ୱାମୀ ଓ ଶାଶୁ ଘର ଲୋକେ ମିଳିମିଶି ଲକ୍ଷ୍ମୀପ୍ରିୟାଙ୍କୁ ହତ୍ୟା କରିଥିବା ନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୩୦୨, ୩୦୪ (ଖ), ୪୯୮ (କ)ରେ ମାମଲା (ନଂ.୧୦୮/୨୩) ରୁଜୁ କରି ଘଟଣାର ଅଧିକ ଖୋଳତାଡ ଚଳାଇଛି। ଅନ୍ୟପଟେ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ଫେରାର ଥିବାରୁ ସେମାନଙ୍କୁ ଧରିବା ଲାଗି ପୋଲିସ ଚଢାଉ ଜାରି ରଖିଛି। ଏହାସହ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି।

ଅଭିଯୋଗ ଓ ପୋଲିସ ସୂଚନାନୁସାରେ, ଲକ୍ଷ୍ମୀପ୍ରିୟା ୨୦୨୦ରେ ଜରିପାଟଣାର ପ୍ରଭାତଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ପ୍ରଭାତଙ୍କ ପରିବାର ଲୋକେ ଲକ୍ଷ୍ମୀପ୍ରିୟାଙ୍କୁ ଯୌତୁକ ମାଗିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ରାତି ୧୧ଟା ୩୦ରେ ପ୍ରଭାତ ତାଙ୍କ ଶାଳକ ତଥା ମୃତା ଲକ୍ଷ୍ମୀଙ୍କ ଭାଇଙ୍କୁ ଫୋନ କରି ଭଉଣୀଙ୍କ ଦେହ ଅସୁସ୍ଥ ଥିବା ଜଣାଇ କ୍ୟାପିଟାଲ ହସ୍ପିଟାଲ ନେଉଥିବା କଥା ଜଣାଇଥିଲେ। ହେଲେ ହସ୍ପିଟାଲରେ ଡାକ୍ତର ରିସିଭ୍ ଡେଥ୍ ଘୋଷଣା କରିବା ସହ ଫେରାଇ ଦେଇଥିଲେ। ଏହାପରେ ଶାଶୁଘର ଲୋକେ ମୃତଦେହକୁ ଜରିପାଟଣାସ୍ଥିତ ଘରକୁ ନେଇ ଆସିଥିଲେ। ସେଠାରେ ଲକ୍ଷ୍ମୀପ୍ରିୟାଙ୍କ ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ଦୁଆର ବନ୍ଦ ଆଗରେ ପଡିଥିବା ଦେଖିବାକୁ ପାଇଥିଲେ। ଗୁରୁବାର ସକାଳେ ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତରେ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।

# ୨୦ରେ କୃଷକ ଆନ୍ଦୋଳନ

ଭୁବନେଶ୍ୱର,୯।୩(ବ୍ୟୁରୋ)

ମିଲରଙ୍କ ଅଘୋଷିତ କଟ୍‌ନି ଛଟନିର ପ୍ରତିବାଦ ସହ ପେନ୍‌ସନ ବାବଦରେ ଚାଷୀଙ୍କୁ ୫ହଜାର ଟଙ୍କା ପ୍ରଦାନ ଓ ଅନ୍ୟାନ୍ୟ ଦାବି ନେଇ କୃଷକମାନେ ଆସନ୍ତା ୨୦ ତାରିଖରେ ବିଧାନସଭା ଘେରାଉ କରିବେ। ଏ ସମ୍ପର୍କରେ ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଗୁରୁବାର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ରାଜ୍ୟ ସରକାରଙ୍କ ବଜେଟରେ ଚାଷୀଙ୍କ ପାଇଁ କିଛି ନାହିଁ। ଧାନ ଉପରେ ବୋନସ୍ କିମ୍ବା ଚାଷୀଙ୍କ ପାଇଁ ପେନସନ୍ ନାହିଁ। ଅନ୍ୟପଟେ ଟାଟା ପାୱାର ବିଦ୍ୟୁତ୍ ଦର ବୃଦ୍ଧି କରି ଲୋକଙ୍କ ଉପରେ ଅତ୍ୟାଚାର ବଢୁଛି। ଏହାର ପ୍ରତିବାଦରେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ। ସରକାରଙ୍କ ଏତେ ବଡ଼ ପ୍ରଶାସନ ଓ ବିଶ୍ୱସ୍ତରୀୟ ଯୋଜନା ଚାଲୁଥିବାବେଳେ ବିଦ୍ୟୁତ୍‌କୁ କାହିଁକି ଟାଟା ହାତକୁ ଟେକି ଦିଆଗଲା ବୋଲି ସଂଗଠନର ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ, ନିମାଇଁ ରାୟ, ରଶ୍ମୀ ରଞ୍ଜନ ସ୍ୱାଇଁ, ନବ ନିର୍ମାଣ ଯୁବ ଛାତ୍ର ରାଜ୍ୟ ସଂଯୋଜକ ଏମ୍‌ଡି ମନୱାର ଅଲ୍ଲୀ ପ୍ରମୁଖ ପ୍ରଶ୍ନ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଭାରତ ସହ ପାକ୍...

ବିବାଦୀୟ ସୀମାରେ ଉଭୟ ଭାରତ ଓ ଚାଇନାର ବର୍ଦ୍ଧିତ ସାମରିକ ଅବସ୍ଥିତି ଦୁଇ ଆଣବିକ ଶକ୍ତିସମ୍ପନ୍ନ ପଡ଼ୋଶୀ ମଧ୍ୟରେ ସଶସ୍ତ୍ର ସଂଘର୍ଷକୁ ଜନ୍ମ ଦେଇପାରେ। ଏଥିଯୋଗୁ ଆମେରିକୀୟ ବ୍ୟକ୍ତିବିଶେଷ ଓ ସ୍ୱାର୍ଥ ପ୍ରତି ବିପଦ ଦେଖାଦେଇପାରେ। ଫଳରେ ଆମେରିକା ବାଧ୍ୟହୋଇ ଏଥିରେ ହସ୍ତକ୍ଷେପ କରିପାରେ। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ବର୍ତ୍ତମାନ ଜାରି ରହିଥିବା ଛୋଟକାଟିଆ ମୁହାଁମୁହିଁ ସ୍ଥିତି ହଠାତ୍ ଉଗ୍ରରୂପ ନେଇପାରେ ବୋଲି ପୂର୍ବ ଘଟଣାବଳୀରୁ ସ୍ପଷ୍ଟ ହୋଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଭାରତ ଓ ପାକିସ୍ତାନ ମଧ୍ୟରେ ସଙ୍କଟ ବିଶେଷ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। କାରଣ ଦୁଇ ଦେଶ ନ୍ୟୁକ୍ଲିୟର ଅସ୍ତ୍ରସମ୍ପନ୍ନ। ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ୍ ୨୦୨୧ରେ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଅସ୍ତ୍ରବିରତି ଉପରେ ଉଭୟ ପକ୍ଷ ପୁନଃ ସମୀକ୍ଷା କରିପାରନ୍ତି। ତେବେ ଭାରତ ବିରୋଧୀ ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ସମର୍ଥନ କରିବା ନେଇ ପାକିସ୍ତାନର ଲମ୍ବା ଇତିହାସ ରହିଥିବାରୁ ଇସ୍‌ଲାମାବାଦ୍ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟିକଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତୀୟ ସେନା ପୂର୍ବ ତୁଳନାରେ ଅଧିକ ତତ୍ପରତା ସହ କଡ଼ା ଜବାବ ଦେବ। କଶ୍ମୀରରେ ହିଂସ୍ର ଅଶାନ୍ତି କିମ୍ବା ଭାରତର ଅନ୍ୟ କୌଣସି ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ଏଭଳି ଆଶଙ୍କାକୁ ଦୃଢ଼ୀଭୂତ କରିବ ବୋଲି ରିପୋର୍ଟରେ କୁହାଯାଇଛି।

ପରରାଷ୍ଟ୍ର ବିଭାଗ ମୁଖପାତ୍ର ନେଡ୍ ପ୍ରାଇସ୍ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି, ଆମେରିକା-ପାକିସ୍ତାନ ଆତଙ୍କବାଦ ନିରୋଧୀ ଆଲୋଚନା ଆତଙ୍କବାଦ ଓ କଠୋରପନ୍ଥୀ ବିରୋଧରେ ଇସ୍‌ଲାମାବାଦ୍ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ୱାଶିଂଟନ ପାଇଁ ଏକ ସୁଯୋଗ ସୃଷ୍ଟି କରିଛି। ଦକ୍ଷିଣ ଓ କେନ୍ଦ୍ରୀୟ ଏସିଆକୁ ଆତଙ୍କବାଦରୁ ମୁକ୍ତ କରି ସମ୍ପୃକ୍ତ ଅଞ୍ଚଳରେ ସ୍ଥିରତା ତଥା ସୁରକ୍ଷା ବଜାୟ ରଖିବା ପାକିସ୍ତାନ ସହିତ ଆମେରିକାର ସହଭାଗିତା ଉପରେ ନିର୍ଭରକରେ। ଏହି ସମାଧାନମୂଳକ ପଦକ୍ଷେପ ପ୍ରତି ଚ୍ୟାଲେଞ୍ଜି ସୃଷ୍ଟିକାରୀ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ସାରା ବିଶ୍ୱର ସ୍ଥିରତା ପ୍ରତି ବିପଦ ବୋଲି ପ୍ରାଇସ୍ କହିଛନ୍ତି। ଆମେରିକା ଓ ପାକିସ୍ତାନ ମଧ୍ୟରେ ଦୁଇଦିନ ଧରି ଚାଲିଥିବା ଆତଙ୍କବାଦ ନିରୋଧୀ ଆଲୋଚନା ବେଳେ ଏହା ବ୍ୟତୀତ ସାଇବର ସିକ୍ୟୁରିଟି ଏବଂ କଠୋରପନ୍ଥୀଙ୍କୁ ଦମନ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଛି।

## ଜଳିଗଲା ଲକ୍ଷ୍ମୀ ମାର୍କେଟ...

ହୋଇ ନ ଥିଲେ ମଧ୍ୟ ବିଦ୍ୟୁତ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସେହିପରି ଉକ୍ତ କମ୍ପ୍ଲେକ୍ସରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ବେଳେ ସଂକୀର୍ଣ୍ଣ ରାସ୍ତା ଯୋଗୁ ନିଆଁକୁ ସହଜରେ ଆୟତ୍ତ କରାଯାଇପାରି ନ ଥିଲା ବୋଲି କୁହାଯାଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ନିଆଁ ସମ୍ପୂର୍ଣ୍ଣ ଲିଭି ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୮ଟାରେ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ପରିସରସ୍ଥ ତଳ ମହଲାରେ ଥିବା ଅମ୍ବିକା ଲୁଗା ଦୋକାନରେ ପ୍ରଥମେ ନିଆଁ ଲାଗିଥିଲା। ସଙ୍ଗେସଙ୍ଗେ ତାହା ପ୍ରଥମ ଓ ଦ୍ୱିତୀୟ ମହଲାକୁ ବ୍ୟାପିଯାଇଥିଲା। ହୁତୁହୁତୁ ହୋଇ ନିଆଁ ଜଳିବା ସହ ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା। କିଛି ଦେଖାଯାଇ ନ ଥିଲା। ଏପରିକି ଶ୍ରୀମନ୍ଦିରକୁ ଦୂରରୁ ଦେଖିବା କଷ୍ଟକର ହୋଇପଡ଼ିଥିଲା। ଖବର ପାଇ ପୋଲିସ, ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ନିଆଁ ସାମାନ୍ୟ ପ୍ରଶମିତ ହୋଇଥିଲେ ମଧ୍ୟ ପରେ କୁହୁଳି ବ୍ୟାପିଥିଲା। ଫଳରେ ଗୁରୁବାର ସକାଳୁ ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ କୋଠରିଗୁଡ଼ିକର କାନ୍ଥ ଭାଙ୍ଗି ଓ ଶଟର କାଟି ପାଣି ପକାଇବା ସହ କେତେକ ଜିନିଷପତ୍ର ଉଦ୍ଧାର କରିଥିଲେ। ଏହି ମାର୍କେଟ କମ୍ପ୍ଲେକ୍ସର ସମ୍ରାଟ ହୋଟେଲରେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ଏକ ପରିବାର ତାଙ୍କ ପୁଅ ବ୍ରତଘର ପାଇଁ ଆସି ବନ୍ଧୁବାନ୍ଧବଙ୍କ ସହ ରହିଥିଲେ। ସେହିପରି ମହାରାଷ୍ଟ୍ର ନାସିକର କେତେଜଣ ପର୍ଯ୍ୟଟକ ଅବସ୍ଥାନ କରୁଥିଲେ। ପ୍ରବଳ ଧୂଆଁ ଯୋଗୁ ସମସ୍ତେ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ପର୍ଯ୍ୟଟକ, ବ୍ୟବସାୟୀ ଓ କର୍ମଚାରୀମାନେ ଜୀବନ ବିକଳରେ ଦୌଡ଼ି ବାହାରକୁ ଚାଲିଆସିଥିଲେ। ଫଳରେ ସେମାନେ ରକ୍ଷା ପାଇଯାଇଥିଲେ। ତେବେ ଦୌଡ଼ାଦୌଡ଼ି ବେଳେ ଜଣେ ଦିବ୍ୟାଙ୍ଗଙ୍କ ସମେତ ୩ଜଣ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଦ୍ଧାର ପର୍ଯ୍ୟଟକ ଓ ଭକ୍ତଙ୍କୁ ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳୀରେ ରଖାଯାଇଛି। ତଳ ମହଲାରେ ଥିବା ଦୋକାନୀମାନେ ସେମାନଙ୍କ ଆସବାବପତ୍ର ଖାଲି କରିଦେଇଛନ୍ତି। ତେବେ ଗହଣା ଗାଣ୍ଠି ଉଦ୍ଧାର କାର୍ଯ୍ୟରେ ବାଧା ଦେବା ଅଭିଯୋଗରେ ୪ଜଣଙ୍କୁ ପୋଲିସ ଉଠାଇ ନେଇଛି। ଅପରପକ୍ଷରେ ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ଏବଂ ଷ୍ଟ୍ରାଇକିଂ ଫୋର୍ସ ନିଆଁ ଲିଭାଇବା ଉଦ୍ୟମ ଜାରି ରଖିଥିଲେ ମଧ୍ୟ ଗୁରୁବାର ରାତି ୧୦ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସଫଳ ହୋଇପାରି ନ ଥିଲେ। ବୁଧବାର ୮ଟି ଓ ଗୁରୁବାର ଆଉ ୪ଟି ଦମକଳ ଏହିପରି ମୋଟ ୧୨ଟି ଦମକଳକୁ ନିୟୋଜିତ କରାଯିବା ସହ ପର୍ଯ୍ୟାପ୍ତ ଅକ୍ସିଜେନ ସିଲିଣ୍ଡର କିଟ୍ ଯୋଗାଇ ଦିଆଯାଇଥିଲା। ଗୁରୁବାର ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ, ଏସ୍‌ପି କନୱର ବିଶାଲ ସିଂ ଏବଂ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀ ବେହେରା କହିଛନ୍ତି, କମ୍ପ୍ଲେକ୍ସ ପରିସରରେ ପ୍ରାୟ ୪୩ଟି ଦୋକାନ ଥିବା ବେଳେ ହୋଟେଲ ରହିଛି। ମାତ୍ର କମ୍ପ୍ଲେକ୍ସକୁ ଯାତାୟାତ ରାସ୍ତା ସଂକୀର୍ଣ୍ଣ। ତେଣୁ ନିଆଁ ଲିଭାଇବାରେ ସମସ୍ୟା ଦେଖାଯାଇଥିଲା। ତେବେ ହୋଟେଲରେ ଥିବା ପର୍ଯ୍ୟଟକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ରହଣି ଓ ଖାଇବା ପିଇବାକୁ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ଧନ ଜୀବନ ରକ୍ଷା କରିବା ହେଉଛି ପ୍ରାଥମିକତା। ପରେ ଉକ୍ତ କମ୍ପ୍ଲେକ୍ସରେ ଅଗ୍ନି ନିର୍ବାପକ ନିୟମ ଉଲ୍ଲଂଘନ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁମାନଙ୍କର ଦୋକାନ ପୋଡ଼ିଯାଇଛି ସେମାନଙ୍କୁ କିପରି ଥଇଥାନ କରାଯିବ ସେ ସମ୍ପର୍କରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିପରି ଅଗ୍ନିଶମ ଡିଜି ଉପାଧ୍ୟାୟ କହିଛନ୍ତି, ପାରିପାର୍ଶ୍ୱିକ ପରିସ୍ଥିତି କାରଣରୁ ନିଆଁ ଲିଭିବାରେ ବିଳମ୍ବ ହେଉଛି। ତେବେ ପ୍ରଶାସନ ପକ୍ଷରୁ ସମସ୍ତ ଉଦ୍ୟମ ଜାରି ରହିଛି। ନିଆଁ ଲିଭାଇବାରେ ୧୯୦ କର୍ମଚାରୀ ନିୟୋଜିତ ରହିଛନ୍ତି। ଏଭଳି ଭୟାବହ ଅଗ୍ନିକାଣ୍ଡରେ କୌଣସି ବ୍ୟକ୍ତି ବା ଷ୍ଟାଫ ଆହତ ହୋଇନାହାନ୍ତି। କମ୍ପ୍ଲେକ୍ସ ଭିତରକୁ ପ୍ରବେଶ କରିବା ଓ ବାହାରିବା ପାଇଁ ଗୋଟିଏ ପାର୍ଶ୍ୱରେ ସଂକୀର୍ଣ୍ଣ ରାସ୍ତା ରହିଛି। ଅନ୍ୟ ରାସ୍ତା ନାହିଁ। ତେଣୁ କମ୍ପ୍ଲେକ୍ସ ପଛପଟ କାନ୍ଥ କଟାଯାଇ ପାଣି ପକାଯାଉଛି। ଦୋକାନୀମାନେ ଫାୟାର ବଲ ରଖିବା ଦରକାର। ଯଦି ରୁମ୍ ଲକ୍ ଥାଏ ଓ ନିଆଁ ଲାଗେ ତେବେ ଫାୟାର ବଲ୍ ବ୍ଲାଷ୍ଟ ହୋଇ ନିଆଁ ଲିଭିଯାଇଥାଏ। ନିଆଁ କାରଣରୁ କାନ୍ଥରେ କିଛି ଫାଟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏହି ଘଟଣା ପାଇଁ ସ୍ଥାନୀୟ ଲୋକେ ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି। ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରତି ପ୍ରଶାସନ ପୂର୍ବରୁ ଗୁରୁତ୍ୱ ଦେଇ ନ ଥିବାରୁ ନିଆଁକୁ ଶୀଘ୍ର ଓ ସହଜରେ ଆୟତ୍ତ କରାଯାଇପାରିଲା ନାହିଁ ବୋଲି ସେମାନେ କହିଛନ୍ତି।

### ପର୍ଯ୍ୟଟକ ଫେରିପାଇଲେ ଟଙ୍କା, ସୁନାଗହଣା

ନିଆଁର ଆଁରୁ ସେମାନେ ସିନା ସୌଭାଗ୍ୟବଶତଃ ବର୍ତ୍ତିଗଲେ, ହେଲେ ସେମାନଙ୍କ ଟଙ୍କା ଓ ସୁନାଗହଣା ଯେ ମିଳିଯିବ ସେକଥା କେବେ ଭାବି ନ ଥିଲେ। ତେବେ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ନିଆଁ ଲିଭାଉଥିବାବେଳେ ହୋଟେଲରେ ରହିଯାଇଥିବା କେତେଜଣ ପର୍ଯ୍ୟଟକଙ୍କର ନଗଦ ୨ଲକ୍ଷ ଟଙ୍କା ଓ ପ୍ରାୟ ୧୧ ଲକ୍ଷ ଟଙ୍କାର ସୁନାଗହଣାକୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଏହାକୁ ସେମାନେ ସମ୍ପୃକ୍ତ ପର୍ଯ୍ୟଟକମାନଙ୍କୁ ଫେରାଇଛନ୍ତି। ଫଳରେ ସେମାନଙ୍କ ମୁହଁରେ ଚେନାଏ ହସ ଫୁଟିଉଠିଛି।

## ଆଜିଠୁ ମାଟ୍ରିକ...

ଶୁକ୍ରବାର ପ୍ରଥମ ଭାଷା ପରୀକ୍ଷା ଅର୍ଥାତ୍ ଓଡ଼ିଆ ପରୀକ୍ଷା ହେବ। ପ୍ରଥମ ଦିନର ପରୀକ୍ଷା ପାଇଁ ସମସ୍ତ ପରୀକ୍ଷାର୍ଥୀମାନେ ୧ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ ବୋଲି ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି କହିଛନ୍ତି। ସକାଳ ୮ଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ନ୧୦ଟା ପର୍ଯ୍ୟନ୍ତ ଚାଲିବ। ସମ୍ମେଟିଭ ୧ରେ ପରୀକ୍ଷା କେନ୍ଦ୍ର ଯେଉଁଠି ହୋଇଥିଲା ସମ୍ମେଟିଭ ୨ ପରୀକ୍ଷା ସେହି କେନ୍ଦ୍ରରେ ଆୟୋଜନ କରାଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି।

ସେହିପରି ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଯେପରି ପ୍ରଶ୍ନପତ୍ର ଲିକ୍ ନ ହୁଏ ସେଥିପାଇଁ ରାଜ୍ୟ ସରକାର ଏବଂ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ଯେପରି ପହଞ୍ଚିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି। ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯିବା ସମୟରେ ପୋଲିସର କଡ଼ା ସୁରକ୍ଷା ସହ ଜିଲା ପ୍ରଶାସନର ଏକ ଟିମ୍ ମଧ୍ୟ ସାଙ୍ଗରେ ରହିବ। ପ୍ରଶ୍ନପତ୍ର ଓ ଉତ୍ତରଖାତା ରହୁଥିବା ଷ୍ଟ୍ରଙ୍ଗ୍ ରୁମରେ ୨୪ଘଣ୍ଟିଆ କଡ଼ା ନିରାପତ୍ତା, ପରୀକ୍ଷା କେନ୍ଦ୍ରରେ ସୁରକ୍ଷା କର୍ମୀ ମୁତୟନ, ବିଦ୍ୟୁତ୍ ଏବଂ ପିଇବା ପାଣି ବ୍ୟବସ୍ଥା କରାଯିବ। ଏଥିନିମନ୍ତେ ଗତ ସପ୍ତାହରେ ମୁଖ୍ୟଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଆଭାସି ଜରିଆରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଫଳତାର ସହ ତ୍ରୁଟିଶୂନ୍ୟ ଭାବେ ପରୀକ୍ଷା ପରିଚାଳନା ନିମନ୍ତେ ମୁଖ୍ୟ ସଚିବ ଗୁରୁତ୍ୱାରୋପ କରିଥିଲେ। ପରୀକ୍ଷା ହଲ୍‌କୁ ଯାଉଥିବା ଛାତ୍ରୀଛାତ୍ର ଏବଂ ପରୀକ୍ଷା ପରିଚାଳନା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭଲଭାବେ ଯାଞ୍ଚ କରି କେନ୍ଦ୍ର ମଧ୍ୟକୁ ଛାଡ଼ିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ର ନିମନ୍ତେ ଆବଶ୍ୟକୀୟ ପର୍ଯ୍ୟବେକ୍ଷକ ଓ ଫ୍ଲାଇଂ ସ୍କ୍ୱାଡ୍ ମୁତୟନ ଉପରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ।

ମଧ୍ୟମା ପରୀକ୍ଷା ପାଇଁ ୨,୯୧୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ସେମାନଙ୍କ ପାଇଁ ୧୦୮ଟି କେନ୍ଦ୍ରରେ ପରୀକ୍ଷା ଦେବାକୁ ବ୍ୟବସ୍ଥା ହୋଇଛି। ସେହିପରି ଓପନ ସ୍କୁଲ ପରୀକ୍ଷାରେ ୭,୧୮୧ ଜଣ ପରୀକ୍ଷାର୍ଥୀ ୧୪୬ଟି ସେଣ୍ଟରରେ ପରୀକ୍ଷା ଦେବେ ବୋଲି ବୋର୍ଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କପି ରୋକିବା ପାଇଁ ମଧ୍ୟ ସ୍କ୍ୱାଡ୍ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କପି ରୋକିବାକୁ ସମୁଦାୟ ୭୪ଟି ସ୍କ୍ୱାଡ୍ ଗଠନ କରାଯାଇଛି। ସେଥିମଧ୍ୟରୁ ବୋର୍ଡ଼ ପକ୍ଷରୁ ୩୬ଟି ସ୍କ୍ୱାଡ୍ ଗଠନ କରାଯାଇଥିବା ବୋର୍ଡ ସଭାପତି ସୂଚନା ଦେଇଛନ୍ତି। ତେବେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଶେଷ ହେବ ବୋଲି ସେ ଆଶାବାଦୀ ଅଛନ୍ତି।

## ପରଲୋକରେ ସତୀଶ...

ବଲିଉଡ୍‌ରେ ଶୋକର ଛାୟା ଖେଳିଯାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ ରାଜନେତା ଓ ଫିଲ୍ମ କଳାକାର ଶୋକ ବ୍ୟକ୍ତ କରିଛନ୍ତି। ବୁଧବାର ହୋଲି ପାଇଁ ସଙ୍ଗୀତକାର ଜାଭେଦ ଅଖତର ଓ ଅଭିନେତ୍ରୀ ଶବାନା ଆଜ୍‌ମିଙ୍କ ମୁମ୍ବାଇସ୍ଥିତ ବାସଭବନରେ ହୋଲି ବାସ୍ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସତୀଶ ଯୋଗ ଦେଇଥିଲେ। ସେଠାରେ ମଧ୍ୟାହ୍ନ ପର୍ଯ୍ୟନ୍ତ ରହିଥିଲେ। ହୋଲିର କିଛି ଫଟୋ ମଧ୍ୟ ସେ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଦିଲ୍ଲୀରେ ଅନ୍ୟ ଜଣେ ବନ୍ଧୁଙ୍କ ଘରେ ହୋଲି ପୂଜା କାର୍ଯ୍ୟକ୍ରମରେ ଯୋଗ ଦେବାଲାଗି ସତୀଶ ସେଠାରୁ ବାହାରିଯାଇଥିଲେ। ପୂଜା ସାରି ସତୀଶ ବିଜ୍‌ୱାସନସ୍ଥିତ ନିଜ ଫାର୍ମହାଉସ୍ ଯାଇଥିଲେ। ରାତି ପ୍ରାୟ ୧୦ଟା ୩୦ ମିନିଟରେ ସତୀଶ ନିଜ ରୁମ୍‌ରେ ଶୋଇଥିବାବେଳେ ୧୨ଟା ୧୦ ମିନିଟ୍‌ରେ ଶ୍ୱାସକ୍ରିୟାରେ ଅସୁବିଧା ହେବାରୁ ତାଙ୍କ ସହ ଥିବା ମ୍ୟାନେଜର ସନ୍ତୋଷ ରାଇଙ୍କୁ ଡାକିଥିଲେ। ଏହାପରେ ତାଙ୍କୁ ତୁରନ୍ତ ଗୁରୁଗ୍ରାମର ଫୋରଟିସ୍ ହସ୍ପିଟାଲ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଫାର୍ମହାଉସ୍‌ରୁ ଡାକ୍ତରଖାନା ଯିବା ବାଟରେ ସତୀଶଙ୍କ ହୃଦ୍‌ଘାତ ହୋଇଥିବା ସନ୍ତୋଷ କହିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ଦିଲ୍ଲୀ ପୋଲିସ ପୋଷ୍ଟମର୍ଟମ୍ ପାଇଁ ମୃତଦେହକୁ ଦୀନଦୟାଲ ଉପାଧ୍ୟାୟ ହସ୍ପିଟାଲ ନେଇଥିଲା। ଗୁରୁବାର ସକାଳେ ସତୀଶଙ୍କ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ରାତି ୮ଟା ୧୫ରେ ମୁମ୍ବାଇର ଭରସୋଭାଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସତୀଶଙ୍କ ମୃତ୍ୟୁ ନେଇ ପୋଲିସ ଅଧିକ ତଥ୍ୟ ଯୋଗାଡ଼ କରିବାରେ ଲାଗିଛି।

ହରିୟାଣାରେ ଜନ୍ମଗ୍ରହଣ କରିଥିବା ସତୀଶଙ୍କ ପଢ଼ାପଢ଼ି କରୋଲବାଗରେ ହୋଇଥିଲା। ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାରେ ଶିକ୍ଷାଗ୍ରହଣ କରିଥିବା ସତୀଶ ଏକାଧାରରେ ଜଣେ ସଂଳାପ ଲେଖକ, ହାସ୍ୟ ଅଭିନେତା ଓ ଫିଲ୍ମ ପ୍ରଯୋଜକ। ସତୀଶ ମୁମ୍ବାଇରେ ସ୍ତ୍ରୀ ଶଶୀ ଏବଂ ଝିଅ ବଂଶିକା (୧୧)ଙ୍କ ସହ ରହୁଥିଲେ। ଅନୀଲ କପୁରଙ୍କ ଅଭିନୀତ ଫିଲ୍ମ 'ମିଷ୍ଟର ଇଣ୍ଡିଆ'(୧୯୮୭)ରେ ସତୀଶ କ୍ୟାଲେଣ୍ଡର ଚରିତ୍ରରେ ଅଭିନୟ କରିଥିଲେ। ଏହି ଚରିତ୍ର ଚଳଚ୍ଚିତ୍ରପ୍ରେମୀଙ୍କୁ ଖୁବ୍ ପସନ୍ଦ ଆସିଥିଲା। ସେହିପରି ଫିଲ୍ମ ଦିୱାନା ମସ୍ତାନା (୧୯୯୭), ବ୍ରିଟିଶ ଡ୍ରାମା ଫିଲ୍ମ ବ୍ରିକ୍ ଲେନ୍(୨୦୦୭)ରେ ମଧ୍ୟ ତାଙ୍କ ଅଭିନୟ ଦେଖିବାକୁ ମିଳିଛି।

## ୧୨ ପ୍ରସ୍ତାବକୁ...

କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସେହିଭଳି ମୟୂରଭଞ୍ଜ ଜିଲାରେ ଏକ ଗୋଶାଳାକୁ ରାଜ୍ୟ ସରକାର ମାଗଣା ଜମି ଯୋଗାଇଦେବେ ବୋଲି କ୍ୟାବିନେଟ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଗୋଶାଳାର ଏହି ଜମି ପାଇଁ ଷ୍ଟାମ୍ପ ଡ୍ୟୁଟି ଛାଡ଼ କରାଯିବ। ସେହିଭଳି ନୟାଗଡ଼ରେ ବଲାଙ୍ଗୀର ପାର୍କ ନିର୍ମାଣ ସମ୍ପର୍କିତ ଏକ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଥିବା ସୂଚନା ମିଳିଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପର୍କିତ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଥିବା ସୂଚନା ମିଳିଛି। ଆପାର୍ଟମେଣ୍ଟ ଓନରଶିପ୍ ବିଲ୍ ସମ୍ପର୍କିତ ଗୃହ ଓ ନଗର ଉନ୍ନୟନର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ ମିଳିଥିବା ଜଣାପଡ଼ିଛି। ତେବେ ବିଧାନସଭା ଅଧିବେଶନ ସରି ନ ଥିବାରୁ କ୍ୟାବିନେଟ୍ ସମ୍ପର୍କିତ ପ୍ରସ୍ତାବ ସମ୍ପର୍କରେ ରାଜ୍ୟ ସରକାର କିମ୍ବା ମନ୍ତ୍ରୀମାନଙ୍କ ମୁହଁରୁ ପଦୁଟିଏ ଶୁଣିବାକୁ ମିଳିନାହିଁ। ଶୁକ୍ରବାର ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ କ୍ୟାବିନେଟ୍‌ରେ ପାରିତ ପ୍ରସ୍ତାବ ସମ୍ପର୍କରେ ସେଠାରେ କୁହାଯିବ ବୋଲି ଜଣାପଡ଼ିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** କୃତ୍ତିକା ନକ୍ଷତ୍ରର କାମ ହାସଲ ପରିପ୍ରେକ୍ଷୀରେ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ସାମାଜିକ ସ୍ତରରେ ବନ୍ଧୁଙ୍କ ମହଲରେ ପ୍ରଶଂସାର ପାତ୍ର ହେବେ। ପାରିବାରିକ ସ୍ତରରେ ସାଧାରଣ କଥାକୁ ନେଇ ଭାବାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା କ୍ଷେତ୍ରରେ ଉଚ୍ଚ ପ୍ରଶଂସିତ ହେବେ।

**ବୃଷ:** ଦୁଃସାହସିକ କାମରେ ପ୍ରବେଶ କରି ଅନୁତାପ କରିବାକୁ ପଡ଼ିପାରେ। ଏଣେ ଘରୋଇ କ୍ଷେତ୍ରରେ ପରକଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ସାଧାରଣ କଥାରେ ଟେନ୍‌ସନ ବଢ଼ିଯିବ। ରୋହିଣୀ ନକ୍ଷତ୍ରର ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ସମସ୍ୟାବହୁଳ ରହିବ।

**ମିଥୁନ:** ଆଜି ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଖୁସି ଅନୁଭବ କରିବେ। ଗଣ ଯୋଗାଯୋଗ, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ପାରନ୍ତି। ପୁନର୍ବସୁ ନକ୍ଷତ୍ରର କିଛିଟା ସମସ୍ୟା ଅବଶ୍ୟ ଆସିଲେ ମଧ୍ୟ କିଛି ଅସୁବିଧା ହେବନି।

**କର୍କଟ:** କର୍ମକ୍ଷେତ୍ରରେ ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଦୀର୍ଘ ସମସ୍ୟାର ଅନ୍ତ ଘଟାଇ କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ପାରିବାରିକ, ପ୍ରଶାସନ, ପ୍ରକାଶନ ଓ ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପୁଷ୍ୟା ନକ୍ଷତ୍ର ପିଲାଙ୍କ ଉଚ୍ଛୃଙ୍ଖଳ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ସିଂହ:** ଦୃଢ଼ ପଦକ୍ଷେପ ନେବା ହେତୁ କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ମଘା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ, ନୂତନ ଗୃହ ପ୍ରବେଶ ସକାଶେ ପୂର୍ବାଲୋଚନା କରିପାରନ୍ତି। ଋଣ ପରିଶୋଧ କରିବା ସକାଶେ କରଜଦାତାଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା:** ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି, ସେଥିରେ ଅବଶ୍ୟ ଶୁଭଫଳ ପାଇବେ। ଅଫିସ୍‌ରେ ଥିବା ସମୟରେ କୌଣସି ବ୍ୟକ୍ତିଙ୍କଠାରୁ ଶୁଭଖବର ପାଇ ଉଲ୍ଲସିତ ହେବେ। ବନ୍ଧୁ ଗହଣରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ହସ୍ତା ନକ୍ଷତ୍ରର ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ସ୍ଥାପନ କରିବେ।

**ତୁଳା:** ବିଶାଖା ନକ୍ଷତ୍ର ପରିବାରରେ ନିଜ ଲୋକମାନଙ୍କ ସାଧାରଣ କଥାରେ ଉତ୍‌କ୍ଷିପ୍ତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ନିକଟସ୍ଥ ବ୍ୟକ୍ତି ବିଶେଷଙ୍କଠାରୁ ଶ୍ରଦ୍ଧା, ଆଦର ପାଇ ନିଜକୁ ଗର୍ବିତ ମନେକରିବେ। ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନଙ୍କ ଅପପ୍ରଚାର ସମ୍ବନ୍ଧୀୟ ଶୁଣା କଥାକୁ ଆଦୌ ବିଶ୍ୱାସ କରନ୍ତୁ ନାହିଁ।

**ବିଛା:** ଭଲ କାମ କରି ମଧ୍ୟ ନିଜର କେତେକ ସମସ୍ୟା ହେତୁ ମନଟା ଚହଲି ଯାଇପାରେ। ପାରିବାରିକ ଦୁଶ୍ଚିନ୍ତା ବୃଦ୍ଧି ପାଇବା କାରଣରୁ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବ। ବନ୍ଧୁମାନଙ୍କ ସାହାଯ୍ୟ ନେଇ ଆଶା କରୁଥିବା ସ୍ଥାନରୁ ସହସା ଧନପ୍ରାପ୍ତି ହୋଇପାରେ। ଜ୍ୟେଷ୍ଠା ନକ୍ଷତ୍ର ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

**ଧନୁ:** ପାରିବାରିକ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖାନଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କର୍ମକ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହେବେ। ଆଲୋଚନା ପରିସରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇ ପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ।

**ମକର:** ଶ୍ରବଣା ନକ୍ଷତ୍ରର ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଘର ଲୋକମାନଙ୍କ ଅନୁରୋଧରେ ମନୋରଞ୍ଜନ ଜିନିଷ କ୍ରୟ କରିବେ। ଧାତୁ ଅଳଙ୍କାର ସମ୍ବନ୍ଧୀୟ ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁଁ ମନ ପ୍ରଫୁଲ୍ଲ ରହିବ। ନିର୍ମାଣ, ମାଲିମକଦ୍ଦମା, ଜମିଜମା କାରବାର ଧିମେଇ ଯିବାର ସମ୍ଭାବନା ରହିଛି।

**କୁମ୍ଭ:** ଆଜି ସାମଗ୍ରିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଭାବେ ସନ୍ତୋଷ ଆସିବ ନାହିଁ। ଶତଭିଷା ନକ୍ଷତ୍ର ନିଜ ପରିସରର ବ୍ୟକ୍ତିବିଶେଷଙ୍କ ଦ୍ୱାରା ଆଦୃତି ଲାଭ କରିବେ। ସାମୟିକ ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବ୍ୟବସାୟ, ବାଣିଜ୍ୟ, ପ୍ରଶାସନ, ପ୍ରଶାସନିକ ସ୍ତରରେ ସଫଳତା ହାସଲ କରି ଖୁସି ଅନୁଭବ କରିବେ।

**ମୀନ:** ଅଧିକାଂଶ ସମୟ ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟିର ସହାୟକ ହୋଇପାରନ୍ତି। ଅଫିସ୍‌ର ଗୋପନୀୟ ବିଷୟ ବନ୍ଧୁଙ୍କୁ କହିଦେବା ଫଳରେ କିଛି ସମସ୍ୟା ଆସିପାରେ। କଠୋର ମାନସିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ଉତ୍ତରଭାଦ୍ରବ ନକ୍ଷତ୍ର ନିଜ ମନ ପସନ୍ଦର ଜିନିଷ ଲାଭ କରିବେ। କୋର୍ଟ ମାମଲା ଫଳ ଫଳପ୍ରଦ।

ଆଜି ଚୈତ୍ର କୃଷ୍ଣ ତୃତୀୟା ଶୁକ୍ରବାର, ମାର୍ଚ୍ଚ ୧୦ ତାରିଖ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ ଓ ଦେବତା ଗଠନ ପାଇଁ ଶୁଭଦିନ। ଦିବା ଘ.୦୬।୦୩ ଗତେ ଘ.୦୬।୫୦ ମଧ୍ୟେ, ଘ.୦୭।୩୭ ଗତେ ଘ.୦୯।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୨୮ ଗତେ ଘ.୧୧।୫୭ ମଧ୍ୟେ ରାହୁକାଳ।

# ପାଣିରେ ବୁଡ଼ି ଯୁବକ ମୃତ

## ରାତି ପାହିଲେ ପଡ଼ିଥାଆନ୍ତା ବରଣମାଳା

**ଅନୁଗୋଳ ଅଫିସ, ୯।୩**

ରାତି ପାହିଲେ ହୋଇଥାଆନ୍ତା ବିବାହ। ବେଦିରେ ବରଣମାଳା ପିନ୍ଧି ଆରମ୍ଭ କରିଥାଆନ୍ତେ ଦାମ୍ପତ୍ୟ ଜୀବନ। ହେଲେ ବିଧିର ବିଧାନ ଥିଲା ଭିନ୍ନ। ହୋଲି ଖେଳିସାରି ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡ଼ି ଅକାଳରେ ଲିଭିଗଲା ଜୀବନଦୀପ। ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଜଗନ୍ନାଥପୁର ଗ୍ରାମରେ ବୁଧବାର ଘଟିଥିବା ଏଭଳି ଦୁଃଖଦ ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଜଗନ୍ନାଥପୁର ଗ୍ରାମର ନିଶା ବେହେରା ବାଗଡିଆ ଥାନା ଅଞ୍ଚଳର ଜଣେ ଝିଅଙ୍କୁ ପ୍ରେମ କରୁଥିଲେ। ତେବେ ଯୁବତୀଙ୍କ ପରିବାର ଲୋକେ ବିବାହ ପାଇଁ ସ୍ୱୀକୃତି ନ ଦେବାରୁ ସେ ଝିଅଙ୍କୁ ଘରକୁ ନେଇ ପଳାଇ ଆସିଥିଲେ। ହୋଲି ପରଦିନ ପାରମ୍ପରିକ ନୀତିରେ ଗାଁ ମନ୍ଦିରରେ ବିବାହ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ଏଥିଲାଗି ସମସ୍ତ ଆୟୋଜନ ଶେଷ ହୋଇଥିଲା। ହୋଲିଖେଳ ସରିବା ପରେ ନିଶା ବୁଧବାର ମଧ୍ୟାହ୍ନରେ ଗ୍ରାମ ପାଖ ନାଳକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ପାଣିରେ ପଶିବା ପରେ ଆଉ ବାହାରକୁ ବାହାରି ପାରି ନ ଥିଲେ। ପାଖରେ ଥିବା ଜଣେ ଛୋଟପିଲା ଏ ସମ୍ପର୍କରେ ଘରେ ସୂଚନା ଦେଇଥିଲେ। ପରିବାର ସଦସ୍ୟ ପହଞ୍ଚି ନିଶାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିଶାଙ୍କ ମୃତ୍ୟୁକୁ ନେଇ ଭିନ୍ନମତ ପ୍ରକାଶ ପାଇଛି। ପାଣିରେ ବୁଡ଼ି ତାଙ୍କ ଜୀବନ ଯାଇଥିବା କେତେଜଣ କହୁଥିବାବେଳେ ନାଳରେ ଲାଗିଥିବା ମୋଟର ପମ୍ପ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତ ପରେ ଏହାର ରହସ୍ୟ ଉନ୍ମୋଚନ ହେବ ବୋଲି ପୋଲିସ କହିଛି।

# ଯବାନ-ମାଓବାଦୀ ଗୁଳି ବିନିମୟ: ୨ ଯବାନ, ୬ ମାଓବାଦୀ ଆହତ

**ମାଲକାନଗିରି, ୯।୩(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ୨ଯବାନ ଓ ୬ ମାଓବାଦୀ ଆହତ ହୋଇଛନ୍ତି। ବହୁ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ଗୁରୁବାର ସୁକ୍ମା ଜିଲାର ଡାବାମାର୍କ କ୍ୟାମ୍ପରୁ କୋବ୍ରା ଏବଂ ଏସ୍‌ଟିଏଫ୍ ଯବାନମାନେ କୋମ୍ବିଂ ଅପରେଶନ କରିବାକୁ ସାକଲେଟ ଜଙ୍ଗଲ ଅଭିମୁଖେ ଯାଇଥିଲେ। ଏହି ସମୟରେ ଯବାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚଳାଇବା ଆରମ୍ଭ କରିଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇ ଗୁଳି ଚାଳନା କରିଥିଲେ। ଯବାନଙ୍କ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ଗୁଳି ବିନିମୟରେ ଯବାନଙ୍କ ଗୁଳିରେ ୬ ଜଣ ମାଓବାଦୀ ଆହତ ହୋଇଥିବା ବେଳେ ମାଓବାଦୀଙ୍କ ଗୁଳିରେ ୨ ଜଣ ଯବାନ ଆହତ ହୋଇଥିବା ଜଣାପଡ଼ିଛି।




**ଡିଜିସାଥୀ,** ହେଉଛି ଡିଜିଟାଲ ପେମେଣ୍ଟ ବିକଳ୍ପ ସମ୍ବନ୍ଧିତ ସୂଚନାର ଅଟୋମେଟେଡ୍ ଉତ୍ତର ନିମନ୍ତେ 24/7 ହେଲ୍ପଲାଇନ : ଟୋଲ-ଫ୍ରି ନମ୍ବର: **1800-891-3333;** ଏକ ସକ୍ଷିପ୍ତ କୋଡ୍: **14431;** ୱେବ୍‌ସାଇଟ: **www.digisaathi.info**



ଅସ୍ୱୀକରଣ : *# ସବୁ ଲୋନ୍ସ ସମ୍ପୂର୍ଣ୍ଣ ରୂପେ ଏଚ୍‌ଡିଏଫ୍‌ସି ଲିମିଟେଡ୍‌ର ବିଚାରାଧୀନ ଅଟେ ।
ନିୟମ ଓ ସର୍ତ୍ତାବଳୀର ବିବରଣୀ ପାଇଁ ଭିଜିଟ୍ କରନ୍ତୁ www.hdfc.com CIN: L70100MH1977PLC019916.



E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**ODYSSEY MOTORS**
SAMBALPUR: 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. PADAMPUR: 7381661837.

**ORBIT MOTORS**
ROURKELA: 9437041155, 9040404444. SUNDARGARH: 9437049161, 9437131074. DEOGARH: 9437061223, 7064400290.

**LEGEND CARS**
JEYPORE: 7894406481. RAYAGADA: 9692883042. BHAWANIPATNA: 7894442907.

**SKY AUTOMOBILES**
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.

*Offer includes consumer offer, exchange bonus and rural/institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models/variants. **^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st March, 2023.

ଯଦି କେବଳ ଜୀବନ ଥାନ୍ତା– ମୃତ୍ୟୁ ନ ଥାନ୍ତା –ତେବେ ଅମରତ୍ୱ ମଧ ନ ଥାନ୍ତା। ଯଦି କେବଳ ପ୍ରେମ ଥାନ୍ତା– ହିଂସ୍ରତା ନ ଥାନ୍ତା ତେବେ ଆନନ୍ଦ ହୋଇଥାନ୍ତା କ୍ଷଣିକ କ୍ଷୀଣ ପୁଲକ ମାତ୍ର ! ଯଦି କେବଳ ସୁଯୁକ୍ତିଥାନ୍ତା– ଅଜ୍ଞାନ ନ ଥାନ୍ତା– ତେବେ ଆମର ଚରମ ସିଦ୍ଧି ଏକ ସୀମାବଦ୍ଧ ଯୌକ୍ତିକତା ଓ ବ୍ୟାବହାରିକ ବିଜ୍ଞତା ଛାଡି ଆଗକୁ ଯାଇ ପାରନ୍ତା ନାହିଁ। –ଶ୍ରୀଅରବିନ୍ଦ



# କୃତ୍ରିମ ବୁଦ୍ଧିମତ୍ତା ଦୌଡ଼



ରବର୍ଟ ମୁଗାହ
ସହ ପ୍ରତିଷ୍ଠାତା, ଇଗାରେପ ଇନଷ୍ଟିଚ୍ୟୁଟ ଆଣ୍ଡ ସେକଦେବ୍ ଗ୍ରୁପ୍



ଗାବ୍ରିଏଲା ସିଲେର
କନ୍‌ସଲଟାଣ୍ଟ, ଇଗାରେପ ଇନଷ୍ଟିଚ୍ୟୁଟ

ବହୁ ଦଶନ୍ଧି ହେଲା ଭବିଷ୍ୟତ ଆକଳନ କରିବାର ଗାଣିତିକ ପ୍ରକ୍ରିୟା(ପ୍ରେଡିକ୍ଟିଭ ଆଲଗୋରିଦିମ୍) ପ୍ରଚଳିତ ହୋଇଆସିଥିବାବେଳେ ନିକଟରେ ଓପନ ଏଆଇ ପକ୍ଷରୁ ଆରମ୍ଭ କରାଯାଇଥିବା ଚାଟ୍‌ଜିପିଟି –୩ (ପ୍ରେଡିକ୍ଟିଭ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଭବିଷ୍ୟସୂଚକ କୃତ୍ରିମ ବୁଦ୍ଧିମତ୍ତା) ଅତ୍ୟଧିକ ୟୁଜରଙ୍କୁ ଆକର୍ଷିତ କରିପାରିଥିଲା। ଫଳରେ ଏହାକୁ ନେଇ ଗତ ମାସେରୁ ୩ ମାସ ସମୟକୁ ଏକ ସ୍ମରଣୀୟ କ୍ଷଣ କୁହାଯାଇପାରେ। ଚାଟ୍‌ଜିପିଟି–୩ ଆରମ୍ଭ ହେବା ମାତ୍ର କିଛି ସପ୍ତାହ ମଧ୍ୟରେ ଏହା ମାସକୁ ପ୍ରାୟ ୧୦୦ ମିଲିୟନ ୟୁଜରଙ୍କୁ ଆକର୍ଷିତ କରିଥିଲା। ନିଃସନ୍ଦେହ ଯେ, ସେମାନଙ୍କ ମଧ୍ୟରୁ ଅନେକେ ଏହାର ଖରାପ ପରିଣାମକୁ ଅନୁଭବ କରିଛନ୍ତି। ଏବେ ଲେଖା, ବକ୍ତବ୍ୟ, ଆର୍ଟ ଏବଂ ଭିଡିଓ ସୃଷ୍ଟି କରିବା ଲାଗି ଆର୍ଟିଫିସିଆଲ ଇଣ୍ଟେଲିଜେନ ବା କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ଗୁଡ଼ିକର ଦ୍ରୁତ ଅଗ୍ରଗତି ହେଉଛି। ଶାସନ, ବାଣିଜ୍ୟ ଏବଂ ସାମାଜିକ ଜୀବନରେ ଏହାର ଦୀର୍ଘମିଆଦୀ ଉପଯୋଗ ହେଉଛି। ଉକ୍ତ କ୍ଷେତ୍ରକୁ ବି ଅତ୍ୟଧିକ ପୁଞ୍ଜି ପ୍ରବାହ ହେବାରେ ଲାଗିଛି। ସଦ୍ୟ ବିକଶିତ ମେଶିନ ଲର୍ନିଂ ସାଧନଗୁଡ଼ିକର ବିନିଯୋଗ ଓ ବିକାଶ ପାଇଁ ଷ୍ଟାର୍ଟଅପ୍‌ଗୁଡ଼ିକରେ ସରକାର ଓ କମ୍ପାନୀଗୁଡ଼ିକ ନିବେଶ କରୁଛନ୍ତି।

ଗୁରୁତ୍ୱପୂର୍ଣ୍ଣ ଯେ, ପ୍ରେଡିକ୍ଟିଭ ଆନାଲେଟିକ୍ସ ପ୍ରଯୁକ୍ତିର ଗ୍ରହଣୀୟତା କେବଳ ଧନୀ ଦେଶ ଏବଂ ଗୁଗଲ, ମେଟା ଓ ମାଇକ୍ରୋସଫ୍ଟ ଭଳି କମ୍ପାନୀଗୁଡ଼ିକରେ ସୀମିତ ନ ରହି ନିମ୍ନ ତଥା ମଧ୍ୟମ ଆୟ ବର୍ଗର ଅର୍ଥ ବ୍ୟବସ୍ଥାଗୁଡ଼ିକରେ ପ୍ରସାରିତ ହେବାରେ ଲାଗିଛି। ଏହିସବୁ ଦେଶରେ ସହରୀ ଅସମାନତା କମ୍ ହେବାଠାରୁ ଆରମ୍ଭ କରି ଖାଦ୍ୟ ସୁରକ୍ଷାର ସମାଧାନ ଯାଏ ସବୁଥିରେ ପ୍ରଭାବୀ ମନେହେଉଛି। ଏହା ଦକ୍ଷତା ବୃଦ୍ଧିକରିବା ସହ ସାମାଜିକ ଓ ଅର୍ଥନୈତିକ ଲାଭର ପଥ ଉନ୍ମୁକ୍ତ କରିଛି। ତେବେ ସମସ୍ୟା ହେଉଛି, ଏହାର ଅତ୍ୟଧିକ ନକାରାତ୍ମକ ପ୍ରଭାବ ଦୃଷ୍ଟି ଆକର୍ଷଣ କରିପାରିନାହିଁ। ଅଭୂତପୂର୍ବ କ୍ଷମତାସମ୍ପନ୍ନ ଏଆଇ ସାଧନଗୁଡ଼ିକ ବିପଜ୍ଜନକ ଭାବେ କେବଳ ଏକଚ୍ଛତ୍ରବାଦୀ ଶାସନଗୁଡ଼ିକର ନିରୀକ୍ଷଣ କ୍ଷମତାକୁ ମଜଭୁତ କରିବ। ଏହାର ଏକ ଦୃଷ୍ଟାନ୍ତ ହେଉଛି ଚାଇନାର ସୋସିଆଲ କ୍ରେଡିଟ ସିଷ୍ଟମ।

ତେବେ ଉତ୍ତମ ଲକ୍ଷ୍ୟ ନେଇ ଆଗଉଥିବା ଗଣତାନ୍ତ୍ରିକ ଦେଶ, ସାମାଜିକ ପ୍ରଭାବ ଉପରେ ଗୁରୁତ୍ୱ ଦେଉଥିବା କମ୍ପାନୀ ଏବଂ ପ୍ରଗତିଶୀଳ ଏନ୍‌ଜିଓଗୁଡ଼ିକରେ ଆକଳନକାରୀ ସାଧନଗୁଡ଼ିକ ସବୁଠୁ ଭଲ ନୁହେଁ ବରଂ ତା'ଠାରୁ କମ୍ ପରିଣାମ ସୃଷ୍ଟି କରିପାରେ। ମହତ୍ତ୍ୱପୂର୍ଣ୍ଣ ତଥା ଗୁପ୍ତ ଆଲଗୋରିଦିମର ଡିଜାଇନଗତ ତ୍ରୁଟି ଏବଂ ପକ୍ଷପାତି ଡାଟାସେଟ୍‌ଗୁଡ଼ିକ ଗୋପନୀୟତା ଭଙ୍ଗ କରିବା ସହ ପରିଚୟଭିତ୍ତିକ ବାଛବିଚାର ଆଣିପାରେ। ଏହା ଏବେ ଅପରାଧିକ ନ୍ୟାୟରେ ଏକ ବଡ଼ ସମସ୍ୟା ହୋଇଯାଇଛି, ଯେଉଁଠି ପ୍ରେଡିକ୍ଟିଭ ଆନାଲେଟିକ୍ସ ଜାତିଗତ ଏବଂ ସାମାଜିକ–ଅର୍ଥନୈତିକ ବିଭେଦର କାରଣ ହୋଇଛି। କୃତ୍ରିମ ବୁଦ୍ଧିମତ୍ତା କର୍ମସ୍ଥଳୀରେ ଅସମାନତା ବୃଦ୍ଧି କରୁଛି; ଯାହା ଚିନ୍ତାଜନକ।





ଏବେ ସୁଦ୍ଧା ପ୍ରେଡିକ୍ଟିଭ ଆଲଗୋରିଦିମ୍ ବୃଦ୍ଧି କରୁଥିବା ଦକ୍ଷତା ଓ ଲାଭ ସାଧାରଣ କର୍ମଚାରୀଙ୍କ ବଦଳରେ ପରିଚାଳକ ଏବଂ ଅଂଶୀଦାରମାନଙ୍କୁ ହିଁ ଅଧିକ ଲାଭଦେଉଛି। ଏହିସବୁ ଉଦାହରଣକୁ ଲକ୍ଷ୍ୟ କଲେ ଜଣାଯାଏ, ଏଆଇ ସମାଜ ପାଇଁ ଏକ ବିକୃତ ସଂସ୍କରଣ ଏବଂ ଏହା ଆମ ବିଭେଦତା ଓ ଅସମାନତା ବଢ଼ାଉଛି। ଟେକ୍‌ନୋଲୋଜି ବିଶେଷଜ୍ଞ ନାନଜିରା ସାମ୍‌ବୁଲି ଉଲ୍ଲେଖ କରିଛନ୍ତି ଯେ, ପୂର୍ବରୁ ଥିବା ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସମସ୍ୟାଗୁଡ଼ିକୁ ସୁଧାରିବା ପରିବର୍ତ୍ତେ ଡିଜିଟାଇଜେଶନ ତାହାକୁ ଖରାପ କରୁଛି। ତେବେ ଆକଳନକାରୀ ସାଧନଗୁଡ଼ିକୁ ଗ୍ରହଣ କରିବାରେ ଯେଉଁ ଆଗ୍ରହ ପ୍ରକାଶ ପାଉଛି ତାହା ଉପରେ ବିଚାରକରିବା ଉଚିତ। ଶକ୍ତିଶାଳୀ ଆଲଗୋରିଦିମ୍‌ର ପ୍ରଭାବ ବିବାଦୀୟ କିମ୍ବା ଅଜଣା ରହିଛି। ତେବେ ପ୍ରତିରକ୍ଷାତ୍ମକ ସିଦ୍ଧାନ୍ତ ବା ନୀତିଗୁଡ଼ିକ ତାହାର ବ୍ୟବହାରକୁ ସୀମିତ ରଖିବାକୁ ବାଟ ଦେଖାଇବ।

ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ନୀତି ନିର୍ଦ୍ଧାରକମାନେ ଏଆଇକୁ ଅନୁମତି ଦେବା ଉଚିତ ନୁହେଁ। ସେଥିପାଇଁ ଜାତିସଂଘ ମାନବ ଅଧିକାର ହାଇକମିଶନର ଏବଂ ଅନ୍ୟମାନେ ଏଆଇ ସିଷ୍ଟମକୁ ନେଇ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ରୋକିବାକୁ ଆହ୍ୱାନ ଦେଇଛନ୍ତି। ଯେ ପର୍ଯ୍ୟନ୍ତ ସେଗୁଡ଼ିକର କ୍ଷତିକୁ ବିଚାରକୁ ନେଇ ନୈତିକ ଏବଂ ମାନବ ଅଧିକାର ଢାଞ୍ଚାଗୁଡ଼ିକର ନବୀକରଣ ନ ହୋଇଛି ସେଯାଏ ଏହାକୁ ରୋକାଯିବା ଦରକାର ବୋଲି କହିଛନ୍ତି। ଉପଯୁକ୍ତ ଢାଞ୍ଚା ଗଠନ କରିବା ସକାଶେ ପ୍ରେଡିକ୍ଟିଭ ଏଆଇ ସାଧନର ବ୍ୟବହାର ଓ ଡିଜାଇନ ସମ୍ପର୍କରେ ସୂଚିତ କରୁଥିବା ମୌଳିକ ସିଦ୍ଧାନ୍ତଗୁଡ଼ିକ ଉପରେ ଏକମତ ପ୍ରକାଶ ପାଇବା ଦରକାର। ସୌଭାଗ୍ୟବଶତଃ, କୃତ୍ରିମ ବୁଦ୍ଧିମତ୍ତା ପାଇଁ ଆରମ୍ଭ ହୋଇଥିବା ଦୌଡ଼ ଗବେଷଣା, ଯୋଜନା, ସଂସ୍ଥା ଓ ନୀତିଗତ ନେଟୱର୍କକୁ ସମାନ୍ତରାଳ ଭାବେ ଚଳଚଞ୍ଚଳ କରିଛି। ଓଇସିଡି ଏବଂ ୟୁନେସ୍କୋ ଏଥିରେ ସାମିଲ ହୋଇଛନ୍ତି। ୨୦୨୧ରୁ ନୀତିଗତ ନିୟମଗୁଡ଼ିକୁ ମାନୁଥିବା କୃତ୍ରିମ ବୁଦ୍ଧିମତ୍ତା ପାଇଁ ଏକ ବୈଶ୍ୱିକ ମାନକ ଗଢିବା ଲାଗି ଜାତିସଂଘ କାର୍ଯ୍ୟ କରିଆସୁଛି। ତେବେ ୟୁରୋପୀୟ ସଂଘ ପ୍ରଥମେ ଏକ ଏଆଇ ଆକ୍ଟ ପ୍ରସ୍ତାବ ଦେଇଛି। ଏହି ଆଇନ ଏଆଇ ନିର୍ଦ୍ଦିଷ୍ଟ ବ୍ୟବହାର (ଚାଇନାର ସୋସିଆଲ କ୍ରେଡିଟ ସିଷ୍ଟମ)କୁ ବନ୍ଦ କରିବ ଓ ଅଧିକ ବିପଜ୍ଜନକ ଆପ୍ଲିକେଶନ ଉପରେ ନିରୀକ୍ଷଣ କରିବ। ଏବେସୁଦ୍ଧା ଉତ୍ତର ଆମେରିକା ଓ ପଶ୍ଚିମ ୟୁରୋପରେ ଏହି ବିତର୍କ ଅତ୍ୟଧିକ କେନ୍ଦ୍ରିତ ହୋଇଛି। କିନ୍ତୁ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକ ନିଜର ମୌଳିକ ଆବଶ୍ୟକତା, ସମସ୍ୟା ଏବଂ ସାମାଜିକ ଅସମାନତା ଉପରେ ବିଚାର କରିବାକୁ ପଡ଼ିବ। ଅନେକ ଗବେଷଣାରୁ ଜଣାପଡ଼ିଛି ଯେ, ଉନ୍ନତ ଅର୍ଥ ବ୍ୟବସ୍ଥାଗୁଡ଼ିକର ମାର୍କେଟ ପାଇଁ ସେମାନଙ୍କ ଦ୍ୱାରା ବିକଶିତ ଟେକ୍‌ନୋଲୋଜିଗୁଡ଼ିକ ବହୁ ସମୟରେ ଅନୁନ୍ନତ ଅର୍ଥ ବ୍ୟବସ୍ଥାଗୁଡ଼ିକ ପାଇଁ ଅନୁପଯୁକ୍ତ ହେଉଛି।

ଯଦି ନୂତନ ଏଆଇ ସାଧନସବୁ ଆମଦାନୀ କରି ଆବଶ୍ୟକ ଶାସକୀୟ ବ୍ୟବସ୍ଥା ଆପଣାଇବା ପୂର୍ବରୁ ବ୍ୟାପକ ଭାବେ ବ୍ୟବହାର କରାଯାଏ, ତେବେ ଭଲ ବଦଳରେ ଅଧିକ ଖରାପ ପରିଣାମ ମିଳିବ। ବାସ୍ତବରେ ଏଆଇ ପରିଚାଳନା ପାଇଁ ଯଦି ଆମେ ଏକ ବୈଶ୍ୱିକ ନୀତି ଗଢ଼ିବାକୁ ଯାଉଛେ ତେବେ ଏହିସବୁ ସମସ୍ୟା ଉପରେ ବିଚାର କରିବା ଉଚିତ। ତେବେ ପ୍ରେଡିକ୍ଟିଭ ଆନାଲେଟିକ୍ସ ସୁରକ୍ଷା ଓ ବିକାଶ ପାଇଁ ସମସ୍ୟାଗୁଡ଼ିକୁ ଚିହ୍ନଟ କରି ଇଗାରେପ ଇନ୍‌ଷ୍ଟିଚ୍ୟୁଟ ଏବଂ ନ୍ୟୁ ଆମେରିକା ନିକଟରେ ଏକ ନୂଆ ଗ୍ଲୋବାଲ ଟାସ୍କ ଫୋର୍ସ ଆରମ୍ଭ କରିଛନ୍ତି। ଏହା ପ୍ରଥମ ନୀତି ନିର୍ଦ୍ଧାରଣ କରିବା ଲକ୍ଷ୍ୟରେ ଡିଜିଟାଲ ଅଧିକାର ଅଧିଭୋକ୍ତା, ପବ୍ଲିକ ସେକ୍ଟର ସହଭାଗୀ, ଟେକ୍ ଏଣ୍ଟରପ୍ରିନ୍ୟୁର ଏବଂ ଆମେରିକା, ଆଫ୍ରିକା, ଏସିଆ ଓ ୟୁରୋପରୁ ସାମାଜିକ ବିଜ୍ଞାନୀଙ୍କ ବୈଠକକୁ ଆମନ୍ତ୍ରଣ କରିବ। ସାଧାରଣଙ୍କ ସୁରକ୍ଷା ଏବଂ ଗ୍ଲୋବାଲ ସାଉଥ୍ ବା ଆର୍ଥିକ ଓ ଶିଳ୍ପ କ୍ଷେତ୍ରରେ ଦୁର୍ବଳ ଦେଶଗୁଡ଼ିକରେ ପରିବେଶ ଉପଯୋଗୀ ବିକାଶ କ୍ଷେତ୍ରରେ ଆକଳନକାରୀ ଟେକ୍‌ନୋଲୋଜିର ବ୍ୟବହାର ପାଇଁ ଏହା କରାଯିବ। ନୀତି ଓ ମାନକ ସବୁ ଗଢ଼ିବା ହେଉଛି ପ୍ରଥମ ପଦକ୍ଷେପ। କିନ୍ତୁ ସେଗୁଡ଼ିକୁ ଆଇନରେ ଲାଗୁ କରିବା ଏବଂ ପାଳନ କରିବା ପାଇଁ ଅନ୍ତର୍ଜାତୀୟ, ଜାତୀୟ ଏବଂ ଆଞ୍ଚଳିକ ସ୍ତରୀୟ ସହଯୋଗ ଓ ସମନ୍ୱୟ ଆବଶ୍ୟକ। କିନ୍ତୁ ଏହା ଏକ ବଡ଼ ଆହ୍ୱାନ ହେବ। ନୂଆ ପ୍ରେଡିକ୍ଟିଭ ଏଆଇ ସାଧନଗୁଡ଼ିକୁ ନେଇ ଦେଖାଯାଇଥିବା ବୈଶ୍ୱିକ ଦୌଡ଼ରେ ସମ୍ଭାବ୍ୟ କ୍ଷତି ରୋକିବା ଲାଗି ଉନ୍ନତ ଢାଞ୍ଚା ଦରକାର; ଯାହା ସୁରକ୍ଷା, ସମୃଦ୍ଧି, ପରିବେଶ ଉପଯୋଗୀ ତଥା ମାନବ କୈନ୍ଦ୍ରିକ ଭବିଷ୍ୟତ ସୁନିଶ୍ଚିତ କରିବ।

## ଟପ୍ପରଙ୍କ ଗତି ଓ ସ୍ଥିତି



ରବିନାରାୟଣ ସାମଲ

ମାଟ୍ରିକ୍, ଯୁକ୍ତଦୁଇ, ଯୁକ୍ତ ତିନି, ପିଜି, ମେଡିକାଲ, ଇଞ୍ଜିନିୟରିଂ, ଓପିଏସ୍‌ସି ଓ ୟୁପିଏସ୍‌ସି ଫଳ ପ୍ରକାଶନ ସଙ୍ଗେ ସଙ୍ଗେ ବେଷ୍ଟ ଟେନ୍‌ଥ ବା ଟପ୍ପରଙ୍କ ତାଲିକା ପ୍ରକାଶ ପାଇଥାଏ। ଗଣମାଧ୍ୟମରେ ସେମାନଙ୍କ ସାକ୍ଷାତ୍‌କାର ପ୍ରକାଶ ପାଏ। ସେମାନେ ନିଜ ସଫଳତା ପାଇଁ ମାତାପିତାଙ୍କ ସମେତ ଶିକ୍ଷକ–ଶିକ୍ଷିକା, ଜ୍ଞାତିକୁଟୁମ୍ବ ଏବଂ ସର୍ବଶେଷରେ କେହି କେହି ଭଗବାନଙ୍କୁ ଶ୍ରେୟ ଦେଇଥାନ୍ତି। ସମସ୍ତଙ୍କ ମୁହଁରୁ ଗୋଟିଏ କଥା ଶୁଣିବାକୁ ମିଳେ 'ମୁଁ ସମାଜର ସେବା କରିବି'।

ମାଟ୍ରିକ୍, ଯୁକ୍ତ ଦୁଇ ଓ ଯୁକ୍ତ ତିନିରେ ଟପ୍ପର ହୋଇ ଯେଉଁମାନେ ଉଚ୍ଚତର ଶ୍ରେଣୀରେ ଅଧ୍ୟୟନ କରିବାକୁ ଯାଆନ୍ତି, ସେମାନଙ୍କୁ ଉଚ୍ଚତର ଶ୍ରେଣୀ ପରୀକ୍ଷାର ଟପ୍ପର ତାଲିକାରେ ଆଉ ପ୍ରାୟ ଦେଖିବାକୁ ମିଳେନାହିଁ। ସେମାନେ ବାଟରେ କେଉଁଠି ହଜିଯାଆନ୍ତି ତାହାକୁ ମଧ୍ୟ କେହି କେବେ ଖୋଜି ନ ଥାନ୍ତି। ହୁଏତ ପରିବର୍ତ୍ତିତ ପରିସ୍ଥିତିରେ ସେମାନେ ନିଜକୁ ପୂର୍ବବତ୍ ଅବସ୍ଥାପିତ କରିପାରନ୍ତି ନାହିଁ କିମ୍ବା ନିଜର ଲକ୍ଷ୍ୟ ସ୍ଥଳ ବଦଳାଇ ଅନ୍ୟ କୌଣସି ବୈଷୟିକ ଅନୁଷ୍ଠାନ ବା ପ୍ରତିଷ୍ଠାନରେ ସଂଯୁକ୍ତ ହୋଇଯାଇଥାନ୍ତି।

ଏଥର ଓପିଏସ୍‌ସି ପରୀକ୍ଷା ଫଳ ବାହାରିଲା। କୃତକାର୍ଯ୍ୟ ହୋଇଥିବା ୩୯୨ ଜଣଙ୍କ ମଧ୍ୟରେ ସର୍ବାଧିକ ୬୯ ପ୍ରତିଶତ ମାର୍କ ରଖିଥିଲେ ଟପ୍ପର। ସର୍ବନିମ୍ନ ୧୫ କିମ୍ବା ୧୬ ହୋଇପାରିଥାଏ। ୟୁପିଏସ୍‌ସି ପରୀକ୍ଷାରେ ଟପ୍ପରଙ୍କ ମାର୍କ ଥିଲା ୫୪ ପ୍ରତିଶତ। ଜେଇଇ (ଆଡ୍‌ଭାନ୍ସଡ୍) ପରୀକ୍ଷାରେ ଖୁବ୍‌କମ୍ ପ୍ରତିଶତ ମାର୍କ ରଖି ଆଇଆଇଟି ଓ ମେଡିକାଲ କଲେଜରେ ନାମ ଲେଖାଇବାକୁ ସୁଯୋଗ ପାଇଛନ୍ତି ପରୀକ୍ଷାର୍ଥୀ। ଉଲ୍ଲେଖଯୋଗ୍ୟ ଯେ ଦିନକୁ ଦିନ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସ୍ଥଳେ କୃତିତ୍ୱ ଅର୍ଜନ କରୁଥିବା ପରୀକ୍ଷାର୍ଥୀଙ୍କ ମାର୍କ ହ୍ରାସ ପାଇବାରେ ଲାଗିଛି। ଏହା ଏକ ଶୁଭ ସଙ୍କେତ ନୁହେଁ ବୋଲି କୁହାଯାଇପାରେ।

ସାଧାରଣତଃ ଯେତେବେଳେ ଆଇଏଏସ୍ ପରୀକ୍ଷା ଫଳ ପ୍ରକାଶ ପାଏ ଆମ ରାଜ୍ୟର ଭାଗ କମ୍ ହୋଇଯାଉଥିବାରୁ ଆମେ ବ୍ୟସ୍ତ ହୋଇ ପଡ଼ନ୍ତି। ଟପ୍ପର ତାଲିକାରେ ଓଡ଼ିଆମାନଙ୍କୁ ଦେଖିଲେ ଆମ ଛାତି କୁଣ୍ଢେ ମୋଟ ହୋଇଯାଏ। ମାତ୍ର ଆମ ରାଜ୍ୟରେ ପୂର୍ବରୁ ଆଇଏଏସ୍ ପାଇଥିବା ସେହି ଧୀସମ୍ପନ୍ନ ବ୍ୟକ୍ତିମାନେ ଯାଆନ୍ତି କୁଆଡ଼େ? ଦିନେ ସମାଜର ସେବା କରିବାର ପ୍ରତିଶ୍ରୁତି ଦେଇଥିବା ସେହି ବ୍ୟକ୍ତିମାନେ ଏବେ କରୁଛନ୍ତି କ'ଣ? ଉଚ୍ଚ ପଦପଦବୀରେ ଅବସ୍ଥାପିତ ହେବା ପରେ ସେମାନେ ଭୁଲିଯାଆନ୍ତି ସମାଜକୁ ଏବଂ ସମାଜରେ ବାସ କରୁଥିବା ସାଧାରଣ ଲୋକଙ୍କୁ। ସରକାରଙ୍କ ଏକାନ୍ତ ଅନୁଗତ ଭୃତ୍ୟ ହୋଇ ସେମାନେ ସାଧାରଣ ଜନତାଙ୍କ ବିରୋଧରେ ଯିବାକୁ ବି ତିଳେ ମାତ୍ର କୁଣ୍ଠାବୋଧ କରନ୍ତି ନାହିଁ। ବର୍ତ୍ତମାନ ଦେଶରେ ଥିବା ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଅଧିକାରୀଙ୍କ ଭୂମିକା ବି ତଦ୍ରୂପ। ଆମ ରାଜ୍ୟରେ ଥିବା ଓଏଏସ୍ ଅଧିକାରୀଙ୍କ ଆନୁଗତ୍ୟ କହିଲେ ନ ସରେ। ସେମାନେ ଶାସକ ଦଳର ହାତବାରିସି ହୋଇ କାର୍ଯ୍ୟ କରିଥାନ୍ତି। ଗଣତନ୍ତ୍ରର ଗଣ୍ଡି ଭିତରେ ସ୍ୱସକ୍ରିୟ ଅମଲାତନ୍ତ୍ର ଦେଶଟାକୁ କେଉଁ ଅବସ୍ଥାକୁ ନେଇଗଲେଣି, ତାହା ଭାବିଲେ ମୁଣ୍ଡ ଘୂରେଇ ଯାଏ।

ମେଡିକାଲ ଏଣ୍ଟ୍ରାନ୍ସରେ କୃତିତ୍ୱ ଅର୍ଜନ କରିଥିବା ପରୀକ୍ଷାର୍ଥୀ ମେଡିକାଲ ପାଠ ପଢ଼ି ସାରିଲା ପରେ ପ୍ରାୟ ନିଯୁକ୍ତି ପାଆନ୍ତି ସରକାରୀ ହସ୍ପିଟାଲରେ। ମାତ୍ର ସେମାନେ ପ୍ରାକ୍ଟିସ୍ କରନ୍ତି ଘରୋଇ ଭାବେ କିମ୍ବା ଘରୋଇ ନର୍ସିଂ ହୋମ୍‌ରେ। ଡାକ୍ତରମାନଙ୍କର ଏତାଦୃଶ କାର୍ଯ୍ୟକୁ କ'ଣ ରୋଗୀ ସେବା କୁହାଯିବ ନା ସମାଜସେବା କୁହାଯିବ? ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍, ଆଇଇଏସ୍, ଓଏଏସ୍ ଓ ଇଞ୍ଜିନିୟର୍‌ମାନେ କେତେବେଳେ ଭିଜିଲାନ୍ସ ଜାଲରେ ପଡୁଛନ୍ତି ତ ଆଉ କେତେବେଳେ ଇଡି ଜାଲରେ। କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି! ମଜାର କଥା ହେଉଛି ଏହି ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ଧରିବାକୁ ଯେଉଁ ଭିଜିଲାନ୍ସ, ଇଡି, ସିବିଆଇ ଅଧିକାରୀଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି ସେମାନେ ବି ବେଳେ ବେଳେ ନିଜ ଜାଲରେ ପଡ଼ିଯାଉଛନ୍ତି। ମନ୍ତ୍ରୀ, ଯନ୍ତ୍ରୀ ଓ ତନ୍ତ୍ରୀଙ୍କ ଭିତରେ ସତେ ଯେପରି ଏକ ଅଭେଦ୍ୟ ସମ୍ପର୍କ ବଳବତ୍ତର ରହିଛି। ଦେଶର ଆର୍ଥିକ ଶୃଙ୍ଖଳାକୁ ସେମାନେ ଦଳି ମଚକି ଧୂଳିସାତ୍ କରିଦେଉଛନ୍ତି।

ଏହା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ ଟପ୍ପର ହେଉଥିବା ଛାତ୍ରୀଛାତ୍ରମାନେ ସମସ୍ତେ ମେଧାବୀ। ସେମାନଙ୍କ ଲାଗି ଉଦ୍ଦିଷ୍ଟ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ ନିମିତ୍ତ ଦେଶର ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ। ବିନିମୟରେ ଦେଶ ମଧ୍ୟ ସେମାନଙ୍କଠାରୁ ବହୁତ କିଛି ଆଶା କରେ। ମାତ୍ର ହୁଏ କ'ଣ? ସେଦିନର ମେଧାବୀମାନଙ୍କ ମଧ୍ୟରୁ ଅଧିକାଂଶ ଦୁର୍ନୀତିର ପଙ୍କରେ ଉବୁଟୁବୁ ହୋଇଯାଆନ୍ତି। ବିଚରା ସାଧାରଣ ଜନତା ସେ ସବୁକୁ ମୁଣ୍ଡପାତି ସହି ନିଅନ୍ତି।

ମୋ–୭୯୭୫୦୪୬୪୮୬

## ଏଇ ଭାରତରେ

ପ୍ଲାଷ୍ଟିକ ଓ ରବର ବର୍ଜ୍ୟରୁ ଜୋତା ତିଆରି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଅକ୍ଷୟ ଭାବେ । ପ୍ଲାଷ୍ଟିକ ଓ ରବର ବର୍ଜ୍ୟରୁ ସେ ଏକ ପ୍ରକାର ମଜଭୁତ କନା ତିଆରି କରି ସେଥିରେ ଜୋତା କରୁଛନ୍ତି। ଅକ୍ଷୟଙ୍କ ବୟସ ଏବେ ୨୪। ସେ ଏମ୍‌ବିଏ ଡିଗ୍ରୀ କରୁଥିବାବେଳେ ତାଙ୍କ ମନରେ ଏଭଳି ଭାବନା ଆସିଥିଲା। ଏହା ପରେ ଦୁଇ ବର୍ଷ ସେ ବର୍ଜ୍ୟ ପ୍ଲାଷ୍ଟିକ୍‌ରୁ ମଜଭୁତ କନା ତିଆରି କରିବାର ଟେକ୍‌ନିକ ପାଇବା ଲାଗି ଲାଗିପଡ଼ିଥିଲେ। ଏଭଳି କନାରୁ କିଭଳି ଜୋତା ପ୍ରସ୍ତୁତ କରାଯାଇପାରିବ ସେ ସମ୍ପର୍କରେ ମୁମ୍ବାଇ ଯାଇ ସେଠାକାର ଜୋତା ତିଆରି କରୁଥିବା କାରିଗରଙ୍କ ସାହାଯ୍ୟ ନେଇଥିଲେ। ପାରମ୍ପରିକ ଚମଡ଼ା ପରିବର୍ତ୍ତେ ଜୋତା ତିଆରି କରିବାରେ ସେ ସଫଳ ହେବାପରେ ୨୦୨୧ରେ ଏହାକୁ 'ଥାଏଲେ' ଅର୍ଥାତ୍ ପ୍ଲାଷ୍ଟିକ ବ୍ୟାଗ୍ ବ୍ରାଣ୍ଡରେ ଉତ୍ପାଦନ ଆରମ୍ଭ କଲେ। ଅକ୍ଷୟ ବର୍ଜ୍ୟ ମ୍ୟାନେଜମେଣ୍ଟ ପ୍ଲାଣ୍ଟରୁ ପ୍ଲାଷ୍ଟିକ ଓ ରବର ସଂଗ୍ରହ କରୁଛନ୍ତି। ହଳେ ଜୋତା ଲାଗି ୧୦ଟି ପ୍ଲାଷ୍ଟିକ ବ୍ୟାଗ,୧୫ ପ୍ଲାଷ୍ଟିକ ବୋତଲ ଦରାକର ହେଉଛି। ଏବେ ସୁଦ୍ଧା ସେ ୫୦,୦୦୦ ପ୍ଲାଷ୍ଟିକ ବ୍ୟାଗ ଓ ୪୮,୦୦୦ ଅଦରକାରୀ ପ୍ଲାଷ୍ଟିକ ବୋତଲ ଅପ୍‌ସାଇକେଲ କରିସାରିଲେଣି। ଭାରତ ବ୍ୟତୀତ ଦୁବାଇ, ୟୁରୋପ, ଆମେରିକା ଏବଂ ଅଷ୍ଟ୍ରେଲିଆରେ ଏହାର ମାର୍କେଟିଂ ପାଇଁ ସେ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ମାର୍ଚ୍ଚ ୧୯୯୮

- ଏଲ୍‌ଟିଟିଇ ଗେରିଲାମାନେ ତ୍ରିଙ୍କୋମାଳି ଜିଲାର ଉତ୍ତର ପୂର୍ବାଞ୍ଚଳରେ ଥିବା ଏକ ପୋଲିସ ଥାନା ଉପରେ ଆକ୍ରମଣ କରିବା ଫଳରେ ୩ ପୋଲିସ କର୍ମଚାରୀଙ୍କ ସମେତ ୧୧ ନିହତ।
- ପ୍ରଖ୍ୟାତ ହଲିଉଡ୍ ଅଭିନେତା ରିଚାର୍ଡ ଗେରେ ମହାବୋଧି ମନ୍ଦିର ଉନ୍ନୟନ ସବ୍‌କମିଟିର ଅଧକ୍ଷ ଭାବେ ମନୋନିତ।
- ଜର୍ଜ ଫର୍ଣ୍ଣାଣ୍ଡିଜ୍ ପାର୍ଲାମେଣ୍ଟରେ ସମତା ପାର୍ଟିର ନେତା ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ।
- ବିହାରର ଶକ୍ତିମନ୍ତ୍ରୀ ବ୍ରଜବିହାରୀ ପ୍ରସାଦଙ୍କ ରାବ୍ରୀ ଦେବୀ ମନ୍ତ୍ରିମଣ୍ଡଳରୁ ଇସ୍ତଫା।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | | 6 | |
| | | | 7 | 5 | | 2 | | |
| | | 1 | 2 | | | 3 | | |
| | 8 | | | | | | | 7 |
| 1 | 4 | | | | | | | |
| | 6 | | 3 | 7 | | 5 | | |
| 8 | 5 | | | | | | | |
| | | 4 | | | 2 | | | |
| | 7 | | 9 | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 9 | 3 | 2 | 5 | 8 | 4 | 7 |
| 4 | 7 | 3 | 6 | 8 | 1 | 2 | 9 | 5 |
| 2 | 5 | 8 | 4 | 9 | 7 | 1 | 3 | 6 |
| 7 | 2 | 5 | 9 | 3 | 8 | 6 | 1 | 4 |
| 1 | 3 | 4 | 7 | 6 | 2 | 5 | 8 | 9 |
| 9 | 8 | 6 | 1 | 5 | 4 | 7 | 2 | 3 |
| 3 | 6 | 7 | 2 | 1 | 9 | 4 | 5 | 8 |
| 8 | 4 | 2 | 5 | 7 | 3 | 9 | 6 | 1 |
| 5 | 9 | 1 | 8 | 4 | 6 | 3 | 7 | 2 |

ଗତ ସଂସ୍କରଣର ଉତ୍ତର

# ବଣୁଆ ମନ ଓ ଶୃଙ୍ଖଳିତ ଆଖି



ଡ. ଶରତ ଚନ୍ଦ୍ର ପରିଡ଼ା

ସୃଜନଶୀଳ ପ୍ରତିଭା ଜନ୍ମିତ ନୁହେଁ, ଅର୍ଜିତ। ଏହା କେବଳ ବୈଜ୍ଞାନିକ ଉଦ୍ଭାବନ ବା ଛାତ୍ର ଜୀବନରେ ଲୋଡ଼ା ହୋଇ ନ ଥାଏ, ପ୍ରତି ମଣିଷ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଏହାର ଗୁରୁତ୍ୱ ଉପଲବ୍ଧି କରାଯାଏ। ଯେ କୌଣସି ବୃତ୍ତି ଓ କାର୍ଯ୍ୟ କ୍ଷେତ୍ରରେ ଆମେ ସୃଜନଶୀଳ ମନନେଇ କାମ କରିପାରିବା। ସାକ୍ଷରତା ପରି ଏହା ଏକ ସାର୍ବଜନୀନ ବିଶ୍ୱୀୟ ଆବଶ୍ୟକତା। ଡିଜିଟାଲ ଇଣ୍ଡିଆର ଶ୍ରମଶକ୍ତି ପାଇଁ ସୃଜନଶକ୍ତି ଅପରିହାର୍ଯ୍ୟ। ଶିକ୍ଷାମନସ୍ତତ୍ତ୍ୱବିତ୍ ଏଡ୍.ୱାର୍ଡ.ଡ଼ି.ବୋନୋ କହନ୍ତି,''ଏଥିରେ ସନ୍ଦେହ ନାହିଁ ଯେ ସୃଜନଶୀଳତା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାନବସମ୍ବଳ। ସୃଜନଶୀଳତା ବିନା ପ୍ରଗତି ନାହିଁ, ଆମେ ସବୁଦିନେ କେବଳ ଏକା ପଦ୍ଧତି(ପାରମ୍ପରିକ ବଳଦିଆ)ର ପୁନରାବୃତ୍ତି କରି ଚାଲିଥିବୁ।''ଏକବିଂଶ ଶତାବ୍ଦୀରେ ବିଜ୍ଞାନର ପ୍ରଯୁକ୍ତି ବିଦ୍ୟା ସହିତ ସୃଜନଶୀଳତାକୁ ସଂଯୋଗ କଲେ ସର୍ବଶ୍ରେଷ୍ଠ ମୂଲ୍ୟବୋଧ ସୃଷ୍ଟି ହୋଇପାରିବ। ସୃଜନଶୀଳତା ମୂଳରେ ଶିକ୍ଷାର ଦର୍ଶନ ଅପେକ୍ଷା ଉପାର୍ଜନ କ୍ଷମତା ଭଳି ଆର୍ଥନୀତିକ ପ୍ରସଙ୍ଗ ଅଗ୍ରାଧିକାର ଲାଭ କରିଛି। ଶିକ୍ଷା ଉଦ୍ଦେଶ୍ୟମୂଳକ ହେଲେ ସୃଜନଶୀଳ ହୁଏ। ସୃଜନଶୀଳତା ଫୁଟିଲେ ଚିନ୍ତାର ଉଦ୍ରେକ ଘଟେ। ଚିନ୍ତାର ଉଦ୍ରେକ ଘଟିଲେ ଜ୍ଞାନ ପ୍ରଜ୍ୱଳିତ ହୁଏ। ଜ୍ଞାନ ପ୍ରଜ୍ୱଳିତ ହେଲେ ଆର୍ଥିକ ଅବସ୍ଥାରେ ଉନ୍ନତି ଘଟେ। ସୃଜନ ଏକ ମନସ୍ତାତ୍ତ୍ୱିକ କୌଶଳ ଯାହା ଶିକ୍ଷାକୁ ଅଭିବୃଦ୍ଧ କରେ। ଶ୍ରେଣୀରେ ଏହା ଗୋଟିଏ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟର ରୂପାୟନ ହୋଇ ପାରେ। ସୃଜନଶୀଳ ହେବା ପାଇଁ ଗୋଟିଏ ଉପାୟ ନାହିଁ, ଏକାଧିକ ଉପାୟ ଅଛି। ଡ. ଏ.ପି.ଜେ. ଅବ୍‌ଦୁଲ କଲାମଙ୍କ ମତ–'ଭବିଷ୍ୟତର ସଫଳତା ନିମନ୍ତେ ସୃଜନଶୀଳତା ଏକ ଚାବି।'

ସୃଜନଶୀଳତାର ପରିଭାଷା ନୂତନ ଚିନ୍ତାର ଉଦ୍ରେକ। ନୂତନ ଓ ଯୁଗୋପଯୋଗୀ ଉତ୍ପାଦର ସର୍ଜନ ହିଁ ସୃଜନଶୀଳତା। ମୌଳିକତ୍ୱ ବା ନୂତନତ୍ୱ ଓ ଯୁଗୋପଯୋଗୀ ଉପଯୋଗିତା–ଏହି ଦୁଇଟି ସୃଜନର ସଂଜ୍ଞା। କିଛି ପଦାର୍ଥ ଉତ୍ପନ୍ନ ହେଉ ବା ନ ହେଉ ନିଜର ଅନ୍ତର୍ନିହିତ ପ୍ରତିଭାକୁ ବିନିଯୋଗ କରି କିଛି ନୂଆ ପଦାର୍ଥ ଉତ୍ପନ୍ନ କରିବାର ପ୍ରଚେଷ୍ଟା ହେଉଛି ସୃଜନଶୀଳତା। ଏହା କୌଶଳ ଆବଶ୍ୟକ କରୁଥିବା ବିଶେଷ ଚିନ୍ତନ ପ୍ରକ୍ରିୟା। ନୂତନତା ଅନୁସନ୍ଧାନରେ ଏହା ନିରନ୍ତର ଗବେଷଣାତ୍ମକ ମାନସିକ ସାମର୍ଥ୍ୟ। ଏହା ଗୋଟିଏ ଭାବନା ଓ ଗୋଟିଏ କଳାତ୍ମକ ସୃଷ୍ଟି ବା ଗୋଟିଏ ଉଦ୍ଭାବନ ହୋଇପାରେ। ସୃଜନୀ ଶକ୍ତି ବଳରେ ନୂତନ ଉଦ୍ଭାବନ କୌଶଳ ବାହାର କରିବା ହେଉଛି ସର୍ଜନାର ପରିପ୍ରକାଶ। ଯାହା ଆଗରୁ ନାହିଁ ତାକୁ ଏହା ଦେଖେ ଓ ବାସ୍ତବ ରୂପ ଦିଏ। ଜଣେ ସୃଜନଶୀଳ ବ୍ୟକ୍ତି ଅସ୍ପଷ୍ଟତା ସହ ବଞ୍ଚିବାକୁ ଭଲ ପାଏ। ସମସ୍ୟାର ସମାଧାନ ସହସା ହୋଇଯାଉ, ସେ ଚାହାନ୍ତି ନାହିଁ। ନୂତନ ଭାବନା ଜନ୍ମ ନେବା ପର୍ଯ୍ୟନ୍ତ ସେ ଅପେକ୍ଷା କରିଥାନ୍ତି। ମାରିଲୌ କୁକ୍‌ଙ୍କ ଭଳି ଗବେଷକମାନେ କହନ୍ତି, ''ସୃଜନଶୀଳତା ହେଉଛି ଉଦ୍ଭାବନ, ପରୀକ୍ଷଣ, ବୃଦ୍ଧିପ୍ରାପ୍ତି, କ୍ଷତି ବା ବିପଦକୁ ବରଣ କରିବାର ଇଚ୍ଛା, ଭୁଲ୍ କରିବା ଓ କୌତୁକ କରିବା।''

ସୃଜନଶୀଳତାର ବିକାଶ ପଥରେ ସୃଜନ ଭଳି ଅଦ୍ୱିତୀୟ କାର୍ଯ୍ୟରେ ଅନ୍ୟକୁ ଅନୁକରଣ (ଶଗଡ଼ଗୁଳା) କରିବାର ଇଚ୍ଛା ନ ଥାଏ। ନିଜ ଭିତରେ ଥିବା ଶକ୍ତିକୁ ଅନୁଭବ କରି ଅନ୍ତର୍ଦୃଷ୍ଟିକୁ ବିକଶିତ କଲେ ନୂତନ ଧାରଣା, ଭାବନା ଓ କଳ୍ପନାର ଉଦ୍ରେକ ଘଟେ। ଆମର ଦୃଷ୍ଟି ନିର୍ମାଣାତ୍ମକ ହୋଇପାରିଲେ ସୃଷ୍ଟି ତଦନୁରୂପ



ହେବ। ସୃଜନଶୀଳତା ହେଉଛି ଏକ ଉପହାର, ଅସଜଡ଼ା ପରିବେଶରେ ଏହାର ପରିପ୍ରକାଶ ଘଟେ ନାହିଁ। ବାସ୍ତବରେ ମସ୍ତିଷ୍କର ବିଭିନ୍ନ ଅଞ୍ଚଳ ଇତସ୍ତତ ବିକ୍ଷିପ୍ତ ହୋଇ ରହିଛି। ସେମାନଙ୍କ ମଧ୍ୟରେ ସମନ୍ୱୟ ଆଣି ସେମାନଙ୍କର ଗତିକୁ ପାରସ୍ପରିକ କରିପାରିଲେ ମାନସିକ ବିକାଶର ଉନ୍ମେଷ ହୁଏ। ମନ ଗୋଟିଏ ଖାଲି ପାତ୍ର ନୁହେଁ ତାକୁ ଭରି ଦେଇ ହେବ। ଏଥିରେ ଅଗ୍ନିସଂଯୋଗ କରି ଜଳାଇବାକୁ ହେବ। ବାମ ଦକ୍ଷିଣ ଓ ତଳ ଉପର ସ୍ୱାଧୀନ ଚିନ୍ତା କରିବା ହେଉଛି ନୂଆ ପଦାର୍ଥ ଚିନ୍ତା କରିବାର ଧାରା, ନବକ୍ରିୟା। ଏହି ପ୍ରସଙ୍ଗରେ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନଙ୍କ ମତ–''ଶିକ୍ଷା ଅର୍ଥ କିଛି ତଥ୍ୟ ଆହରଣ କରିବା ନୁହେଁ। କେମିତି ଚିନ୍ତା କରିବାକୁ ହୁଏ ଏହା ହେଉଛି ମନର ତାଲିମ।'' ଜାତିର ପିତା ଗାନ୍ଧୀ ମହାତ୍ମାଙ୍କ ମତରେ ''ମଣିଷ ହେଉଛି ତା'ଭାବନାର ଉତ୍ପାଦ, ସେ ଯାହା ଭାବେ ତାହା ହୋଇଥାଏ।'' ଅନ୍ୟ ଭାଷାରେ ସ୍ୱପ୍ନଦେଖାରୁ ସୃଜନର ଜନ୍ମ। ସ୍ୱପ୍ନ ଆମର ଚରିତ୍ରର କଷଟି ପଥର। ସ୍ୱପ୍ନ ଦେଖିବା ସୃଜନର ମଞ୍ଜି। କଳ୍ପନା ଏହାର ଅଙ୍କୁରୋଦଗମ୍। କଳ୍ପନା ସୃଜନଶୀଳତାର ଆଧାରଶିଳା। ବୁଦ୍ଧିର ପ୍ରକୃତ ଲକ୍ଷଣ ଜ୍ଞାନ ନୁହେଁ, କଳ୍ପନା। କେବଳ କଳ୍ପନା ମାଧ୍ୟମରେ ବାସ୍ତବତା ଶିକ୍ଷା ଦିଆଯାଇପାରିବ ବା ଅପ୍ରକାଶ୍ୟ ପ୍ରକାଶ୍ୟ ହୋଇପାରିବ। ଜ୍ଞାନଠାରୁ କଳ୍ପନା ଗୁରୁତ୍ୱପୂର୍ଣ୍ଣ। ବ୍ୟକ୍ତିତ୍ୱ ଓ ମୌଳିକତା ବହୁ ମୂଲ୍ୟବାନ୍। ଯୁକ୍ତି ଜଣକୁ 'କ'ରୁ 'ଖ'କୁ ନିଏ, କିନ୍ତୁ କଳ୍ପନା ଜଣକୁ ସବୁସ୍ଥାନକୁ ନେଇଯାଏ। ସୃଷ୍ଟିର ଆରମ୍ଭ ହେଉଛି କଳ୍ପନା। କୁହାଯାଇଛି–''ତୁମେ ଯାହା ଇଚ୍ଛା କରୁଛ ତାହା କଳ୍ପନା କର, ତୁମେ ଯାହା କଳ୍ପନା କରୁଛ ତୁମେ ତାହା ହୋଇଯିବ ଓ ଶେଷରେ ତୁମେ ଯାହା ଚାହୁଁଛ ତାହା ସୃଷ୍ଟି କରିପାରିବ।'' ବସ୍ତୁଗୁଡ଼ିକର ସଂଯୋଗ ଓ ସଂଶ୍ଳେଷଣ ଦ୍ୱାରା ସର୍ଜନ ଶକ୍ତିର ବିକାଶ ଘଟେ। ସୃଜନଶୀଳ ଲୋକଙ୍କ ବିଷୟରେ ପଢ଼ିବା ଓ ଶୁଣିବା ଦ୍ୱାରା ସୃଜନଶୀଳତାର ସ୍ଫୁରଣ ହୋଇପାରେ। ଶିଶୁମାନଙ୍କଠାରେ ସ୍ୱାଧୀନଚିନ୍ତା ଓ କଳ୍ପନାଶକ୍ତି ପ୍ରଚୁର ପରିମାଣରେ ଥାଏ। ନାସା ପକ୍ଷରୁ ୧୬୦୦ ପିଲାଙ୍କୁ ନେଇ ଏକ କ୍ରିଏଟିଭ୍ ଜେନିୟସ ଲେଭଲ ଟେଷ୍ଟ କରାଯାଇଥିଲା। ସେଥିରୁ ଜଣାପଡ଼ିଲା ୩–୫ ବୟସର ପିଲାମାନଙ୍କଠାରେ କ୍ରିଏଟିଭ୍ ଜେନିୟସ ଲେଭଲ ହେଉଛି ଶତକଡ଼ା ୯୮। ୮–୧୦ ବୟସର ପିଲାମାନଙ୍କର ଏହା କମିଯାଇ ଶତକଡ଼ା ୩୨,୧୩–୧୫ ବୟସର ପିଲାମାନଙ୍କ ଠାରେ ଏହା ଶତକଡ଼ା ୧୦ ଓ ୨୫ରୁ ଉର୍ଦ୍ଧ୍ୱ ବୟସର ଯୁବକମାନଙ୍କଠାରେ ଏହା ଶତକଡ଼ା ୨। ଶିଶୁର ସୃଜନଶକ୍ତି ଓ ଯୁବକର ପ୍ରଚେଷ୍ଟା ରହିଲେ ସୃଜନଶକ୍ତିର ବିକାଶ ଘଟିପାରିବ।

ସୃଜନଶୀଳ ଲୋକେ ଶିଖିବାକୁ ସବୁବେଳେ ଆଗ୍ରହୀ, ନମନୀୟ, ନଛୋଡ଼ବନ୍ଦା, ସ୍ୱାଧୀନ, ପ୍ରଚଣ୍ଡ ଭାବରେ ଦୁଃସାହସୀ ଓ ବିପଦପୂର୍ଣ୍ଣ ଖେଳ ଖେଳିବାକୁ ଭଲ ପାଆନ୍ତି। ସେଥିପାଇଁ 'ସୃଜନଶୀଳତା ହେଉଛି ଗୋଟିଏ ବଣୁଆ ମନ ଓ ଶୃଙ୍ଖଳିତ ଆଖି' ବୋଲି ଡୋରୋଥି ପାର୍କର କହନ୍ତି। ସୃଜନଶୀଳ ସାଧକର ଦୃଢ଼ ବିଶ୍ୱାସ ରହୁ ଯେ ଗୋଟିଏ ଧାରଣା ବା ଭାବନା ବିଫଳ ହୋଇଯାଇଛି ସିନା ଚେଷ୍ଟା ବିଫଳ ହୋଇ ନାହିଁ।

ପଟିଆ,ଭୁବନେଶ୍ୱର
ମୋ: ୭୦୦୮୪୭୫୪୪୧

## ପାଠକ ଶ୍ରେଷ୍ଠ ବିଚାରକ

### ଆକାଶରେ ଗୋଇନ୍ଦାଗିରି

ମହାଶୟ,

ଆମେରିକାର ଉପକୂଳ ଆକାଶରେ ଚାଇନାର ଗୋଇନ୍ଦା ବେଲୁନ୍‌କୁ ପେଣ୍ଟାଗନ୍ ଖସାଇଦେବା ଘଟଣା ଦୁଇ ବୃହତ୍ ଶକ୍ତିଙ୍କ ସମ୍ପର୍କକୁ ଆହୁରି ଉତ୍ତେଜିତ କରିଛି। ସେହିପରି ଆଉ ଏକ ଗୋଇନ୍ଦା ବେଲୁନ୍ କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକା ଆକାଶରେ ଉଡୁଥିବା କୁହାଯାଇଛି। ଏହା ନିଶ୍ଚିତ ଯେ, ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଚାଇନାର ସାମର୍ଥ୍ୟକୁ କେବେହେଲେ ଅଣଦେଖା କରାଯାଇ ନ ପାରେ। ତେବେ ଭାରତ ପାଇଁ ଏହା ଏକ ମହାଶିକ୍ଷା। କାରଣ ସୀମାବିବାଦ ନେଇ ଚାଇନା ସହ ସମ୍ପର୍କ ଆଦୌ ଭଲ ନାହିଁ। ରିପୋର୍ଟରୁ ପ୍ରକାଶ , ଆଉ ଏକ ଗୋଇନ୍ଦା ବେଲୁନ୍ ଭାରତ ଓ ଜାପାନ ଆକାଶରେ କିଛିମାସ ତଳେ ଉଡ଼ିଥିଲା। ଏହା ଯଦି ସତ୍ୟ ହୋଇଥାଏ, ତେବେ ଅତ୍ୟନ୍ତ ଚିନ୍ତାଜନକ । ଏଥିପ୍ରତି ଭାରତ ସତର୍କ ଓ ସଜାଗ ରହିବା ଜରୁରୀ। ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଚାଇନା ଅନ୍ୟ ଦେଶ ଉପରେ ଗୋଇନ୍ଦାଗିରି କରୁଛି। ଗୋଟିଏ ପଟେ ଚାଇନା ଭାରତୀୟ ସୀମାରେ ଉତ୍ତେଜନା ସୃଷ୍ଟି କରୁଥିବାବେଳେ ଅନ୍ୟପଟେ ଭାରତ ଉପରେ ଗୋଇନ୍ଦା କାର୍ଯ୍ୟକଳାପକୁ ସକ୍ରିୟ କରିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ଉଚ୍ଚ ବୈଷୟିକଯୁକ୍ତ ଗୋଇନ୍ଦା ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

–ସୌଭାଗ୍ୟ ରଞ୍ଜନ ମହାନ୍ତି, ଗାଙ୍ଗୋତ୍ରୀନଗର, ଶିଶୁପାଳଗଡ଼,ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ସକଳ ରୂପ ଅରୂପ ହେଲା
ଅତନୁ ହେଲା ତନୁ
ସକଳ ଭାବ ସକଳ ଭାଷା
ମିଳାଇ ଗଲା କନୁ।

–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବାହାଲ ଜମି ନିଆଁ ଭୀତି ସୃଷ୍ଟି କଲା

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କରକଟିଆ ଛକ- ଝାରମୁଣ୍ଡା ରାସ୍ତାରେ ଥିବା ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ଅନତି ଦୂରରେ ଥିବା ବାହାଲ ଜମିରେ ନିଆଁ ଗୁରୁବାର ଅପରାହ୍ନରେ ଭୀତି ସୃଷ୍ଟି କରିଥିଲା। ପବନ ବୋହୁଥିବାରୁ ନିଆଁ ଜୋରରେ ବ୍ୟାପି ପାଖରେ ଥିବା ଶୁଖିଲା କାଠିକୁଟା ଓ ଗଛରେ ଲାଗି ଯାଇଥିଲା। ଅଦର୍ଶ ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କୁ ଆଣୁଥିବା ଟ୍ୟାକ୍ସି ଡ୍ରାଇଭରମାନେ ରାସ୍ତାପାର୍ଶ୍ୱ ଛାଇରେ ଗାଡି ରଖି ବିଶ୍ରାମ ନେଇଥିଲେ। ହଠାତ ନିଆଁ ଦେଖି ଡ୍ରାଇଭରମାନେ ଗାଡିଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ।

## ସଂକ୍ଷେପରେ

### ବଲାଙ୍ଗୀର ପୋଲିସ ହାଇସ୍କୁଲରେ ଭଙ୍ଗାରୁଜା, ଚୋରି

ବଲାଙ୍ଗୀର ଅଫିସ,୯।୩: ବଲାଙ୍ଗୀର ମନୋହରପୁରସ୍ଥିତ ରିଜର୍ଭ ପୋଲିସ ବାରାକ କ୍ୟାମ୍ପସରେ ଥିବା ପୋଲିସ ହାଇସ୍କୁଲରେ ଦୁର୍ବୃତ୍ତମାନେ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହ ବିଭିନ୍ନ ଜିନିଷ ପତ୍ର ଚୋରି କରିନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକ ବିରାଟ କେଶରୀ ପ୍ରଧାନ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଏହି ସ୍କୁଲରେ ଏବେ ୫-ଟି କାର୍ଯ୍ୟ ଚାଲିଛି। ଏହି ଚୋରି ଓ ଭଙ୍ଗାରୁଜା ଘଟଣା ୪ ଦିନ ତଳେ ଘଟିଥିଲେ ମଧ ପୋଲିସ ଚୋରକୁ ଧରିପାରିନାହିଁ । ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସକୁ ଦୁର୍ବୃତ୍ତମାନେ ଖୋଲା ଚ୍ୟାଲେଞ୍ଜ କରି ଅପେରାଧିକ କାର୍ଯ୍ୟକଳାପ ବୃଦ୍ଧି କରିବା ପରେ କିଛିଦିନ ତଳେ ପୋଲିସ ଦମନମୂଳକ ଅଭିଯାନ ଆରମ୍ଭ କରିଥିଲା। ମାତ୍ର ପୋଲିସ ବାରାକ କ୍ୟାମ୍ପସ ଭିତର ସ୍କୁଲରେ ଭଙ୍ଗାରୁଜା ଓ ଚୋରି କରିବା ଘଟଣା ଅପରାଧୀଙ୍କ ପୋଲିସ ପ୍ରତି ଭୟ ନଥିବା ଚର୍ଚ୍ଚାର ବିଷୟ ହୋଇଛି ।

### ମାହେଶ୍ୱରୀ ସଙ୍ଗଠନ ପାଳିଲା ବିଶ୍ୱ ମହିଳା ଦିବସ

ବଲାଙ୍ଗୀର ଅଫିସ,୯।୩: ବଲାଙ୍ଗୀର ସୂର୍ଯ୍ୟନଗରର ସ୍ଥିତ ସ୍ୱଧାର ଗୃହ ଅନ୍ତେବାସୀଙ୍କ ଗହଣରେ ବିଶ୍ୱ ମହିଳା ଦିବସ ଏବଂ ହୋଲି ଉତ୍ସବ ଉତ୍ସାହ ପାଳିତ ହୋଇଛି। ମାହେଶ୍ୱରୀ ସଙ୍ଗଠନ ମହିଳା ଶାଖା ସହସଂଯୋଜିକା କ୍ରିତିକା ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଇଶିକା ଦାସ, ସୁଷମା ବହିଦାର, ସୁପ୍ରମା ବହିଦାର, ବୈଶାଳୀ ବହିଦାର ମହିଳାମାନଙ୍କ ପ୍ରତି ହେଉଥିବା ବିଭିନ୍ନ ନିର୍ଯାତନାର ବିରୋଧରେ ବକ୍ତବ୍ୟ ରଖିଥିଲେ। ଅନ୍ତେବାସୀଙ୍କୁ ଜୀବନର ପ୍ରତିକୂଳ ପରିସ୍ଥିତିରେ ସଫଳ ହେବା ପାଇଁ ଉତ୍ସାହିତ କରିଥିଲେ। ବୈଠକ ପରେ ଅନ୍ତେବାସୀଙ୍କ ସହିତ ହୋଲି ଖେଳି ଏହି ଶୁଭ ଦିନକୁ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱଧାର ଗୃହର ଉଚ୍ଛାଟନନ୍ଦ ମହାକୁର ସହଯୋଗ କରିଥିଲେ। ସଙ୍ଗଠନ ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ, ସଭାପତି ଶୋଭନ କୁମାର ଅଗ୍ରୱାଲ, ସଂଯୋଜକ ସୌମ୍ୟରଞ୍ଜନ ପଣ୍ଡା, ସୋମନାଥ ଘିଭେଲା, ଜିତେନ୍ଦ୍ର କୁମାର ସାହୁ, କରନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ରାଧାକୃଷ୍ଣ ମନ୍ଦିରରେ ହରିହର ଭେଟ ଉତ୍ସବ

ବଲାଙ୍ଗୀର ଅଫିସ,୯।୩: ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ କିରଣ ଓ ରାଧାକୃଷ୍ଣ ମନ୍ଦିର ପକ୍ଷରୁ ୧୩ ତମ ହରିହର ଭେଟ ଓ ଦୋଳ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଛି। ଏକ ସୁସଜ୍ଜିତ ବିମାନ ଯୋଗେ ଦେବଦେବ ମହାଦେବ ଶ୍ରୀହରଙ୍କୁ ଶାସ୍ତ୍ରୀନଗରଠାରୁ ଶତାଧିକ ଭକ୍ତ ବାଜା ଓ ଫଗୁଣର ରଙ୍ଗରେ ଶୋଭାଯାତ୍ରାରେ ପଡା ପରିକ୍ରମା କରି ପ୍ୟାଲେସଲାଇନସ୍ଥିତ ରାଧାକୃଷ୍ଣ ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ଶ୍ରୀ ହରି ଓ ଶ୍ରୀହରଙ୍କ ମିଳନ ଫଗୁ ରଙ୍ଗରେ ଏକ ଭକ୍ତିଭରା ପରିବେଶ ସୃଷ୍ଟି କରିଥିଲା। ଶ୍ରୀହରଙ୍କ ପକ୍ଷରୁ ସନ୍ତୋଷ କୁମାର ସା ଓ ପଦ୍ମିନୀ ସା ଓ ଶ୍ରୀହରିଙ୍କ ପକ୍ଷରୁ ପ୍ରଭାତ ସାହୁ ଓ ଜ୍ୟୋତ୍ସ୍ନାମୟୀ ସାହୁ କର୍ତ୍ତାଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ଏହି ଉପଲକ୍ଷେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କିରଣ ସଙ୍ଗଠକ ମଧୁ ସାହୁ, ସଭାପତି ନରେନ୍ଦ୍ର ପଧାନ, ସମ୍ପାଦକ ନୟନ କୁମାର ସା, ତ୍ରିଲୋଚନ ସିଂହ, ଭାଗବତ ସାହୁ, ବିଳାସ ସାହୁ, କାଞ୍ଚନ ବିଶି, ଗୁଣ ହଂସ, ଫକୀର ମୋହନ ସାହୁ, ଭାସ୍କର ନାୟାର, ପଦ୍ମିନୀ ସାହୁ, ପଦ୍ମାଳୟା ଦାସ, ଦମୟନ୍ତି ସାହୁ, ଶୋଭାବିତ ସାହୁ ଓ କିରଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବହୁ ଭକ୍ତ ସାମିଲ ହୋଇଥିଲେ ।

### କଂଗ୍ରେସ ନେତା ଭୀମସେନ ରଣାଙ୍କ ପରଲୋକ

ଦେଓଗାଁ,୯।୩(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବରିଷ୍ଠ କଂଗ୍ରେସ ନେତା କଛାରପାଲି ରଣାପଡାର ଭୀମସେନ



ରଣା (୮୯)ଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତିନିପୁଅ ବେଲାର, ସୁଦାମ, ସୁବଳ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ବଡପୁଅ ବେଲାର ମୁଖାଗ୍ନି ଦେଇଥିଲେ। ସୋନଗଡ ନଦୀକୂଳ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଭୀମସେନଙ୍କ ବିୟୋଗରେ ବିଧାୟକ ନରସିଂହ ମିଶ୍ର, ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି, ଜନ୍ମେଜୟ ସାହୁ, ବ୍ଲକ କିଷାନସେଲ ସଭାପତି କୁନା ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

# ପରୀକ୍ଷା ଦେବେ ୨୫ ହଜାର ୬୩ ପରୀକ୍ଷାର୍ଥୀ

ବଲାଙ୍ଗୀର ଅଫିସ,୯।୩

**ଆଜିଠାରୁ ମାଟ୍ରିକ୍ ପରୀକ୍ଷା**

- ଜିଲାର ୧୭୭ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା
- ମୁକ୍ତ ଓ ଅବାଧ ପରୀକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା
- ୨୪ ହଜାର ୨୧ ପରୀକ୍ଷାର୍ଥୀ ରେଗୁଲାର
- ୬୨୪ ଏକ୍ସରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ

ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ବା ଦଶମ ବୋର୍ଡ (ମାଟ୍ରିକ୍) ପରୀକ୍ଷା ଶୁକ୍ରବାର ଠାରୁ ଆରମ୍ଭ ହେବ। ଏନେଇ ବଲାଙ୍ଗୀର ଶିକ୍ଷା ବିଭାଗ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣାପଡିଛି। ଜିଲା ଶିକ୍ଷା ଅଧିକାରୀଙ୍କ ଠାରୁ ମିଳିଥିବା ତଥ୍ୟ ମୁତାବକ ଚଳିତବର୍ଷ ବଲାଙ୍ଗୀର ଜିଲାରେ ୩୬୫ଟି ହାଇସ୍କୁଲ ପାଇଁ ୧୭୭ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ସମସ୍ତ ପ୍ରସ୍ତୁତି ସରିଛି। ଚଳିତବର୍ଷ ଜିଲାର ସମୁଦାୟ ୨୫ ହଜାର ୬୩ଟି ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ। ଏଥିରେ ୨୪୦୨୧ ଜଣ ରେଗୁଲାର ପରୀକ୍ଷାର୍ଥୀ, ୬୨୪ ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ, ୧୫୨ ଜଣ ମଧ୍ୟମା ରେଗୁଲାର ଏବଂ ଏକ୍ସରେଗୁଲାର, ୨୫୬ ଜଣ ରାଜ୍ୟମୁକ୍ତ ସ୍କୁଲ କୋର୍ସ ପରୀକ୍ଷାର୍ଥୀ ଏବଂ ୧୦ ଜଣ କରସପଣ୍ଡେସ୍ କୋର୍ସ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାପଡିଛି। ଜିଲାର ୧୭୭ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ଯେଭଳି ଭାବେ ସୁରୁଖୁରୁରେ ପରୀକ୍ଷା ଦେଇପାରିବେ ସେନେଇ ସବୁ ବ୍ୟବସ୍ଥା କରାଯାଇଛି ବୋଲି ଡିଇଓ ଧ୍ରୁବଚରଣ ବେହେରା କହିଛନ୍ତି। ୧୭୭ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୧୨୨ଟି ସରକାରୀ ହାଇସ୍କୁଲ ଏବଂ ୫୫ଟି ଅନୁଦାନପ୍ରାପ୍ତ ତଥା ନୂତନ ଅନୁଦାନପ୍ରାପ୍ତ ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଛି। ଜିଲାର ସମସ୍ତ ୫-ଟି ସ୍କୁଲରେ ସିସିଟିଭି ବ୍ୟବସ୍ଥା ରହିଛି ଏବଂ ଜିଲାର ସମସ୍ତ ୧୭୭ଟି ପରୀକ୍ଷା କେନ୍ଦ୍ରରେ ପିଇବା ପାଣି ବ୍ୟବସ୍ଥା ରହିଥିବା ଡିଇଓ ବେହେରା ସୂଚନା ଦେଇଛନ୍ତି। ପରୀକ୍ଷା ସୁପରିଚାଳନା ପାଇଁ ୪ଟି ସ୍କ୍ୱାଡ ଏବଂ ବୋର୍ଡ ପକ୍ଷରୁ ଏକ ସ୍କ୍ୱାଡ ଗଠନ କରାଯାଇଛି। ଏମାନେ ପରୀକ୍ଷା ସମୟରେ ଜିଲାବ୍ୟାପୀ ପରିକ୍ରମଣ କରି ପରୀକ୍ଷା କେନ୍ଦ୍ରଗୁଡିକ ତଦାରଖ କରିବେ ବୋଲି କୁହାଯାଇଛି। ଏହାବାଦ୍ ପ୍ରଶାସନ ପକ୍ଷରୁ ମଧ ପରୀକ୍ଷା ସୁପରିଚାଳାନା ନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିବା ଡିଇଓ ବେହେରା କହିଛନ୍ତି। ଶୁକ୍ରବାର ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ଦିନ ଓଡିଆ ଭାଷା ସାହିତ୍ୟ ପରୀକ୍ଷା ରହିଛି। ଆସନ୍ତା ୨୦ ମାର୍ଚ୍ଚରେ ମାଟ୍ରିକ୍ ପରୀକ୍ଷା ସରିବ ବୋଲି କୁହାଯାଇଛି।



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାରରେ ଛାତ୍ରୀଛାତ୍ରମାନେ ହୋଲି ଉତ୍ସବ ପାଳନ କରୁଛନ୍ତି ।

# ସୁରେନ୍ଦ୍ର ସଭାପତି, ହେମନ୍ତ ସମ୍ପାଦକ



ସିସିଏଫ୍ଏ କ୍ଲବ୍‌ର ମନୋନୀତ ନୂଆ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି ।

ବଲାଙ୍ଗୀର ଅଫିସ, ୯।୩

**ସିସିଏଫ୍ଏ କ୍ଲବ ନୂତନ କାର୍ଯ୍ୟକାରୀ କମିଟି ଗଠନ**

ବଲାଙ୍ଗୀର କଲେଜ ଛକସ୍ଥିତ ସର୍ବପୁରାତନ ସିସିଏଫ୍ଏ କ୍ଲବର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଦୀର୍ଘ ୧୨ ବର୍ଷ ପରେ କ୍ଲବର ପୁର୍ନଗଠନ ସୁରେନ୍ଦ୍ର ନାଗଙ୍କ ଅଧକ୍ଷତାରେ କଲେଜ ଛକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘଦିନରୁ ଅବହେଳିତ ହୋଇ ରହିଥିବା କ୍ଲବର ନୂତନ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇ ସର୍ବସମ୍ମତି କ୍ରମେ ସୁରେନ୍ଦ୍ର ନାଗ ସଭାପତି, ଗାମାନିଏଲ ନାଗ ଉପସଭାପତି, ହେମନ୍ତ କୁମାର ବେହେରା ସମ୍ପାଦକ, ସରଜୁ କୁମାର ନାଗ ଯୁଗ୍ମ ସମ୍ପାଦକ, ରୂପେଶ କୁମାର ନାଗ କୋଷାଧକ୍ଷ, ଶୋଭନ କୁମାର ଦାଶ ଅଡିଟର, ନିର୍ବାହୀ ପରିଷଦରେ ମନୋଜକାନ୍ତ ନାଗ, ଜ୍ୟୋତିରାଜ ନାଗ, ହୁସେନ ନାଗ, ଶାନ୍ତନୁ କୁମାର ନାଗ ଓ ପରାମର୍ଶଦାତା ଭାବେ ଅଜିତ କୁମାର ପାଲ, ଭଞ୍ଜ କିଶୋର ନାଗ ଓ ରାଜିନ୍ଦ୍ର ପାଲଙ୍କୁ ମନୋନୀତ କରାଯାଇଛି। ତୃଣମୂଳସ୍ତରରୁ ଫୁଟବଲ ଖେଳକୁ ପ୍ରୋତ୍ସାହିତ କରାଯିବାକୁ ମତପ୍ରକାଶ ପାଇଥିଲା । ଫୁଟବଲ ଖେଳାଳି ଚୟନ ଓ ପ୍ରଶିକ୍ଷଣ ନିମନ୍ତେ କ୍ଲବ ସଭ୍ୟ ତଥା ପୂର୍ବତନ ଖେଳାଳି ପୃଥେଶ୍ୱର ନାଗଙ୍କୁ ପ୍ରଶିକ୍ଷକ ଦାୟିତ୍ୱ ଦିଆଯାଇଥିଲା। ବୁଧବାର ନୂତନ କାର୍ଯ୍ୟକାରୀ କମିଟିର ଶପଥ ଗ୍ରହଣ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଡୁଡୁକାସିରା ଘାଟି ନିକଟ ପ୍ରୋଜେକ୍ଟଠାରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସମ୍ପାଦକ ସୁବୋଧ କୁମାର ବାଗ ପଦ ଓ ଗୋପନୀୟତା ପାଠ କରାଇଥିଲେ । ନବନିର୍ବାଚିତ ସାଧାରଣ ସମ୍ପାଦକ ହେମନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦ୍ୟାନ ବିଭାଗ କାର୍ଯ୍ୟାଳୟରୁ ଚୋରି ଉଦ୍ୟମ

ଦେଓଗାଁ,୯।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ତାଲାକାଟି ଦୁର୍ବୃତ୍ତ ଯନ୍ତ୍ରପାତି ଚୋରି ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର କାର୍ଯ୍ୟାଳୟ ଛୁଟିଥିବାରୁ କେହି ବାଡଡେଇଁ ଅଫିସ ତାଲାକାଟି ଭିତରକୁ ପଶିଥିଲେ। ଅଫିସରୁ କମ୍ପ୍ୟୁଟର, ଇନଭର୍ଟର, ବ୍ୟାଟେରୀ, ଷ୍ଟାବିଲାଇଜରକୁ ବାଡପାଖକୁ ଆଣି ରଖିଥିଲେ। କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ସୁଜିତ କୁଦେଇ ଗଛରେ ପାଣିଦେବାପାଇଁ ଆସିବା ବେଳକୁ ଅଫିସ ତାଲା କଟା ଯାଇଥିବା ଦେଖି ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତଙ୍କୁ ଅବଗତ କରିଥିଲେ । ପରେ ବିଭାଗ ତରଫରୁ ଥାନାରେ ଅଭିଯୋଗ କରାଯାଇଥିଲା। ଉକ୍ତ କାର୍ଯ୍ୟାଳୟ ଏକ ନିଛାଟିଆ ସ୍ଥାନରେ ଥିବାରୁ ସିସି ଟିଭି କ୍ୟାମେରା ଲଗାଇବାପାଇଁ ଦାବିହେଉଛି।

# ଶିଶୁ କବିତା ଗୁଚ୍ଛ କଳିକା ଉନ୍ମୋଚିତ




ହରିହର ଭେଟ କାର୍ଯ୍ୟକ୍ରମ ଅବସରରେ କବିତା ଗୁଚ୍ଛ କଳିକା ଉନ୍ମୋଚିତ କରାଯାଉଛି।

ବଲାଙ୍ଗୀର ଅଫିସ, ୯।୩

ହରିହର ଭେଟ ଅବସରରେ ଅଙ୍କୁର ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର ଏବଂ ଶିଶୁ ସାହିତ୍ୟିକ ମଦନ ମୋହନ ରଥଙ୍କ ଚତୁର୍ଥ ଶିଶୁ କବିତା ଗୁଚ୍ଛ କଳିକାର ଉନ୍ମୋଚନ ସମାରୋହ ସଂସଦ ସଭାପତି କସ୍ତୁରୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସମ୍ମାନିତ ଅତିଥି ଶିକ୍ଷାବିତ୍ ସତ୍ୟବନ୍ତ ବେଦବାକ ଏବଂ ସଂସଦ ସମ୍ପାଦକ ଡା. ଅଶୋକ କୁମାର ସେଠୀ ମଞ୍ଚାସୀନ ଥିଲେ। କଳିକାର ସମୀକ୍ଷା କରିଥିଲେ କସ୍ତୁରୀ ରଥ। ଅନୁପ୍ରିୟା ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବିଶେଷ ଅତିଥି ଭାବେ ନୀଳମଣି ମିଶ୍ର ଓ ଜୟରାମ ମିଶ୍ର ଯୋଗ ଦେଇଥିଲେ। ଜ୍ୟୋତିରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ରାତିରେ ରାଧାରାଣୀଙ୍କୁବିମାନରେ ଏକ ପଟୁଆରରେ ମାଲପଡା ରାମସ୍ୱାମୀ ମନ୍ଦିରକୁ ନିଆଯାଇଥିଲା। ଆନନ୍ଦ ମଠରୁ ବାବା ଆଶୁତୋଷ ପଟୁଆରରେ କୀର୍ତ୍ତନ୍ୟ ମଣ୍ଡଳୀ ସହିତ ଆସିଥିଲେ । ସେଠାରେ ହରିହର ଭେଟ କାର୍ଯ୍ୟକ୍ରମ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଦୁର୍ଗା ସାହୁ, କହ୍ନେଇ ଭରାସାଗର, ରାଜୁ ମିଶ୍ର, ବୃଡେନ୍ଦ୍ର ବେହେରା, ପ୍ରଦୀପ ପଶାୟତ, କୋଶଳ ରଥ, ସୁନାଧର ବନଛୋର, ଜଗମୋହନ ରଥ ଓ ମୁନା ସାହୁ ସହଯୋଗ କରିଥିଲେ ।

# ସମ୍ପନ୍ନ ହେଲା ଷୋହଳ ପ୍ରହର ନାମଯଜ୍ଞ

ମୁରିବାହାଲ, ୯।୩(ଡି,ଏନ,ଏ)

ମୁରିବାହାଲ ରାଧାକୃଷ୍ଣ ଓ ଶିବମନ୍ଦିରରେ ଚାଲି ଥିବା ଷୋହଳ ପ୍ରହର ନାମଯଜ୍ଞ ସମ୍ପନ ହୋଇଛି। ନାମଯଜ୍ଞରେ ୧୧ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। କର୍ତ୍ତାଭାବେ ଭବାନୀ ଶଙ୍କର ଶର୍ମା ଓ ତାଙ୍କ ସ୍ତ୍ରୀ ପୂଜା ଶର୍ମା ଦାୟିତ୍ୱ ନିର୍ବାହ କରିଥିଲେ। କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଭାଜପା ନେତା ଲକ୍ଷ୍ମଣ ବାଗ, ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର, ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ହଂସରାଜ ଜୈନ, ବିଡ଼ିଓ ପୂର୍ଣ୍ଣାନନ୍ଦ ପୁଟେଲ, ଗିରିଧାରୀ ସିଂ ମାଝି, ବିଜେଡି ନେତା ଫିରୋଜ ଖାଁ ପ୍ରମୁଖ ଯୋଗଦେଇ ବିଷ୍ଣୁକୃପା ଲାଭ କରିଥିଲେ। କମିଟି ସଭାପତି ରାଜୀବ କୁମାର ମହାନ୍ତି, ମୁଖ୍ୟ ଉପଦେଷ୍ଟା ଶ୍ରୀବତ୍ସ ବେହେରା, ତରୁଣ ପୋଡ଼, ସାଧାରଣ ସମ୍ପାଦକ ସୁଧୀର ପାଣି, କୋଷାଧକ୍ଷ କୃତିବାସ ଦାସ, ନାରାୟଣ ସାହୁ, ଚିନ୍ତାମଣୀ ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଡି ଅବସରରେ ଅମଳେନ୍ଦୁ ଦାସଙ୍କ ସୌଜନ୍ୟରୁ ନିର୍ମିତ ରାଧାକୃଷ୍ଣ ଓ ଶିବ ମନ୍ଦିର ପାଚେରକୁ ସରପଞ୍ଚ ବିଶବିହାରୀ ଯୋଶୀ ଓ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଡା ଉଦ୍‌ଘାଟନ କରିଥିଲେ।

# ଯାଦବ ସମାଜ ଦୋଳ ମହୋତ୍ସବ ଉଦ୍‌ଯାପିତ



ଯାଦବ ସମାଜ ପକ୍ଷରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ସହର ପରିକ୍ରମା କରାଯାଉଛି।

ବଲାଙ୍ଗୀର ଅଫିସ, ୯।୩

ବଲାଙ୍ଗୀର ପୌରାଞ୍ଚଳ ଯାଦବ ସମାଜ ଆନୁକୂଲ୍ୟରେ ଦୋଳ ମହୋତ୍ସବ ପାଳିତ ହୋଇଯାଇଛି। ସକାଳ ୭ଟାରୁ ପୂଜାର୍ଚ୍ଚନା ଆରମ୍ଭ ହୋଇ ୯ଟାରେ ଶେଷ ହୋଇଥିଲା। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ବିମାନରେ ସହର ପରିକ୍ରମା ପାଇଁ ଯାଦବ ଭବନଠାରୁ ଶୋଭାଯାତ୍ରା ବାହାରିଥିଲା । ଚଳିତବର୍ଷ ମହିଳାମାନେ ବିମାନ ଧରି ଶୋଭାଯାତ୍ରାରେ ବାହାରି ଥିଲେ। ସ୍ଥାନେସ୍ଥାନ ବାଡି ଖେଳ ପ୍ରଦର୍ଶନ କରାଯାଇଥିଲା। ବାରିଗାଁ, ତୁଣ୍ଡାଗାଁ ଓ କେଶରପାଲିର ବାଡିଖେଳ ସହ ଗାଁର କିଶାନ ନୃତ୍ୟ ସାମିଲ ହୋଇଥିଲା। ପୂଜା କର୍ତ୍ତାଭାବେ କିଶୋର ଜାଲ ଓ ତାଙ୍କ ସ୍ତ୍ରୀ କୁନୀ ବାଗ ଓ ପୂଜା ପୁରୋହିତ ନୀଳାମୟ ଶତପଥୀ ପୂଜାର୍ଚ୍ଚନା କରିଥିଲେ। ପୌରାଧକ୍ଷ ଲିକା ସାହୁ, ପୌରାଞ୍ଚଳ ସଭାପତି ପଙ୍କଜ ସେଲମା, ଖରତମଲ ରାଉତ, ଦୁତିବାହନ ଚନ୍ଦନ, ଅଷ୍ଟମୀ ବରର୍ଡ୍ତି, ଫଗୁ ଜାଲ, ସାନ ଜାଲ, ଘାସିରାମ ଦିପ, ମହେନ୍ଦ୍ର ବାଗ, ସତ୍ୟନାରାୟଣ ବାଗ, ବରୁଣ କୁମାର ହେର୍ଣ୍ଡା, ବସୁଦେବ ନାଗ, ମଧୁ ନାଏକ, ପ୍ରସନ୍ନ ମିଶ୍ର ଓ ବିଭିନ୍ନ ପଡାରୁ ଆସିଥିବା ଯାଦବମାନେ ଯୋଗ ଦେଇଥିଲେ । ପ୍ରଶାନ୍ତ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ମୁରିବାହାଲ, ୯।୩(ଡି.ଏନ.ଏ.)

**ମା'ଙ୍କୁ ବାପା ମାରି ଦେଇଥିବା ଅଭିଯୋଗ ଆଣିଲେ ପୁଅ**

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଡ଼ଙ୍ଗାବାଞ୍ଜି ଗ୍ରାମରେ ବୁଧବାର ରାତିରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ହେଲେ ଗୋମତି ଧରୁଆ(୫୦)। ତେବେ ତାଙ୍କ ମା'ଙ୍କୁ ବାପା ହୃଷୀ ଧରୁଆ ମାରି ଦେଇଥିବା ପୁଅ ପ୍ରଦୀପ ଧାରୁଆ ଅଭିଯୋଗ ଆଣିଛନ୍ତି। ଅପରପକ୍ଷେ ବେକରେ ରଶିଦେଇ ଗୋମତି ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ ହୃଷୀ ଧରୁଆ କହିଛନ୍ତି। ମୁରିବାହାଲ ଥାନା ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ସାହି ପଡିଶାଙ୍କ କହିବାନୁସାରେ ବିଳମ୍ବିତ ରାତି ଯାଏ ଘରେ ପାଟିତୁଣ୍ଡ ଶୁଭୁଥିଲା। ହେଲେ ଗୁରୁବାର ସକାଳେ ଗୋମତି ମୁହଁମାଡି ଖଟରେ ଶୋଇ ରହିଥିଲେ। ବେକରେ ରଶି ଲଗାଇ ଘରେ ଝୁଲିଥିବା ଦେଖି ହୃଷୀ ତାଙ୍କୁ ଓହ୍ଲାଇ ଖଟରେ ଶୋଇଦେଇଥିବା କହିଥିଲେ। ଖବର ପାଇ ଗାଁର ଅନ୍ୟପଡାରେ ରହୁଥିବା ହୃଷୀଙ୍କ ପୁଅ ପ୍ରଦୀପ ଘଟଣାସ୍ଥଳକୁ ଆସିବା ସହ ପୋଲିସକୁ ଖବର ଦେଇଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇ ନାହିଁ। ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ କମଳ ଲୋଚନ ବେହେରା କହିଛନ୍ତି।

# ଦୃଢ଼ମନା ହୋଇ ଆଗକୁ ବଢ଼ନ୍ତୁ ମହିଳା

ଲୋଇସିଂହା,୯।୧୦(ଡି.ଏନ.ଏ.)

**ଝାରମୁଣ୍ଡାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଥଲେଟିକ ଆସୋସିଏଶନ ଓ ବେଥାନି ସ୍କୁଲର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ଗୁରୁବାର ପାଳିତ ହୋଇଯାଇଛି। ମହିଳାଙ୍କ ଉତ୍ଥାନ, ଉନ୍ନତି ଓ ବିକାଶ ଦିଗରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାପତି ଶ୍ୟାମସୁନ୍ଦର ମେହେର ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥି, ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ସଂଯୁକ୍ତା ବରିହା, ସିଷ୍ଟର ସୁପ୍ରିତା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ନାରୀ ଶକ୍ତି ସବୁଠୁ ବଡଶକ୍ତି । ଯାହା କି ଯୁଗେ ଯୁଗେ ପ୍ରମାଣିତ ହୋଇ ଆସିଛି। ତେଣୁ ମା' ସ୍ୱର୍ଗଠାରୁ ମଧ୍ୟ ଉଚ୍ଚରେ ବୋଲି ମୁଖ୍ୟ ଅତିଥି ବିଶି କହିଥିଲେ। ସେ ଆହୁରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସବୁବେଳେ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଜିଲା ପରିଷଦ ସଭ୍ୟା ବେହେରା କହିଥିଲେ ସୁସ୍ଥ ଏବଂ ଶିକ୍ଷିତ ସମାଜ ଗଠନରେ ମହିଳାଙ୍କ ଅଗ୍ରଣୀ ଭୂମିକା ରହିଛି। ଦୃଢମନା ହୋଇ ଆଗକୁ ବଢିବାକୁ ସେ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପ୍ରତିମା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ପ୍ୟାକ୍ସରୁ ଚୋରି ଧାନ ଜବତ, ଜଣେ ଗିରଫ

**ପଦ୍ମପୁର,୯।୩(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଥାନା ବରିକେଲ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରୁ ୨୦୨୨ ଡିସେମ୍ବର ୨୯ରେ ୧୬ ପ୍ୟାକେଟ ଧାନ ଚୋରି ହୋଇଥିବା ପ୍ୟାକ୍ସ ସଭାପତି ଚିତ୍ତରଞ୍ଜନ ସାହୁ ପଦ୍ମପୁର ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ରାଜେନ୍ଦ୍ର ସିଅଲଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ତଦନ୍ତ କରି ଗତ ୭ ତାରିଖରେ କେର୍ମେଲାବାହାଲର ଗରିବ (ସଞ୍ଜିବ) ତାଣ୍ଡିଙ୍କୁ ଗିରଫ କରିଛି। ତାଙ୍କଠାରୁ ବାଇକ (ନଂ.ଓଡି୧୭ଏନ/୦୭୩୧) ସହ ଧାନ ଜବତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ସମ୍ବଲପୁରୀ ପୋଷାକ ପିନ୍ଧିବେ ସରକାରୀ କର୍ମଚାରୀ

**ବରଗଡ଼ ଅଫିସ୍,୯।୩:** ସମ୍ବଲପୁରୀ ସଂସ୍କୃତି ଏବଂ ବାନ୍ଧକଳାର ପ୍ରୋତ୍ସାହନ ପାଇଁ ଏଣିକି ପ୍ରତ୍ୟେକ ସୋମବାର କାର୍ଯ୍ୟ ଦିବସରେ ବରଗଡ଼ ଜିଲାର ସରକାରୀ କର୍ମଚାରୀମାନେ ସମ୍ବଲପୁରୀ ପୋଷାକ ପରିଧାନ କରି କାର୍ଯ୍ୟାଳୟକୁ ଆସିବେ। ଜିଲାପାଳ ମୋନିଷା ବାନାର୍ଜୀ ତାଙ୍କ ପତ୍ରସଂଖ୍ୟା-୧୩୩୫ ତା-୬।୩।୨୦୨୩ରିଖରେ ଏହା ଉଲ୍ଲେଖ କରି ଜିଲାରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ଏହି ଅନୁରୋଧ କରିଛନ୍ତି। ଜିଲାପାଳ ବାନାର୍ଜୀଙ୍କ ଏଭଳି ନିଷ୍ପତ୍ତିକୁ ଜିଲାର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବାବେଳେ ସମ୍ବଲପୁରୀ ସଂସ୍କୃତି ଏବଂ ବାନ୍ଧକଳାକୁ ଏହା ପ୍ରୋତ୍ସାହିତ କରିଛି ବୋଲି ମତପ୍ରକାଶ ପାଇଛି।

### ୧୯୯୮ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

**ପଦ୍ମପୁର,୯।୩(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଜମଲା ହାଇସ୍କୁଲ ୧୯୯୮ ମାଟ୍ରିକ୍ ବ୍ୟାଚ୍ର ବନ୍ଧୁମିଳନ ସହ ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ହାଇସ୍କୁଲର ଶିକ୍ଷକ ତାରାକାନ୍ତ ମିଶ୍ର, ସୌକିଲାଲ ସାହୁ, ସୋମନାଥ ପାଣିଗ୍ରାହୀ, ଧର୍ମ କୁମାର ବେହେରା, ନନ୍ଦ କୁମାର ଦାଶ, ଦାରାସିଂ ଭୋଇ, ବୈକୁଣ୍ଠ ଭୋଇ, ପ୍ରହ୍ଲାଦ ଛତର, ସତ୍ୟଭାମା ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ହାଇସ୍କୁଲର ଦିବଂଗତ ଶିକ୍ଷକ ମନବୋଧ ବେହେରା, ଗୋପିନାଥ ପଣ୍ଡା, ହେମରାଜ ମେହେର, ତ୍ରିଲୋଚନ କର୍ଣ୍ଣଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା।

### ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତାଙ୍କ ପତ୍ନୀ ବିୟୋଗ

**ସୋହେଲା,୯।୩(ଡି.ଏନ.ଏ.):** ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସ୍ତ୍ରୀ ସୁରେଶ୍ୱରୀ ଦେବତାଙ୍କ ଗୁରୁବାର ସକାଳେ ପରଲୋକ ହୋଇଛି। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ଖବର ପାଇ ଭଟଲି ବିଧାୟକ ଶୁଶାନ୍ତ ସିଂ, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ନିହାର ମହାନନ୍ଦ, ଡାକ୍ତର ଶିଶିର କୁମାର ସାହୁ, ପୂର୍ବତନ ଏମ୍ପି ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବେଶ ଆଚାର୍ଯ୍ୟ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ସୁରେଶ୍ୱର ଶତପଥୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ସୋହେଲା ସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସୋହେଲା ସ୍ୱର୍ଗଦ୍ୱାରରେ ସୁରେଶ୍ୱରୀଙ୍କ ଦାହ ସଂସ୍କାର କରାଯାଇଥିଲା। ପୁଅ ସତ୍ୟନାରାୟଣ ଦେବତା ମୁଖାଗ୍ନି ଦେଇଥିଲେ।

# କେନାଲ କୂଳ ଜମିକୁ ମାଡୁନି ପାଣି



ଆମ୍ଭସଡ଼ା ଗ୍ରାମରେ ପାଣି ଅଭାବରୁ ଧାନ ଫସଲ ଶୁଖିଲା ରହିଛି ।

**ବରଗଡ଼ ଅଫିସ୍,୯।୩**

- କେନାଲ ବିଭାଗର ଦୂରଦୃଷ୍ଟିହୀନତା
- ଚାଷଜମି ଫାଟି ଆଁ କଲାଣି
- ଧାନ ଫସଲ କ୍ଷତି ଚିନ୍ତାରେ ଚାଷୀ

ଚଳିତ ରବିଧାନ ଫସଲରେ ବରଗଡ଼ ଜିଲା ହୀରାକୁଦ ଜଳସେଚିତ ଅଞ୍ଚଳର ଚାଷୀମାନେ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି। କେନାଲ ବିଭାଗର ଦୂରଦୃଷ୍ଟିହୀନତା ଯୋଗୁ ଏହି ସ୍ଥିତି ଉପୁଜିଛି। ବରଗଡ଼ ମୁଖ୍ୟ କେନାଲର କଟାପାଲି ଏବଂ କମଗାଁ ମଝି ଜିରା ନଦୀ ଜଳ ପ୍ରବାହ ନିକଟରେ ଗର୍ତ୍ତ ସୃଷ୍ଟି ହେବା ଯୋଗୁ ଗତ ମାସ ୨୪ତାରିଖରୁ ମୁଖ୍ୟ କେନାଲରେ ପାଣି ଯୋଗାଣ ବନ୍ଦ ରହିଥିଲା। ୯ଦିନ ମରାମତି ହେବା ପରେ ଗତ ୪ତାରିଖରୁ କେନାଲରେ ପାଣି ଛଡ଼ା ଯାଇଥିଲା। ମାତ୍ର ପାଣି ଛଡ଼ାଯିବାର ୫ଦିନ ବିତିଯାଇଥିଲେ ସୁଦ୍ଧା ତଳମୁଣ୍ଡ ଦୂରର କଥା, ବରଗଡ଼ ବ୍ଲକର ଅନେକ ଚାଷଜମିକୁ ପାଣି ମାଡ଼ିନାହିଁ। ଏପରିକି ଉକ୍ତ କେନାଲର ପ୍ରଧାନପାଲି ମାଇନର କେନାଲ ପାର୍ଶ୍ୱ ଜମିକୁ ଏଯାଏ ପାଣି ମାଡ଼ିନାହିଁ। ଫଳରେ ଚାଷଜମି ମାଟି ଫାଟି ଆଁ କଲାଣି। ବରଗଡ଼ ବ୍ଲକ ଆମ୍ଭସଡ଼ା, ବରାହଗୋଡ଼ା ଅଞ୍ଚଳରେ ପାଣି ନ ପାଇ ଧାନ ଫସଲ ନଷ୍ଟ ହୋଇଛି। ତଳମୁଣ୍ଡରେ ସ୍ଥିତି ଆହୁରି ସାଂଘାତିକ ଥିବା ଚାଷୀମାନେ କହିଛନ୍ତି। ଗୁରୁବାର ସନ୍ଧ୍ୟାରେ ପ୍ରଧାନପାଲି ମାଇନର କେନାଲର ଆମ୍ଭସଡ଼ା ଅଞ୍ଚଳକୁ ଅଳ୍ପ ପାଣି ଆସିଥିଲା। କିନ୍ତୁ ତାହା ମଧ୍ୟ କାମକୁ ନୁହେଁ ବୋଲି ଚାଷୀମାନେ କହିଛନ୍ତି। ଅନ୍ୟପଟେ କେନାଲ ମରାମତି ସରିବା ପରେ ବିଭାଗୀୟ ଅଧିକାରୀଙ୍କ ନିରବତାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅନେକ ଅଞ୍ଚଳକୁ ଏପର୍ଯ୍ୟନ୍ତ କେନାଲ ପାଣି ପହଞ୍ଚି ପାରିନାହିଁ। ତଥାପି ବିଭାଗୀୟ ଅଧିକାରୀମାନେ ନିରବଦ୍ରଷ୍ଟା ସାଜିଛନ୍ତି। ଏପରିକି ଚାଷୀମାନେ ଅଭିଯୋଗ ନେଇ ଅଫିସକୁ ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ଦେଖା କରିବାର ସୁଯୋଗ ପାଉନାହାନ୍ତି। ଫୋନ କଲେ ମଧ୍ୟ ସମ୍ପୃକ୍ତ ଅଧିକାରୀଙ୍କ ଫୋନ ନମ୍ବରରେ ଯୋଗାଯୋଗ ସମ୍ଭବ ହେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।। ଏ ସମ୍ପର୍କରେ ବରଗଡ଼ କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ବିଶ୍ୱଜିତ ପାଣିଗ୍ରାହୀଙ୍କୁ ତାଙ୍କ ମୋବାଇଲ ନଂ-୯୪୩୭୮୨୦୫୨ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ମୋବାଇଲ ବନ୍ଦ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ ।

**ଏମାନେ କୁହନ୍ତି...**

**ଉଜୁଡ଼ି ଗଲାଣି ଫସଲ**



“ ୬ଏକର ଧାନ ଫସଲ କରିଛି । ଫସଲ ବି ଭଲ ହୋଇଥିଲା । ସାର ପ୍ରୟୋଗ କରିଥିଲି। କିନ୍ତୁ ଗତ ମାସ ୨୪ତାରିଖରେ ହଠାତ୍ ପାଣି ବନ୍ଦ ହୋଇଗଲା । ଏପର୍ଯ୍ୟନ୍ତ କେନାଲରେ ପାଣି ଆସିନାହିଁ । ଫଳରେ ଧାନ ଫସଲ ସବୁ ଉଜୁଡ଼ି ଗଲାଣି ।

–କୁନୁ ପାତ୍ର, ଚାଷୀ, ଆମ୍ଭସଡ଼ା

**କେନାଲ ବିଭାଗରୁ ନିରାଶ**



“ କେନାଲରେ ଗର୍ତ୍ତ ହୋଇଥିଲା ଏବଂ ମରାମତି ପରେ ପାଣି ଛଡ଼ା ଗଲାଣି ବୋଲି ଶୁଣିଥିଲୁ। କିନ୍ତୁ ଏପର୍ଯ୍ୟନ୍ତ ଆମ ଶାଖା କେନାଲରେ ପାଣି ଆସିନାହିଁ। ଫଳରେ ଆଜି ଜିଲାପାଳ ଓ କେନାଲ ଅଫିସକୁ ଯାଇଥିଲୁ। ହେଲେ କେହି ଦେଖା ଦେଲେନାହିଁ। ନିରାଶ ହୋଇ ଫେରିଲୁ।

–ନରେନ୍ଦ୍ର ଭୋଇ, ଚାଷୀ, ଆମ୍ଭସଡ଼ା

**କେନାଲ ପାଣିକୁ ଅପେକ୍ଷା**



“ ସବୁ ଜମି ଶୁଖିଲା ପଡ଼ିଛି। ମାଟି ଫାଟି ଆଁ କଲାଣି। କେନାଲ ପାଣିକୁ ଅପେକ୍ଷା କରିଛୁ। ହେଲେ କେନାଲରେ ପାଣିର ଦେଖାନାହିଁ। ତଳମୁଣ୍ଡରେ ଅଧିକାଂଶ ଫସଲ ନଷ୍ଟ ହୋଇଗଲାଣି। ପାଣି ଶୀଘ୍ର ନ ଆସିଲେ ଉପରମୁଣ୍ଡ ଫସଲ ବି ଆଉ ରହିବ ନାହିଁ।

–ଅନ୍ତ ପାତ୍ର, ଚାଷୀ, ଆମ୍ଭସଡ଼ା

# କେନାଲ ଅଫିସ ଘେରାଉ



ଚାଷୀମାନେ କେନାଲ ବିଭାଗ ଅଫିସ ଘେରାଉ କରିଛନ୍ତି।

**ବରପାଲି,୯।୩(ଡି.ଏନ.ଏ.)**

ବର୍ତ୍ତମାନ ରବିଧାନ ଫସଲ ସମୟ। ଚାଷଜମିକୁ ପାଣି ଦରକାର। ତେବେ କେନାଲ ପାଣି ବନ୍ଦ ରହିଥିବାରୁ ଚାଷଜମିକୁ ପାଣି ମାଡ଼ିପାରୁନାହିଁ। ବିଭାଗୀୟ ଅଧିକାରୀଙ୍କୁ ଏ ନେଇ ଅବଗତ କରିବା ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଚାଷୀମାନେ କେନାଲ ବିଭାଗ ଅଫିସ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ବରଗଡ ଜିଲା ବରପାଲି ବ୍ଲକ ଅଞ୍ଚଳରେ ଏଭଳି ଦେଖିବାକୁ ମିଳିଛି । ସୂଚନା ଅନୁସାରେ, ବରପାଲି ବ୍ଲକ ଅଧୀନ କାଇଁଶିର, ବାରଙ୍ଗପାଲି, ଖେମେସରା, ଧୀରପୁର, ରେମତା ଓ ବରପାଲି ଅଞ୍ଚଳର ଚାଷୀଜମିକୁ ୧୫ଦିନରୁ ଅଧିକ ହେବ କେନାଲ ପାଣି ମାଡୁନାହିଁ। ଏ ସମ୍ପର୍କରେ ଗତ ୫ ତାରିଖରେ ଅଞ୍ଚଳର ଚାଷୀମାନେ କେନାଲ ବିଭାଗ ଏସ୍‌ଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କୋଣସି ସୁଫଳ ନ ମିଳିବାରୁ ଗୁରୁବାର ସେମାନେ କେନାଲ ବିଭାଗ ଅଫିସକୁ ଘେରାଉ କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳକୁ ପାଣି ଛଡା ନ ଯାଇଛି ସେତେଦିନ ଯାଏ ଅଫିସ ସମ୍ମୁଖରେ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ଅଡ଼ି ବସିଥିଲେ। ଖବର ପାଇ କେନାଲ ବିଭାଗ ଏସି ପ୍ରଭାସ ଚନ୍ଦ୍ର ରଥ ଘଟଣାସ୍ଥଳରେ ପହଞ୍ଚି ଏସ୍‌ଡିଓ ଏବଂ ଚାଷୀମାନଙ୍କ ସହ ଆଲୋଚନା କରିବା ସହ କେନାଲ ଗେଟ୍ ଖୋଲାଯାଇଥିଲା। ସେହିପରି ଚାଷୀମାନେ ଚାଷ କ୍ଷତି ନେଇ ସ୍ଥାନୀୟ ତହସିଲଦାର ରଜ୍ଞଣ ମେହେରଙ୍କୁ ଦାବିପତ୍ର ଦେଇଥିଲେ।

# ରାସ୍ତା ରୋକିଲେ ଚାଷୀ

**ଭେଡେନ,୯।୩(ଡି.ଏନ.ଏ.)**

**ଟେଲ୍ ଅଞ୍ଚଳକୁ କେନାଲ ପାଣି ଅପହଞ୍ଚ**

ବରଗଡ ଜିଲା ଭେଡେନ କେନାଲର ଟେଲ୍ ଅଞ୍ଚଳକୁ ପାଣି ଯାଉନାହିଁ। ଫଳରେ ଚାଷ ଜମି ଫାଟି ଆଁ କଲାଣି। ଧାନ ଗଛଗୁଡିକ ଝାଉଁଳି ମରୁଡି ପରିସ୍ଥିତି ଦେଖାଗଲାଣି। ଏ ନେଇ ଚାଷୀମାନେ କେନାଲ ବିଭାଗ ତଥା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ଫଳରେ ଏହା ଗୁରୁବାର ଆନ୍ଦୋଳନର ରୂପ ନେଇଛି। କୁବେଡେଗା, କୁଟେନପାଲି, ଅମଲିପାଲି, ପଧାନଟିକ୍ରା, ଜାଣ୍ଡୋଲ, ଭେଡେନ ଆଦି ଗ୍ରାମର ଶତାଧିକ ଚାଷୀ ଭେଡେନ–ବରଗଡ ମୁଖ୍ୟରାସ୍ତାକୁ ୪ ଘଣ୍ଟା ଧରି ଅବରୋଧ କରିଥିଲେ। ଖବର ପାଇ ଭେଡେନ ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡା, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ପାଣିଗ୍ରାହୀ, ଏସ୍‌ଡିଓ ରାଜକିଶୋର ମିଶ୍ର, କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ପଟେଲ, ସୁପ୍ରିୟା ଗିରିଦି ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ସନ୍ଧ୍ୟା ସୁଦ୍ଧା ପାଣି ଟେଲ୍ ଅଞ୍ଚଳରେ ପହଞ୍ଚିବ ଏବଂ ଏଣିକି ଉକ୍ତ ଅଞ୍ଚଳକୁ କେନାଲ ପାଣି ଅଭାବ ରହିବ ନାହି ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। କୁନା ମିଶ୍ର, ତ୍ରିଦେବ ରଥ, ମଧୁ ତ୍ରିପାଠୀ, ପ୍ରଦ୍ୟୁତ ତ୍ରିପାଠୀ, ବାବୁଲା ଭୋଇ, ଘାସିରାମ କର୍ମୀ, ରଞ୍ଜନ ତ୍ରିପାଠୀ, ନରେନ୍ଦ୍ର ଭୋଇ, ଭରତ ବରେଇ, ଦିଲୀପ ରଥ ପ୍ରମୁଖ ଚାଷୀ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ଚାଷୀମାନେ ଭେଡେନ–ବରଗଡ ରାସ୍ତା ଅବରୋଧ କରିଛନ୍ତି।

# ଶୃଙ୍ଖଳିତ ସମାଜ ଗଠନରେ ମହିଳାଙ୍କ ପ୍ରମୁଖ ଭୂମିକା ରହିଛି

**ପଦ୍ମପୁର,୯।୩ (ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ମହିଳା ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ବିଜେଡି ଅଫିସରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିଜେଡି ଟାଉନ ସଭାନେତ୍ରୀ ମନୋରମା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଶୃଙ୍ଖଳିତ ସମାଜ ଗଠନରେ ମହିଳାଙ୍କ ପ୍ରମୁଖ ଭୂମିକା ରହିଛି। ସମ୍ବିଧାନରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଇଛି। ମହିଳା ସଶକ୍ତୀକରଣ ଦିଗରେ ସରକାର ଗୁରୁତ୍ୱ ଦେଉଛନ୍ତି। ଆଦର୍ଶ ପରିବାର ଓ ସମାଜ ଗଠନରେ ମହିଳାଙ୍କ ଭୂମିକା ଅପରିହାର୍ଯ୍ୟ ବୋଲି ବରିହା କହିଥିଲେ। ପୂର୍ବତନ ସରପଞ୍ଚ ରଜନୀ ସାହୁ ସଭା ସଂଯୋଜନା କରିଥିଲେ। ପଦ୍ମପୁର ଏନ୍‌ଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ, ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଝାରବନ୍ଧ ବ୍ଲକ ଅଧ୍ୟକ୍ଷା ଲିପ୍‌ସା ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ପୁଟା, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣିମା ରଣା, ପଦ୍ମପୁର ବ୍ଲକ ଉପାଧ୍ୟକ୍ଷା ସଂଯୁକ୍ତା ଚାନ୍ଦ ପ୍ରମୁଖ ମହିଳା ଦିବସ ଉପରେ ନିଜ ନିଜ ମତ ଉପସ୍ଥାପନ କରିଥିଲେ।




ସଭାରେ ମଞ୍ଚାସୀନ ଅତିଥିଗଣ ।

# ୩ ବିଦ୍ୟୁତ୍ କର୍ମଚାରୀ ଗିରଫ

**ପାଇକମାଳ,୯।୩(ଡି.ଏନ.ଏ.)**

**ଟ୍ରାନ୍ସଫର୍ମର ତେଲ, କେବୁଲ ଚୋରି ଘଟଣା**

ବରଗଡ ଜିଲା ପାଇକମାଳ ଥାନା ମନବୋଧପାଲିରେ ଚାଷ ପାଇଁ ନୂତନ ଭାବେ ସ୍ଥାପନ କରାଯାଇଥିବା ଟ୍ରାନ୍ସଫର୍ମରରୁ ତେଲ ଓ ଏଲ୍‌ଆଇ ପଏଣ୍ଟ କେବୁଲ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରପାଲିର ନରସିଂହ ହୋତା (୨୬), କାଂସଡାର ଦେବଦତ୍ତ ଭୋଇ (୨୨) ଚେରଙ୍ଗାଝାଞ୍ଜର ଭକ୍ତ ପାଣ୍ଡେ (୨୮)। ସେମାନଙ୍କଠାରୁ ୨୦ଲିଟର ଟ୍ରାନ୍ସଫର୍ମର ତେଲ ଓ ୧୫୦ମିଟର କେବୁଲ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ପାଇକମାଳରେ ଟାଟା ପାୱାର କର୍ମଚାରୀ ଭାବେ କାମ କରନ୍ତି ବୋଲି ଆଇଆଇସି ସୁଶାନ୍ତ କୁମାର ବଡେଇ ଜଣାଇଛନ୍ତି ।

ସୂଚନା ଅନୁସାରେ, ମନବୋଧପାଲି ଗ୍ରାମରେ ଚାଷ ପାଇଁ ନୂତନ ଟ୍ରାନ୍ସଫର୍ମର ଓ ଏଲ୍‌ଆଇ ପଏଣ୍ଟ ସ୍ଥାପନ କରାଯାଇଥିଲା। ଗତ ୬ ତାରିଖ ରାତିରେ ଟ୍ରାନ୍ସଫର୍ମରରୁ ତେଲ ଓ ଏଲ୍‌ଆଇ ପଏଣ୍ଟ କେବୁଲ ଚୋରି ହୋଇଥିଲା। ଏ ନେଇ ଚାଷୀ ପ୍ରେମାନନ୍ଦ ସାହୁ ଗତ ୭ ତାରିଖରେ ପାଇକମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୪/୨୩) ରୁଜୁ କରି ତଦନ୍ତ କରିଥିଲା।

# କ୍ରିକେଟ: ଦେଉଳି ବିଜୟୀ

**ପଦ୍ମପୁର,୯।୩(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଦେଉଳୀ ଖେଳ ପଡିଆରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଏକାଦଶ ଓ ଦେଉଳୀ ଏକାଦଶ ମଧ୍ୟରେ ହୋଇଥିବା ଏହି ମ୍ୟାଚ୍‌ରେ ଦେଉଳୀ ଦଳ ବିଜୟୀ ହୋଇଥିଲେ। ସୁଶାନ୍ତ ମହାନନ୍ଦ ଓ ମୋହନ ଭୋଇ ଖେଳ ପରିଚାଳନା କରିଥିବା ବେଳେ ଭକ୍ତ ସାହୁ ସ୍କୋରିଂ କରିଥିଲେ। ବରିଷ୍ଠ ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସୁଜିତ ମାଝୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ରେ ସମ୍ମାନିତ କରିଥିଲେ। ସଦାନନ୍ଦ ମେହେର, ମନୀଷ ସାହୁ, କିଷନ ବରିହା, ରୂପକ ସାହୁ, ଦୀପକ ସାହୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମହେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ରଙ୍ଗ ବଦଳରେ ଫୁଲର ହୋଲି

**ବରଗଡ଼ ଅଫିସ୍,୯।୩**

ବରଗଡ଼ ଜିଲାରେ ବୁଧବାର ହୋଲି ପର୍ବ ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଯାଇଛି। ତେବେ ବରଗଡ଼ ସହରର ପୁରୋହିତ ଜେନେରାଲ ହସ୍ପିଟାଲ ସମ୍ମୁଖରେ ନିଆରା କାର୍ଯ୍ୟକ୍ରମ ଫୁଲର ହୋଲି ଆୟୋଜିତ ହୋଇଥିଲା। ପୁରୋହିତ ଜେନେରାଲ ହସ୍ପିଟାଲ ମୁଖ୍ୟ ଡା. ରାମକୃଷ୍ଣ ପୁରୋହିତ ଏବଂ ସ୍ତ୍ରୀ ମମତା ପୁରୋହିତଙ୍କ ଉଦ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଥିଲା। ହସ୍ପିଟାଲ ସମ୍ମୁଖରେ ପଦ୍ମ, ଗୋଲାପ, ପଳାଶ ଆଦି ଭଳିକି ଭଳି ଫୁଲ ରଖାଯାଇଥିଲା। ଏହାସହ ୨ଜଣ ଶିଶୁ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ସେଠାକୁ ଯେଉଁମାନେ ଆସୁଥିଲେ ଡା. ପୁରୋହିତ ଓ ତାଙ୍କ ସ୍ତ୍ରୀ ସେମାନଙ୍କୁ ସ୍ୱାଗତ କରୁଥିଲେ ଏବଂ ରଙ୍ଗ ବଦଳରେ ଫୁଲରେ ସେମାନଙ୍କ ସହ ହୋଲି ଉତ୍ସବ ମନାଇଥିଲେ। ରାସାୟନିକ ରଙ୍ଗ ବ୍ୟବହାର ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଫଳରେ ପ୍ରାୟ ୫ବର୍ଷ ହେଲା ଫୁଲର ହୋଲି ମାଧ୍ୟମରେ ଭାଇଚାରାର ସଚେତନତା ବାର୍ତ୍ତା ବାଣ୍ଟିବା ପାଇଁ ସେ ଏଭଳି ଉଦ୍ୟମ କରିଆସୁଥିବା ଡା. ପୁରୋହିତ କହିଛନ୍ତି। ଆଗକୁ ମଧ୍ୟ ସେ ଏଭଳି ପ୍ରୟାସ ଜାରି ରଖିବେ। ହୋଲିରେ ରାସାୟନିକ ରଙ୍ଗ ବ୍ୟବହାରରୁ ଦୂରେଇ ରହି ପ୍ରକୃତିଜାତ ରଙ୍ଗ ବେରଙ୍ଗର ଫୁଲରେ ହୋଲି ପାଳନ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।



ବରଗଡ଼ରେ ଫୁଲରେ ହୋଲି ଖେଳ ।

# ଶାନ୍ତି ତପୋବନ ଆଶ୍ରମରେ ବସନ୍ତ ମିଳନ

**ବରଗଡ଼ ଅଫିସ୍,୯।୩**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦ ନିକଟ ଶାନ୍ତି ତପୋବନ ଆଶ୍ରମ ତଥା ସଂଯୁକ୍ତ ଯୁବ ସଙ୍ଗଠନ ପକ୍ଷରୁ ଫାଲଗୁନ ଉତ୍ସବ ତଥା ବସନ୍ତ ମିଳନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ଉକ୍ତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ସୋହେଲା ତହସିଲଦାର ହରିଓମ୍ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ହୋଲିକା ଦହନ ସହିତ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ସ୍ୱାମୀ ନାରଦାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଯଜ୍ଞ ଏବଂ ମାତୃଛାୟାରେ ଜନ୍ମିତ ଶିଶୁକନ୍ୟାର ଅନ୍ନପ୍ରାସନ୍ନ ଓ ବାଇପାଲିର ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଅନ୍ତିମ ଦିବସରେ ହୋଲି ପାଳନ ସହ ବ୍ୟଙ୍ଗକବି ସମ୍ମିଳନୀ ଏବଂ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। ଏଥିରେ ସ୍ୱାମୀ ସୋମବେଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ଧନୁ ଓ ତୀର ମାଧ୍ୟମରେ ରଙ୍ଗ ମାଠିଆ ଭଗ୍ନ ହୋଇଥିଲା। ନିମନ୍ତ୍ରିତ ଅତିଥିଙ୍କ ଗହଣରେ ମାତୃଛାୟା, ବାନପ୍ରସ୍ଥ ଅନ୍ତେବାସିନୀମାନେ ବିଟ୍, ନିମ୍ବପତ୍ର ଏବଂ ହଳଦୀରୁ ପ୍ରସ୍ତୁତ ରଙ୍ଗରେ ହୋଲି ଖେଳିଥିଲେ। ସଂଯୁକ୍ତ ଯୁବ ସଙ୍ଗଠନର ପୂର୍ବତନ ସଭାପତି ରମାକାନ୍ତ ତ୍ରିପାଠୀ ଓ ସୁରେନ୍ଦ୍ର ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସମାଜସେବୀ ନିହାଲ ସିଂ ଅତିଥି ଭାବେ ଯୋଗଦାନ କରିଥିଲେ। ରଞ୍ଜିତ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହାସ୍ୟ, ବ୍ୟଙ୍ଗ କବି ସମ୍ମିଳନୀରେ ସଙ୍ଗୀତା ପଣ୍ଡା, ମଞ୍ଜୁଳତା ସାହୁ, ସୋନାଲି ପାଢ଼ୀ, ସ୍ୱପ୍ନାରାଣୀ ସାହୁ, ଅହଲ୍ୟା ପ୍ରଧାନ କବିତା ପାଠ କରିଥିଲେ। ସମାଜସେବା ପାଇଁ ନିହାଲ ସିଂ ଏବଂ ଲବଙ୍ଗ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁକଲ୍ୟାଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଥିଲା। ଏଥିରେ ଜିଲା ଜଜ୍ ଲୁନା ମହାନ୍ତିଙ୍କ ସମେତ ଅନ୍ୟ ବିଚାରପତି, ଉପଜିଲାପାଳ ଲଲାଟ କୁମାର ଲୁହା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମୋହିତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ କଳାକାର ଶ୍ରୀୟା ଖମାରୀ, ସାଇନା ସା ନୃତ୍ୟ ପରିବେଷଣ କରିଥିବାବେଳେ ତୃପ୍ତିମୟୀ ପଣ୍ଡା କବିତା ପାଠ କରିଥିଲେ।



ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଧନୁତୀରରେ ରଙ୍ଗ ମାଠିଆ ଭାଙ୍ଗୁଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ବ୍ରଜରାଜନଗର,୯।୩(ଡି.ଏନ.ଏ.):** ବ୍ରଜରାଜନଗର ଥାନା ଅନ୍ତର୍ଗତ କଲେଜ ପାଖରେ ଥିବା ୧୧କେଭି ବିଦ୍ୟୁତ୍ ଖୁଣ୍ଟରୁ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶାସ୍ତ୍ରୀ ନଗରର ଆଶିଷ ତୀରକୀ। ମଙ୍ଗଳବାର ରାତିରେ ଆଶିଷ ଘରେ କଳିକରି ଚାଲିଆସିଥିବା ତାଙ୍କ ବାପା ଦିଲୀପ କହିଛନ୍ତି। ହେଲେ କେଉଁ କାରଣରୁ ସେ ବିଦ୍ୟୁତ୍ ଖୁଣ୍ଟରେ ଚଢିଥିଲେ ତାହା ଜଣାପଡି ନାହିଁ। ବ୍ରଜରାଜନଗର ପୋଲିସ ଏକ ମାମଲା (ନଂ୧୪/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବ୍ୟବସାୟୀଙ୍କୁ ମାଡ଼: ଥାନାରେ ମାମଲା

**ବ୍ରଜରାଜନଗର,୯।୩(ଡି.ଏନ.ଏ.):** ବ୍ରଜରଜନଗର ଥାନା ଅନ୍ତର୍ଗତ ଭୁତ ବଙ୍ଗଳା ଛକର ବ୍ୟବସାୟୀ ଚନ୍ଦନ ଦେବନାଥଙ୍କୁ ବୁଧବାର ମାଡ଼ ହୋଇଛି। ଏ ନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାସ୍ଥଳରୁ ଜଣଙ୍କୁ କାବୁ କରିଛି। ହେଲେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ ଅପରାହ୍ନ ପ୍ରାୟ ୪ଟା ସମୟରେ କେତେଜଣ ଯୁବକ ଆସି ଚନ୍ଦନଙ୍କ ସହ କୌଣସି କାରଣକୁ ନେଇ ବଚସା କରି ମାଡ ମରିଥିଲେ। ଏଥିରେ ଚନ୍ଦନର ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଫେରାର ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ତଦନ୍ତକାରୀ ଅଫିସର ପ୍ରଦୀପ ସାହୁ ପ୍ରକାଶ କରିଛନ୍ତି।

### ଧକ୍କା ହୋଇ ଜଳିଗଲା ଗାଡ଼ି

**ବ୍ରଜରାଜନଗର,୯।୩ (ଡି.ଏନ.ଏ.):** ଜାତୀୟ ରାଜପଥ ୪୯ର ଆମଦାରହ ପାଖରେ ବିପରୀତ ଦିଗରୁ ଅସୁଥିବା ଦୁଇ ଭାରୀଯାନ ମଧ୍ୟରେ ଧକ୍କା ହେବାରୁ ଗୋଟିଏ ଯାନ ସମ୍ପୂର୍ଣ୍ଣ ଜଳିଯାଇଛି। ସୂଚନା ଅନୁଯାୟୀ ଓଡି୨୩ଏନ୍-୫୩୫୬ନଂ. ବିଶିଷ୍ଟ ଟ୍ରକ୍ ବେଲପାହାଡ ପଟୁ ଆସୁଥିବାବେଳେ ଝାରସୁଗୁଡା ପଟୁ କୋଇଲା ବୋଝେଇ ଟ୍ରକ୍ (ଓଡି୩୫ଏଫ-୮୪୪) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳର କୋଇଲା ବୋଝେଇ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ଉପରୁ ୧୦୦ମିଟର ତଳକୁ ଖସିପଡିବାରୁ ଏଥିରେ ସ୍ୱତଃପ୍ରବୃତ୍ତ ଭାବରେ ନିଆଁ ଲାଗି ଜଳିଯାଇଛି। ସୌଭାଗ୍ୟ ବଶତଃ ଉଭୟ ଚାଳକ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି।

### ଅଷ୍ଟପ୍ରହର ନାମ ଯଜ୍ଞ

**ପଡିଆବାହାଲ, ୯।୩(ଡି.ଏନ.ଏ.):** ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ବୁଧବାର ଶେଷ ହୋଇଛି। ସ୍ୱର୍ଗତ ଭୀଷ୍ମଦେବ ବଡ଼ପଣ୍ଡା ଓ ସ୍ୱର୍ଗତ ସୁଧାମୟୀଙ୍କ ସ୍ମୃତିରେ ରୁଦ୍ରପ୍ରସନ୍ନ ଏବଂ ଶକ୍ତିପ୍ରସନ୍ନ ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ହରେଷ ମିଶ୍ର, ରାଜେନ୍ଦ୍ର ବେହେରା, ପ୍ରଶାନ୍ତ ମିଶ୍ର, ରିଙ୍କୁ ବେହେରା ପୌରୋହିତ୍ୟ କରିଥିଲେ। ଏଥିରେ ବଡତୁରାଙ୍ଗ, ପଟୁଆବାହାଲ, ପଧାନପାଲି ପ୍ରଭୃତି ଦଳ ନାମ ସଂକୀର୍ତ୍ତନ କରିଥିଲେ। ବୁଲୁ ମିଶ୍ର, ଦିଲୀପ ପଣ୍ଡା, କୃଷ୍ଣ ପ୍ରଧାନ, ଅକ୍ଷୟ ନାୟକ ସପତ୍ନିକ ସହ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

### ବୁର୍ଲା ଇସ୍କନ ମନ୍ଦିରରେ ଗୌର ପୂର୍ଣ୍ଣିମା

**ସମ୍ବଲପୁର,୯।୩(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଇସ୍କନ ମନ୍ଦିରରେ ଗୌର ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, ହୋଲି ଉତ୍ସବ ପାଳିତ ହୋଇଛି। ଉତ୍ସବରେ ହୀରାକୁଦ, ବୁର୍ଲା, ସମ୍ବଲପୁର, ଶାସନ, ପରମାଣପୁର, ଅତାବିରା ଅଞ୍ଚଳର ବହୁ ଭକ୍ତ ଯୋଗଦାନ କରିଥିଲେ। ଶ୍ରୀକୃଷ୍ଣ ଚୈତନ୍ୟ ମହାପ୍ରଭୁ (ଗୌରାଙ୍ଗ ମହାପ୍ରଭୁ) ରୂପରେ ଧରାପୃଷ୍ଠରେ ଅବତରଣ କରିଥିଲେ। ଏହା ହେଉଛି ତାଙ୍କର ୫୩୭ ତମ ଜନ୍ମ ଉତ୍ସବ। ଗୌର ପୂର୍ଣ୍ଣିମା ଅବସରରେ ଚୈତନ୍ୟ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ସକାଳେ ଦର୍ଶନ ଆଳତି, କୀର୍ତ୍ତନ ମେଳା ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ମନ୍ଦିର ମୁଖ୍ୟ ଶ୍ରୀପାଦ ଅମାୟୀ ଦାସ ପରିଚାଳନା କରିଥିଲେ।

### ଛାତ୍ରୀ ସମ୍ମାନିତ

**ବ୍ରଜରାଜନଗର,୯।୩ (ଡି.ଏନ.ଏ.):** ଝାରସୁଗୁଡା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବେଲପାହାଡ଼, ଲଖନପୁର, ଲାଇକେରା, କୋଲାବିରା, କିର୍ମିରା, ବ୍ରଜରଜନଗର ଅଞ୍ଚଳରୁ ଛାତ୍ରୀମାନେ ଅଂଶଗ୍ରହଣ କରି ନାରୀ ସଶକ୍ତୀକରଣ ଉପରେ ନିଜର ମତ ରଖିଥିଲେ। ବ୍ରଜରାଜନଗର ଡ଼ିଏଭି ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ସାଇ ସୃଷ୍ଟି ସ୍ୱାଇଁ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲାପାଳ ସରୋଜ ସାମଲ ଉକ୍ତ ଛାତ୍ରୀଙ୍କୁ ସମ୍ମାନିତ କରିବା ସହିତ ୨୫୦୦ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ।

## ବେଦ ଉପନିଷଦରେ ରହିଛି ଜୀବନର ମୂଳତତ୍ତ୍ୱ

### ମାତୃକ୍ଷେତ୍ରରେ ରାଜ୍ୟସ୍ତରୀୟ ସମାବେଶ

**ସମ୍ବଲପୁର,୯।୩(ବ୍ୟୁରୋ)**

ସମ୍ବଲପୁର ଦେଦର ନୂଆପାଲିସ୍ଥିତ ଉଦୀୟମାନ ମାତୃକ୍ଷେତ୍ରରେ ହେଉଥିବା ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ୫୦ତମ ୪ ଦିନିଆ ସମାବେଶ ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ଏସ୍‌ପି ବି. ଗଙ୍ଗାଧର ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ମହାଯୋଗୀ ହେଉଛନ୍ତି ଶ୍ରୀଅରବିନ୍ଦ। ଆମେ ସମସ୍ତେ ତାଙ୍କ ମାର୍ଗରେ ସାଧନା କରି ସେହି ସ୍ତରରେ ପହଞ୍ଚିପାରିବା ବୋଲି କହିଥିଲେ । ସବୁର ମୂଳ ତତ୍ତ୍ୱ ଭାରତୀୟ ବେଦ ଉପନିଷଦରେ ରହିଛି। ସଭାକୁ ଭାଗୀରଥି ମହାପାତ୍ର ସଂଯୋଜନା କରିଥିବା ବେଳେ ବକ୍ତା ଭାବେ ପ୍ରସାଦ ତ୍ରିପାଠୀ, ଭବେଶ ଚନ୍ଦ୍ର ସାହୁ ଯୋଗଦେଇ ଆଲୋଚନା କରିଥିଲେ। ବିଭିନ୍ନ



ନୂଆପାଲି ଶ୍ରୀଅରବିନ୍ଦ ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତା ।

ଆଲୋଚନାରେ ପଣ୍ଡିଚେରୀ ଆଶ୍ରମର ବିଶିଷ୍ଟ ସାଧକ ଡା. ଆଲୋକ ପାଣ୍ଡେ, ମ୍ୟାନେଜିଂ ଟ୍ରଷ୍ଟି ଉଦିତ ବାବୁ, ଉଚ୍ଚ ଶିକ୍ଷା ମନ୍ତ୍ରୀ ତଥା ସୁବର୍ଣ୍ଣ ଜୟନ୍ତୀ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ରୋହିତ ପୂଜାରୀ, ସଂଗତି ମଣ୍ଡଳର ସଭାପତି ମନୋରଞ୍ଜନ ପଟ୍ଟନାୟକ, ଆବାହକ ପ୍ରଫୁଲ୍ଲ ପଣ୍ଡା, ଡା. ବିରଞ୍ଚି ମହାପାତ୍ର, ଏମ୍‌ସିଏଲ୍‌ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପ୍ରଣବ କୁମାର ପଟେଲ, ଆର୍ଥିକ ନିର୍ଦ୍ଦେଶକ ଅଜିତ କୁମାର ବେହୁରା, ଅରୁଣ କୁମାର ତ୍ରିପାଠୀ, ରାଧାକାନ୍ତ ମିଶ୍ର, ଦେବରାଜ ବେହେରା, ସୁବାସ କର, ଡମ୍ବରୁଧର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଏକ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସୁଦୃଶ୍ୟ ସ୍ମରଣିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ଛାତ୍ରୀଛାତ୍ର ନୃତ୍ୟ, ସଙ୍ଗୀତ ତଥା ଶାରୀରିକ କୌଶଳ ପ୍ରଦର୍ଶନ କରିଥିଲେ। ଉପେନ୍ଦ୍ର ମହାପାତ୍ର ଓ ତପସ୍ୱିନୀ ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସମାବେଶରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ପ୍ରତିନିଧି ଯୋଗଦେଇଥିଲେ।

## ଜଳିଗଲା ବ୍ୟାଟେରି ଚାଳିତ ସ୍କୁଟି

**ସମ୍ବଲପୁର,୯।୩(ବ୍ୟୁରୋ)**

ସମ୍ବଲପୁର ସଦର ଥାନା ଗୁରୁପାଲି ଗ୍ରାମରେ ଏକ ବ୍ୟାଟେରି ଚାଳିତ ସ୍କୁଟି ଜଳିଯାଇଛି। ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ସ୍କୁଟି ମାଲିକ ଜଗନ୍ନାଥ ଦିକ୍ଷିତ। ଜଗନ୍ନାଥ କହନ୍ତି, ଚାର୍ଜରେ ବସାଯାଇଥିଲା। ଚାର୍ଜ ଖୋଲି ସ୍କୁଟି ଗେଟ୍ ବାହାରକୁ ନେଇଥିଲି। ସ୍କୁଟିରେ ବସିବା ପରେ ଷ୍ଟାର୍ଟ କରିବାକୁ ଚାବି ବାହାର କରିଥିଲି। ଏହି ସମୟରେ ପଛପଟୁ ପୋଡା ଗନ୍ଧ ସହ ଧୂଆଁ ବାହାରିଥିଲା। ଏହା ଦେଖି ସ୍କୁଟିରୁ ଓହ୍ଲାଇ ପଡିଥିଲି। କେଇ ସେକେଣ୍ଡ ଭିତରେ ସ୍କୁଟିରେ ପ୍ରବଳ ଧୂଆଁ ବାହାରିବା ସହ ନିଆଁ ଲାଗିଯାଇଥିଲା। ନିଆଁ ଚାରିପଟକୁ ବ୍ୟାପିଯାଇଥିଲା। ବାଲି ଓ ପାଣି ପକାଇ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିବା ବେଳେ ନିଆଁ ପରିମାଣ ବଢି ଯାଇଥିଲା। ବହୁ କଷ୍ଟରେ ନିଆଁ ଆୟତ୍ତ ହୋଇଥିଲେ ହେଁ ସ୍କୁଟି ପୋଡିଯାଇଛି। ଗାଡି ପ୍ରାୟ ୧ ବର୍ଷ ପୂର୍ବରୁ କିଣିଥିଲି। ସେ ସମୟରେ ବୀମା କରିବାକୁ ଡିଲରମାନେ

### ବୀମା ପାଇଁ ମନାକଲେ, ଏବେ ଫସିଯାଇଛୁ



ଗୁରୁପାଲି ଗ୍ରାମରେ ସ୍କୁଟି ଜଳିଯାଉଛି ।

ମନା କରି ଦେଇଥିଲେ। ବିଦ୍ୟୁତ୍ ଚାଳିତ ସ୍କୁଟି ବୀମା ହେଉ ନ ଥିବା କହିଥିଲେ। କେବଳ ବ୍ୟାଟେରିରେ ବୀମା ରହିଛି, ଯଦି ଖରାପ ହେବ ମରାମତି କରାଯିବ। ଏବେ ଆମେ ଫସିଯାଇଛୁ। ପ୍ରାୟ ୯୦ ହଜାର ଟଙ୍କା ବରବାଦ ହୋଇଗଲା। ବ୍ୟାଟେରି ଚାଳିତ ଗାଡି ବିକ୍ରି ପାଇଁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ହେଲେ ଏହାର ସୁରକ୍ଷା ଓ ଗ୍ରାହକଙ୍କ ସୁବିଧା ପାଇଁ ଆଦୌ ଗୁରୁତ୍ୱ ଦେଉନାହାନ୍ତି ବୋଲି ସେ କହିଥିଲେ।

## ମୋରମ ଚୋରା ଚାଲାଣ: ଧରାପଡିଲା ୫ ହାଇୱା



ଜବତ ହୋଇଥିବା ହାଇୱା ।

**କୋଲାବିରା,୯।୩(ଡି.ଏନ.ଏ.)**

ରାସ୍ତା କଡରୁ ବେଆଇନ ଭାବେ ମାଟି, ମୋରମ ଉତ୍ତୋଳନ କରିବା ଅଭିଯୋଗରେ କୋଲାବିରା ରାଜସ୍ୱ ବିଭାଗ ଓ ପୋଲିସ ମିଳିତ ଚଢାଉ କରି ୪ ହାଇୱା ଜବତ କରିଛି। ଏପରି ଘଟଣା କୋଲାବିରା ଶିରିଆପାଲି ଅଞ୍ଚଳରେ ଦେଖିବାକୁ ମିଳିଛି। ମଙ୍ଗଳବାର ଛୁଟି ଦିବସର ସୁଯୋଗ ନେଇ କେତେଜଣ ବ୍ୟକ୍ତି ମାଟି, ମୋରମ ଉତ୍ତୋଳନ କରୁଥିଲେ। ଏପରି କି ରାତି ସାଢେ ୧୧ଟା ପର୍ଯ୍ୟନ୍ତ ମେଶିନ ସାହାଯ୍ୟରେ ଲଘୁ ଖଣିଜ ଉତ୍ତୋଳନ କରି ଚାଲାଣ କରାଯାଉଥିଲା। ଏ ସମ୍ପର୍କରେ ଖବର ପାଇ କୋଲାବିରା ତହସିଲଦାର କୋଲାବିରା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୋରମ ପରିବହନ କରୁଥିବା ଓଡି୨୩ ଜି-୩୨୭୨, ଓଡି୨୩ଜି-୧୬୭୨, ଓଡି୨୩ଜି-୩୮୭୨, ଓଡି୨୩ଜି-୮୫୭୨ ଓ ଓଡି ୨୩ଜି-୯୧୭୨ ନମ୍ବର ବିଶିଷ୍ଟ ହାଇୱା ଜବତ କରିଥିଲା। ଏ ସଂକ୍ରାନ୍ତରେ କୋଲାବିରା ତହସିଲଦାର ଦିଲୀପ କୁମାର ପଧାନ କହିଛନ୍ତି, ଘଟଣାକୁ ଗୁରୁତର ସହ ନିଆଯାଉଛି। ଧରାପଡିଥିବା ୫ ହାଇୱାରୁ ଏକଲକ୍ଷ ୨୫ ହଜାର ଟଙ୍କା ଜରିମାନା କରାଯାଇଥିବା ସେ କହିଛନ୍ତି।

## ନବବଧୂ ଆତ୍ମହତ୍ୟା: ସ୍ୱାମୀ, ଶାଶୁ, ଶ୍ୱଶୁର ଗିରଫ

**ନାକଟିଦେଉଳ,୯।୩(ଡ଼ି.ଏନ.ଏ.)**

ନାକଟିଦେଉଳ ଥାନା ବିନ୍ଧପୁର ଗ୍ରାମରେ ନବବଧୂ ଆତ୍ମହତ୍ୟା ଘଟଣାରେ ପୋଲିସ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁସାରେ କିସିଣ୍ଡା ଥାନା ଅନ୍ତର୍ଗତ ଉପରମୁଣ୍ଡା ଗ୍ରାମର ମେନକା ରାଉଳ ଓ ନାକଟିଦେଉଳ ଥାନା ଅନ୍ତର୍ଗତ ବିନ୍ଧପୁର ଗ୍ରାମର ଜୁଲୁ ସାହୁ ପରସ୍ପରକୁ ଭଲପାଇ ଆସୁଥିଲେ। ତେବେ ଗତ ୧୦।୪।୨୨ରେ ଉପରମୁଣ୍ଡା ଗ୍ରାମରେ ଦଣ୍ଡ ନୃତ୍ୟ ହେଉଥିଲା ବେଳେ ଜୁଲୁ ସେଠାରେ ପହଞ୍ଚିଥିଲେ। ସେହି ଦିନ ମେନକା ଦଣ୍ଡ ଦେଖିଯାଉଛି ବୋଲି ପରିବାର ଲୋକଙ୍କୁ କହି ଜୁଲୁ ସହିତ ଘରସଂସାର କରିବାକୁ ଚାଲିଯାଇଥିଲା। ଏଣେ ପରିବାର ଲୋକେ ଜୁଲୁଙ୍କ ଘରେ ମେନକା ଥିବା ଜାଣିବା ପରେ ୧୮।୪।୨୨ରେ ଗ୍ରାମକୁ ଯାଇ ଭଦ୍ରଲୋକଙ୍କ ଉପସ୍ଥିତିରେ ଉଭୟଙ୍କ ବାହାଘର କରାଇଥିଲେ। ଏହାର ୨ମାସ ପରେ ମେନକାର ବାପଘର ତରଫରୁ ଘରକରଣା ସାମଗ୍ରୀ ଜ୍ୱାଇଁଙ୍କୁ ଦିଆଯାଇଥିଲା। ତେବେ ବିବାହର ୪ମାସ ପରେ ଶାଶୁ ଘର ତରଫରୁ ମୋଟର ସାଇକେଲ ସହ ୧ଲକ୍ଷ ଟଙ୍କା ଯୌତୁକ ଦାବି କରି ମେନକାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ସ୍ୱାମୀ ଜୁଲୁ ଗତ କିଛିମାସ ହେଲା ଭୁବନେଶ୍ୱରରେ ଯାଇ ସିକ୍ୟୁରିଟି ଗାର୍ଡ଼ ଭାବେ କାର୍ଯ୍ୟ କରୁଛନ୍ତି। ଏଣେ ନିର୍ଯାତନା ଅସହ୍ୟ ହେବାରୁ ମେନକା ଗତ ୫ତାରିଖରେ ବିଷ ପିଇଦେଇଥିଲେ। ଏହା ଜଣାପଡ଼ିବା ପରେ ଶାଶୁ ଘର ଲୋକେ ତାଙ୍କୁ ଛତାବର ଡ଼ାକ୍ତରଖାନା ନେଇଥିଲେ। ତେବେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଦେବଗଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ୬ତାରିଖରେ ମୃତା ମେନକାଙ୍କ ଭାଇ ପ୍ରେମାନନ୍ଦ ରାଉଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ ନଂ୩୨/୨୩ରେ ମାମଲା ରୁଜୁ କରି ସ୍ୱାମୀ ଜୁଲୁ ସାହୁ, ଶାଶୁ ପଦ୍ମାବତୀ ସାହୁ ଓ ଶ୍ୱଶୁର ଲୋକନାଥ ସାହୁଙ୍କୁ ଗିରଫ କରିଥିଲା। ଗିରଫ ୩ଜଣଙ୍କ ବିରୋଧରେ ୩୦୪(ଖ), ୪୯୮(କ), ୩୪ ଆଇପିସରେ ବୁଧବାର ରେଢାଖୋଲ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ କୃପା ବାଗ ସୂଚନା ଦେଇଛନ୍ତି।

## ବିଡି ଶ୍ରମିକଙ୍କ ବିକଳ୍ପ ରୋଜଗାର କର୍ମଶାଳା

**ରେଙ୍ଗାଲି,୯।୩(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବିଡ଼ି ଶ୍ରମିକଙ୍କ ବିକଳ୍ପ ରୋଜଗାର ସମ୍ପର୍କିତ କର୍ମଶାଳା ଗୁରୁବାର ରୋଡ଼ ସଂସ୍ଥା ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ରୋଡ଼ ସଂସ୍ଥାର ସମ୍ପାଦିକା ଧନେଶ୍ୱରୀ ବେହେରାଙ୍କ ସଭାପତିତ୍ୱ ଓ ଉପଦେଷ୍ଟା ଶୋଷିତ କୁମାର ନାୟକଙ୍କ ସଞ୍ଚାଳନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବ୍ଲକ ଉଦ୍ୟାନ ବିଭାଗ ଅଧିକାରୀ ମୌସୁମୀ ସରପଟିଆ, ଖବରଦାତା ହରିହର ନାଥ, ଶିଶିର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ବିଡ଼ି ଶ୍ରମିକ ସସକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ଶେଷରେ ରୋଡ଼ ସଂସ୍ଥା ସଭାପତି ଶାନ୍ତି ଭେଂରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଡଲୋଇସିଂହରେ ନୂତନ ପାକ୍ସ ଖୋଲିଲା

**ସମ୍ବଲପୁର,୯।୩(ବ୍ୟୁରୋ)**

ଯୁଯୁମୁରା ବ୍ଲକ ଗଡଲୁଇସିଂହରେ ଏକ ନୂତନ ପ୍ୟାକ୍ସ ଖୋଲିଛି। ଯୁଯୁମୁରା ସେବା ସମବାୟ ସମିତି ପକ୍ଷରୁ ଗଡଲୋଇସିଂହ ଓ କେଶାପାଲି ଗ୍ରାମପଞ୍ଚାୟତରେ ମିଳିତ ଭାବେ ଏହାକୁ ସରକାରୀ ସ୍ତରରେ ସ୍ୱୀକୃତି ମିଳିଛି। ଏହି ଉପଲକ୍ଷେ ଗଡଲୋଇସିଂହ କେନ୍ଦୁପତ୍ର ସିଜି କାର୍ଯ୍ୟାଳୟଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁଯୁମୁରା ସେବା ସମବାୟ ସମିତି ସମ୍ପାଦକ ଦେବରାଜ ବର୍ଗେ ଅଧ୍ୟକ୍ଷତା କରିଥିଲେ। କେଶପାଲି, ଗଡଲୁଇସିଂ ପଞ୍ଚାୟତର ଚାଷୀମାନେ ଯୋଗଦେଇଥିଲେ। କେଶାପାଲିରୁ ୫୪ ଓ ଗଡଲୋଇସିଂହରୁ ୮୪ ଚାଷୀ ସଭ୍ୟ ପଞ୍ଜୀକୃତ ହୋଇଥିବାବେଳେ ବୋର୍ଡ ସଭ୍ୟ ପାଇଁ କେଶାପାଲିରୁ ୮ ଏବଂ ଗଡଲୋଇସିଂହରୁ ୭ଜଣ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜୟପ୍ରକାଶ ଧରୁଆ, ସୁରେନ୍ଦ୍ର



ଯୁଯୁମୁରା ଗଡଲୁଇସିଂହରେ ଅନୁଷ୍ଠିତ ବୈଠକ ।

ସେଠୀ, ଶୁଭସ୍ମିତା ପ୍ରଧାନ, ବିଜୟ କର୍ଣ୍ଣ, ରୋସନ୍ କୁମାର ପ୍ରଧାନ, ରାଜେଶ ମିଶ୍ର, ପ୍ରଭାକର ନାଏକ, ପ୍ରେମାନନ୍ଦ ସାହୁ, ଅବନୀ କୁମାର କୁମୁରା, ମିତ୍ରଭାନୁ ମାଝି, ଅଶ୍ୱିନୀ କୁମାର ସାହୁ, କାନ୍ତି କରୁଣା ଟେଟେ, ଶଙ୍କର ଭୋଇ, ଅଭିମନ୍ୟୁ ଭୋଇ ରହିଛନ୍ତି। ବୋର୍ଡ ସଭ୍ୟମାନେ ପ୍ରେମାନନ୍ଦ ସାହୁଙ୍କୁ ସଭାପତି ଓ ସୁରେନ୍ଦ୍ର ସେଠୀଙ୍କୁ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇବାକୁ ଦାୟିତ୍ୱ ପ୍ରଦାନ କରିଛନ୍ତି।

## କୋଇଲା ଚାଲାଣ: ୪ ବାଇକ୍ ଜବତ, ୪ ଗିରଫ

**ବେଲପାହାଡ,୯।୩(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ପୋଲିସ ଏମ୍‌ସିଏଲ୍‌ର ଛାର୍ଲାସ୍ଥିତ କୋଇଲା ସାଇଡିଂରୁ ବେଆଇନ ଭାବେ କୋଇଲା ଚାଲାଣ କରୁଥିବା ଅଭିଯୋଗରେ ୪ ବାଇକ୍ ଜବତ କରିବା ସହ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବନହରପାଲି ଥାନା ଅନ୍ତର୍ଗତ କାଣ୍ଟାଟିକ୍ରା ଗ୍ରାମର ଧୀରନ୍ଦ୍ର ଧୁରୁଆ (୧୯), ବଲିଆମୁଣ୍ଡାର ସରୋଜ ଓରାମ (୩୫), ଅଶୋକ ଓରାମ (୨୭) ଏବଂ ସନ୍ଦିପ ଓରାମ (୨୨)। ସୂଚନା ଅନୁଯାୟୀ, ଗତ ୬ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ଅଭିଯୁକ୍ତମାନେ ଓଡ଼ି୨୩ଇ-୬୨୪୭, ଓଡ଼ି୧୫ଇ-୪୬୩୫, ଓଡ଼ି୨୩ଇ-୧୯୨୧ ଓ ଓଡ଼ି୨୩ଏନ୍-୨୧୬୪ ନମ୍ବର ବିଶିଷ୍ଟ ବାଇକ୍‌ରେ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ଅନ୍ତର୍ଗତ ବିଓସିଏମ୍ ଖଣିର ଛର୍ଲା ସାଇଡିଂରୁ କୋଇଲା ବୋଝେଇ କରି ଖେରୁଆଲବାହାଲରୁ ବନହରପାଲି ଅଭିମୁଖେ ଯାଉଥିଲେ। ଏହି ସମୟରେ କୁସ୍ରାଲୋଇ ଝରଝରି ଛକ ନିକଟରେ ବନହରପାଲି ପୋଲିସ ସେମାନଙ୍କୁ କାବୁ କରିଥିଲା। ପୋଲିସ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବସ୍ତାରେ ଭର୍ତ୍ତି ହୋଇ ବାଇକ୍‌ରେ ବୋଝେଇ ହୋଇଥିବା ୮୫୦ କି.ଗ୍ରା. କୋଇଲା ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ୩୩/୨୩) ରୁଜୁ କରି ଅଭିଯୁକ୍ତ ଧୀରନ୍ଦ୍ର, ସରୋଜ ଓ ଅଶୋକଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଅଭିଯୁକ୍ତ ସନ୍ଦିପ ଅସୁସ୍ଥ ଥିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛି।

## କୋଲାବିରା ଅଞ୍ଚଳରେ ହୋଲି ପର୍ବ



**କୋଲାବିରା,୯।୩ (ଡି.ଏନ.ଏ.)**

କୋଲାବିରା ଅଞ୍ଚଳରେ ଦୁଇଦିନ ଧରି ହୋଲି ପର୍ବ ପାଳିତ ହୋଇଯାଇଛି। ଶିଶୁଠାରୁ ଆରମ୍ଭ କରି ମହିଳା ପୁରୁଷ, ଯୁବକ ଯୁବତୀ ସମସ୍ତେ ଏକତ୍ରିତ ହୋଇ ହୋଲିଖେଳରେ ମସଗୁଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ପଣା, ଭାଙ୍ଗ ସରବତ, ମିଷ୍ଟାନ୍ନ ବଣ୍ଟନ ସାଙ୍ଗକୁ ଗୀତ ବାଦ୍ୟ ଆୟୋଜନ କରାଯାଇଥିଲା। ଭେଦଭାବ ଭୁଲି ସମସ୍ତେ ପରସ୍ପରକୁ ରଙ୍ଗ ଅବିର ଦେଇ ଉତ୍ସବ ପାଳିଥିଲେ।

## ସର୍ବଭାରତୀୟ କ୍ରାଫ୍ଟ ବଜାର ଉଦ୍‌ଘାଟିତ



ଅତିଥିମାନେ ସର୍ବ ଭାରତୀୟ କ୍ରାଫ୍ଟ ବଜାରକୁ ଶୁଭାରମ୍ଭ କରୁଛନ୍ତି

**ସମ୍ବଲପୁର,୯।୩(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆଠାରେ ସର୍ବଭାରତୀୟ କ୍ରାଫ୍ଟ ବଜାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ସ୍ୱପ୍ନା ଅନୁଷ୍ଠାନ ସଭାପତି ପ୍ରତ୍ୟୁଷ କୁମାର ରଥଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ହେଣ୍ଡିକ୍ରାଫ୍ଟ ସହକାରୀ ନିର୍ଦ୍ଦେଶିକା କୁମାରୀ ଶୈଳଜା ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରାଫ୍ଟ ବଜାରର ଶୁଭାରମ୍ଭ କରିଥିଲେ। ସ୍ୱପ୍ନାର ନିର୍ଦ୍ଦେଶିକା ସୂଚନା ପ୍ରଦାନ ଓ କୋଷାଧ୍ୟକ୍ଷ ଅବ୍ୟକ୍ତ ପ୍ରସାଦ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଭାରତ ସରକାରଙ୍କ ଟେକ୍ସଟାଇଲ ମନ୍ତ୍ରଣାଳୟ ଆୟୋଜିତ କ୍ରାଫ୍ଟ ବଜାର ଚଳିତ ମାସ ୧୪ତାରିଖ ଉଦ୍‌ଯାପିତ ହେବ। ଏହି ବଜାରରେ ମୋଟ ୧୩୦ଟି ଷ୍ଟଲ ରହିଛି। ଏଥିରେ ଓଡିଶା ସମେତ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ରାଜସ୍ଥାନ, କର୍ଣାଟକ ପ୍ରଭୃତି ରାଜ୍ୟର ସମାଗ୍ରୀ ବିକ୍ରି ହେଉଛି।

## ଅନ୍ତର୍ଜାତୀୟ ମହିଳା ଦିବସ

**କୁଚିଣ୍ଡା/ନାକଟିଦେଉଳ/ପଡିଆବାହାଲ/ ଜମନକିରା,୯।୩(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ବକ୍ସମାଠାରେ ବକ୍ସମା ଜିପିଏଲ୍‌ଏଫ୍ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବକ୍ସମା ଖେଳ ପଡିଆଠାରେ ଆୟୋଜିତ ସଭାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଓ ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ବକ୍ସମା ସରପଞ୍ଚ ସରସ୍ୱତୀ ଠାକୁର, ସମିତି ସଭ୍ୟ ରଶ୍ମି କୁସୁମ, କୁଚିଣ୍ଡା ବିପିଏମ୍ ଟିପେନସନ ବେହେରା, ଆଇସିଡିଏସ୍ ସୁପରଭାଇଜର ମମତା ପଟେଲ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। କୁଚିଣ୍ଡା ଆଇସିଡିଏସ୍ ସୁପରଭାଇଜର ଯମୁନା ବାଘ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ ମାନେ ପ୍ରାୟ ୧୫ ଷ୍ଟଲରେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରିଥିଲେ।




କୁଚିଣ୍ଡାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ମହୁକୁଦ ଗ୍ରାମରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିନ୍ଧ୍ୟବାସିନୀ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଭାନେତ୍ରୀ ରିଙ୍କିତା ସାହୁ ସଭାପତିତ୍ୱ କରିଥିବାବେଳେ ସମ୍ପାଦିକା ତୁଳସୀ ବେହେରା ପରିଚାଳନା କରିଥିଲେ। ସୀମା ମହାନ୍ତି, ଶ୍ରାବଣୀ ପ୍ରଧାନ, ଇନ୍ଦିରା ସାହୁ, ସାବିତ୍ରୀ ସାହୁ, ପଙ୍କଜିନୀ ନାୟକ ପ୍ରମୁଖ ଯୋଗଦେଇ ମହିଳା ଶସକ୍ତୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମ ମଙ୍ଗଳ ମହିଳା କମିଟି ସଭାନେତ୍ରୀ ଶୁନ୍ୟବାସୀ ନାୟକ ଓ ସମ୍ପାଦିକା ପ୍ରତିମା ରାଉଳଙ୍କ ନେତୃତ୍ୱରେ ୧୫ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ।

ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପାଠାଗାରଠାରେ ସରପଞ୍ଚ ସରସ୍ୱତୀ ଭୁସାଗରଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ପୂର୍ବତନ ସରପଞ୍ଚ ଦେବାନନ୍ଦ ଭୁସାଗର, ଜନସେବା କେନ୍ଦ୍ର ପରିଚାଳକ ନନ୍ଦିକେଶ ସାହୁ, ୱାର୍ଡ ସଭ୍ୟ ଟଙ୍କଧର ଭୋଇ, ଖବରଦାତା ରାଧାମୋହନ ଷଡ଼ଙ୍ଗୀ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇଥିଲେ। ବିଶେଷ କରି ମହିଳାମାନଙ୍କ କୃତିତ୍ୱ, ଦେଶ ଗଠନରେ ଭୂମିକା ଓ ମହିଳା ସଶକ୍ତୀକରଣ ଉପରେ ଆଲୋଚନା ହୋଇଥିଲା। କୁଇଜ୍ କାର୍ଯ୍ୟକ୍ରମ ନନ୍ଦିକେଶ ଓ ଟଙ୍କଧର ପରିଚାଳନା କରିଥିଲେ।

ଜମନକିରା ବ୍ଲକ ଅନ୍ତର୍ଗତ ଭୋଜାପୁର ସନ୍ତ ମେରୀ ମହିଳା ବିକାଶ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଗୁଦ୍ରାପରାଠାରେ ନେହେରୁ ଯୁବ କେନ୍ଦ୍ର ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୁଦ୍ରାପରା ସ୍କୁଲ ଶିକ୍ଷକ ରାମୁ ମିଞ୍ଜ ମୁଖ୍ୟଅତିଥି, ସନ୍ତ ପାଉଲ ଚର୍ଚ୍ଚ ମୁଖ୍ୟବକ୍ତା ଓ ଗୁଦ୍ରାପରାର ସଞ୍ଚାଳକେ ଫାଦର ପାଉଲ ମଥିୟୁ, ସିଷ୍ଟର ଆନିମା ସୋରେଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କୁଚିଣ୍ଡା ବ୍ଲକର ସ୍ୱେଚ୍ଛାସେବୀ କୁମାରୀ ମୋନିକା ବେକ ପରିଚାଳନା କରିଥିଲେ।

### ମୋବାଇଲ୍ ଲୋଭ ଦେଖାଇ ନାବାଳିକାଙ୍କୁ ଗଣବଳାତ୍କାର

କର୍ଣାଟକ ହୁବଲିରେ ୪ ଜଣ ଯୁବକ ଜଣେ ନାବାଳିକାଙ୍କୁ ମୋବାଇଲ୍ ଫୋନ୍ କିଣିବାର ଲୋଭ ଦେଖାଇ ବଳାତ୍କାର କରିଥିବା ଖବର ସାମ୍ନାକୁ ଆସିଛି। ମୋବାଇଲ୍ କିଣିବାକୁ କହି ଦୁର୍ବୃତ୍ତମାନେ ପୀଡ଼ିତାଙ୍କୁ ହୁବଲି ଡକାଇଥିଲେ। ସେଠାରେ ସେ ପହଞ୍ଚିବା ପରେ ଅଭିଯୁକ୍ତ ତାଙ୍କୁ ବାଇକ୍‌ରେ ବସେଇ ଏକ ନିଛାଟିଆ ଜାଗାକୁ ନେଇ ବଳାତ୍କାର କରିଥିବା ଜଣାପଡ଼ିଛି। ପୀଡ଼ିତା ଏ ନେଇ ଗୋକୁଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ୭ ମହଲା ବିଲ୍ଡିଂରେ ବିସ୍ଫୋରଣ: ୧୭ ମୃତ

**ଢାକା, ୯।୩:** ବାଂଲାଦେଶ ରାଜଧାନୀ ଢାକାର ଏକ ୭ ମହଲା ବିଲ୍ଡିଂରେ ମଙ୍ଗଳବାର ଶକ୍ତିଶାଳୀ ବିସ୍ଫୋରଣ ଘଟି ୧୭ ଜଣଙ୍କ ମୃତ୍ୟୁ ହେବା ସହ ଶତାଧିକ ଆହତ ହୋଇଛନ୍ତି। ଓଲ୍ଡ ଢାକାର ଗୁଲିସ୍ତାନ ଅଞ୍ଚଳରେ ଥିବା ୭ ମହଲା ବିଲ୍ଡିଂରେ ବିସ୍ଫୋରଣ ପରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ଲାଗି ୧୧ଟି ଦମକଳ ଓ ୨୦୦ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଥିଲେ। କୋଠା ଭଗ୍ନାବଶେଷ ତଳେ ଅନେକ ରହିଯାଇଥିଲେ। ମୃତକଙ୍କ ମଧ୍ୟରୁ ଅଧିକାଂଶଙ୍କର ବ୍ରେନ୍ ହାମ୍‌ରେଜ୍‌ରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

### ଗୋଚାଲାଣକାରୀଙ୍କୁ ଗୁଳି

**ଲକ୍ଷ୍ନୌ, ୯।୩:** ଉତ୍ତରପ୍ରଦେଶରେ ଗୋଚାଲାଣ କରୁଥିବା ଜଣେ ବ୍ୟକ୍ତି ଗୁଳିମାଡ଼ରେ ଗୁରୁତର ଆହତ ହୋଇଛନ୍ତି। ପ୍ରେମ୍ ସିଂ (୫୦) ନାମକ ବ୍ୟକ୍ତି ବୁଧବାର ଏକ ଟ୍ରକ୍‌ରେ ୧୩ଟି ଗାଈଙ୍କୁ ମୈନପୁରୀ ନେଉଥିବାବେଳେ ପାରା ଅଞ୍ଚଳରେ କେତେଜଣ ଅଜଣା ବ୍ୟକ୍ତି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ପ୍ରେମ୍‌ଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୩୦୭ (ହତ୍ୟା ଉଦ୍ୟମ)ରେ ମାମଲା ରୁଜୁ କରିଛି।

### ବିସ୍ଫୋରଣରେ ଆଫଗାନ୍ ପ୍ରାଦେଶିକ ରାଜ୍ୟପାଳ ନିହତ



**କାବୁଲ, ୯।୩:** ଏକ ବିସ୍ଫୋରଣରେ ଆଫଗାନିସ୍ତାନ ବାଲ୍‌ଖ ପ୍ରଦେଶ ରାଜ୍ୟପାଳ ହାଜି ମୁଲ୍ଲା ମହମ୍ମଦ ଦାଉଦ୍ ମାଜାମିଲ୍‌ଙ୍କ ମୃତ୍ୟୁ ଘଟିଛି। ମାଜାର-ଇ-ଶରିଫ୍ ସହରରେ ଥିବା କାର୍ଯ୍ୟାଳୟକୁ ଟାର୍ଗେଟ କରି ଗୁରୁବାର ପୂର୍ବାହ୍ନ ୯ଟା ୨୭ରେ ବିସ୍ଫୋରଣ କରାଯାଇଥିଲା। କାର୍ଯ୍ୟାଳୟର ଦ୍ୱିତୀୟ ମହଲାରେ ଆତ୍ମଘାତୀ ବମ୍ବର ନିଜକୁ ବିସ୍ଫୋରଣ କରାଇବାରୁ ତାଙ୍କ ସମେତ ରାଜ୍ୟପାଳ ଓ ଅନ୍ୟ ଜଣେ ନିହତ ହୋଇଥିଲେ। ଏହା ବ୍ୟତୀତ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ୨୦୨୧ ଅଗଷ୍ଟରେ ତାଲିବାନ୍ ଆଫଗାନିସ୍ତାନରେ କ୍ଷମତାକୁ ଆସିବା ପରେ ଏହାକୁ ବିରୋଧ କରୁଥିବା ସଶସ୍ତ୍ର ଗୋଷ୍ଠୀ ପ୍ରଥମ ଥର ପାଇଁ ହାଇପ୍ରୋଫାଇଲ୍ କାର୍ଯ୍ୟାଳୟକୁ ଟାର୍ଗେଟ କରିଛନ୍ତି। ଆକ୍ରମଣ ପାଇଁ କୌଣସି ସଂଗଠନ କିମ୍ବା ବ୍ୟକ୍ତିବିଶେଷ ନିଜକୁ ଦାୟୀ କରିନାହାନ୍ତି।

### ଇମ୍ରାନ୍‌ଙ୍କ ବିରୋଧରେ ହତ୍ୟା, ଆତଙ୍କବାଦ ମାମଲା

**ଲାହୋର, ୯।୩(ପି.ଟି.):** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ୍ ଖାନ୍‌ଙ୍କ ସମେତ ୪୦୦ ଜଣଙ୍କ ବିରୋଧରେ ଲାହୋର ପୋଲିସ ଗୁରୁବାର ହତ୍ୟା ଓ ଆତଙ୍କବାଦ ମାମଲା ରୁଜୁ କରିଛି। ପିଟିଆଇର ଏକ ରାଲି ବେଳେ ପୋଲିସ ସହ ସଂଘର୍ଷ ଘଟି ଜଣେ କର୍ମୀଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଥିଲେ। ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍) ନେତୃତ୍ୱାଧୀନ ମେଣ୍ଟ ସରକାରର ୧୧ ମାସ ଶାସନକାଳ ମଧ୍ୟରେ ଇମ୍ରାନଙ୍କ ବିରୋଧରେ ଏହା ୮୦ତମ ମାମଲା। ବୁଧବାର ଇମ୍ରାନଙ୍କ ବାସଭବନ ବାହାରେ ପୋଲିସ ସହ ସଂଘର୍ଷ ଘଟି ପିଟିଆଇ କର୍ମୀ ଅଲି ବିଲାଲ ନିହତ ହେବା ସହ ଅନେକ ଆହତ ହୋଇଥିଲେ। ଏହି ସଂଘର୍ଷରେ ୧୧ ଜଣ ପୋଲିସ କର୍ମଚାରୀ ମଧ କ୍ଷତାକ୍ତ ହୋଇଥିଲେ। ପୋଲିସ ଶତାଧିକ ପିଟିଆଇ କର୍ମୀଙ୍କୁ ଗିରଫ କରିଥିଲା।



### ଟ୍ରୋପେକ୍ସ ଏକ୍ସରସାଇଜ୍

**ନୂଆଦିଲ୍ଲୀ,୯।୩:** ଭାରତୀୟ ନୌସେନାର ସର୍ବବୃହତ୍ ଦ୍ୱିବାର୍ଷିକ ଥିଏଟର୍ ଲେଭେଲ୍ ଅପରେଶନାଲ ରେଡିନେସ୍ ଏକ୍ସରସାଇଜ୍ (ଟ୍ରୋପେକ୍ସ)ରେ ପ୍ରାୟ ୭୦ ଜାହାଜ, ୬ ବୁଡ଼ାଜାହାଜ ଓ ୭୫ରୁ ଅଧିକ ଏୟାରକ୍ରାଫ୍ଟ ସାମିଲ ହୋଇଛି। ୨୧ ନିୟୁତ ନଟିକାଲ୍ ମାଇଲ ଜଳରାଶି ଉପରେ ଏହି ଡ୍ରିଲ୍ କରାଯାଇଥିବା ନୌସେନା ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଆରବ ସାଗରରେ ୨୦୨୨ ନଭେମ୍ବରରେ ଆରମ୍ଭ ହୋଇଥିବା ଏହି ଏକ୍ସରସାଇଜ୍‌ରେ ଭାରତୀୟ ସେନା, ବାୟୁସେନା ଓ ତଟରକ୍ଷୀ ବାହିନୀର ଅଧିକାରୀମାନେ ଯୋଗଦେଇଥିଲେ। ସମୁଦ୍ର ଉପରେ ସତର୍କ ଦୃଷ୍ଟି ରଖିବା ଏହି ଡ୍ରିଲ୍‌ର ଉଦ୍ଦେଶ୍ୟ। ଚୂଡ଼ାନ୍ତ ପର୍ଯ୍ୟାୟ ସମରାଭ୍ୟାସ ବେଳେ ଗତ ୬ ତାରିଖରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନୂଆକରି ଜଳାବତରଣ କରିଥିବା ଏୟାରକ୍ରାଫ୍ଟ କେରିୟର୍ ବିକ୍ରାନ୍ତରେ ଦିନଟିଏ ବିତାଇ ଆଇଏନ୍‌ଏସ୍‌ର ପ୍ରସ୍ତୁତି ସମୀକ୍ଷା କରିଥିଲେ।



ବାଂଲାଦେଶର ଢାକା ୟୁନିଭର୍ସିଟି କଳା ବିଭାଗରେ ହୋଲି ପାଳନ ବେଳେ ଜଣେ ଛାତ୍ରୀ ହସୁଛନ୍ତି।

# ବେଜିଂର ମହାଶକ୍ତି ମହତ୍ତ୍ୱାକାଂକ୍ଷା

## ପୂର୍ବ ଏସିଆର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ହେବାକୁ ଚାହୁଁଛି ଚାଇନା

**ୱାଶିଂଟନ/ବେଜିଂ,୯।୩**

* ଆମେରିକା ନୌସେନା ଚାଇନାର ଗୁପ୍ତଚର ବେଲୁନ୍‌ଗୁଡ଼ିକୁ ଖସାଇ ଦେଇଥିବାରୁ ଦୁଇ ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟରେ ଉତ୍ତେଜନା ବଢ଼ିଛି। ସେପଟେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଯୁଦ୍ଧଖୋର୍ ମନୋବୃତ୍ତି ଯୋଗୁ ମସ୍କୋକୁ ଆର୍ଥିକ ଦୃଷ୍ଟିରୁ ବହୁମୂଲ୍ୟ ଦେବାକୁ ପଡ଼ିଛି।
* ଗତ ୨୪ରେ ୟୁକ୍ରେନ୍ ଯୁଦ୍ଧକୁ ବର୍ଷେ ବିତିଥିବାବେଳେ ରୁଷିଆକୁ ଅସ୍ତ୍ରଶସ୍ତ୍ର ଓ ଡ୍ରୋନ୍ ଯୋଗାଇବା ପାଇଁ ଚାଇନା ଚିନ୍ତା କରୁଛି। ଚାଇନାର ଏହି ସାମରିକ ସହାୟତା ରୁଷୀୟ ସୈନ୍ୟଙ୍କ ମନୋବଳ ବୃଦ୍ଧି କରିବ। ୨୦୨୩ ଫେବୃୟାରୀ ଶେଷରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନକୁ ଏହି ବିଷୟ ଅବଗତ କରାଯାଇଛି।

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ନିଜ ଦେଶକୁ ପୂର୍ବ ଏସିଆର ପ୍ରମୁଖ ଶକ୍ତିରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆମେରିକାର ପ୍ରଭାବ ହ୍ରାସକରି ଚାଇନାକୁ ବିଶ୍ୱରେ ସର୍ବବୃହତ୍ ଶକ୍ତି ଭାବେ ଉଭା କରାଇବାକୁ ସେ ରଣନୀତି ପ୍ରସ୍ତୁତ କରୁଛନ୍ତି। ଶାସକ କମ୍ୟୁନିଷ୍ଟ ପାର୍ଟି ତାଙ୍କ ସ୍ୱପ୍ନକୁ ପୂରଣ କରିବା ଦିଗରେ ସବୁ ପ୍ରକାର ଉଦ୍ୟମ କରୁଛି ବୋଲି ଆମେରିକୀୟ ଗୋଇନ୍ଦା ଅଧିକାରୀମାନେ ମତ ଦେଇଛନ୍ତି।

ଚଳିତ ସପ୍ତାହରେ ୬୯ ବର୍ଷୀୟ ଜିନ୍‌ପିଙ୍ଗ୍ ଚାଇନାର ଶୀର୍ଷ ନେତା ଭାବେ ନିଜ ଅଭୂତପୂର୍ବ ତୃତୀୟ ଇନିଂସ ଆରମ୍ଭ କରିଛନ୍ତି। ଏହି ଅବସରରେ ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି) ସ୍ୱୟଂଶାସିତ ଦ୍ୱୀପରାଷ୍ଟ୍ର ତାଇୱାନ୍‌କୁ ଦଖଲ କରି ପୁନଃ ଏକତ୍ରୀକରଣ ପାଇଁ ଉଦ୍ୟମ ଚଳାଇଛି। ବେଜିଂର ସ୍ୱାର୍ଥ ପାଇଁ ଚାଇନାର ନେତାମାନେ ଆମେରିକାର ପ୍ରଭାବ ହ୍ରାସ କରିବାକୁ ସୁଯୋଗ ଖୋଜୁଛନ୍ତି। ଆମେରିକାର ଶକ୍ତି ଓ ପ୍ରଭାବକୁ ଗୌଣ କରିପାରିଲେ ଯାଇ ଚାଇନା ବିଶ୍ୱସ୍ତରରେ ନିଜ ଆଧିପତ୍ୟ ବିସ୍ତାର କରିବ ବୋଲି ସେମାନେ ମନେକରୁଛନ୍ତି। ଆମେରିକାର ନ୍ୟାଶନାଲ ଇଣ୍ଟେଲିଜେନ୍ସ ଡାଇରେକ୍ଟର ଅଭ୍‌ରିଲ୍ ଡି. ହାଇନେସ୍ ସିନେଟ କମିଟିକୁ ଏହି ବିଷୟ ଜଣାଇଛନ୍ତି। ହାଇନେସ୍‌ଙ୍କ ମତରେ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ବିଶ୍ୱରେ ବାଇଡେନ୍ ପ୍ରଶାସନ ପାଇଁ ଆର୍ଥିକ, ବୈଷୟିକ, ରାଜନୈତିକ ଓ ସାମରିକ କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ ସୃଷ୍ଟି କରିଚାଲିଛି।

ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଥିବାବେଳେ ଚାଇନା ମସ୍କୋକୁ କୂଟନୈତିକ, ପ୍ରତିରକ୍ଷା, ଆର୍ଥିକ ଓ ବୈଷୟିକ ସହଯୋଗ ଜାରି ରଖିବ। ୨୦୨୩ରେ ବେଜିଂ ତାଇୱାନ୍‌କୁ ଚାଇନା ଭୂଖଣ୍ଡ ସହ ମିଶ୍ରଣ ଉଦ୍ଦେଶ୍ୟରେ ଚାପ ଜାରି ରଖିବ। ତାଇୱାନ୍ ସହ ଆମେରିକାର ବଢୁଥିବା ସମ୍ପର୍କକୁ ନେଇ ଚାଇନା ଅତ୍ୟଧିକ ପ୍ରତିକ୍ରିୟାଶୀଳ ହୋଇଉଠିବ। ସେହିପରି ଦକ୍ଷିଣ ଚାଇନା ସାଗର (ଏସ୍‌ସିଏସ୍)ରେ ବ୍ରୁନେଇ, ମାଲେସିଆ, ଫିଲିପାଇନ୍ସ, ତାଇୱାନ୍ ଓ ଭିଏତ୍‌ନାମ ଭଳି ପ୍ରତିଦ୍ୱନ୍ଦ୍ୱୀ ଦାବିଦାରଙ୍କୁ ପ୍ରତିହତ କରିବା ପାଇଁ ବେଜିଂ ବାୟୁସେନା, ନୌସେନା, କୋଷ୍ଟଗାର୍ଡ ଏବଂ ମିଲିସିଆ ବଳ ବୃଦ୍ଧି କରିବ।

ଆମେରିକାର ଇଣ୍ଟେଲିଜେନ୍ସ କମ୍ୟୁନିଟି ପକ୍ଷରୁ କରାଯାଇଥିବା ବାର୍ଷିକ ବିପଦ ସମୀକ୍ଷା ସମ୍ପର୍କିତ ରିପୋର୍ଟ ଉପସ୍ଥାପନ ବେଳେ ହାଇନେସ୍ ଦେଇଥିବା ଏହି ମନ୍ତବ୍ୟକୁ ବେଜିଂ କଡ଼ା ସମାଲୋଚନା କରିଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ ଗୁରୁବାର କହିଛନ୍ତି, ଆମେରିକୀୟ ରିପୋର୍ଟ ହେଉଛି ତଥ୍ୟର ସମ୍ପୂର୍ଣ୍ଣ ଭୁଲ୍ ଉପସ୍ଥାପନ। ଚାଇନାକୁ ବଦନାମ କରିବା ପାଇଁ ଏଥିରେ ମିଛକଥା ଲେଖାଯାଇଛି।



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍

### ପିଏଲ୍‌ଏକୁ ବିଶ୍ୱସ୍ତରୀୟ ସେନା କରିବାକୁ ଜିନ୍‌ପିଙ୍ଗଙ୍କ ଆହ୍ୱାନ

ୱାଶିଂଟନ ଓ ବେଜିଂ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଥିବାବେଳେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ)କୁ ଯଥାଶୀଘ୍ର ସମ୍ଭବ ବିଶ୍ୱସ୍ତରୀୟ ସେନାରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି। ଯୁଦ୍ଧରେ ବିଜୟୀ ହେବା ପାଇଁ ଜିନ୍‌ପିଙ୍ଗ୍ ଏକ ସମନ୍ୱିତ ଜାତୀୟ ରଣନୀତି ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଛନ୍ତି।

ପିଏଲ୍‌ଏ ପ୍ରତିନିଧିମାନେ ବୁଧବାର ପାର୍ଲାମେଣ୍ଟର ବାର୍ଷିକ ଅଧିବେଶନରେ ଯୋଗଦେଇଥିଲେ। ଏହି ଅବସରରେ ସେନାର ସୁପ୍ରିମ କମାଣ୍ଡର ଜିନ୍‌ପିଙ୍ଗ୍ କହିଥିଲେ, ଚାଇନାକୁ ଏକ ଆଧୁନିକ ସାମ୍ୟବାଦୀ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ସାମରିକ ଦକ୍ଷତା ବୃଦ୍ଧି କରିବାକୁ ପଡ଼ିବ। ୨୦୨୭ରେ ଚାଇନା ପିଏଲ୍‌ଏ ପ୍ରତିଷ୍ଠାର ଶତବାର୍ଷିକୀ ପାଳନ କରିବ। ତେଣୁ ଯୁଦ୍ଧରେ ବିଜୟୀ ହେବା ପାଇଁ ବିଜ୍ଞାନ, ପ୍ରଯୁକ୍ତି ଓ ଶିଳ୍ପକୁ ପ୍ରତିରକ୍ଷା କ୍ଷେତ୍ର ସକାଶେ କାର୍ଯ୍ୟ କରିବାକୁ ପଡ଼ିବ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବଢ଼ାଇବାକୁ ହେଲେ ଯୋଗାଣ ଶୃଙ୍ଖଳକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ। ଏଥିପାଇଁ ଜିନ୍‌ପିଙ୍ଗ୍ ବୃହତ୍ ଭିତ୍ତିଭୂମି ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଜାମିନ ଶୁଣାଣି ପୂର୍ବରୁ ସିସୋଡିଆଙ୍କୁ ଗିରଫ କଲା ଇଡି

**ନୂଆଦିଲ୍ଲୀ, ୯।୩**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇ ତିହାର ଜେଲରେ ଥିବା ଆମ୍ ଆଦ୍‌ମୀ ପାର୍ଟି ନେତା ମନୀଷ ସିସୋଡିଆଙ୍କୁ ଅନ୍ୟତମ କେନ୍ଦ୍ରୀୟ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଗିରଫ କରିଛି। ଶୁକ୍ରବାର ତାଙ୍କ ଜାମିନ ଆବେଦନର ଶୁଣାଣି ଥିବାବେଳେ ଏହା ପୂର୍ବରୁ ତାଙ୍କୁ ପୁନର୍ବାର ଗିରଫ କରାଯାଇଛି। ନୂଆ ଅବକାରୀ ନୀତି କାର୍ଯ୍ୟକାରୀ ବେଳେ ମନି



ଲଣ୍ଡରିଂ ଅଭିଯୋଗରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସିସୋଡିଆଙ୍କୁ ଇଡି ଦୁଇଦିନ ହେଲା ଜେଲରେ ଜେରା କରୁଥିଲା। ଶୁକ୍ରବାର ଇଡି ତାଙ୍କୁ ଅନ୍ୟ ଏକ ଅଦାଲତରେ ହାଜର କରାଇବ। ଫେବୃୟାରୀ ୨୬ରେ ସିବିଆଇ ସିସୋଡିଆଙ୍କୁ ଗିରଫ କରିଥିଲା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ହାଜତ ମିଆଦ ଶେଷ ହେବା ପରେ ତାଙ୍କୁ ଦିଲ୍ଲୀର ତିହାର ଜେଲ୍‌କୁ ପଠାଇଦିଆଯାଇଛି। ତାଙ୍କ ଦଳୀୟ ସହକର୍ମୀଙ୍କୁ ଯେକୌଣସି ପ୍ରକାରେ ଭିତରେ ରଖିବା ଉଦ୍ଦେଶ୍ୟରେ ଇଡି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଟୁଇଟ୍ କରିଛନ୍ତି। ଜନସାଧାରଣ ଏହାର ଜବାବ ଦେବେ ବୋଲି ସେ କହିଛନ୍ତି।

### ୧୧ରେ ହାଜର ହେବେ କେ. କବିତା



ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଅନିୟମିତତା ସହ ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିତାଙ୍କୁ ହାଜର ହେବା ଲାଗି ସମନ କରିଛି। ସେ ୧୧ ତାରିଖରେ ଇଡି କାର୍ଯ୍ୟାଳୟରେ ହାଜର ହେବେ ବୋଲି କହିଛନ୍ତି। ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କବିତାଙ୍କୁ ୯ ତାରିଖ ପୂର୍ବରୁ ହାଜର ହେବା ଲାଗି ଇଡି ସମନ କରିଥିଲା। ତାଙ୍କୁ ହାଇଦ୍ରାବାଦ ବ୍ୟବସାୟୀ ଅରୁଣ ରାମଚନ୍ଦ୍ରନ୍ ପିଲାଇଙ୍କ ସହ ମୁହାଁମୁହିଁ ଜେରା କରାଯାଇପାରେ। ଗତ ସୋମବାର ଇଡି ତାଙ୍କୁ ଗିରଫ କରିଥିଲା। ମୁହାଁମୁହିଁ ସମୟରେ ଇଡି ପିଏମ୍‌ଏଲ୍‌ଏରେ କବିତାଙ୍କ ବୟାନ ରେକର୍ଡ କରିବ।

### ରାମଚନ୍ଦ୍ର ପୌଡେଲ୍ ନେପାଳ ରାଷ୍ଟ୍ରପତି



**କାଠମାଣ୍ଡୁ, ୯।୩**

ନେପାଳର ତୃତୀୟ ରାଷ୍ଟ୍ରପତି ଭାବେ ନେପାଳୀ କଂଗ୍ରେସ ନେତା ରାମଚନ୍ଦ୍ର ପୌଡେଲ୍ ଗୁରୁବାର ନିର୍ବାଚିତ ହୋଇଛନ୍ତି। ନେପାଳୀ କଂଗ୍ରେସ, ସିପିଏନ୍( ମାଓଇଷ୍ଟ ସେଣ୍ଟର) ସମେତ ୮ ଦଳର ମିଳିତ ପ୍ରାର୍ଥୀ ପୌଡେଲଙ୍କୁ ପାର୍ଲାମେଣ୍ଟର ୨୧୪ ସଦସ୍ୟ ଏବଂ ପ୍ରାଦେଶିକ ବିଧାନସଭାର ୩୫୨ ସଦସ୍ୟଙ୍କ ଭୋଟ ମିଳିଥିଲା। ପୌଡେଲ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ନେପାଳୀ କଂଗ୍ରେସ ଅଧ୍ୟକ୍ଷ ଶେର୍ ବାହାଦୁର ଦେଉବା ଟୁଇଟ୍ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୩୩୨ ପାର୍ଲାମେଣ୍ଟ ସଦସ୍ୟ ଏବଂ ୭ ପ୍ରାଦେଶିକ ବିଧାନସଭାର ୫୫୦ ସଦସ୍ୟ ଭୋଟ ଦେଇ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିଥାନ୍ତି।

### ମୋଦି-ଆଲବାନିସ୍ କ୍ରିକେଟ କୂଟନୀତି

**ନୂଆଦିଲ୍ଲୀ, ୯।୩ (ପି.ଟି.)**

ଭାରତ ଗସ୍ତରେ ଥିବା ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ୍ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାରେ ଭାଗନେବେ। ଏହି ଆଲୋଚନାରେ ବାଣିଜ୍ୟ, ପୁଞ୍ଜି ନିବେଶ, ପ୍ରତିରକ୍ଷା ଆଦି ପ୍ରସଙ୍ଗକୁ ଫୋକସ୍ କରାଯିବ ବୋଲି ଆଶା କରାଯାଉଛି। ଦ୍ୱିପାକ୍ଷିକ ଆଲୋଚନାର ଦିନକ ପୂର୍ବରୁ ଦୁଇ ନେତାଙ୍କ ମଧ୍ୟରେ କ୍ରିକେଟ କୂଟନୀତି ଦେଖିବାକୁ ମିଳିଥିଲା। ଗୁରୁବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅହମଦାବାଦ ଷ୍ଟାଡିୟମରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ତଥା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଚାଲିଥିବାବେଳେ ମୋଦି ଓ ଆଲବାନିସ୍ ଏକାଠି ଏହାକୁ ଉପଭୋଗ କରିଥିଲେ। ମ୍ୟାଚ୍ ପୂର୍ବରୁ ସେମାନେ ଏକ ଗଲ୍ଫ କାର୍ଟରେ ନରେନ୍ଦ୍ର ମୋଦି ଷ୍ଟାଡିୟମ ବୁଲିବା ସହ ଦର୍ଶକମାନଙ୍କୁ ହାତ ହଲାଇ ଅଭିନନ୍ଦନ ଜଣାଇଥିଲେ। କ୍ରିକେଟ ଫିଲ୍ଡରେ ଭାରତ ଓ ଅଷ୍ଟ୍ରେଲିଆ ବିଶ୍ୱରେ ସର୍ବଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାବେଳେ ପଡ଼ିଆ ବାହାରେ ଶ୍ରେଷ୍ଠ ବିଶ୍ୱ ନିର୍ମାଣରେ ସହଯୋଗୀ ବୋଲି ଆଲବାନିସ୍ କହିଛନ୍ତି। ଉଭୟ ଦଳ ଜାତୀୟ ସଙ୍ଗୀତ ଗାନ କଲାବେଳେ ମୋଦି ଓ ଆଲବାନିସ୍ ସେମାନଙ୍କ ସହ ଛିଡ଼ା ହୋଇଥିଲେ।




କ୍ରିକେଟ୍ ମ୍ୟାଚ୍ ପୂର୍ବରୁ ଅହମ୍ମଦାବାଦ ଷ୍ଟାଡିୟମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଆନ୍ଥୋନି ଆଲବାନିସ୍।

### ଆଫଗାନିସ୍ତାନ୍ ଆତଙ୍କବାଦ ପାଇଁ ବ୍ୟବହୃତ ନ ହେଉ: ଭାରତ

**ଜାତିସଂଘ, ୯।୩**

ଆଫଗାନିସ୍ତାନ ଭୂଖଣ୍ଡ ଆତଙ୍କବାଦୀଙ୍କୁ ଆଶ୍ରୟ, ତାଲିମ ଏବଂ ଆତଙ୍କବାଦ ଲାଗି ପୁଞ୍ଜି ଯୋଗାଇବାରେ ବିନିଯୋଗ ହେବା ଉଚିତ ନୁହେଁ। ଆଫଗାନିସ୍ତାନ ସହ ଭାରତର ଦୃଢ଼ ଐତିହାସିକ ଓ ସଭ୍ୟତାଗତ ସମ୍ପର୍କ ରହିଛି। ଘନିଷ୍ଠ ପଡ଼ୋଶୀ ଏବଂ ଦୀର୍ଘଦିନର ସହଯୋଗୀ ଭାବେ ଭାରତ ସେଠାରେ ଶାନ୍ତି ଓ ସ୍ଥିରତା ଫେରିବା ଦିଗରେ କାର୍ଯ୍ୟ କରୁଛି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟ ରୁଚିରା କମ୍ବୋଜ୍ ବୁଧବାର କହିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍‌ଏସ୍‌ସି)ରେ ଆଫଗାନିସ୍ତାନ ସହାୟତା ମିଶନ ଉପରେ ଉଦ୍‌ବୋଧନ ଦେଇ କମ୍ବୋଜ କହିଥିଲେ, ଅନ୍ତର୍ଜାତୀୟ ସମୁଦାୟର ମିଳିତ ଦୃଷ୍ଟିଭଙ୍ଗୀ ସୁରକ୍ଷା ପରିଷଦ ପ୍ରସ୍ତାବ ୨୫୯୩ରେ ଯୋଡ଼ାଯାଇଛି। ୨୦୨୧ ଅଗଷ୍ଟରେ ସୁରକ୍ଷା ପରିଷଦରେ ଭାରତର ଅଧ୍ୟକ୍ଷତା କାଳରେ ଏହା ଗୃହୀତ ହୋଇଥିଲା।

### ମାଲେସିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଗିରଫ

**ପୁତ୍ରଜୟା(ମାଲେସିଆ), ୯।୩**

ଦୁର୍ନୀତି ମାମଲାରେ ମାଲେସିଆର ପୂର୍ବତନ ପ୍ରଧାନମନ୍ତ୍ରୀ ମୁହିଦ୍ଦିନ୍ ୟାସିନ୍‌ଙ୍କୁ ଗୁରୁବାର ଗିରଫ କରାଯାଇଛି। ମୁହିଦ୍ଦିନ୍ ୨୦୨୦ ମାର୍ଚ୍ଚରୁ ୨୦୨୧ ଅଗଷ୍ଟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିଲେ। କ୍ଷମତାରୁ ଯିବା ପରେ ଗିରଫ ଦୋଷୀସାବ୍ୟସ୍ତ ହେବାରେ ସେ ଦେଶର ଦ୍ୱିତୀୟ ନେତା। ଶୁକ୍ରବାର ମୁହିଦ୍ଦିନଙ୍କୁ ବିଭିନ୍ନ ଦୁର୍ନୀତି ଏବଂ ମନିଲଣ୍ଡରିଂ ମାମଲାରେ ବିଚାରର ସମ୍ମୁଖୀନ ହେବାକୁ ପଡ଼ିବ। ତାଙ୍କର ୧୭ ମାସର କାର୍ଯ୍ୟକାଳ ମଧ୍ୟରେ ବହୁ ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ହୋଇଛି। ଗତ ନଭେମ୍ବର ନିର୍ବାଚନରେ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ କ୍ଷମତାକୁ ଆସିବା ପରେ ପୂର୍ବ ସରକାରର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ।



ମୁହିଦ୍ଦିନ୍ ୟାସିନ୍

### ଷ୍ଟ୍ରୋକ୍ ଯୋଗୁ ପ୍ରତି ୪ ମିନିଟ୍‌ରେ ଜଣେ ପ୍ରାଣ ହରାଉଛନ୍ତି

#### ବର୍ଷକୁ ୧,୮୫,୦୦୦ ଜଣ ଷ୍ଟ୍ରୋକ୍‌ର ଶିକାର

**ନୂଆଦିଲ୍ଲୀ, ୯।୩**

ଷ୍ଟ୍ରୋକ୍ ଯୋଗୁ ଭାରତରେ ପ୍ରତି ୪ ମିନିଟରେ ଜଣଙ୍କର ମୃତ୍ୟୁ ଘଟୁଛି। ବର୍ତ୍ତମାନ ଏହା ଦେଶରେ ଘଟୁଥିବା ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ ପାଲଟିଥିବା ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ର ନ୍ୟୁରୋଲୋଜିଷ୍ଟ (ମସ୍ତିଷ୍କ ରୋଗ ବିଶେଷଜ୍ଞ) ପ୍ରଫେସର ଏମ୍.ଭି. ପଦ୍ମା ଶ୍ରୀବାସ୍ତବ କହିଛନ୍ତି। ଦେଶରେ ପ୍ରତିବର୍ଷ ୧,୮୫,୦୦୦ ଜଣ ଷ୍ଟ୍ରୋକ୍‌ର ଶିକାର ହେଉଛନ୍ତି। ସେହିପରି ପ୍ରତି ୪୦ ସେକେଣ୍ଡରେ ଜଣଙ୍କୁ ଷ୍ଟ୍ରୋକ୍ ଆସିଥାଏ। ଗ୍ଲୋବାଲ୍ ବର୍ଡନ୍ ଡିଜିଜ୍ (ଜିବିଡି) ତଥ୍ୟ ମୁତାବକ ୬୮.୬% ଷ୍ଟ୍ରୋକ୍ ଭାରତୀୟଙ୍କଠାରେ ଦେଖାଯାଉଥିବାବେଳେ ଏଥିରୁ ୭୦.୯%ଙ୍କ ଷ୍ଟ୍ରୋକ୍ ଯୋଗୁ ମୃତ୍ୟୁ ହେବା ସହ ୭୭.୭% ଅସୁସ୍ଥ ହୋଇପଡୁଛନ୍ତି। ବର୍ତ୍ତମାନ ସମୟରେ ବୟସ୍କଙ୍କ ତୁଳନାରେ କମ୍ ଓ ମଧ ବୟସ୍କଙ୍କ ପାଇଁ ଷ୍ଟ୍ରୋକ୍ ଘାତକ ସାଜିଛି। ଜିବିଡି ରିପୋର୍ଟ ଅନୁସାରେ ବିଶ୍ୱରେ ବର୍ଷକୁ ୨୦ ବର୍ଷରୁ କମ୍ ବୟସର ୫୨ ଲକ୍ଷ ପିଲା ଷ୍ଟ୍ରୋକ୍‌ର ଶିକାର ହେଉଛନ୍ତି।



ଡାକ୍ତରଖାନାଗୁଡ଼ିକରେ ସ୍ୱାସ୍ଥ୍ୟସେବାର ଅଭାବ ଯୋଗୁ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ଲୋକଙ୍କ ମୃତ୍ୟୁ ଘଟୁଥିବା ଲକ୍ଷ୍ୟ କରାଯାଇଛି। ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଲୋକମାନେ ଏହା ଦ୍ୱାରା ଅଧିକମାତ୍ରାରେ ପ୍ରଭାବିତ ହେଉଛନ୍ତି। ମାନସିକ ଚାପ ଷ୍ଟ୍ରୋକ୍‌ର ମୁଖ୍ୟ କାରଣ। ଅନ୍ୟପକ୍ଷେ କୋଭିଡ୍ ମହାମାରୀ ପରଠାରୁ ଷ୍ଟ୍ରୋକ୍‌ରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଥିବା ଆମେରିକାର ଥୋମାସ ଜେଫରଶନ୍ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି।

# ଶିକ୍ଷକରୁ ଶିକ୍ଷା ଉଦ୍ୟୋଗୀ




**ପିଲାଟି ଦିନରୁ ମାତାପିତାଙ୍କୁ ହରାଇଥିବା ଜଣେ ମେଧାବୀ ଛାତ୍ର ଯେ କେବେ ଶହ ଶହ ପିଲାଙ୍କର ଦାୟିତ୍ୱ ବହନ ସହ ଅଭିଭାବକ ଓ ଗୁରୁଙ୍କ ଭୂମିକା ନିର୍ବାହ କରିବେ ଆଜି ମଧ ସେ ବିଶ୍ୱାସ କରିପାରୁନାହାନ୍ତି। ବହୁ ଘାତ ପ୍ରତିଘାତ ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନ ସ୍ନାତକରେ ପ୍ରଥମ ଶ୍ରେଣୀ ସହ ଶ୍ରେଷ୍ଠ ୩ୟ ସ୍ଥାନରେ ରହିଥିଲେ। ପରବର୍ତ୍ତୀ ସମୟରେ ସେ ଉକ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଏବଂ ଭାବା ଆଟୋମିକ ରିସର୍ଚ୍ଚ ସେଣ୍ଟର ସହାୟତାରେ ନ୍ୟୁକ୍ଲିୟର ଫିଜିକ୍ସରେ ଗବେଷଣାକରି ସଫଳତା ଅର୍ଜନ କରିଛନ୍ତି। ସମୟକ୍ରମେ ସେ ସମାଜ ପାଇଁ କିଛି କରିବା ସହ ଗରିବ ମେଧାବୀ ପିଲାଙ୍କୁ ଉତ୍ତମ ଶିକ୍ଷା ଦେବା ଉଦ୍ଦେଶ୍ୟ ନେଇ ସମ୍ବଲପୁରଠାରେ ଏକ ଭିନ୍ନ ଧରଣର ଘରୋଇ ଶିକ୍ଷାନୁଷ୍ଠାନ 'ନ୍ୟୁଟନ୍ ଯୁକ୍ତ୨ ବିଜ୍ଞାନ କଲେଜ'ର ଆରମ୍ଭ କରିଥିଲେ। ସେହି ସଫଳ ଶିକ୍ଷାବିତ୍ ଡ. ତେଜରାଜ ପାତ୍ରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା।**


ଡ. ତେଜରାଜ ପାତ୍ର

**ପ୍ର–୧: ନ୍ୟୁଟନ୍ କଲେଜର ଯାତ୍ରା କିଭଳି ରହିଛି?**

ଉ– ଆଇ.ଏସ୍‌ସି. ପଢୁଥିବା ସମୟରେ ଘରୋଇ ଶିକ୍ଷାଦାନ (ଟ୍ୟୁଶନ)ରେ ସମୟ ଅତିବାହିତ ସହ ପାଠପଢ଼ା ଜାରି ରହିଥିଲା। ଏପରିକି ଶ୍ରେଣୀ ପରେ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଚାଲିଥିବା ବେଳେ ଶିକ୍ଷାଦାନ ପ୍ରତି ଦୁର୍ବଳତା ବଢ଼ିଯାଇଥିଲା। ଦୀର୍ଘ ୩୦ବର୍ଷ ଶିକ୍ଷାଦାନ ଅଭିଜ୍ଞତା ଓ ଶିକ୍ଷା ପ୍ରତି ରହିଥିବା ଦୁର୍ବଳତାରୁ ଏକ ଭିନ୍ନ ଧରଣର ଶିକ୍ଷାନୁଷ୍ଠାନର ଅୟମାରମ୍ଭ ହୋଇଥିଲା। ୨୦୦୭ରେ ଆନୁଷ୍ଠାନିକ ଭାବେ ନ୍ୟୁଟନ୍ କଲେଜର ଶୁଭାରମ୍ଭ ସହ ଶିକ୍ଷାଦାନ ଜାରି ହୋଇଥିଲା। ଏହି ଅନୁଷ୍ଠାନ ଦୀର୍ଘ ୧୫ ବର୍ଷ ମଧ୍ୟରେ ବହୁ ମେଧାବୀ ଓ ପ୍ରତିଭାବାନ୍ ଛାତ୍ର ସୃଷ୍ଟି କରିବାରେ ଅତୁଳନୀୟ ଭୂମିକା ନିର୍ବାହ କରିଛି, ଯାହା କଲେଜର ପ୍ରତିଷ୍ଠାତା ଭାବେ ଗର୍ବ ଅନୁଭବ କରିପାରୁଛି।

**ପ୍ର–୨: ଜାତୀୟ ଶିକ୍ଷାନୀତିକୁ କିଭଳି ଦେଖୁଛନ୍ତି ?**

ଉ– ଜାତୀୟ ଶିକ୍ଷାନୀତି (ଏନ୍‌ଇପି)ରେ ଶିକ୍ଷାର ସବୁ ଦିଗକୁ ପରିପ୍ରକାଶ କରାଯାଇଛି। ଏପରିକି ଆଗାମୀ କାଲିର ଶିକ୍ଷାଦାନ ବେଶ୍ ଉଚ୍ଚକୋଟୀର ଓ ସୃଜନଶୀଳତାର ବିକାଶ ଦିଗରେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି। ଏହାର ପ୍ରଣୟନ ସବୁ ସ୍ତର ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ ବୋଲି ଆକଳନ କରାଯାଉଛି। ଜଣେ ଶିକ୍ଷାବିତ୍ ଭାବେ ଏନ୍‌ଇପିକୁ ସ୍ୱାଗତ କରିବା ସହ ଏହାର ଶିକ୍ଷା ପଦ୍ଧତିକୁ ମଧ ଏକ ଆହ୍ୱାନ ଭାବେ ଗ୍ରହଣ କରୁଛୁ।

**ପ୍ର–୩: ପ୍ରତିଯୋଗିତାମୂଳକ ସମୟରେ ପ୍ରତିପକ୍ଷଙ୍କୁ କିଭଳି ଦେଖୁଥାନ୍ତି ?**

ଉ– ପ୍ରତିଯୋଗୀ ଓ ପ୍ରତିଯୋଗିତା ସବୁ ସ୍ତର ଓ କ୍ଷେତ୍ରରେ ରହିଥାଏ। ହେଲେ ପ୍ରତିପକ୍ଷଙ୍କୁ କିଭଳି ସାମ୍ନା କରିବ ତାହା ପ୍ରତିଷ୍ଠାନର ଦାୟିତ୍ୱ ହୋଇଥାଏ। ଆମେ କେବେହେଲେ କାହାକୁ ପ୍ରତିପକ୍ଷ ବୋଲି ଭାବି ନ ଥାଉ। ବିଶେଷକରି ପ୍ରତିପକ୍ଷଙ୍କଠାରୁ ଭିନ୍ନ କରିବା ଓ ପ୍ରତିଷ୍ଠାନର ଗୌରବ ବଢ଼ାଇବା ପାଇଁ ପ୍ରତିଦିନ କଠିନ ପରିଶ୍ରମ ଓ ଈଶ୍ୱରଙ୍କ ପାଖରେ ନିଜର କର୍ମମୟ ଜୀବନର ହିସାବ ଦେଇଥାଉ।

**ପ୍ର–୪: ଅନ୍‌ଲାଇନ ଓ ଅଫ୍‌ଲାଇନ ଶିକ୍ଷାଦାନ ମଧ୍ୟରେ ଫରକ କ'ଣ ରହିଥାଏ ?**

ଉ– ଶିକ୍ଷାଦାନ ଠିକ୍ ଭାବେ କରାଗଲେ ତା'ର କୌଣସି ଫରକ ଜଣାପଡ଼ି ନ ଥାଏ। ହେଲେ ଶିକ୍ଷାଦାନର ଦୂରତା ବୃଦ୍ଧି କେବଳ ବୃଦ୍ଧିପାଇଥାଏ। ଫଳରେ ପିଲାଙ୍କ ଧ୍ୟାନ ଠିକ୍ ଭାବେ ଶିକ୍ଷାରେ ନିବେଶ ହୋଇପାରି ନ ଥାଏ। ଅନ୍‌ଲାଇନରେ ଯେଉଁ ଶିକ୍ଷା ଓ ଶିକ୍ଷକ ଶିକ୍ଷାଦାନ କରିଥାନ୍ତି, ସେହି ଶିକ୍ଷା ଓ ଶିକ୍ଷକ ଅଫ୍‌ଲାଇନରେ ମଧ କରିଥାନ୍ତି। କିନ୍ତୁ ଶିକ୍ଷକଙ୍କ ନଜର ଓ କ୍ଲାସ୍‌ରୁମ୍ ଶିକ୍ଷାର ପ୍ରଭାବ ଛାତ୍ର ଉପରେ ଅଧିକ ପ୍ରଭାବ ପକାଇଥାଏ। ଏପରିକି ଛାତ୍ରର ଶିକ୍ଷାଦାନ ସହ ସଂସ୍କାରରେ ମଧ ପରିବର୍ତ୍ତନ ଆସିଥାଏ, ଯାହା ଅନ୍‌ଲାଇନରେ ହୋଇପାରେନାହିଁ।

**ପ୍ର–୫: ଯୁକ୍ତ ୨ କଲେଜ ପ୍ରତି ଅଭିଭାବକ ଓ ଛାତ୍ରୀଛାତ୍ରଙ୍କର ଆଗ୍ରହ ବୃଦ୍ଧିର କାରଣ କ'ଣ?**

ଉ– ଉଚ୍ଚ ପ୍ରାଥମିକ ପରେ +୨ ବିଜ୍ଞାନର ଫଳାଫଳ ଛାତ୍ରୀଛାତ୍ର ଜୀବନରେ ଅଧିକ ମହତ ରଖିଥାଏ। ଏପରିକି ଅଭିଭାବକଙ୍କ ସ୍ୱପ୍ନ ପୂରଣ ପାଇଁ ଯୁକ୍ତ୨ର ଫଳାଫଳ ମଧ ଅନେକାଂଶରେ ବେଶ୍ ସହାୟକ ହୋଇଥାଏ। ବିଶେଷକରି ଘରୋଇ ଯୁକ୍ତ୨ ବିଜ୍ଞାନ କଲେଜରେ ସରକାରୀ କଲେଜ ଅପେକ୍ଷା ୨ଗୁଣ ଅଧିକ ସମୟ ସହ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ଶିକ୍ଷାଦାନ ସହିତ ଆବଶ୍ୟକ ଶିକ୍ଷାର ଉପଯୁକ୍ତ ସମାଧାନ ପାଇଁ ସବୁ ସ୍ତରରେ ପ୍ରୟାସ କରାଯାଏ। ସେହିଭଳି ଶିକ୍ଷକମାନେ ଅତିରିକ୍ତ କ୍ଲାସ୍ ସହ ପିଲାଙ୍କ ସହିତ ୧୮ରୁ ୨୦ ଘଣ୍ଟା ଯୋଗାଯୋଗରେ ରହିଥାନ୍ତି ; ଫଳରେ ବାର୍ଷିକ ପରୀକ୍ଷାରେ ଫଳାଫଳ ଭଲ ହୋଇଥାଏ। ଏହା ଉଭୟ ଅଭିଭାବକ ଓ ଅନୁଷ୍ଠାନକୁ ଗୌରବାନ୍ୱିତ କରିଥାଏ।

**ପ୍ର–୬: ଅବସର ସମୟରେ କ'ଣ କରିବାକୁ ଭଲପାଆନ୍ତି?**

ଉ– ଅନୁଷ୍ଠାନର ଗୁରୁଦାୟିତ୍ୱ ସହ ଶହ ଶହ ପିଲାଙ୍କ ଭବିଷ୍ୟତ ଓ ଅଭିଭାବକଙ୍କର ଆଶା ଆମ ଉପରେ ରହିଥାଏ। ସେଥିପାଇଁ ଅଧିକ ସମୟ କଲେଜ କ୍ୟାମ୍ପସରେ ବିତିଯାଏ। ଏପରିକି ପିଲାଙ୍କ ପାଇଁ ଉଭୟ ଅଭିଭାବକ ଓ ଗୁରୁଙ୍କ ଦାୟିତ୍ୱ ମଧ ନିର୍ବାହ କରିବାକୁ ପଡ଼ିଥାଏ ; ଫଳରେ ସମୟ ଅତିବାହିତ କରିବାକୁ ମିଳେନାହିଁ। କିନ୍ତୁ ସବୁ ପରେ କିଛି ସମୟ ମିଳିଲେ ଆବଶ୍ୟକ ଶିକ୍ଷା ଅର୍ଜନ ପାଇଁ ପାଠ୍ୟପୁସ୍ତକ ପଢ଼ା ସହ ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା ଓ ନୂଆ ପାଠ୍ୟକ୍ରମ ଉପରେ ଅଧିକ ଗବେଷଣା କରିବାକୁ ପସନ୍ଦ କରିଥାଏ।

# ଦୁର୍ଘଟଣାରେ ୨ ଭାଇଙ୍କ ଜୀବନ ଗଲା

**ଗୋପବନ୍ଧୁ ନଗର/ ଖୁଣ୍ଟା,୯।୩(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ତଥା କୁଶଳଦା ପାଣ୍ଡି ଅଧୀନ କୁଶଳଦା ପୁରୁଣା ପଞ୍ଚାୟତ ଅଫିସ ସମ୍ମୁଖ ପୋଖରୀ ନିକଟରେ ବାଇକ୍ ଦୁର୍ଘଟଣାରେ ୨ ଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କୁଶଳଦା ଗ୍ରାମର ଚାଙ୍ଗ ସିଂଙ୍କ ପୁଅ ଶରତ ଚନ୍ଦ୍ର (୨୮) ଓ ରାମଚନ୍ଦ୍ର (୨୭)। ଗୁରୁତର ସେହି ଗ୍ରାମର ଗଗନ ମାରାଣ୍ଡି (୨୬)ଙ୍କୁ ଚିକିତ୍ସା ପାଇଁ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନ ସମୟରେ ୩ ଜଣ ଏକ ବାଇକ୍‌ରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ସିମେଣ୍ଟ ପିଲରରେ ପିଟିହୋଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଖୁଣ୍ଟା ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ୨ ଭାଇଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଉଦଳା ଥାନାରେ ମାମଲା(ନଂ. ୬୫/୨୩) ରୁଜୁ ହୋଇଛି।

**ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ**

SWAPNA

ହସ୍ତଶିଳ୍ପ କାରିଗରଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ନିମନ୍ତେ ଭାରତ ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରଣାଳୟ ତଥା ବିକାଶ ଆୟୁକ୍ତ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ବିରାଟ

**କ୍ରାଫ୍ଟ ବଜାର**

**ସ୍ଥାନ: ପିଏଚଡି ପଡିଆ, ଅଇଁଠାପାଲି, ସମ୍ବଲପୁର**
**ମାର୍ଚ୍ଚ ୦୫ ରୁ ୧୪ ତାରିଖ ପର୍ଯ୍ୟନ୍ତ**

ବିଭିନ୍ନ ପ୍ରକାର ହସ୍ତଶିଳ୍ପ କାରିଗର ଯଥା–ରାଜସ୍ଥାନ ବେଡସିଟ, ଉତ୍ତରପ୍ରଦେଶ କାର୍ପେଟ, ବନାରସୀ ଶାଢୀ, ସମ୍ବଲପୁରୀ ଶାଢୀ, ଢେଙ୍କାନାଳ କାଷ୍ଠ କାର୍ଯ୍ୟ, କାଶ୍ମିରୀ ସାଲ, ଚାନ୍ଦୁଆ, ବାଗ ଅଳଙ୍କାର, ଶଙ୍ଖ ପଟ୍ଟଚିତ୍ର, ଡୋକ୍ରା, ଟେରାକୋଟା ଆଦି ମେଳାର ମୁଖ୍ୟ ଆକର୍ଷଣ।

ଆୟୋଜକ:ସ୍ୱପ୍ନା, ସମ୍ବଲପୁର

**NatWest Markets**

**ନାଟୱେଷ୍ଟ ମାର୍କେଟ୍‌ସ ପିଏଲସି**
**(ପୂର୍ବରୁ ଦି ରୟାଲ୍ ବ୍ୟାଙ୍କ ଅଫ୍ ସ୍କଟଲ୍ୟାଣ୍ଡ ପିଏଲସି, ଦି ରୟାଲ୍ ବ୍ୟାଙ୍କ ଅଫ୍ ସ୍କଟଲ୍ୟାଣ୍ଡ ଏନ.ଭି. ଓ ଏବିଏନ ଆମ୍ରୋ ବ୍ୟାଙ୍କ ଏନ.ଭି.)**

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ନାଟୱେଷ୍ଟ ମାର୍କେଟସ୍ ପିଏଲସି (ପୂର୍ବରୁ ଦି ରୟାଲ୍ ବ୍ୟାଙ୍କ ଅଫ୍ ସ୍କଟଲ୍ୟାଣ୍ଡ ପିଏଲସି, ଦି ରୟାଲ୍ ବ୍ୟାଙ୍କ ଅଫ ସ୍କଟଲ୍ୟାଣ୍ଡ ଏନ.ଭି. ଏବଂ ଏବିଏନ୍ ଆମ୍ରୋ ବ୍ୟାଙ୍କ ଏନ.ଭି.) ଭାରତରେ ଏହାର ଶାଖା ମାଧ୍ୟମରେ ଭାରତରେ ଲାଇସେନ୍‌ସପ୍ରାପ୍ତ ବ୍ୟାଙ୍କ ଭାବରେ କାର୍ଯ୍ୟ କରି ଆସୁଥିଲା ଏବଂ ଏହା ("ବ୍ୟାଙ୍କ") 31 ଡିସେମ୍ବର, 2019 ରୁ ଏହାର ସମସ୍ତ ବ୍ୟବସାୟ ଏବଂ ଅପରେସନ୍ ବନ୍ଦ କରିଦେଇଛି ଏବଂ ଭାରତରେ ଏହାର ବ୍ୟବସାୟ ଏବଂ କାର୍ଯ୍ୟକୁ ବନ୍ଦ କରିବା ପ୍ରକ୍ରିୟାରେ ଅଛି। ଅଦ୍ୟ ତାରିଖ ସୁଦ୍ଧା, ବ୍ୟାଙ୍କ ଭାରତରେ କୌଣସି ବ୍ୟାଙ୍କିଙ୍ଗ୍ ସେବା (ଯେପରିକି ସେଭିଂ ଆକାଉଣ୍ଟ/କରେଣ୍ଟ ଆକାଉଣ୍ଟ/ଫିକ୍ସଡ୍ ଡିପୋଜିଟ୍/ଋଣ ଉତ୍ପାଦ ଇତ୍ୟାଦି) ପ୍ରଦାନ କରୁନାହିଁ କିମ୍ବା କୌଣସି ସଂପୃକ୍ତ ବ୍ୟବସାୟରେ କିମ୍ବା କୌଣସି ଗ୍ରାହକ ବ୍ୟବସାୟ କିମ୍ବା କୌଣସି ପ୍ରକାରର କାର୍ଯ୍ୟକଳାପରେ ନିୟୋଜିତ ନାହାଁନ୍ତି।
ଜନସାଧାରଣଙ୍କୁ ଅବଗତ କରାଯାଇଛି ଯେ ବ୍ୟାଙ୍କ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମଏମୱାଇ) ସହିତ ଜଡ଼ିତ ନୁହେଁ କିମ୍ବା ପିଏମଏମୱାଇ ଅଧୀନରେ ଋଣ ବିତରଣ କିମ୍ବା ପିଏମଏମୱାଇ ସହିତ କୌଣସି ପାଣ୍ଠି ସଂଗ୍ରହ ସହିତ ଜଡ଼ିତ ନୁହେଁ। ଏହି ସମ୍ବନ୍ଧରେ ବ୍ୟାଙ୍କ କୌଣସି ବ୍ୟକ୍ତିଙ୍କୁ କୌଣସି ପ୍ରକାରେ କିମ୍ବା ପ୍ରକ୍ରିୟାରେ ଅନୁମତି ଦେଇ ନାହାଁନ୍ତି। ଯଦି କୌଣସି ବ୍ୟକ୍ତି ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଲୋନ୍ ସ୍କିମ୍ ବା ଅନ୍ୟ ସ୍କିମ୍/ବ୍ୟାଙ୍କିଙ୍ଗ ସେବା ପାଇଁ ବ୍ୟାଙ୍କ ସହିତ ସଂପୃକ୍ତ ଥିବା (ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ) ଦାବୀ କରୁଥାନ୍ତି ତେବେ ସେମାନେ ଏପରି କରି ଜନସାଧାରଣଙ୍କୁ ବିଭ୍ରାନ୍ତି କରୁଛନ୍ତି ଏବଂ ଏପରି ଉପସ୍ଥାପନାକୁ ଜନସାଧାରଣ କଦାପି ବିଶ୍ୱାସ କରିବା ଉଚିତ୍ ନୁହେଁ।

**ଶାସ୍ତ୍ରୀ ପଣ୍ଡୁ**
କମ୍ପ୍ଲିଆନ୍‌ସ ଆଣ୍ଡ କଣ୍ଡକ୍ଟ ମୁଖ୍ୟ, ଇଣ୍ଡିଆ ବ୍ୟାଙ୍କ
ନାଟୱେଷ୍ଟ ମାର୍କେଟ୍‌ସ ପିଏଲସି, ଭାରତ

## ବାର୍ତ୍ତା



ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୩ ହାଇସ୍କୁଲ୍ ଏବଂ ମଧ୍ୟମା (ସଂସ୍କୃତ)ର ସମାପ୍ତି ସୂଚକ ଆକଳନ-୨ (Summative Assessment-II) ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଚଳିତ ବର୍ଷ ମାର୍ଚ୍ଚ ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ କ୍ୟାରିୟର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପିଲାମାନେ ଯେପରି ସମ୍ପୂର୍ଣ୍ଣ ଚାପମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍। ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଭାବରେ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

## ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ବର୍ଷ ମାର୍ଚ୍ଚ ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୨୦୨୩ ହାଇସ୍କୁଲ୍ ଓ ମଧ୍ୟମା (ସଂସ୍କୃତ)ର ସମାପ୍ତି ସୂଚକ ଆକଳନ-୨ (Summative Assessment-II) ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଛି। ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି। ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମି ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ। ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ। ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି।

(ସମୀର ରଞ୍ଜନ ଦାଶ)

# ଯୁବକଙ୍କୁ ଛୁରାମାଡ଼ ଘଟଣା, ୨ ଗିରଫ

**ରାଉରକେଲା ଅଫିସ,୯।୩:** ଯୁବକଙ୍କୁ ଛୁରାମାଡ଼ ଘଟଣାରେ ସେକ୍ଟର–୩ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଦେବେନ୍ଦ୍ର ମଲ୍ଲିକ(୪୨) ଓ ବୁନା ଓରଫ ସୁମନ୍ତ ମଲ୍ଲିକ(୨୪)। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୨୬।୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ସେକ୍ଟର–୩ ସ୍ଥିତ ଏନ୍‌ଆଇଟି ବସ୍ତିର ଶୁଭମ ବାରିକ ଫେବୃଆରୀ ୮ ତାରିଖ ସନ୍ଧ୍ୟାରେ ବୁନା ଘର ପାଖରେ ଥିବା ଏକ ସାଇ ମନ୍ଦିରର ସ୍ଲାବ୍ ତିଆରି କରୁଥିଲେ। ଏହି ସମୟରେ ବୁନା ଓ ଦେବେନ୍ଦ୍ର ତାଙ୍କୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ଦେବେନ୍ଦ୍ର ଓ ବୁନା ରାଗିଯାଇ ଏକ ଛୁରୀରେ ଶୁଭମଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଶୁଭମଙ୍କୁ ଉଦ୍ଧାର କରି ଚିକିତ୍ସାଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ।

# ଆଦାନି ଗ୍ରୁପ୍ ଜାଲିଆତି ବିରୋଧରେ ବିକ୍ଷୋଭ

**ରାଉରକେଲା ଅଫିସ,୯।୩**

ରାଉରକେଲା ସେକ୍ଟର–୧୯ ସ୍ଥିତ ଏଲ୍‌ଆଇସି କାର୍ଯ୍ୟାଳୟ ସମ୍ମୁଖରେ ରାଉରକେଲା କଂଗ୍ରେସ ପକ୍ଷରୁ ଆଦାନୀ ଗ୍ରୁପ୍‌ର ଜାଲିଆତି ବିରୋଧରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏଥିରେ କଂଗ୍ରେସର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ଆଦାନୀ କମ୍ପାନୀର ଅର୍ଥନୈତିକ ଅପରାଧ ପ୍ରସଙ୍ଗରେ ସଂସଦରେ ଆଲୋଚନା ହେଉ ବୋଲି ଦାବି କରିଥିଲେ। ସେହିପରି ଆଦାନୀ ଗ୍ରୁପ୍‌ର କଳା କାରନାମାର ପର୍ଦ୍ଦାଫାଶ ପାଇଁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଅଥବା ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ତଦନ୍ତ କରାଯାଉ ବୋଲି ସେମାନେ କହିଥିଲେ। ଏହି ବିକ୍ଷୋଭରେ ଦଳର ବରିଷ୍ଠ ନେତା ପ୍ରଭାତ ମହାପାତ୍ର, ରଶ୍ମି ପାଢ଼ୀ, ବିରେନ ସେନାପତି, ଦେବବ୍ରତ ବିହାରୀ, ମହିଳା ସଭାନେତ୍ରୀ ନିରୁପମା ବଳିଆରସିଂ, ଭାସ୍କର ଖିଲାର, ସବୀର ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 51/ET/SBP/ENGG/2022-23, ତା. 06.03.2023 ରିଖ
ଇ-ଟେଣ୍ଡର ସଂ. 51-eT-DENW-SBP-22

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ଲାଖୋଲି-ଟିଟିଲାଗଡ଼ ସେକ୍ସନ୍‌ରେ 21 ଗୋଟି ହ୍ୟୁମ୍‌ପାଇପ୍ ପୋଲ (ପୋଲ ନଂ.64, 69, 70, 71, 73, 75, 78, 79, 82, 85, 86, 98, 105, 109, 111, 112, 127, 132, 149, 154 ଏବଂ 173)ଗୁଡ଼ିକର ପୁନଃରୁଦ୍ଧାର କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 6,57,00,698.68, EMD (ଟଙ୍କାରେ): 4,78,600/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.04.2023ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-1065/N/22-23

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**

ରେ.ନଂ.୫୧/ଏସ୍.ଏମ୍. ତା.୨୬.୦୬.୧୯୫୬

**ବିଜ୍ଞପ୍ତି ସଂଖ୍ୟା ୭୪୨୭** **ତାରିଖ ୦୭.୦୩.୨୦୨୩**

ଏତଦ୍ଦ୍ୱାରା ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ.ର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୫୪ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୨୨.୦୩.୨୦୨୩ (ବୁଧବାର) ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବରଗଡ଼ ବାନ୍ଧୁଟିକ୍ରା ଛକ ନିକଟସ୍ଥ "ସ୍ୱୟଂସିଦ୍ଧା ଭବନ" ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ।

ବି.ଦ୍ର.:– ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସାଙ୍ଗରେ ଆଣିବାକୁ ଅନୁରୋଧ।

**କାର୍ଯ୍ୟସୂଚୀ**

୧.ପୂର୍ବ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢୀକରଣ।
୨.ବ୍ୟାଙ୍କର ୨୦୨୧–୨୨ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩.ବ୍ୟାଙ୍କର ୨୦୨୧–୨୨ ବର୍ଷର ଅଡିଟ୍ ରିପୋର୍ଟ ପଠନ ଓ ଗ୍ରହଣ।
୪.୨୦୨୩–୨୪ ବର୍ଷର ବଜେଟ ଅଟକଳ ଅନୁମୋଦନ।
୫.୨୦୨୧–୨୨ ବର୍ଷର ଲାଭାଂଶ ବଣ୍ଟନ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ।
୬.ଉପବିଧିର ଧାରା ୪ ପରିବର୍ତ୍ତନ।
୭.ଅନ୍ୟାନ୍ୟ ବିଷୟ (ସଭାପତିଙ୍କ ଅନୁମତି କ୍ରମେ)

**ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ**
**ସ୍ୱା./– ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, राँची**

ई–निविदा आमंत्रण सूचना

ई– निविदा सूचना संख्या – RDD/SD/RANCHI/16/2022-23 Re-tender (2nd Call)
P.R. No. 289005 (Rural Development) 22-23 (D)

1.कार्य की विस्तृत विवरणी:

| क्र० सं० | कार्य का नाम | परिमाण विपत्र की राशि (लाख में) | परिमाण विपत्र का मूल्य | अग्रधन की राशि | कार्य पूर्ण करने की अवधि |
|---|---|---|---|---|---|
| I | राँची जिला के खेलारी प्रखंड स्थित मायापुर पंचायत में हरहू नाला पर आर०सी०सी० पुलिया निर्माण। | 265.25996 | 10,000.00 | 5,31,000.00 | 18 माह |
| II | राँची जिला के खेलारी प्रखंड के लपरा पंचायत के चट्टी नदी में आर०सी०सी० पुलिया निर्माण। | 250.71865 | 10,000.00 | 5,02,000.00 | 18 माह |

2. वेबसाइट में निविदा प्रकाशन की तिथि – दिनांक 22.03.2023
3. ई–निविदा प्राप्ति की तिथि एवं समय – दिनांक 24.03.2023 से दिनांक 31.03.2023 के अपराह्न 5:00 बजे तक।
4. कार्यपालक अभियंता कार्यालय, ग्रामीण विकास विशेष प्रमंडल, राँची / मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ० एफ० पी० भवन, धुर्वा, राँची में निविदा शुल्क एवं अग्रधन की राशि जमा करने की तिथि एवं समय दिनांक 03.04.2023 अपराह्न 05:00 बजे तक।
5. निविदा खोलने का स्थान – मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ० एफ० पी० भवन, धुर्वा, राँची।
6. तकनीकी निविदा खोलने की तिथि एवं समय – दिनांक 05.04.2023 अपराह्न 2:00 बजे
7. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, राँची।
8. ई–निविदा प्रकोष्ठ का दूरभाष सं० – 9523491111
9. निविदा शुल्क राष्ट्रीयकृत बैंक द्वारा निर्गत बैंक ड्राफ्ट / बैकर्स चेक के रूप में कार्यपालक अभियंता, ग्रामीण विकास विशेष प्रमंडल, राँची के पक्ष में, जो भारतीय स्टेट बैंक डोरंडा शाखा में भुगतेय होगा जो लौटाया नहीं जायेगा।
10. प्राक्कलित राशि घट–बढ़ सकती है, तदनुसार अग्रधन की राशि देय होगी।
11. बिना कारण बताये किसी भी स्तर पर निविदा को रदद् का अधिकार विभाग के पास सुरक्षित रहेगा।
12. टेन्डर डॉक्यूमेंट के साथ Updated Ucan समर्पित करना Mandatory है।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,राँची
PR 292172 Rural Work Department(22-23).D

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ସରଫେଶୀ ଆକ୍ଟ ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିବା ପରେ ଯଦି କିଛି ଅର୍ଥ ପୈଠ କରାଯାଇଥାଏ ତେବେ ଆକାଉଣ୍ଟ ସମାଧାନ ସମୟରେ ପ୍ରଦାନ କରାଯିବାକୁ ଥିବା ଦେୟ ବିଷୟରେ ଜାଣିବା ପାଇଁ ସେହି ଅର୍ଥକୁ କଳନା କରାଯିବ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ତମାଣ୍ଡୋ ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ହେମ ଚନ୍ଦ୍ର ରାଜହଂସ, ଠିକଣା-୧: ସା: ପ୍ଲଟ୍ ନଂ.: ୨୨୯୭, ନୂଆ ସାହି, ପୋ/ଥାନା: ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଠିକଣା-୨: ହାଉସ୍ ନଂ.: ଏମ୍‌ଆଇଜି-୧-୪୩/୨, ଓଏସ୍‌ଏଚ୍‌ବି, ଚନ୍ଦ୍ରଶେଖରପୁର, ଫେଜ୍-୧, ଭୁବନେଶ୍ୱର-୭୫୧୦୧୬ | ଟ.୬,୬୮,୭୭୪/- +ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୧.୧୦.୨୦୨୨ / ୦୪.୦୩.୨୦୨୩ | ଶ୍ରୀ ହେମ ଚନ୍ଦ୍ର ରାଜହଂସଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ହାଉସ୍ ନଂ.: ଏମ୍‌ଆଇଜି-୧-୪୩/୨, ଓଏସ୍‌ଏଚ୍‌ବି କମ୍ପୋଜିଟ୍ ହାଉସିଂ ସ୍କିମ୍, ଖାତା ନଂ.: ୪୭୨, ପ୍ଲଟ୍ ନଂ.: ୨୪୧(ଅଂଶ), କ୍ଷେତ୍ର: ୩୮୫ ବର୍ଗଫୁଟ, କିସମ: ଘରବାରୀ, ମୌଜା: ଚନ୍ଦ୍ରଶେଖରପୁର, ଥାନା: ନୟାପଲ୍ଲୀ, ଏସ୍‌ଆରଓ: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ୨୦ ଫୁଟିଆ ରାସ୍ତା, ଦକ୍ଷିଣ: ଖୋଲା ସ୍ଥାନ, ପୂର୍ବ: ହାଉସ୍ ନଂ.: ଏମ୍‌ଆଇଜି-୧-୪୩/୧, ପଶ୍ଚିମ: ହାଉସ୍ ନଂ.: ଏମ୍‌ଆଇଜି-୧-୪୪/୧ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୦.୦୩.୨୦୨୩
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଗଞ୍ଜେଇ ସହିତ ବାଇକ୍ ଜବତ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଶାନ୍ତପୁର ଗ୍ରାମସ୍ଥିତ କେନାଲ ହୁଡା ନିକଟରେ ପୋଲିସ ଚଢ଼ାଉ କରି ଗଞ୍ଜେଇ ସହ ବାଇକ୍ ଜବତ କରିଛି। ଜଣେ ବ୍ୟକ୍ତି ଏକ ବାଇକ ଯୋଗେ ଏକ ବ୍ୟାଗରେ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ପୋଲିସ ସୂଚନା ପାଇଁ ବାଇକ୍ ଅଟକାଇ ତଦନ୍ତ କରିବା ପରେ ପ୍ରାୟ ୧୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ସହିତ ଗାଡ଼ିକୁ ଥାନାକୁ ଆଣିଥିଲା। ପଚରାଉଚରା କରିବା ପରେ ଉଦେୟନାଥ ସିଂ(୫୬) ବଦଲାପୁର ବାସିନ୍ଦା ଉତ୍ତରପ୍ରଦେଶର ବୋଲି ସୂଚନା ମିଳିଛି। ଗଞ୍ଜେଇ କୋରାପୁଟଠାରୁ ରାୟପୁର ସହରକୁ ଚୋରାଚାଲାଣ କରୁଥିବା ସେ ସ୍ୱୀକାର କରିଥିବା ପୋଲିସ କହିଛି।

## ସଂକ୍ଷେପରେ

### ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

କେସିଙ୍ଗା,୯।୩(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ମଶାଣିବନ୍ଧ ଗ୍ରାମସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଷୋହଳ ପ୍ରହର ନାମଯଜ୍ଞରେ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, ଜିଲାରୁ ୧୦ଟି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ବଲାଙ୍ଗୀର ଜିଲାର ଯୋଗୀମାରା, ଦେଶନ ଓ ବୌଦ୍ଧ ଜିଲାର ବବି ମହାଲିଙ୍ଗର ୩ ଝିଅ ଦଳ ଯୋଗଦେଇ ଦର୍ଶକଙ୍କୁ ମନମୋହିତ କରିଥିଲେ। ଆଖପାଖ ଅଞ୍ଚଳର ଶହ ଶହ ସଂଖ୍ୟାରେ ଦର୍ଶକମାନେ ପ୍ରତ୍ୟେକ ଦିନ ମାଗଣା ଅନ୍ନ ପ୍ରସାଦ ସେବନ କରିଥିଲେ। ମଶାଣିବନ୍ଧ ଗ୍ରାମର ବିଷ୍ଣୁ ପଦ ଘଢେଇ ପରିଚାଳନା ଓ ଦାୟିତ୍ୱ କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

### ବେଦାନ୍ତ ପକ୍ଷରୁ ମହିଳା ଦିବସ ପାଳିତ

ଲାଞ୍ଜିଗଡ଼,୯।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ରଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଶକ୍ତିମୟୀ ପାଉଣ୍ଡେସନ ଓ ଲାଞ୍ଜିଗଡ ବେଦାନ୍ତ ଲିମିଟେଡ଼ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବେଦାନ୍ତ ସିଏସଆର ଉପମୁଖ୍ୟ ମୁଖ୍ୟ ଦିଲୀପ ପ୍ରଜାପତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ବେଦାନ୍ତ ଡେପୁଟି ହେଡ ଆଇଟି ବିଭାଗ ସ୍ୱିୟା ପଣ୍ଡା, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ ସିଏଚସି ଡାକ୍ତର ଏଗଥା ଚିନ୍ଦା, ଆଇସିଡିଏସ ସୁପରଭାଇଜର ଜୋସ୍ନା ମିଶ୍ର, ଶକ୍ତିମୟୀ ଫାଉଣ୍ଡେସନ ସଭାନେତ୍ରୀ ଜୋସଦା ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଚନ୍ଦ୍ରଚୁଡ ମହାଖୁଡ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ, ମହିଳା ସଂଘଠନ ମହିଳା ପ୍ରତିନିଧିମାନେ ଓ ବେଦାନ୍ତ ସିଏସଆର କର୍ମକର୍ତ୍ତା ଏବଂ ବେଦାନ୍ତ ଡାକ୍ତରଖାନା କର୍ମକର୍ତ୍ତାମାନେ ମଧ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବେଦାନ୍ତ ସିଏସଆର ପକ୍ଷରୁ ସାନିନୀ ଏନଏସ, ଅଭିନଭ ପ୍ରତାପ, ପ୍ରଦୋସ ପ୍ରକାଶ ପୁଷ୍ଟି, ଶୃତି ଶୁକ୍ଳା, ମୃତ୍ୟୁଞ୍ଜୟ ଅଗ୍ରୱାଲ, ଋତୁ ପୂର୍ଣ୍ଣି ସହଯୋଗ କରିଥିଲେ। ବେଦାନ୍ତ ଲିମିଟେଡ଼ ସିଏସଆର ଉପମୁଖ୍ୟ ପ୍ରଜାପତି ଧନ୍ୟବାଦ ଦେଇଥିଲେ।

### ନେହେରୁ ଯୁବ କେନ୍ଦ୍ର ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନୂଆପଡ଼ା ଅଫିସ,୯।୩: ନେହେରୁ ଯୁବ କେନ୍ଦ୍ର ନୂଆପଡା ଯୁବ ଅଧିକାରୀ ଆଶିଷ କୁମାର ଠାକୁରଙ୍କୁ ଗୁରୁବାର ଜିଲା ସମସ୍ତ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ବିଦାୟକାଳିନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନୂଆପଡା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ହିରାଲାଲ ପଟେଲ, ମହେନ୍ଦ୍ର ଯୋଶୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଆଶିଷ ଠାକୁରଙ୍କ କାର୍ଯ୍ୟ ଶୈଳି ଅତି ଉଚ୍ଚ କୋଟୀର ଥିଲା ଓ ଜିଲା କୋଣ ଅନୁକୋଣକୁ ସେ ପହଞ୍ଚି ପାରିଥିଲେ ବୋଲି ଅତିଥିମାନେ ପ୍ରଶଂସା କରିଥିଲେ।

### ପୂର୍ବତନ ୱାର୍ଡ ସଭ୍ୟ ରାମଜି ସୁନାନୀଙ୍କ ପରଲୋକ

ଖଡ଼ିଆଳ,୯।୩(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରାଣୀମୁଣ୍ଡା ଗ୍ରାମର ରାମଜୀ ସୁନାନୀଙ୍କ (୮୫)ରେ ପରଲୋକ ହୋଇଛି। ସେ ରାଣୀମୁଣ୍ଡା ପଞ୍ଚାୟତରେ ୯ଥର ୱାର୍ଡ ସଭ୍ୟ ହୋଇ ବିଭିନ୍ନ ପଦ ପଦବୀରେ ରହିବା ସହିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସଭାପତି ଭାବରେ କାର୍ଯ୍ୟ କରି ବହୁତ ଉନ୍ନତି କରିଥିଲେ। ସେ ୯ ଥର ପଞ୍ଚାୟତ ୱାର୍ଡ ସଭ୍ୟ ନିର୍ବାଚନ ହେବା ଖଡ଼ିଆଳ ବ୍ଲକରେ ପ୍ରଥମ ବୋଲି ଚର୍ଚ୍ଚା ହେଉଛି। ଗ୍ରାମ ତଥା ଅଞ୍ଚଳର ସମସ୍ତ ସାମାଜିକ, ସଂସ୍କୃତିକ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟ ସମ୍ପାଦନ କରୁଥିଲେ। ତାଙ୍କର ମୃତ୍ୟୁ ସମୟରେ ପରିବାରର ସମସ୍ତ ସଦସ୍ୟ ଓ ବନ୍ଧୁ ପରିଜନ ଉପସ୍ଥିତ ଥିବାବେଳେ ଚାରି ପୁଅ କଦାରର୍ଚ୍ଚନ, ନିବାର୍ଚ୍ଚନ, ସୋମିନନ୍ଦ, ମଧୁନନ୍ଦ ଅଛନ୍ତି। ଜ୍ୟେଷ୍ଠ ପୁତ୍ର କଦାରର୍ଚ୍ଚନ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକ ଛାୟା ଖେଳିଯାଇଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆମରଣ ଅନଶନ

ଜୁନାଗଡ଼,୯।୩(ଡି.ଏନ.ଏ.)


ଜୁନାଗଡ଼ ସଚେତନ ସଂଗ୍ରାମ ସମିତି ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆମରଣ ଅନଶନ କରାଯାଇଛି।

**ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

**■ଉପଖଣ୍ଡସ୍ତରୀୟ ଡାକ୍ତରଖାନା ମାନ୍ୟତା, ଡାକ୍ତର ନିଯୁକ୍ତି ଦାବି**

କଳାହାଣ୍ଡି ଜିଲା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନାର ମାନ୍ୟତା, ଖାଲି ପଡିଥିବା ମେଡିସିନ ଓ ସର୍ଜରୀ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଏବଂ ବନ୍ଦ ପଡିଥିବା ରକ୍ତଭଣ୍ଡାର କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି। ଏହାକୁ ନେଇ ଗୁରୁବାରଠାରୁ ଜୁନାଗଡ଼ ସଚେତନ ସଂଗ୍ରାମ ସମିତି ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆମରଣ ଅନଶନ କରାଯାଉଛି। ଜୁନାଗଡ଼ ଡାକ୍ତରଖାନା ଜିଲାର ଏକ ପ୍ରମୁଖ ଡାକ୍ତରଖାନା ହୋଇଥିବାବେଳେ ଅନେକ ଦିନରୁ ସରକାରଙ୍କ ଅବହେଳାର ଶିକାର ହୋଇ ଦୀର୍ଘ ଦିନରୁ ଡାକ୍ତର ପଦବୀ ଓ ଆନୁସଙ୍ଗିକ ଭିତ୍ତିଭୂମି ଅଭାବ ସହ ବିଭିନ୍ନ ସମସ୍ୟା ଲାଗିରହିଛି। ଦୀର୍ଘଦିନରୁ ଜୁନାଗଡ଼ବାସୀ ଏହି ସମସ୍ୟା ପାଇଁ ସରକାରଙ୍କଠାରେ ଦାବି କରି ଆସୁଥିଲେ ମଧ୍ୟ ଏହାର ସମାଧାନ ହୋଇ ପାରୁନାହିଁ। ଫଳରେ ଡାକ୍ତରଖାନା ଉପରେ ବ୍ଲକ, ଏନଏସି ଓ ପଡୋଶୀ ବ୍ଲକର ପ୍ରାୟ ୬ ଲକ୍ଷ ଲୋକ ଉପଯୁକ୍ତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି। ଏହା କେବଳ ଏକ ରେଫରାଲ ମେଡିକାଲ ଭାବେ କାର୍ଯ୍ୟକରୁଛି। ଜୁନାଗଡ଼ ଡାକ୍ତରଖାନା ୧୯୩୨ରେ ସ୍ଥାପିତ ହୋଇଥିଲା। ଜିଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ ଜୁନାଗଡ଼ ଡାକ୍ତରଖାନାର ଅନେକ ସମସ୍ୟା ରହିଛି। ଏହି ଡାକ୍ତରଖାନାକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନାକୁ ଉନ୍ନିତକରିବା ସହ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିସିନ ଓ ସର୍ଜରୀ, ଆନେସ୍ଥେସିୟା ବିଶେଷଜ୍ଞ ଡାକ୍ତର ଅତିଶୀଘ୍ର ନିଯୁକ୍ତି କରିବା ପାଇଁ ସଚେତନ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି। ଜୁନାଗଡ଼ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଶ୍ମିରଞ୍ଜନ ନାୟକଙ୍କ ଆହ୍ୱାନରେ ଅନଶନରେ ବ୍ୟବସାୟୀ ସଂଘ ପ୍ରଭାତ ଦାସ, ଖବରଦାତା ସଂଘ ସଭାପତି ହିମାଂଶୁ ଶେଖର ବରାଡ, ମା' ମାଟି ମମତା ସଙ୍ଗଠନ ପକ୍ଷରୁ ଆଇନଜୀବୀ ବିଶନାଥ କର, ସଂଗ୍ରାମ ସମିତିର କୁବଳେଶ୍ୱର ପାଣିଗ୍ରାହୀ, ଅନୀଲ ପଣ୍ଡା, ସିପିଆଇରୁ ଦାମୋଦର ବେହେରା, ଶ୍ରମିକ ସଙ୍ଗଠନରୁ ବିରଞ୍ଚି ପଣ୍ଡା, ନିର୍ମଳ ମହାନ୍ତି, ବେଦପ୍ରକାଶ ଗୋଏଲ, ଯୁଧିଷ୍ଠିର ଦଣ୍ଡସେନା, ଯୁବ ନେତା ଚିତ୍ତରଞ୍ଜନ ନିଆଲ ପ୍ରମୁଖ ଅନେକ ସଂଗଠର କର୍ମକର୍ତ୍ତା ସାମିଲ ହୋଇଛନ୍ତି। ଏହିସବୁ ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀ, ରାଜ୍ୟ ମୁଖ୍ୟସଚିବ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସ୍ଥାନୀୟ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରେରଣ କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଅନଶନ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଜାରି ରହିବ ବୋଲି ସଂଗ୍ରାମ ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି।

# ବିଡିଓଙ୍କୁ ଦଳିତ ଅଧିକାର ମଞ୍ଚ ପକ୍ଷରୁ ଦାବିପତ୍ର

ଖଡ଼ିଆଳ,୯।୩(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ପଞ୍ଚାୟତ ତୋର୍ଲି ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ରାସ୍ତା କାମରେ ଦୁର୍ନୀତି ଓ ଶ୍ରମିକଙ୍କୁ ପାଉଣା ଦେଇ ନ ଥିବା ନେଇ ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି ଓ ଗ୍ରାମବାସୀ ବିଡିଓଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାଇ ତୋର୍ଲି ଗ୍ରାମର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କଠାରୁ କଦମପଡ଼ାକୁ ୨୦୨୧-୨୨ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା ନିର୍ମାଣ କରାଯାଇଛି। ଏହାର ଅଟକଳ ୧୨,୮୬, ୬୩୫ ଟଙ୍କା ବୋଲି ସୂଚନା ଫଳକରୁ ଜଣାପଡିଛି। ମୋରମ ପକାଇ ତିଆରି କରିବାକୁ ଥିବା ବେଳେ କେବଳ ହାଲୁକା ମାଟି ପକାଇ କାମ କରି ଟଙ୍କା ଆତ୍ମସାତ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୁରୁମ ବଦଳରେ ହାଲୁକା ମାଟିରେ ରାସ୍ତା ନିର୍ମାଣ ହୋଇଥିବା ଯୋଗୁ ବର୍ତ୍ତମାନ ଧୂଳିମୟ ହୋଇ ରହିଛି। ବର୍ଷା ଦିନରେ ରାସ୍ତା କାଦୁ ହେବା ଫଳରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେବେ। ସେହିପରି କାର୍ଯ୍ୟ ସମାପ୍ତ ହୋଇ ୨ ମାସରୁ ଅଧିକ ଦିନ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଶ୍ରମିକଙ୍କ ପାଉଣା ଦିଆଯାଇ ନାହିଁ। ଫଳରେ ଶ୍ରମିକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶ୍ରମିକଙ୍କୁ ଦୈନିକ ମଜୁରି ଦେବାକୁ ନିୟମ ଥିବାବେଳେ ସମ୍ପୃକ୍ତ ଠିକାଦାର ମାଟି ଖନନର ପ୍ରତ୍ୟେକ ଖୁଣ୍ଟି ପ୍ରତି ୬୦୦ ଟଙ୍କା ଦେବାକୁ କହି ଠିକାଦାର କାମ କରାଇଥିଲେ। ଫଳରେ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଜିଲା ପ୍ରଶାସନ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ନଚେତ ଗ୍ରାମବାସୀ ଓ ଦଳିତ ଅଧିକାର ମଞ୍ଚ ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବିଡିଓ ବୀରସେନ ବେହେରାଙ୍କୁ ପଚାରିବାରୁ ଅଭିଯୋଗ ହୋଇଛି, ଏହାର ତଦନ୍ତର ଦାୟିତ୍ୱ ଦିଆଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଜିଲାସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ, ଋଣ କର୍ମଶାଳା


ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

ଭବାନୀପାଟଣା,୯।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାରେ ଜିଲାସ୍ତରୀୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଓ ନୂଆପଡ଼ା ଜିଲାର ସମସ୍ତ ପାକ୍ସ ଓ ଲେମ୍ପସ ସଭାପତି, କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ପରିଚାଳନା କମିଟି ସଭ୍ୟମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟକ ଭୂପିନ୍ଦର ସିଂ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଓ ପୌରଧକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନରେ ଏସଏନ କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଭୁବନେଶ୍ୱର ଯୁଗ୍ମ ରେଜିଷ୍ଟ୍ରର ଭକ୍ତବନ୍ଧୁ ସାହୁ, ଜିଲା ଉପନିବନ୍ଧକ ପ୍ରମୋଦ କୁମାର ସାହୁ, କେନ୍ଦ୍ର ସମବାୟ ବ୍ୟାଙ୍କ ଉପସଭାପତି ନନ୍ଦିନୀ ସାହୁ, ଡିଡିଏମ ନାବାର୍ଡ ମହେଶର ଦାଶ, ସହକାରୀ ନିବନ୍ଧକ ଉମାକାନ୍ତ ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ପ୍ରମୁଖ ଯୋଗଦେଇଥିଲେ। ବ୍ୟାଙ୍କ ମୁଖ୍ୟ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଜିର ଦିନରେ ସମବାୟର ଭୂମିକା ଓ ସମବାୟ ବ୍ୟାଙ୍କ ମାଧ୍ୟମରେ ଦିଆଯାଉଥିବା ବିନା ସୁଧରେ କୃଷି ଋଣ, ଅନ୍ୟାନ୍ୟ ସେବା ପ୍ରଦାନ ତଥା ଚାଷୀଭାଇମାନେ ଏଥିରୁ କିପରି ସୁଫଳ ପାଇପାରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିରଞ୍ଚିନାରାୟଣ ମୁଣ୍ଡ ଓ ନିହାରିକା ନାୟକ ମଞ୍ଚ ପରିଚାଳନା କରିଥିବାବେଳେ କୁମାରୀ ଲିପ୍ସା ମହାରଣା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଭାରପ୍ରାପ୍ତ ସହକାରୀ ନିବନ୍ଧକ, ଭନାଥ ରାୟଗୁରୁ ଧନ୍ୟବାଦ ଦେଇଥିଲେ।

# ବ୍ରହ୍ମ ଅବଧୂତ ରତ୍ନମଣି ବାବା, ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପଲମ,୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟୋଲବ୍ରାହ୍ମଣୀସ୍ଥିତ ସିଦ୍ଧ ରତ୍ନକୁଟୀର ମହିମା ଆଶ୍ରମରେ ବ୍ରହ୍ମ ଅବଧୂତ ରତ୍ନମଣି ବାବା ଓ ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ବ୍ରହ୍ମ ଅବଧୂତ ଭଗବାନ ବାବା ଏବଂ ସାଧୁସନ୍ଥଙ୍କ ଉପସ୍ଥିତିରେ ପ୍ରତିମୂର୍ତ୍ତୀ ସ୍ଥାପିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଆଶ୍ରମର ପ୍ରତିଷ୍ଠାତା ବୈଦ୍ୟରାଜ ପବିତ୍ର ଶବର, କଳାହାଣ୍ଡି ଜିଲା ଆଦିସ୍କନ୍ଧ ସମାଜ ସଭାପତି ସୁରେଶ ଚନ୍ଦ୍ର ଭୋଇ, କନ୍ଧ ସଂସ୍କୃତି ଗବେଷକ ମେଦିନୀଧର ଜାନୀ, ଲୋକ ସଂସ୍କୃତି ଗବେଷକ ସୁନିଲ କୁମାର ଧଙ୍ଗଡାମାଝି, ସାହିତ୍ୟିକ କୁଳମଣି ସାହୁ, ଲିଙ୍ଗରାଜ ମିଶ୍ର, ପୂର୍ବତନ ଜିଲା ପରିଷଦ ସଦସ୍ୟା ରୀନା ଭୋଇ ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଆଶ୍ରମରେ ମହିମା ମେଳା ଆୟୋଜିତ ହୋଇଛି। ଭଗବାନ ବାବାଙ୍କ ପୌରୋହିତ୍ୟରେ ବ୍ରହ୍ମଧୂନୀ ସ୍ଥାପନ ହୋଇ ଷୋହଳ ପ୍ରହର ବ୍ରହ୍ମନାମ ସଂକୀର୍ତ୍ତନ୍ୟ ହୋଇଯାଇଛି। ଅଖଣ୍ଡ ନାମଯଜ୍ଞ, ବ୍ରହ୍ମଯଜ୍ଞ, ଝାଡବତୀ ପ୍ରଜ୍ୱଳନ, ଅନ୍ନଯଜ୍ଞ, ସତସଙ୍ଗ ଆଦି ବିବିଧ କାର୍ଯ୍ୟକ୍ରମରେ ଆଶ୍ରମ ପରିସର ମୁଖରିତ ହୋଇଉଠିଥିଲା। ମେଳାରେ ଯୋଗଦେବାକୁ ପଶ୍ଚିମ ଓଡିଶାର ବିଭିନ୍ନ ପ୍ରାନ୍ତରରୁ ମହିମା ଧର୍ମାବଲମ୍ବୀ ସାଧୁସନ୍ଥଙ୍କ ସମାଗମ ହୋଇଥିଲା। ଏପରି ଭବ୍ୟ ପରିବେଶରେ ନବନିର୍ମିତ ମୁଖଶାଳା ମଧ୍ୟରେ ବ୍ରହ୍ମ ଅବଧୂତ ରତ୍ନମଣି ବାବା ଓ ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତୀ ସିଦ୍ଧ ରତ୍ନକୁଟୀର ମହିମା ଆଶ୍ରମର ଶୋଭାକୁ ଦ୍ୱିଗୁଣିତ କରିଛି।

# ପିଇଓ, ସରପଞ୍ଚ, ଜିଆର୍‌ଏସ୍‌ଙ୍କ ନାଁରେ ଅନିୟମିତତା ଅଭିଯୋଗ

କେସିଙ୍ଗା,୯।୩(ଡି.ଏନ.ଏ.)

**ଉକ୍ରେଲା ଗ୍ରାମ ପଞ୍ଚାୟତ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍ରେଲା ପଞ୍ଚାୟତରେ ପିଇଓ, ସରପଞ୍ଚ ଓ ଜିଆରଏସ୍‌ଙ୍କ ନାଁରେ ପଞ୍ଚାୟତ ସମିତି ସଭ୍ୟ ଓ କିଛି ୱାର୍ଡ ସଭ୍ୟମାନେ ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କ ନିକଟରେ ଅନିୟମିତା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଉଲ୍ଲେଖ କରାଯାଇଛି ଯେ, ଅଧିକାଂଶ ସମୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, ଜିଆରଏସ୍ କାର୍ଯ୍ୟାଳୟରେ ରହୁ ନାହାନ୍ତି। ଅଫିସ ବନ୍ଦ ରହୁଥିବାରୁ ଲୋକମାନେ ହଇରାଣ ହେଉଥିବା ସହ କମ୍ବଳ ବାବଦକୁ ପ୍ରତି ହିତାଧିକାରୀଙ୍କଠାରୁ ଟଙ୍କା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଠିକ ଭାବେ ହିତାଧିକାରୀଙ୍କୁ ଅର୍ଥ ମିଳୁ ନ ଥିବା, ଭତ୍ତା ଠିକ ଭାବେ ହିତାଧିକାରୀମାନେ ପାଉ ନ ଥିବା ଆଦି ବିଷୟ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ସରପଞ୍ଚ, ନାଏବ ସରପଞ୍ଚ, କେତେକ ୱାର୍ଡ ସଭ୍ୟାସଭ୍ୟ ଶୁଣିବା ପରେ ସୋମବାର ବିଡିଓଙ୍କୁ ସାକ୍ଷାତ କରି ଅଭିଯୋଗକୁ ମିଥ୍ୟା ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ଉକ୍ରେଲା ସରପଞ୍ଚ ନରେନ୍ଦ୍ର ମାଝିଙ୍କୁ ପଚାରିବାରୁ ପିଇଓ ଲମ୍ବୋଦର ଶିଖା ଜଣେ କର୍ମଠ, ଦକ୍ଷ କର୍ମଚାରୀ। ଠିକ ଭାବେ ପଞ୍ଚାୟତକୁ ଆସି କାମ କରୁଛନ୍ତି। କେତେକ ସ୍ୱାର୍ଥପର ବାଡ଼ି ମାନେ ବିରୋଧ କରୁଛନ୍ତି, ସେଥିରେ ମଧ କିଛି ସତ୍ୟତା ନାହିଁ ବୋଲି ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ଉକ୍ରେଲା କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଶିଖାଙ୍କୁ ପଚାରିବାରୁ ମୁ କୌଣସି ଦୁର୍ନୀତି କରିନାହିଁ, ମୋ ବିରୋଧ ବିରୋଧୀ ଗୋଷ୍ଠୀ ଅପପ୍ରଚାର କରୁଛନ୍ତି। ଏଥିରେ କୌଣସି ସତ୍ୟତା ନାହିଁ ବୋଲି ପ୍ରକାଶ କରିଥିଲେ।


ବିଡିଓଙ୍କଠାରେ ଅଭିଯୋଗ କରାଯାଉଛି।

# ଜିଲାରେ ୧୦,୨୫୦ ଛାତ୍ରୀଛାତ୍ର ଦେବେ ପରୀକ୍ଷା

ନୂଆପଡ଼ା ଅଫିସ,୯।୩

**ଆଜିଠାରୁ ମାଟ୍ରିକ ପରୀକ୍ଷା**

ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା। ମାଟ୍ରିକ ପରୀକ୍ଷାକୁ ନେଇ ଜିଲାରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜିଲାରେ ଚଳିତବର୍ଷ ୧୦ ହଜାର ୨୫୦ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଯାଉଥିବା ବେଳେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୬୦ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ଜିଲାରେ ୧୪୫ଟି ଉଚ୍ଚ ବିଦ୍ୟାଳୟ ରହିଥିବା ବେଳେ ୫ଟି ବ୍ଲକରେ ୫ଟି ନୋଡାଲ ସେଣ୍ଟର ଖୋଲାଯାଇଛି। ଯେଉଁଠାରେ ପ୍ରଶ୍ନପତ୍ର ସୁରକ୍ଷିତ ରହିବ ଓ ପ୍ରତିଦିନ ପରୀକ୍ଷା କେନ୍ଦ୍ରକୁ ନିର୍ଦ୍ଧାରିତ ସମୟରେ ପହଞ୍ଚିବ। ଏହା ବ୍ୟତିତ ପରୀକ୍ଷା କେନ୍ଦ୍ରରେ କୌଣସି ପ୍ରକାର ଅନୈତିକ କାର୍ଯ୍ୟ ତଥା କପି ରୋକିବା ପାଇଁ ବିଦ୍ୟାଳୟ ପକ୍ଷରୁ ତ୍ରିରୀୟ ସ୍କାର୍ଡ ବ୍ୟବସ୍ଥା ମଧ୍ୟ କରାଯାଇଛି। ଜିଲାପାଳ ହେମକାନ୍ତ ସାଏ, ଜିଲା ଶିକ୍ଷା ଅଧିକାରୀ ଫୁଲମଣୀ ମୁର୍ମୁ ପରୀକ୍ଷା ଆରମ୍ଭ ପୂର୍ବରୁ ସମସ୍ତ ପରୀକ୍ଷା ନିରିକ୍ଷଣ କରୁଛନ୍ତି। ଜିଲା ପ୍ରଶାସନ ପକ୍ଷରୁ କପି ରୋକିବା ପାଇଁ ପ୍ରତି କେନ୍ଦ୍ରରେ ଜଣେ ଲେଖାଏ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଚଳିତ ଦଶମ ଶ୍ରେଣୀ ପରୀକ୍ଷା ସୁରୁଖୁରୁରେ ଶେଷ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

# ଧରମବନ୍ଧା ପଞ୍ଚାୟତ ରାଜ୍ୟସ୍ତରରେ ପୁରସ୍କୃତ

ନୂଆପଡ଼ା ଅଫିସ,୯।୩

ନୂଆପଡା ସଦର ବ୍ଲକ ଧରମବନ୍ଧା ପଞ୍ଚାୟତ ପଞ୍ଚାୟତିରାଜ ତଥା ଲୋକ ସେବା ଦିବସରେ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି। ସୂଚନା ମୁତାବକ ଭୁବନେଶ୍ୱର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସରେ ନୂଆପଡା ଜିଲା ଧରମବନ୍ଧା ପଞ୍ଚାୟାତକୁ ସ୍ୱଚ୍ଛ ସବୁଜ ପଞ୍ଚାୟତ ଭାବେ ରାଜ୍ୟରେ ଦ୍ୱିତୀୟ ଭାବେ ପୁରସ୍କୃତ କରାଯାଇଛି। ଏହି ଅବସରରେ ପଞ୍ଚାୟତିରାଜ ମନ୍ତ୍ରୀ ଯୋଗଦେଇ ଧରମବନ୍ଧା ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନାଙ୍କୁ ସମ୍ମାନିତ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଜିଲାରେ ଖୁସିର ଲହରି ଖେଳିଯାଇଥିବା ବେଳେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ଜିଲାପାଳ ହଏମକାନ୍ତ ସାଏ, ସଦର ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷା ଦିପିପ ନିର୍ମଳକର, ସଦର ବ୍ଲକ ସରପଞ୍ଚ ସଂଘ ସଭାପତି ପ୍ରେମଲାଲ ନାଏକ ପ୍ରମୁଖ ସରପଞ୍ଚ ଭୁନେଶ୍ୱରୀଙ୍କୁ ସାଧୁବାଦ ଜଣାଇଛନ୍ତି।


ଧରମବନ୍ଧା ସରପଞ୍ଚଙ୍କୁ ପୁରସ୍କୃତ କରାଯାଉଛି।

# କେନାଲ ନିର୍ମାଣରେ ବ୍ୟାପକ ଦୁର୍ନୀତି

ଖଡ଼ିଆଳ,୯।୩(ଡି.ଏନ.ଏ.)


ନିମ୍ନମାନର କାର୍ଯ୍ୟ ଯୋଗୁ କେନାଲ ଫାଟି ଯାଇଛି।

**ନିମ୍ନମାନର କାର୍ଯ୍ୟ, କୋଟି କୋଟି ଟଙ୍କା ଆତ୍ମସାତ**

ନୂଆପଡା ଜିଲା କୋମନା ଓ ଖଡ଼ିଆଳ ବ୍ଲକ ମଝିରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ (ତିଖାଲି ଡ୍ୟାମ) ନିର୍ମାଣ ହୋଇଛି। ନୂଆପଡା ଜିଲାର ବୋଡ଼େନ ଓ ଖଡ଼ିଆଳ ବ୍ଲକର ୧୩ ହଜାର ୫ ଶହ ହେକ୍ଟର ଓ ବଲାଙ୍ଗୀର ଜିଲାର ୧୬ ହଜାର ୪ ଶହ ହେକ୍ଟର ଚାଷ ଜମିରେ ଜଳ ସେଚିତ ହେବା ସରକାରଙ୍କ ଉଦେଶ୍ୟ ଥିଲା। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମାଖିଆଲି ଓ ଉଦାସୀନତା ଯୋଗୁ ବିଭିନ୍ନ ସ୍ଥାନକୁ ବର୍ତ୍ତମାନ ଯାଏ ପାଣି ପହଞ୍ଚି ନାହିଁ। ଗୋଟିଏପଟେ ବର୍ଷବର୍ଷ ଧରି କେନାଲ ଉନ୍ନତିକରଣ କାର୍ଯ୍ୟ ସରୁ ନ ଥିବା ବେଳେ ନିମ୍ନରୁ ଅତିନିମ୍ନ କାମ କରି କେନାଲ ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ବର୍ତ୍ତମାନ ନୂଆପଡା ଓ ବଲାଙ୍ଗୀର ଜିଲାର ଚାଷୀ ମଧରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ମୁଖ୍ୟ ବାମ କେନାଲ ୩୫୩ ଜାତୀୟ ରାଜପଥ ଅତିକ୍ରମ କରି ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଦେଇ ଟିଟିଲାଗଡ଼ ପର୍ଯ୍ୟନ୍ତ ଯାଇଛି। ଏଥିରେ ୩୫୩ ଜାତୀୟ ରାଜପଥ ଚଳାନପଡ଼ାଠାରୁ ବରପଦର ଗାଁ ପର୍ଯ୍ୟନ୍ତ ୧୮ଶହ ମିଟର କେନାଲ ଉନ୍ନତିକରଣ ପାଇଁ ୭କୋଟି ୧୬ ଲକ୍ଷ ଟଙ୍କା ବ୍ୟୟବରାଦ ରହିଛି। ୨୦୨୧ ଏପ୍ରିଲରେ ଆରମ୍ଭ ହୋଇ ୨ବର୍ଷ ହୋଇଥିଲେ ହେଁ କାମ ସରିବା ନାଁ ଧରୁନାହିଁ। ଗୋଟିଏପଟେ କାର୍ଯ୍ୟ ବିଳମ୍ବ ହେଉଥିବା ବେଳେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। କେନାଲ ଉନ୍ନତିକରଣରେ ଲାଇନିଂ ଦେଇ ବିମ ପକାଇ କଂକ୍ରିଟ କରିବା ବ୍ୟବସ୍ଥା ଥିବା ବେଳେ ସମ୍ପୃକ୍ତ ଠିକାଦାର ନିମ୍ନମାନର ସିମେଣ୍ଟ, ଚିପ୍ସ ସହ ହାଲୁକା ମାଟିରେ ବିମ ନିର୍ମାଣ କରୁଥିବା ଅଭିଯୋଗ ହୋଇଛ। ନିମ୍ନମାନର କାର୍ଯ୍ୟ ସହ ପାଣି ସିଞ୍ଚନ ହେଉ ନ ଥିବାରୁ କଂକ୍ରିଟ ଓ ବିମସବୁ ସ୍ଥାନେ ସ୍ଥାନେ ଫାଟିଛି। ବାରମ୍ବାର ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ହେଁ ଅଧିକାରୀ ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଉଚିତ ସିମେଣ୍ଟ ଚିପ୍ସ ଲଗାଇ ପାଣି ସିଞ୍ଚନ ବ୍ୟବସ୍ଥା କରି କାମ ନ କଲେ କାମ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ବାଧ ହେବୁ ବୋଲି ବରପଦର ଗ୍ରାମବାସୀ ଚେତାବନୀ ଦେଇଛନ୍ତି। କେନାଲ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଗୋବର୍ଦ୍ଧନ ନାୟକଙ୍କୁ ପଚାରିବାରୁ ନିୟମ ଅନୁସାରେ କାମ ହେଉଛି, ହେଲେ ପାଣି ସିଞ୍ଚନରେ କିଛି ଅସୁବିଧା ହେଉଥିବା କହିଛନ୍ତି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇ ପଡ଼ିଛି।

## ଗଞ୍ଜେଇ ସହିତ ବାଇକ୍ ଜବତ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଶାନ୍ତପୁର ଗ୍ରାମସ୍ଥିତ କେନାଲ ହୁଡା ନିକଟରେ ପୋଲିସ ଚଢ଼ାଉ କରି ଗଞ୍ଜେଇ ସହ ବାଇକ୍ ଜବତ କରିଛି। ଜଣେ ବ୍ୟକ୍ତି ଏକ ବାଇକ ଯୋଗେ ଏକ ବ୍ୟାଗରେ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ପୋଲିସ ସୂଚନା ପାଇଁ ବାଇକ୍ ଅଟକାଇ ତଦନ୍ତ କରିବା ପରେ ପ୍ରାୟ ୧୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ସହିତ ଗାଡ଼ିକୁ ଥାନାକୁ ଆଣିଥିଲା। ପଚରାଉଚରା କରିବା ପରେ ଉଦେୟନାଥ ସିଂ(୫୬) ବଦଲାପୁର ବାସିନ୍ଦା ଉତ୍ତରପ୍ରଦେଶର ବୋଲି ସୂଚନା ମିଳିଛି। ଗଞ୍ଜେଇ କୋରାପୁଟଠାରୁ ରାୟପୁର ସହରକୁ ଚୋରାଚାଲାଣ କରୁଥିବା ସେ ସ୍ୱୀକାର କରିଥିବା ପୋଲିସ କହିଛି।

## ସଂକ୍ଷେପରେ

### ଦୋଳରେ ହରିହର ଭେଟ

ବରପାଲି,୯।୩(ଡି.ଏନ.ଏ.): ଦୋଳପୂର୍ଣ୍ଣିମା ଅବସରରେ ବରପାଲିଠାରେ ମଙ୍ଗଳବାର ହରିହର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କପିଳେଶ୍ୱର ବାବା ବରପାଲି କପିଳେଶ୍ୱର ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ରେଳ ଷ୍ଟେଶନ, କଲେଜ ରୋଡ ଦେଇ ଆସିଥିବା ବେଳେ ଜଗନ୍ନାଥ ମନ୍ଦିର ନିକଟରୁ ହରି ଏକ ଶୋଭାଯାତ୍ରାରେ ବରପାଲି ବସ୍ତି ରାସ୍ତା ଦେଇ ଯାଇଥିଲେ। ଡେଲି ମାର୍କେଟ ଛକରେ ଉଭୟ ହରି ଓ ହରଙ୍କ ଭେଟ ହୋଇଥିଲା। ପୂଜାର୍ଚ୍ଚନା ପରେ ଉଭୟ ଠାକୁର ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିରକୁ ଯାଇ ସେଠାରେ ଭକ୍ତଙ୍କ ଦର୍ଶନ ପାଇଁ କିଛି ସମୟ ରହିବା ପରେ ମନ୍ଦିର ପ୍ରବେଶ କରିଥିଲେ। ଉଭୟ ଶୋଭାଯାତ୍ରାରେ ଦୁଲଦୁଲି ବାଜା, ଘଣ୍ଟ ବାଦ୍ୟ, ଘୁମୁରା ନୃତ୍ୟ ଆଦି ସାମିଲ ହୋଇଥିଲା। ସହରର ପ୍ରତ୍ୟେକ ଛକରେ ଭକ୍ତମାନେ ହରିହରଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଜଗନ୍ନାଥ ମନ୍ଦିରରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହରିହର ଭେଟ କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଭକ୍ତ ସାମିଲ ହୋଇଥିଲେ।

### ପଲ୍ଲିଶ୍ରୀ ମେଳା କମିଟି ବୈଠକ

ଅମରପାଲି,୯।୩ (ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଉପଜିଲାପାଳ କାର୍ଯ୍ୟାଳୟରେ ମାଲେଶ୍ରୀ ମହୋତ୍ସବ ପାଇଁ ହେବାକୁ ଥିବା ପଲ୍ଲିଶ୍ରୀ ମେଳା କମିଟିର ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୀରମହାରାଜପୁର ରାଜସ୍ୱ ଅଧିକାରୀ ଅଜିତ କୁମାର ମିର୍ଦ୍ଧାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ କୋର୍ଡିନେଟର ସହକାରୀ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ସହ କୋଡିନେଟର କିଶୋର ହୋତା, ମଲେଶ୍ରୀ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଶୟମୁନାଥ ଖଣ୍ଡଗିରି, ସରପଞ୍ଚ ସଂଘ ସଭାପତି ଶ୍ରୀୟା ମହାକୁର, ମହୋତ୍ସବ କମିଟିର ସଦସ୍ୟ ଯତୀନ କୁମାର ପାଣିଗ୍ରାହୀ, ସଞ୍ଜୀବ କୁମାର ଦେହୁରୀ, ରବୀନ୍ଦ୍ର କୁମାର ହୋତା, ଅଯତ୍ନ କଲତା ପ୍ରମୁଖ ଯୋଗ ଦେଇଥିଲେ । ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମଲେଶ୍ରୀ ମହୋତ୍ସବରେ ବିଭିନ୍ନ ସରକାରୀ ବେସରକାରୀ ସଂସ୍ଥା ର ବ୍ୟବସାୟ ଓ ସଚେତନତା କାର୍ଯ୍ୟକ୍ରମ ସକାଶେ ଷ୍ଟଲ ଯୋଗାଇ ଦେବାକୁ ନିଷ୍ପତ୍ତି ନିଆ ଯାଇଥିବା ଜଣାଯାଇଛି ।

### ଡୁଙ୍ଗୁରିପାଲି ବ୍ଲକ ଶୁଖା ପଞ୍ଚାୟତ ରାଜ୍ୟସ୍ତରରେ ପୁରସ୍କୃତ

ଡୁଙ୍ଗୁରିପାଲି,୯।୩(ଡି.ଏନ.ଏ.): ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଏବଂ ଲୋକସେବା ଦିବସ ଉତ୍ସବରେ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଏହି ରାଜ୍ୟସ୍ତରୀୟ ସମାରୋହରେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତିର ଶୁଖା ଗ୍ରାମ ପଞ୍ଚାୟତକୁ ୯ଟି ଥିମ୍‌ରେ (ଏସଡିଜି ) ରାଜ୍ୟସ୍ତରରେ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତିକରଣ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ମନ୍ତ୍ରୀ ଅମାତଙ୍କଠାରୁ ପ୍ରମାଣପତ୍ର ସହ ୧୦ ଲକ୍ଷ ଟଙ୍କାର ଚେକ୍ ଶୁଖା ସରପଞ୍ଚ ରଶ୍ମିତା ବିଶ୍ୱାଳଙ୍କ ସହ ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ସୁବର୍ଣ୍ଣପୁର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ଗ୍ରହଣ କରିଥିଲେ ।

### ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ

ବୌଦ୍ଧ,୯।୩(ସ୍ୱ.ପ୍ର.): ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ସହରର ଜୀବନବୀମା କାର୍ଯ୍ୟାଳୟ ଆଗରେ ଶୁକ୍ରବାର ଦିନ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲା ସଭାପତି ନବକୁମାର ମିଶ୍ରଙ୍କ ନେତୃତ୍ୱରେ ଦଳର କର୍ମୀମାନେ ଏଥିରେ ସାମିଲ ହୋଇଥିଲେ । ଆଦାନି ଗ୍ରୁପର ଜାଲିଆତି ଓ ରାଷ୍ଟ୍ର ବିରୋଧୀ କାରନାମା ସଂସଦରେ ଆଲୋଚନା ହେଉ, କଳା କାରନାମାର ପର୍ଦ୍ଦାଫାଶ ପାଇଁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଉ ଆଦି ଦାବି ନେଇ ବିକ୍ଷୋଭ କରାଯାଇଥିଲା । ଏଆଇସିସି ସଦସ୍ୟ ବିସ୍ମୟ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲା ଉପ ସଭାପତି ସମରେଶ ମିଶ୍ର, ଜିଲା ମୁଖପାତ୍ର ଶାନ୍ତନୁ ମହାପାତ୍ର, ପୂର୍ବତନ ପିସିସି ସଭ୍ୟ ରାୟ ସଞ୍ଜୀବ କୁମାର ଦେଓ, ଗଣେଶ ଅଗ୍ରୱାଲା, ପଙ୍କଜ କର୍ଣ୍ଣ, ଉଦୟନାଥ ଶର୍ମା, ସମରେନ୍ଦ୍ର ମହାକୁଡ, ପ୍ରଦ୍ୟୁମ୍ନ ଧଳ, ସନ୍ଧ୍ୟାରାଣୀ ସିଂ, ରୋହିତାଶ୍ୱ ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।

# ଫଗୁନ ପୁନି ଯାତ୍ରା ଉଦ୍‌ଯାପିତ

ଅମରପାଲି,୯।୩(ଡି.ଏନ.ଏ.)


ବୀରମହାରାଜପୁରରେ ଫଗୁନ ପୁନି ଯାତ୍ରା ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ପ୍ରସିଦ୍ଧ ଫଗୁନ ପୁନି ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଯାତ୍ରାର ମୁଖ୍ୟ ଆକର୍ଷଣ 'ହରିହର ଭେଟ ଉତ୍ସବ' ଦେଖିବାକୁ ଜିଲା ଓ ଜିଲା ବାହାରର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ମେଲଣପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚମ୍ପାମାଳର ଚମ୍ପେଶ୍ୱର, ଟିଁପିଲିର ରାମେଶ୍ୱର, କମ୍ବଲପୁରର ଗୁପ୍ତେଶ୍ୱର, ବୀରମହାରାଜପୁର ଜଗନ୍ନାଥ ମନ୍ଦିରର ରାଧାକୃଷ୍ଣ ଓ ମଦନମୋହନ, କୁମୁରସିଂହାର ଲକ୍ଷ୍ମୀନାରାୟଣ, ବାଗବର ଓ ଷଣ୍ଢାର ରାଧାକୃଷ୍ଣ ଆଦି ଦିଅଁଙ୍କୁ ଭେଟ କରାଯାଇଥିଲା। ଦିଅଁମାନଙ୍କୁ ସୁସଜ୍ଜିତ ଦୋଳ ବିମାନରେ ଅଧିଷ୍ଠିତ କରାଯାଇ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମେଲଣ ପଡିଆରେ ବିଜେ କରାଯାଇଥିଲା। ଶୋଭାଯାତ୍ରା ସମୟରେ ଢୋଲ, ନିଶାନ, ମହୁରୀ, ଘଣ୍ଟ, ଶଙ୍ଖ ଆଦି ବାଦ୍ୟରେ ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। ଦିଅଁମାନଙ୍କ ହରିହର ଭେଟ କାର୍ଯ୍ୟକ୍ରମ ପରେ ଫଗୁ ଖେଳ ହୋଇଥିଲା। ହରିହର ଭେଟ ଦେଖିବାକୁ

### ବୀରମହାରାଜପୁର

ଶ୍ରଦ୍ଧାଳୁମାନେ ରାତି ସାରା ଉଜାଗର ରହିଥିଲେ। ନିକଟସ୍ଥ ଚମ୍ପାମାଳସ୍ଥିତ ଚମ୍ପେଶ୍ୱର ମନ୍ଦିରଠାରେ ପଞ୍ଚଦୋଳ ଅବସରରେ ବିଭିନ୍ନ ସନ୍ଧ୍ୟାରେ ଭଜନ ଓ କମେଡି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଠାରେ ବିଭିନ୍ନ ସନ୍ଧ୍ୟାରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଇଂ. ଆଶ୍ରୟ ମହାନନ୍ଦ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଆନନ୍ଦ ବାରିକ, ଜେଲ ଅଧୀକ୍ଷକ ଅଞ୍ଜଳି ପଟେଲ, ପୂର୍ବତନ ସରପଞ୍ଚ ଶ୍ୟାମସୁନ୍ଦର ପଣ୍ଡା, ବରିଷ୍ଠ କଳାକାର ରାମକୃଷ୍ଣ ହୋତା ଅତିଥି ଭାବେ ଯୋଗ ଦେଇଥିଲେ। କମିଟି ସଭାପତି କିଶୋର ହୋତା ସଭା ପରିଚାଳନା କରିଥିଲେ। ସେହିଭଳି ଚକାବରଠାରେ ସୁନ୍ଦରାକାଣ୍ଡ ପାରାୟଣ, ଭଜନ ସମାରୋହ ଓ ସମ୍ବଲପୁରୀ ମେଲୋଡି ଆଦି କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମୀନାବଜାରରେ ଗହଳି ଲାଗି ରହିଥିଲା। ବହୁ ଲୋକ ଚଟପଟି ଖାଦ୍ୟର ମଜା ଉଠାଇଥିଲେ। ସ୍ଥାନୀୟ ଗାଡି ଚାଳକ ସଂଘ ପକ୍ଷରୁ ଲୋକଙ୍କୁ ପାନୀୟ ଜଳ ଯୋଗାଣ କରାଯାଇଥିଲା। ଯାତ୍ରାକୁ ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ଯାତ୍ରା କମିଟି ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୋଲିସ ପ୍ରଶାସନ ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ବିପୁଳ ମଦ ଜବତ, ୨ ଗିରଫ

ସରଣ୍ଡା,୯।୩(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ବୁଧବାର ବିପୁଳ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାର ରାଜ୍ୟ ଔରଙ୍ଗାବାଦ ଜିଲା ଓବ୍ରାର ମୂଳବାସିନ୍ଦା ଆଲୋକ କୁମାର(୨୩) ଏବଂ ବିହାର ରାଜ୍ୟ ଔରଙ୍ଗାବାଦ ଜିଲା କସମର ମୂଳ ବାସିନ୍ଦା ଆବାଧ କିଶୋର(୩୮)। ସେମାନେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୦ରେ ରହୁଥିଲେ ବୋଲି ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତଙ୍କ ପାଖରୁ ୧୨୮ ବୋତଲ ବିଦେଶୀ ମଦ ଓ ଗୋଟିଏ ବାଇକ୍ (ନଂ.ଓଡ଼ି୦୩ସି/୮୯୭୮)କୁ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ଉକ୍ତ ବାଇକ୍ ଯୋଗେ ମଦ ଚାଲାଣ କରୁଥିବାବେଳେ ପୋଲିସ ରେଙ୍ଗାଲିକ୍ୟାମ୍ପ ଛକରେ ସେମାନଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ଅତାବିରା ଥାନା ପୋଲିସ ଏକ ମାମଲା (ନଂ.୯୫/୨୩) ରୁଜୁ କରିଛି ।

# ଗାଁ ରାସ୍ତା ମରାମତି କରି ହୋଲି ପାଳନ


ଗ୍ରାମବାସୀ ରାସ୍ତା ସଫେଇ କରୁଛନ୍ତି।

ଜାମଟିକ୍ରା, ୯।୩(ଡି.ଏନ.ଏ.)

ଅତାବିରା ବ୍ଲକ ଅଧୀନ ଝିଲିମିଣ୍ଡା ପଞ୍ଚାୟତର ଗୁର୍ଖାପାଲି ଗ୍ରାମରେ ନିଆରା ହୋଲିପର୍ବ ପାଳନ କରାଯାଇଛି। ଗ୍ରାମ କମିଟିର ନିଷ୍ପତ୍ତି କ୍ରମେ ଗ୍ରାମର ସମସ୍ତ ମହିଳାପୁରୁଷ ଏକାଠି ହୋଇ ପ୍ରଥମେ ପରସ୍ପରକୁ ରଙ୍ଗ ବୋଳିଥିଲେ। ପରେ ସେମାନେ ଝାଡୁ, କୋଡି, କୋଦାଳ, ଡାଲା ଧରି ଗ୍ରାମରୁ ସ୍କୁଲ ପର୍ଯ୍ୟନ୍ତ ଦେଢ କିଲୋମିଟର ରାସ୍ତା ମରାମତି ସହ ରାସ୍ତା ସଫେଇ କରିଥିଲେ। ଗ୍ରାମବାସୀଙ୍କ ଏଭଳି କାମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ବିକାଶରେ ମହିଳାଙ୍କ ଭୂମିକା ଅତୁଳନୀୟ


ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି ।

ଅତାବିରା,୯।୩(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗା ସମଲେଶ୍ୱରୀ କଲ୍ୟାଣ ମଣ୍ଡପରେ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ବୁଧବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ମୁକୁନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭିଜିଲାନ୍ସ ଅଧିକାରୀ ରଞ୍ଜୁଲତା ପଣ୍ଡା ମୁଖ୍ୟଅତିଥି, ଓଡ଼ିଶା ମୋ ପରିବାର ବରଗଡ଼ ଜିଲା ସଂଯୋଜକ ଗୌରହରି ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଟ୍ରଷ୍ଟର ରାଜ୍ୟ ମିଡ଼ିଆ ପ୍ରଭାରୀ ରାଜାରାମ ଷଡ଼ଙ୍ଗୀ, ଲରମ୍ବା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପଦ୍ମିନୀ ନାଏକ, ବୁଢ଼ାରଜା ହାଇସ୍କୁଲର ଶିକ୍ଷୟିତ୍ରୀ ପଙ୍କଜିନୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ନାରୀ ବିନା ବିକାଶ ଅସମ୍ଭବ ଏବଂ ପ୍ରତି ବିକାଶମୂଳକ କାର୍ଯ୍ୟରେ ନାରୀର ଭୂମିକା ରହିଛି ଏବଂ ତାହା ଅତୁଳନୀୟ ବୋଲି ଅତିଥିବୃନ୍ଦ କହିଥିଲେ। ଲରମ୍ବା କଲେଜର ଅଧ୍ୟାପକ ଡଃ ଅଜିତ ନାଥ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଶ୍ଚିମ ଓଡ଼ିଶାର ୪୪ଜଣ ମହିଳାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡା. ଅଜିତ କୁମାର ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଟ୍ରଷ୍ଟର ଏକ ଲୋଗୋ ଉନ୍ମୋଚିତ ହୋଇଥିଲା। ଉପସଭାପତି ଧର୍ମରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମ ଅବଧୂତ ରତ୍ନମଣି ବାବା, ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପଲମ,୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟୋଲବ୍ରାହ୍ମଣୀସ୍ଥିତ ସିଦ୍ଧ ରତ୍ନକୁଟୀର ମହିମା ଆଶ୍ରମରେ ବ୍ରହ୍ମ ଅବଧୂତ ରତ୍ନମଣି ବାବା ଓ ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ବ୍ରହ୍ମ ଅବଧୂତ ଭଗବାନ ବାବା ଏବଂ ସାଧୁସନ୍ଥଙ୍କ ଉପସ୍ଥିତିରେ ପ୍ରତିମୂର୍ତ୍ତୀ ସ୍ଥାପିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଆଶ୍ରମର ପ୍ରତିଷ୍ଠାତା ବୈଦ୍ୟରାଜ ପବିତ୍ର ଶବର, କଳାହାଣ୍ଡି ଜିଲା ଆଦିସ୍କନ୍ଧ ସମାଜ ସଭାପତି ସୁରେଶ ଚନ୍ଦ୍ର ଭୋଇ, କନ୍ଧ ସଂସ୍କୃତି ଗବେଷକ ମେଦିନୀଧର ଜାନୀ, ଲୋକ ସଂସ୍କୃତି ଗବେଷକ ସୁନିଲ କୁମାର ଧଙ୍ଗଡାମାଝି, ସାହିତ୍ୟିକ କୁଳମଣି ସାହୁ, ଲିଙ୍ଗରାଜ ମିଶ୍ର, ପୂର୍ବତନ ଜିଲା ପରିଷଦ ସଦସ୍ୟା ରୀନା ଭୋଇ ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଆଶ୍ରମରେ ମହିମା ମେଳା ଆୟୋଜିତ ହୋଇଛି। ଭଗବାନ ବାବାଙ୍କ ପୌରୋହିତ୍ୟରେ ବ୍ରହ୍ମଧୂନୀ ସ୍ଥାପନ ହୋଇ ଷୋହଳ ପ୍ରହର ବ୍ରହ୍ମନାମ ସଂକୀର୍ତ୍ତନ୍ୟ ହୋଇଯାଇଛି। ଅଖଣ୍ଡ ନାମଯଜ୍ଞ, ବ୍ରହ୍ମଯଜ୍ଞ, ଝାଡବତୀ ପ୍ରଜ୍ୱଳନ, ଅନ୍ନଯଜ୍ଞ, ସତସଙ୍ଗ ଆଦି ବିବିଧ କାର୍ଯ୍ୟକ୍ରମରେ ଆଶ୍ରମ ପରିସର ମୁଖରିତ ହୋଇଉଠିଥିଲା। ମେଳାରେ ଯୋଗଦେବାକୁ ପଶ୍ଚିମ ଓଡିଶାର ବିଭିନ୍ନ ପ୍ରାନ୍ତରରୁ ମହିମା ଧର୍ମାବଲମ୍ବୀ ସାଧୁସନ୍ଥଙ୍କ ସମାଗମ ହୋଇଥିଲା। ଏପରି ଭବ୍ୟ ପରିବେଶରେ ନବନିର୍ମିତ ମୁଖଶାଳା ମଧ୍ୟରେ ବ୍ରହ୍ମ ଅବଧୂତ ରତ୍ନମଣି ବାବା ଓ ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତୀ ସିଦ୍ଧ ରତ୍ନକୁଟୀର ମହିମା ଆଶ୍ରମର ଶୋଭାକୁ ଦ୍ୱିଗୁଣିତ କରିଛି।

# ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ଚୂଡ଼ାନ୍ତ

ସରଣ୍ଡା,୯।୩(ଡି.ଏନ୍.ଏ.)

ବରଗଡ଼ ଜିଲା ଗୋଡଭଗା ସାରସ୍ୱତ ଡିଗ୍ରୀ କଲେଜର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଉପଲକ୍ଷେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଯୁକ୍ତ ୨ ଅଧ୍ୟକ୍ଷ ପ୍ରମୋଦ କୁମାର ପଧାନ, ଯୁକ୍ତ ୩ ଅଧ୍ୟକ୍ଷା ପ୍ରତିମା ପାଲ, ଆଲୁମନି କମିଟି ସଭାପତି ରଞ୍ଜନ ବାରିକ, ସିଲଭର ଜୁବିଲି କମିଟି ସଭାପତି ପ୍ରସନ୍ନ ନାଏକ ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ଧରି କଲେଜର ରୌପ୍ୟ ଜୟନ୍ତୀ ପାଳନ କରାଯିବ। ଉତ୍ସବରେ କଲେଜର ପ୍ରାୟ ୪ହଜାରରୁ ଉର୍ଦ୍ଧ୍ୱ ପୂର୍ବତନ ଛାତ୍ରୀଛାତ୍ର ଯୋଗଦାନ କରିବେ। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଅତାବିରା ବିଧାୟିକା ସେହ୍ନାଙ୍ଗିନୀ ଛୁରିଆ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପଦ୍ମଶ୍ରୀ ହଳଧର ନାଗ, ଡକ୍ଟର ଶଙ୍କର ରାମଚନ୍ଦାନୀଙ୍କ ସମେତ ସହ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଅତିଥି ଭାବେ ଯୋଗଦାନ କରିବେ ବୋଲି ସୂଚନା ଦିଆଯାଇଥିଲା।



ଖବରଦାତା ସମ୍ମିଳନୀରେ କଲେଜ କର୍ତ୍ତୃପକ୍ଷ ସୂଚନା ଦେଉଛନ୍ତି ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବୌଦ୍ଧ,୯।୩(ସ୍ୱ.ପ୍ର.)



ଏ.ଏନ.ଏମ କେନ୍ଦ୍ରରେ ଆର୍ନ୍ତଜାତୀୟ ମହିଳା ଦିବସ ।

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗତ ବୁଧବାର ବୌଦ୍ଧ ଏ.ଏନ୍.ଏମ୍ ତାଲିମ କେନ୍ଦ୍ରଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ, ଯୌନ ଅପରାଧ ଆଇନରୁ ଶିଶୁମାନଙ୍କର ସୁରକ୍ଷା, ପୀଡିତା କ୍ଷତିପୂରଣ ଯୋଜନା ଇତ୍ୟାଦି ଉପରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣର ସଚିବ ଶାଶ୍ୱତୀ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ନାବାଳକ ନ୍ୟାୟ ବୋର୍ଡର ସଦସ୍ୟ ରାଜୀବ କୁମାର ନାଏକ, ବିକାଶ ଚନ୍ଦ୍ର ବେହେରା, ଶିକ୍ଷୟିତ୍ରୀ କମଳା ବେହେରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏ.ଏନ୍.ଏମ୍ ତାଲିମ କେନ୍ଦ୍ରରେ ତାଲିମ ନେଉଥିବା ମହିଳାମାନେ ଯୋଗ ଦେଇଥିଲେ।

# ନିରାପଦ ମାତୃତ୍ୱ ନେଇ ସଚେତନତା କାର୍ଯ୍ୟକ୍ରମ

ବିନିକା,୯।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଗୁରୁବାର ଗର୍ଭବତୀ ମହିଳାଙ୍କ ଜରୁରୀ ସେବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ପିଏଚଇଓ ବିନ୍ଦୁ ଲୋହାରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଡା.ସତ୍ୟ ନାରାୟଣ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗର୍ଭବତୀ ମହିଳା ମାନଙ୍କ ଜରୁରୀ ସେବା ନେଇ ଆଲୋଚନା କରିଥିଲେ। ଏହି ଅବସରରେ ପାଲା ମାଧ୍ୟମରେ ଗର୍ଭବତୀ ମହିଳାଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଦିଲିପ ସାହୁ, ସୁଶାନ୍ତ ଭୋଇ, ପୁଷ୍ପା କୁମାରୀ ମିଶ୍ର, ଲଟିଜା କଂଶରୀ, ଶୁଭ ଦର୍ଶନୀ ଘଡ଼ାଇ, ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଶତାଧିକ ମହିଳା ଯୋଗ ଦେଇଥିଲେ।



ପାଲା ମାଧ୍ୟମରେ ମହିଳାମାନଙ୍କୁ ସଚେତନ କରାଯାଉଛି ।

# କେନାଲ ନିର୍ମାଣରେ ବ୍ୟାପକ ଦୁର୍ନୀତି

ଖଡ଼ିଆଳ,୯।୩(ଡି.ଏନ.ଏ.)

ନୂଆପଡା ଜିଲା କୋମନା ଓ ଖଡ଼ିଆଳ ବ୍ଲକ ମଝିରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ (ତିଖାଲି ଡ୍ୟାମ) ନିର୍ମାଣ ହୋଇଛି। ନୂଆପଡା ଜିଲାର ବୋଡ଼େନ ଓ ଖଡ଼ିଆଳ ବ୍ଲକର ୧୩ ହଜାର ୫ ଶହ ହେକ୍ଟର ଓ ବଲାଙ୍ଗୀର ଜିଲାର ୧୬ ହଜାର ୪ ଶହ ହେକ୍ଟର ଚାଷ ଜମିରେ ଜଳ ସେଚିତ ହେବା ସରକାରଙ୍କ ଉଦ୍ଦେଶ୍ୟ ଥିଲା। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମାଖିଆଲି ଓ ଉଦାସୀନତା ଯୋଗୁ ବିଭିନ୍ନ ସ୍ଥାନକୁ ବର୍ତ୍ତମାନ ଯାଏ ପାଣି ପହଞ୍ଚି ନାହିଁ। ଗୋଟିଏପଟେ ବର୍ଷବର୍ଷ ଧରି କେନାଲ ଉନ୍ନତିକରଣ କାର୍ଯ୍ୟ ସରୁ ନ ଥିବା ବେଳେ ନିମ୍ନରୁ ଅତିନିମ୍ନ କାମ କରି କେନାଲ ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ବର୍ତ୍ତମାନ ନୂଆପଡା ଓ ବଲାଙ୍ଗୀର ଜିଲାର ଚାଷୀ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ


ନିମ୍ନମାନର କାର୍ଯ୍ୟ ଯୋଗୁ କେନାଲ ଫାଟି ଯାଇଛି।

### ନିମ୍ନମାନର କାର୍ଯ୍ୟ, କୋଟି କୋଟି ଟଙ୍କା ଆତ୍ମସାତ

ମୁଖ୍ୟ ବାମ କେନାଲ ୩୫୩ ଜାତୀୟ ରାଜପଥ ଅତିକ୍ରମ କରି ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଦେଇ ଟିଟିଲାଗଡ଼ ପର୍ଯ୍ୟନ୍ତ ଯାଇଛି। ଏଥିରେ ୩୫୩ ଜାତୀୟ ରାଜପଥ ଚଳାନପଡ଼ାଠାରୁ ବରପଦର ଗାଁ ପର୍ଯ୍ୟନ୍ତ ୧୮ଶହ ମିଟର କେନାଲ ଉନ୍ନତିକରଣ ପାଇଁ ୭କୋଟି ୧୬ ଲକ୍ଷ ଟଙ୍କା ବ୍ୟୟବରାଦ ରହିଛି। ୨୦୨୧ ଏପ୍ରିଲରେ ଆରମ୍ଭ ହୋଇ ୨ବର୍ଷ ହୋଇଥିଲେ ହେଁ କାମ ସରିବା ନାଁ ଧରୁନାହିଁ। ଗୋଟିଏପଟେ କାର୍ଯ୍ୟ ବିଳମ୍ବ ହେଉଥିବା ବେଳେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। କେନାଲ ଉନ୍ନତିକରଣରେ ଲାଇନିଂ ଦେଇ ବିମ ପକାଇ କଂକ୍ରିଟ କରିବା ବ୍ୟବସ୍ଥା ଥିବା ବେଳେ ସମ୍ପୃକ୍ତ ଠିକାଦାର ନିମ୍ନମାନର ସିମେଣ୍ଟ, ଚିପ୍ସ ସହ ହାଲୁକା ମାଟିରେ ବିମ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ନିମ୍ନମାନର କାର୍ଯ୍ୟ ସହ ପାଣି ସିଞ୍ଚନ ହେଉ ନ ଥିବାରୁ କଂକ୍ରିଟ ଓ ବିମସବୁ ସ୍ଥାନେ ସ୍ଥାନେ ଫାଟିଛି। ବାରମ୍ବାର ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ହେଁ ଅଧିକାରୀ ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଉଚିତ ସିମେଣ୍ଟ ଚିପ୍ସ ଲଗାଇ ପାଣି ସିଞ୍ଚନ ବ୍ୟବସ୍ଥା କରି କାମ ନ କଲେ କାମ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ବାଧ ହେବୁ ବୋଲି ବରପଦର ଗ୍ରାମବାସୀ ଚେତାବନୀ ଦେଇଛନ୍ତି। କେନାଲ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଗୋବର୍ଦ୍ଧନ ନାୟକଙ୍କୁ ପଚାରିବାରୁ ନିୟମ ଅନୁସାରେ କାମ ହେଉଛି, ହେଲେ ପାଣି ସିଞ୍ଚନରେ କିଛି ଅସୁବିଧା ହେଉଥିବା କହିଛନ୍ତି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇ ପଡ଼ିଛି।

## ସଂକ୍ଷେପରେ

### ବସ୍‌ଷ୍ଟାଣ୍ଡ ଦୋକାନରୁ ଟଙ୍କା ବ୍ୟାଗ୍ ନେଇ ଦୁର୍ବୃତ୍ତ ଫେରାର

**ବଡ଼ଗାଁ, ୯।୩(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ନିକଟ ବସଷ୍ଟାଣ୍ଡର ଏକ ଚା ଦୋକାନରେ ୨ଲକ୍ଷ ଟଙ୍କା ଥିବା ବ୍ୟାଗକୁ ପାଖରେ ରଖି ଚା ପିଉଥିଲାବେଳେ ଦୁଇ ଜଣ ଦୁର୍ବୃତ୍ତ ବ୍ୟାଗକୁ ସର୍ବସମ୍ମୁଖରେ ଉଠାଇ ନେଇ ବାଇକ୍‌ରେ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ବଡ଼ଗାଁର ଯୁବ ବ୍ୟବସାୟୀ ଆଲୋକ ଅଗ୍ରୱାଲଙ୍କ କର୍ମଚାରୀ ଧନପତି ହୋତା ଅପରାହ୍ନ ୪ ଟାରେ ବଡ଼ଗାଁ ଷ୍ଟେଟ ବ୍ୟାଙ୍କରୁ ଦୁଇ ଲକ୍ଷ ଟଙ୍କା ଉଠାଣ କରି ସ୍ଥାନୀୟ ବସଷ୍ଟାଣ୍ଡରେ ଥିବା ଏକ ଦୋକାନକୁ ଚା ପିଇବାକୁ ଯାଇଥିଲେ। ସେ ୨ ଲକ୍ଷ ଟଙ୍କା ଥିବା ବ୍ୟାଗକୁ ପାଖରେ ରଖିଥିଲେ। ୨ ଜଣ ବ୍ୟକ୍ତି ଦୋକାନ ସମ୍ମୁଖକୁ ବାଇକ୍‌ରେ ଆସିଥିଲେ। ଜଣେ ବ୍ୟକ୍ତି ଦୋକାନକୁ ଆସି ହଠାତ୍ ବ୍ୟାଗକୁ ଉଠାଇ ନେଇଥିଲେ ଓ ଷ୍ଟାର୍ଟରେ ରଖିଥିବା ବାଇକ୍‌ରେ ବସି ପଳାଇ ଯାଇଥିଲେ। ଦୁଇ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ହେଲମେଟ ପିନ୍ଧିଥିବା ଜଣାପଡିଛି। ଦୁର୍ବୃତ୍ତ ଦ୍ୱୟ ଓଡି ୨୩ ଏଫ୍ ୭୫୭୧ ନମ୍ବର ଲେଖାଥିବା କଳା ଓ ସବୁଜ ରଙ୍ଗ ଆପାଚି ବାଇକ୍‌ରେ ଆସିଥିଲେ।

### ବନ୍ଧୁକ ଦେଖାଇ ଫାର୍ମାସ୍ୟୁଟିକାଲ କମ୍ପାନୀ ପ୍ରତିନିଧିଙ୍କଠାରୁ ଲୁଟ୍

**ଦେବଗଡ଼, ୯।୩(ଡି.ଏନ୍.ଏ.):** ଦେବଗଡ଼ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଚିକିଣିଘାଟିରେ ୨ଜଣ ଦୁର୍ବୃତ୍ତ ଗୁରୁବାର ଦିନ ଦ୍ୱି ପ୍ରହରରେ ୨ଜଣ ଫାର୍ମାସ୍ୟୁଟିକାଲ କମ୍ପାନୀର ପ୍ରତିନିଧିଙ୍କୁ ଭୁଜାଲୀ ଓ ବନ୍ଧୁକ ଦେଖାଇ ଭୟଭୀତ କରି ନଗଦ ୧୬ ହଜାର ଟଙ୍କା ସହିତ ୨ଟି ସ୍ମାର୍ଟ ଫୋନ, ହାତ ଘଣ୍ଟା ଏବଂ ବାଇକ୍‌ର ଚାବି ଲୁଟିନେଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଦିନ ପ୍ରାୟ ୧ଟାରେ ଫାର୍ମାସ୍ୟୁଟିକାଲ କମ୍ପାନୀରେ ପ୍ରତିନିଧି ଭାବେ କାର୍ଯ୍ୟରତ ସମ୍ବଲପୁର ସହରର ରଞ୍ଜନ କୁମାର ପାଢୀ ଓ ସମ୍ବଲପୁର ଜିଲା ଖର୍ସନମାଳ ଗ୍ରାମର ବିଦ୍ୟାଧର ଖମାରୀ ଛତାବର, ରିଆମାଳ ଏବଂ ରେଙ୍ଗାଲବେଡାର ବିଭିନ୍ନ ଔଷଧ ଦୋକାନରୁ ବକେୟା ଅର୍ଥ ଅସୁଲି କରି ଏକ ବାଇକ୍ ଯୋଗେ ଦେବଗଡ଼ ଅଭିମୁଖେ ବାହାରିଥିଲେ। ତେବେ ସେମାନଙ୍କୁ ଏକ କଳାରଙ୍ଗର ପଲସର୍ ବାଇକରେ ପିଛା କରୁଥିବା ୨ଜଣ ମୁଖା ପିନ୍ଧା ଯୁବକ ଚିକିଣିଘାଟିରେ ଅଟକାଇଥିଲେ। ମାତ୍ର ବିଦ୍ୟାଧର ଓ ରଞ୍ଜନ ଭୟରେ ନ ଅଟକି ଆଗକୁ ଅଗ୍ରସର ହୋଇଥିଲେ। ତେବେ ଉକ୍ତ ଘାଟିର ଏକ ବୁଲାଣିରେ ବାଇକ୍‌ର ଗତି କମିଯିବାରୁ ପିଛା କରୁଥିବା ମୁଖାପିନ୍ଧା ଦୁର୍ବୃତ୍ତମାନେ ସେମାନଙ୍କୁ ଓଭରଟେକ କରିବା ସହ ବନ୍ଧୁକ ଦେଖାଇ ଭୟଭୀତ କରିବାରୁ ସେମାନେ ବାଧହୋଇ ସେଠାରେ ଅଟକି ଥିଲେ। ଏହି ସମୟରେ ଦୁର୍ବୃତ୍ତ ଦ୍ୱୟ ଉଭୟଙ୍କୁ ଚାପୁଡା ମାରିବା ସହ ଭୁଜାଲୀ ଓ ବନ୍ଧୁକ ଦେଖାଇ ଭୟଭୀତ କରି ସେମାନେ ଧରିଥିବା ନଗଦ ୧୬ ହଜାର ଟଙ୍କା,ଏକ ବ୍ୟାଗ, ୨ଟି ମୋବାଇଲ ସ୍ମାର୍ଟ ଫୋନ ଓ ମନି ପର୍ସ ଏବଂ ବାଇକର ଚାବି ଲୁଟିନେଇ ଆଖି ପିଛୁଳାକେ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନେ ଗଲାବେଳେ 'ଆମେ ବାଇକ୍‌ର ଚାବି ନିକଟସ୍ଥ ଝାଡେଶ୍ୱର ମନ୍ଦିର ବାରଣ୍ଡାରେ ରଖିଦେଇ ଯିବୁ, ତୁମେ ସେଠାରୁ ନେଇ ଯିବ' କହି ଦ୍ରୁତ ଗତିରେ ଦେବଗଡ଼ ଆଡକୁ ଚାଲିଯାଇଥିଲେ ବୋଲି ଲୁଟର ଶିକାର ହୋଇଥିବା ରଞ୍ଜନ ଓ ବିଦ୍ୟାଧର ପୋଲିସ ଆଗରେ କହିଥିବା ଜଣାପଡିଛି। ଏନେଇ ସେମାନେ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ରାତି ପର୍ଯ୍ୟନ୍ତ ପୋଲିସ ଏ ଘଟଣାରେ କାହାରିକୁ ଗିରଫ କରି ପାରି ନ ଥିବା ଜଣାପଡିଛି।

# ସୁନ୍ଦରଗଡ଼ରେ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ

**ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ସୁନ୍ଦରଗଡ଼,୯।୩(ଡି.ଏନ୍.ଏ.)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡ଼ିଜ ୱାର୍କରସ ଆସୋସିଏସନ ସୁନ୍ଦରଗଡ଼ ଶାଖା ତରଫରୁ ଗୁରୁବାର ୮ଦଫା ଦାବିନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ପରେ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କର୍ମଚାରୀମାନଙ୍କ ନ୍ୟାୟସଙ୍ଗତ ୮ ଦଫା ଦାବିକୁ ନେଇ ଗତ ୨୦୨୨ ନଭେମ୍ବର ୨୧ ରୁ ଚାଲିଥିବା ଆନ୍ଦୋଳନକୁ ୨୦୨୩ ଜାନୁୟାରୀ ୩ରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଲିଖିତ ପ୍ରତିଶ୍ରୁତି ଓ ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ପରେ ସ୍ଥଗିତ ରଖାଯାଇଥିଲା। ପ୍ରତିଶ୍ରୁତି ମୁତାବକ ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ବିଭାଗୀୟ ସଚିବମାନଙ୍କ ସହ ଚର୍ଚ୍ଚା ଆଲୋଚନା କରି ଦାବି ପୂରଣ କରିବାର ଥିଲା। କିନ୍ତୁ ଅଦ୍ୟାବଧି ସରକାର ଦାବି ପୂରଣ ପାଇଁ କୌଣସି ପଦକ୍ଷେପ ନେଲେ ନାହିଁ। ଏଣୁ ସାରା ଦେଶରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହେଉଥିବାବେଳେ ରାଜ୍ୟ କାର୍ଯ୍ୟକାରିଣୀର ନିଷ୍ପତ୍ତି କ୍ରମେ ସରକାର ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ଅଣଦେଖା କରିବା ପ୍ରତିବାଦରେ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କରସ ଆସୋସିଏସନ ସୁନ୍ଦରଗଡ଼ ଜିଲା ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ଭାରତୀୟ ଅଙ୍ଗନୱାଡ଼ି କର୍ମଚାରୀ ମହାସଂଘର ସଙ୍ଗଠନ ସମ୍ପାଦିକା ଅଞ୍ଜଳି ପଟେଲଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ସଭାରେ ପ୍ରଭାରୀ ବିବେକାନନ୍ଦ ମହାନ୍ତ ସମସ୍ତ କର୍ମୀ ସହାୟିକା ଓ ମିନି ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ଏକତାବଦ୍ଧ ହୋଇ ନିଜ ହକ ପାଇଁ ଲଢେଇ ଜାରି ରଖିବାକୁ ଉତ୍ସାହିତ କରିଥିବା ବେଳେ ଭାରତୀୟ ମଜଦୁର ସଂଘ ରାଜ୍ୟ କୋଷାଧ୍ୟକ୍ଷ ଲକ୍ଷ୍ମଣ ଦାସ କର୍ମଚାରୀଙ୍କ ଦାବିର ଯଥାର୍ଥତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆସୋସିଏସନ ପକ୍ଷରୁ ଦାବିଗୁଡିକ ହେଲା, ୨୦୧୮ ଆନ୍ଦୋଳନ ସମୟରେ ବହିଷ୍କୃତ ହୋଇଥିବା ଛଅ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, କର୍ମଚାରୀଙ୍କୁ ସରକାରୀ କର୍ମଚାରୀଙ୍କ ମାନ୍ୟତା, ଯେତେ ଦିନ ପର୍ଯ୍ୟନ୍ତ ମାନ୍ୟତା ଦିଆଯାଇନାହିଁ ସେତେଦିନ ପର୍ଯ୍ୟନ୍ତ କର୍ମୀମାନଙ୍କୁ ୧୮,୦୦୦ ଓ ସହାୟିକାମାନଙ୍କୁ ୯,୦୦୦ ଟଙ୍କା ପ୍ରଦାନ କରାଯିବା ସହିତ ଇପିଏଫ୍‌ଆଇ, ଗ୍ରାଚ୍ୟୁଟିରେ ସାମିଲ କରାଯିବା, ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡ଼ି କର୍ମୀର ମାନ୍ୟତା, ଅଙ୍ଗନୱାଡ଼ି କର୍ମଚାରୀ, ମିନି ଅଙ୍ଗନୱାଡ଼ି କର୍ମଚାରୀ ଓ ସହାୟିକାଙ୍କୁ ଅବସରକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କା ଓ ପେନସନ ମାସିକ ୫,୦୦୦ ଟଙ୍କା ପ୍ରଦାନ କରାଯିବା, ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ବାଦ ଦିଆଯିବା ସହିତ ୨୦୧୮ରେ ଘୋଷଣା କରାଯାଇଥିବା ଗ୍ରୀଷ୍ମ ଅବକାଶକୁ ଲାଗୁ କରାଯାଉ, ନୂତନ ଶିକ୍ଷାନୀତିରେ ଅଭିଜ୍ଞତା ଓ ଯୋଗ୍ୟତା ଆଧାରରେ ବୟସ ସୀମା ନ ରଖି ସମସ୍ତ ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ପ୍ରି – ପ୍ରାଇମେରୀ ଶିକ୍ଷୟିତ୍ରୀ ମାନ୍ୟତା ଦିଆଯାଉ ଆଦି ଦାବି ରହିଛି। କାର୍ଯ୍ୟକ୍ରମକୁ ଜିଲା ସମ୍ପାଦିକା ବିମଳା ଲାକ୍ରା ପରିଚାଳନା କରିଥିବାବେଳେ ରାଜ୍ୟ ଉପସଭାପତି କିଶୋରୀ ପଣ୍ଡା, ଜିଲା ସହସମ୍ପାଦିକା ରାଜକୁମାରୀ ବଗାର, କୋଷାଧ୍ୟକ୍ଷା ସୂଚିତା ଟପ୍ପୋ, ସବିତା ପଣ୍ଡା, ଧନିଆ କିସପଟ୍ଟା, ସୂର୍ଯ୍ୟକାନ୍ତି ନାଏକ, ସୁପ୍ରିୟା ପ୍ରଧାନ, ପଦ୍ମାବତୀ ନାଏକ, ସଞ୍ଜୁକ୍ତା କାଲୋ, ଗ୍ରେସ କାଣ୍ଡୁଲନା, ଗଣପତି କମଲ, ସୁମିତ୍ରା ପ୍ରଧାନ, ସୁରେଶ ତରୱାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉକ୍ତ ଆନ୍ଦୋଳନରେ ନିଜ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ କରି ଜିଲାର ସମସ୍ତ ବ୍ଲକରୁ ପ୍ରାୟ ୫୦୦୦ ସଂଖ୍ୟାରେ ଅଙ୍ଗନବାଡି କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।


ସୁନ୍ଦରଗଡ଼ରେ ଅଙ୍ଗନୱାଡି କର୍ମୀ ବିକ୍ଷୋଭ କରୁଛନ୍ତି।

### ବାଇକ୍‌କୁ ଧକ୍କା ଦେଲା ଟ୍ରକ୍: ୧ମୃତ, ୧ ଗୁରୁତର

ଦେବଗଡ଼, ୯।୩(ଡି.ଏନ୍.ଏ.)

ଦେବଗଡ଼ ଜିଲା ତିଲେଇବଣି ଫାଣ୍ଡି ଅନ୍ତର୍ଗତ ଦେବଗଡ଼–କୁଚିଣ୍ଡା ରାସ୍ତାର ମନ୍ଦାରନାଳୀ ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପ୍ରଭାଶୁଣି କୁଚକୁଚା ଗ୍ରାମର ଭାଲେଣ୍ଟିନା ଡୁଙ୍ଗଡୁଙ୍ଗଙ୍କ ପୁଅ ଅଶୋକ ଡୁଙ୍ଗଡୁଙ୍ଗ (୨୫) ଓ ବୁଧୁ କୁଜୁରଙ୍କ ପୁଅ ସଞ୍ଜିତ କୁଜୁର (୨୦) ଏକ ବାଇକ୍ ଯୋଗେ ପ୍ରଭାଶୁଣି ଆଡକୁ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବାବେଳେ ଡାକ୍ତର ସେଠାରେ ଅଶୋକଙ୍କୁ ମୃତ ଘୋଷଣା କରିଥିଲେ। ସଞ୍ଜିତ ଏବେ ମଧ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସୂଚନାପାଇ ଦେବଗଡ଼ ଥାନା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ୩୩ ସେଣ୍ଟରରେ ପରୀକ୍ଷା ଦେବେ ୩୪୯୯ ଛାତ୍ରୀଛାତ୍ର

ଦେବଗଡ଼ ୯।୩(ଡି.ଏନ୍.ଏ.)

ଚଳିତ ୨୦୨୨–୨୩ ଶିକ୍ଷା ବର୍ଷରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସମେଟିଭ ଆସେସମେଣ୍ଟ–୨ ମାଟ୍ରିକ ପରୀକ୍ଷାରେ ଦେବଗଡ଼ ଜିଲାର ମୋଟ ୩୩ଟି କେନ୍ଦ୍ରରେ ୩୪୯୯ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଚଳିତବର୍ଷ ଜିଲାର ମୋଟ ୮୫ଟି ହାଇସ୍କୁଲର ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ଅଂଶଗ୍ରହଣ କରୁଛନ୍ତି। ଏଥିପାଇଁ ଜିଲାରେ ମୋଟ ୬ଟି ନୋଡାଲ କେନ୍ଦ୍ର ସ୍ଥାପନ କରାଯାଇଛି। ପଞ୍ଚାୟତ ହାଇସ୍କୁଲ ଡଂରା, କଣ୍ଢେଇ ନୋଡାଲ ହାଇସ୍କୁଲ, ରିଆମାଳ ହାଇସ୍କୁଲ, କୁଣ୍ଢେଇଗୋଳା ହାଇସ୍କୁଲ, ରାଜା ବାସୁଦେବ ହାଇସ୍କୁଲ ଓ ଟାଉନ ହାଇସ୍କୁଲକୁ ନୋଡାଲ କେନ୍ଦ୍ର କରାଯାଇଛି। ନୋଡାଲ ସେଣ୍ଟରଗୁଡିକରୁ ୩୩ଟି ପରୀକ୍ଷା କେନ୍ଦ୍ର ନିମନ୍ତେ ୬ଟି ଟିମ୍ ଗଠନ କରାଯାଇ ୧୨ଜଣ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେହିଭଳି ମଧ୍ୟମା ପରୀକ୍ଷା ନିମନ୍ତେ ୧ଟି ପରୀକ୍ଷା କେନ୍ଦ୍ର ଏବଂ ୧ଟି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି। ଆସନ୍ତା ୧୦ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଛି। ପ୍ରତିଦିନ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ପରୀକ୍ଷା ହେବ। ୧୦ ତାରିଖ ପ୍ରଥମ ଭାଷା ଓଡ଼ିଆ ପରୀକ୍ଷା ଥିଲାବେଳେ ୧୩ରେ ଦ୍ୱିତୀୟ ଭାଷା (ଇଂରାଜି/ହିନ୍ଦୀ), ୧୪ରେ ତୃତୀୟ ଭାଷା (ସଂସ୍କୃତ/ହିନ୍ଦୀ), ୧୬ରେ ବିଜ୍ଞାନ, ୧୭ରେ ଟିଏଲ୍ପି ପ୍ରାକ୍ଟିକାଲ, ୧୮ରେ ସାମାଜିକ ବିଜ୍ଞାନ ଏବଂ ୨୦ରେ ଗଣିତ ବିଷୟରେ ପରୀକ୍ଷା ସ୍ଥିର କରାଯାଇଛି। ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୨୦ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ସେହିଭଳି ପରୀକ୍ଷା କେନ୍ଦ୍ର ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇ ଥିବା ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସୂଚନା ଦେଇଛନ୍ତି।

## କୁତ୍ରାରେ ଅନ୍ତର୍ଜାତୀୟ ମହିଳା ଦିବସ


କୁତ୍ରାରେ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୁତ୍ରା, ୯।୩(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଶେଷ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ସମୟରେ ସମାଜ ତଥା ପରିବାରର ଉନ୍ନତି ଦିଗରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ଲାକଡା, ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ସିଡିପିଓ ଜୟଶ୍ରୀ ପଟ୍ଟନାୟକ, ମିଶନ ଶକ୍ତି ଜିଲା ସଭାପତି ପଙ୍କଜୀନି ପଟେଲ, ଜିଲା ପରିଷଦ ସଭ୍ୟ ପିଙ୍କି ସୁନ୍ୟାନି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ନିଜ ହାତ ତିଆରି ସାମଗ୍ରୀର ପ୍ରଦର୍ଶନ କରିଥିଲେ। ସଦସ୍ୟାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯିବା ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମିଶନ ଶକ୍ତିର ବ୍ଲକ ସଭାପତି ତରୁଣୀଲତା ସୁନାନୀ ପରିଚାଳନା କରିଥିଲେ। ମନ୍ଦାକିନୀ ପଟେଲ, ନିଳିମା ମଲୁଆଙ୍କ ସହିତ ଅନ୍ୟାନ୍ୟ ମହିଳା ଗୋଷ୍ଠୀ ସହଯୋଗ କରିଥିଲେ।

## ଫଗୁଣ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ

ଲହୁଣୀପଡା,୯।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ତୁମକଲା ଗ୍ରାମରେ ଫଗୁଣ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ସୋମବାର ଅପରାହ୍ନରେ ଗ୍ରାମର ଶତାଧିକ ମହିଳା ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ପୂର୍ଣ୍ଣ କଳସୀ ଧରି ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ଘଟସ୍ଥାପନା ଓ ଅଧିବାସ ପୂଜାର୍ଚ୍ଚନା କରାଯାଇଥିଲା। ମଙ୍ଗଳବାର ଫଗୁଣ ପୂର୍ଣ୍ଣିମା ଦିନ ସକାଳୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ କର୍ତ୍ତା ଭାବେ ବାସୁଦେବ କର ଓ ବିନୋଦିନୀ କର ଦାୟିତ୍ୱ ସମ୍ପାଦନା କରି ଥିବାବେଳେ ପଣ୍ଡିତ ମୀରାଶଙ୍କର ନନ୍ଦ ଯଜ୍ଞ ସଞ୍ଚାଳନ କରିଥିଲେ। କେନ୍ଦୁଝର ଜିଲାର ତେଲକୋଇ ଦେବଗଡ଼ ଜିଲାର ତାବଡା, ଭାରସିଂ, ଭୋଗରା, ଦର୍ଜିଂ ସାତକୁଟା, ଅର୍କେଇକଳା, ତୁରାମୁରା, ଫଳଶାଘାଟ ପ୍ରଭୃତି ଗ୍ରାମର କୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରି ନାମସଂକୀର୍ତ୍ତନ କରିଥିଲେ। ବୁଧବାର ହୋଲି ଦିନ ପୂର୍ଣ୍ଣାହୂତି ଯଜ୍ଞ ଓ ନଗର କୀର୍ତ୍ତନ କରିଥିଲେ। ଏହି ଫଗୁଣ ପୂର୍ଣ୍ଣିମା ଉପଲକ୍ଷେ ତିନିଦିନିଆ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିବାରୁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ବିଭୂତି ଭୂଷଣ କର, ପଞ୍ଚାନନ କର, ମହେଶ୍ୱର କର, ପ୍ରଶାନ୍ତ କୁମାର ଜିତ, ପପୁ ଜିତ, ମୁକେଶପାଲ, ପୂର୍ଣ୍ଣଚନ୍ଦ୍ର ସାହୁ, ଲୋଚନ ସାହୁ ସମେତ ଗ୍ରାମବାସୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ତୁମକଲା ଗ୍ରାମରେ ନାମ ସଂକୀର୍ତ୍ତନ ଚାଲିଛି।

## ଗୋହତ୍ୟା ନେଇ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଅଭିଯୋଗ


ରିଆମାଳ ଥାନା ଅଧିକାରୀଙ୍କୁ ଲିଖିତ ଜଣାଉଛନ୍ତି।

ରିଆମାଳ, ୯।୩ (ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ଥାନା ଅଞ୍ଚଳରେ ଗୋ–ମାତାକୁ ମାରି ଶିକାର କରାଯାଉଥିବା ଅଭିଯୋଗ ଆଣି ରିଆମାଳ ଥାନାର ଦ୍ୱାରସ୍ଥ ହୋଇଛି ଦେବଗଡ଼ ବିଶ୍ୱ ହିନ୍ଦୁ ପରିଷଦ। ମହୁଲଦର ଗ୍ରାମରେ ୮ ଜଣ ଯୁବକ ଏକ ଗୋ–ମାତାକୁ ମାରି ଗୋ ମାଂସ ଭାଗ ବଣ୍ଟା କରୁଥିଲେ। ଗ୍ରାମର କିଛି ଜନସାଧାରଣ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିଥିଲେ। ଏହା ପରେ ସେମାନେ ମାଂସ କାଟୁଥିବା କଟୁରୀରେ ହାଣିବାକୁ ଧମକ ଦେବାରୁ ଜୀବନ ବିକଳରେ ଦୌଡ଼ି ଥିଲେ। ବହୁତ ଲୋକଙ୍କୁ ନେଇ ଯିବାରୁ ସେମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇ ପଳାଇଥିଲେ। ଏହି ଘଟଣା ଗୋ–ମାତାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏହା ପରେ ସେମାନେ ବିଶ୍ୱ ହିନ୍ଦୁ ପରିଷଦକୁ ଜଣାଇଥିଲେ। ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତୀୟ ମାର୍ଗଦର୍ଶକ ଅଭୟ ଚୈତନଜୀ,ଜିଲା ସମ୍ପାଦକ ପବିତ୍ର ପୂଜାରୀ, ଚିତ୍ରସେନ ନାୟକ, ବେଣୁଧର ବେହେରା, ନଗେନ ନାୟକ, ପ୍ରଶାନ୍ତ କାଲୋ ସମେତ ବହୁ ସଦସ୍ୟ ଗୁରୁବାର ରିଆମାଳ ଥାନାର ଦ୍ୱାରସ୍ଥ ହୋଇ ଥାନା ଅଧିକାରୀ ଲଳିତା ପ୍ରଧାନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଗୋମାଂସ କାଟିବାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହୋଇଛି।

## ୮ କେନ୍ଦ୍ରରେ ପରୀକ୍ଷା ଦେବେ ୧୮୧୦ ଛାତ୍ରୀଛାତ୍ର

କୁଆଁରମୁଣ୍ଡା,୯।୩(ଡି.ଏନ.ଏ.)

ଶୁକ୍ରବାର ରାଜ୍ୟରେ ମାଟ୍ରିକ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ କୁଆଁରମୁଣ୍ଡା ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ମୋଟ ୮ଟି କେନ୍ଦ୍ରରେ ସର୍ବମୋଟ ୧୮୧୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଯାଉଛନ୍ତି ବୋଲି ବିଇଓ ସଦାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ୫ଟି କେନ୍ଦ୍ର ଯଥା କୁଆଁରମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ, ହରିହର ଉଚ୍ଚ ବିଦ୍ୟାଳୟ, କୁମଝରିଆ ବାଳିକା ଉଚ୍ଚ ବିଦ୍ୟାଳୟ, ଦଲକି, ଥାନା ରାଏବୋଗା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଛି। ସେହିପରି ବୀରମିତ୍ରପୁର ପୌରାଞ୍ଚଳରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟ, ସରକରୀ ଉଚ୍ଚ ବିଦ୍ୟାଳୟ, ଜାଗୃତି ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ସୁପରିଚାଳନା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ବିଇଓ ପ୍ରଧାନ ସୂଚନା ଦେଇଛନ୍ତି।

## ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ

ସୁନ୍ଦରଗଡ଼, ୯।୩(ଡି.ଏନ୍.ଏ.)

ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ପ୍ରଗତି ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ମହିଳା ଦିବସର ଶୁଭେଚ୍ଛା ଜଣାଇ ଥିଲେ। ସମାଜରେ ମହିଳାମାନେ ସ୍ୱାବଲମ୍ବୀ ହେଲେ ପରିବାରର ଉନ୍ନତି ସାଧିତ ହୋଇଥାଏ ତଥା ସମାଜର ମଧ୍ୟ ବିକାଶ ହୋଇଥାଏ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଡିଏସପି ଦ୍ରୌପଦୀ ଦାସ, ସମାଜସେବୀ ସ୍ନେହଲତା ପଟେଲ, ଶୁଭଶ୍ରୀ ରାୟ, ସୁରକ୍ଷା ଅଧିକାରୀ ତୁଳେଶ୍ୱରୀ ପଟେଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବାଲ୍ୟ ବିବାହ ଜିଲା ସଂଯୋଜିକା ମିନାକ୍ଷୀ ପ୍ରଧାନ, ପ୍ଲାନ ଇଣ୍ଡିଆର ଜିଲା ସଂଯୋଜକ, ସମସ୍ତ ସିଡିପିଓ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସୁରକ୍ଷା ଅଧିକାରୀ ପଟେଲ ସାଗତ ଅଭିଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ଦ୍ୱାରା ବେଷ୍ଟ ଶିଶୁ ସିଡିପିଓ, ବେଷ୍ଟ ସୁପରଭାଇଜର, ବେଷ୍ଟ ଅଙ୍ଗନୱାଡି କର୍ମୀ, ଏବଂ ଗୋଟିଏ ସଖୀ ଓ ଗୋଟିଏ ସକ୍ଷାଙ୍କୁ ପ୍ରମାଣପତ୍ର ଓ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଶୀଳା ରଥ ପରିଚାଳନା କରିଥିଲେ।


ସୁନ୍ଦରଗଡ଼ରେ ଅନ୍ତର୍ଜାତୀୟ ମହିଳା ଦିବସରେ ପୁରସ୍କୃତ କରାଯାଉଛି।

## ପଞ୍ଚାୟତରେ ତାଲା ପକାଇଲେ ୱାର୍ଡ ସଭ୍ୟାସଭ୍ୟ

- ପଞ୍ଚରା ଗ୍ରାମ ପଞ୍ଚାୟତରେ ଦୁର୍ନୀତିକୁ ବିରୋଧ
- ୨ ଗ୍ରାମସାଥୀ ବହିଷ୍କୃତ

କୁତ୍ରା, ୯।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ଗ୍ରାମ ପଞ୍ଚାୟତରେ ହେଉଥିବା ଦୁର୍ନୀତି ବିରୋଧରେ ତାତିଲେ ୱାର୍ଡ ସଭ୍ୟାସଭ୍ୟ। ପଞ୍ଚାୟତ କାର୍ଯ୍ୟାଳୟରେ ହେଉଥିବା ମନମୁଖୀ କାର୍ଯ୍ୟକୁ ନେଇ ଗୁରୁବାର ନାଏକ ସରପଞ୍ଚଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟାସଭ୍ୟ ଗ୍ରାମପଞ୍ଚାୟତ ଗେଟରେ ତାଲା ପକାଇ ନାରାବାଜି ସହିତ ଧାରଣାରେ ବସିଥିଲେ। ବିଭିନ୍ନ ଦୁର୍ନୀତିର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେମାନଙ୍କ ଅଭିଯୋଗଗୁଡିକ ହେଲା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ ନ କରି ଟଙ୍କା ଉଠାଇ ନେବା, ଯେଉଁ ବ୍ୟକ୍ତି କୌଣସି କାର୍ଯ୍ୟ କରିପାରୁନାହାନ୍ତି ତାଙ୍କ ଖାତାକୁ ଟଙ୍କା ଯାଉଛି। ପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀ, ଗ୍ରାମ ରୋଜଗାର ସେବକ, ଗ୍ରାମ ସଂଯୋଜକ ଓ ଦାଦନ ଖଟିବାକୁ ଗୋଆ ପ୍ରଭୃତି ସ୍ଥାନକୁ ଯାଇ ଦାଦନ ଖଟୁଥିବା ଶ୍ରମିକଙ୍କ ବ୍ୟାଙ୍କ ଖାତାରେ ଟଙ୍କା ପଠାଯାଉଛି। ଏହାକୁ ନେଇ ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ଏହାର ଉଚିତ ତଦନ୍ତ କରି ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଞ୍ଚାୟତ ଗୃହକୁ ତାଲା ପକାଇଥିଲେ। ଏହାକୁ ନେଇ ସରପଞ୍ଚ ଗୁରୁବାରୀ ମିଞ୍ଜଙ୍କୁ ପଚାରିବାରୁ ଏ ବାବଦରେ କୌଣସି କଥା ଜାଣି ନ ଥିବା ପ୍ରକାଶ କରିଥିଲେ। ବିଡ଼ିଓ ରବୀନ୍ଦ୍ର କୁମାର ସେଠୀଙ୍କ ପାଖକୁ ଖବର ଯିବା ପରେ ୱାର୍ଡ ସଭ୍ୟାସଭ୍ୟ, ଗ୍ରାମ ସାଥି, ସରପଞ୍ଚଙ୍କୁ ଡକାଇ ବ୍ଲକ ଅଧ୍ୟକ୍ଷା,ଉପାଧ୍ୟକ୍ଷ, ଜିପିଓଙ୍କ ଉପସ୍ଥିତିରେ ଏକ ବୈଠକ କରିଥିଲେ। ଏହା ସହିତ ଏହାର ତଦନ୍ତ କରି ଦୁଇଜଣ ଗ୍ରାମସାଥୀଙ୍କୁ ବହିଷ୍କୃତ କରିଥିବା ସୂଚନା ଦେଇଛନ୍ତି ବିଡ଼ିଓ। ଜିଆରଏସ୍ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହା ପରେ ସନ୍ଧ୍ୟାରେ ଧାରଣା ପ୍ରତ୍ୟାହାର କରାଯାଇଛି।



ଗ୍ରାମପଞ୍ଚାୟତ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଛନ୍ତି ୱାର୍ଡ ସଭ୍ୟାସଭ୍ୟ।



ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ରାଜ୍ୟ ବଜେଟ ଅଧିବେଶନ ଅବସରରେ ମୁମ୍ବାଇସ୍ଥିତ ବିଧାନ ଭବନକୁ ଯାଉଛନ୍ତି।

# ଭାଜପା-ଏଆଇଏଡିଏମ୍‌କେ ମେଣ୍ଟ ଭାଙ୍ଗିବା ଚର୍ଚ୍ଚା

## ଖଣ୍ଡନକଲେ ଉଭୟ ଦଳ

**ଚେନ୍ନାଇ,୯।୩**

୨୦୧୪ରୁ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ) ସରକାର କେନ୍ଦ୍ରରେ ଶାସନ ଚଳାଇ ଆସିଛି। କିନ୍ତୁ ବର୍ଷକୁ ବର୍ଷ ସହଯୋଗୀ ଦଳ ସଂଖ୍ୟା କମିବାରେ ଲାଗିଛି। ଏହି ପ୍ରକ୍ରିୟାରେ ଖୁବ୍ ଶୀଘ୍ର ଏଆଇଏଡିଏମ୍‌କେ ସାମିଲ ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ସହଯୋଗୀ ଦଳ ସହ କୌଣସି ବିବାଦ ନ ଥିବା ଭାଜପା କହିଛି। ୨୦୨୪ ଲୋକ ସଭା ନିର୍ବାଚନ ଭାଜପା ସହ ମିଶି ଲଢ଼ାଯିବ ବୋଲି ତାମିଲନାଡୁରେ ଏଆଇଏଡିଏମ୍‌କେ ଘୋଷଣା କରିଛି। ଉକ୍ତ ଘୋଷଣା ଅନୁଯାୟୀ ତାମିଲନାଡୁରେ ଏଆଇଏଡିଏମ୍‌କେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ନେତୃତ୍ୱ ନେବ। ଭାଜପା ଓ ଅନ୍ୟ ଦଳଗୁଡ଼ିକ ଏହା ଅଧୀନରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଦଳର ବରିଷ୍ଠ ନେତା ଡି. ଜୟକୁମାର କହିଛନ୍ତି।

ସୂଚନାଯୋଗ୍ୟ, ତାମିଲନାଡୁର ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେ ଦୀର୍ଘବର୍ଷ ହେବ ଭାଜପାର ସହଯୋଗୀ ରହି ଆସିଥିବାବେଳେ ଏବେ ସମ୍ପର୍କ ତିକ୍ତ ହେବାରେ ଲାଗିଛି। ଗତ କିଛି ଦିନ ହେବ ରାଜ୍ୟର କେତେକ ଜିଲାରେ ସ୍ଥାନୀୟ ରାଜନୀତିକୁ ନେଇ ଭାଜପା ଏବଂ ଏଆଇଏଡିଏମକେ କର୍ମୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ତାମିଲନାଡୁ ବିଧାନସଭା ନିର୍ବାଚନ ପରେ ନେତୃତ୍ୱକୁ ନେଇ ଏଆଇଏଡିଏମ୍‌କେରେ ଏକ ବିଦ୍ରୋହ ହୋଇଥିଲା। ଅବଶ୍ୟ ଅଦାଲତ ନିର୍ଦ୍ଦେଶ ଅନୁଯାଇ ଇ. ପାଲାନିସାମୀ ଦଳର ମଙ୍ଗ ଧରିବାକୁ ସମର୍ଥ ହେଲେ। ତେବେ ନିକଟରେ ଶେଷ ହୋଇଥିବା ଏରୋଡ ପୂର୍ବ ଉପ-ନିର୍ବାଚନରେ ଏଆଇଏଡିଏମ୍‌କେ ପରାଜୟ ବରଣ କରିଛି । ଏହା ପରେ ପଲାନିସାମୀ ଏକ ନୂଆ ରଣନୀତି ଆଧାରରେ ରାଜ୍ୟ ଭାଜପା ଆଇଟି ସେଲ ମୁଖ୍ୟ ସି.ଟି. ରବିକୁମାରଙ୍କ ସମେତ କେତେଜଣ ନେତାଙ୍କୁ ଏଆଇଏଡିଏମ୍‌କେରେ ସାମିଲ କରାଇଥିଲେ। ଏଇଠୁ ଆରମ୍ଭ ହୋଇଥିଲା ବିବାଦ। ଭାଜପା ଏହାକୁ ମେଣ୍ଟ ଧର୍ମର ଉଲ୍ଲଂଘନ କହି ପାଲାନିସ୍ୱାମୀଙ୍କୁ ଟାର୍ଗେଟ କରିଥିଲା। ଭାଜପା କହିଥିଲା, ଦଳର ସମ୍ପ୍ରସାରଣକୁ ନେଇ ଏଆଇଏଡିଏମ୍‌କେ ଭୟଭୀତ ଅଛି। ତେବେ ଏହି ଘଟଣାକୁ ନେଇ ଭାଜପା ସମର୍ଥକମାନେ କୋଲିଭାପଟ୍ଟିରେ ପାଲାନିସାମୀଙ୍କ ପୋଷ୍ଟର ଚିରି ଦେଇଥିଲେ। ତେବେ ଉଭୟ ଦଳ ମଧ୍ୟରେ ଯେଉଁ ମତପାର୍ଥକ୍ୟ ଦେଖାଦେଇଛି, ତାହା ସମାଧାନ ହୋଇଯିବ ବୋଲି ଜୟକୁମାର କହିଛନ୍ତି। ସେହିପରି ଉପରୋକ୍ତ ପ୍ରସଙ୍ଗ ମେଣ୍ଟକୁ ପ୍ରଭାବିତ କରିବ ନାହିଁ ବୋଲି ଭାଜପା ରାଜ୍ୟ ସଭାପତି ଆନ୍ନାମଲାଇ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛି ବର୍ଷ ମଧ୍ୟରେ ଭାଜପା ନେତୃତ୍ୱାଧୀନ ମେଣ୍ଟରୁ ଶିରୋମଣି ଅକାଳୀ ଦଳ, ଜେଡିୟୁ ଏବଂ ଆରଏଲ୍‌ପି ବାହାରିଯାଇଛନ୍ତି।

# ନବ ଦାସ ହତ୍ୟା ଘଟଣା | ସରକାରଙ୍କୁ ପୁଣି ବିରୋଧୀଙ୍କ ଟାର୍ଗେଟ

- **କାହାକୁ ସୁରକ୍ଷା ଦେବା ଲାଗି ଚାଲିଛି ଏକପାଖିଆ ତଦନ୍ତ: ବିଜୟ**
- **ଗୋପାଳ ଏତେ ବଡ଼ ଲୋକ ନୁହେଁ ଯେ ଡାଏରି ଲେଖିବ: ଜୟନାରାୟଣ**
- **କାହା ଉପରେ ସନ୍ଦେହ ହେଉଛି ସ୍ପଷ୍ଟ କରନ୍ତୁ: ନରସିଂହ**
- **କ୍ରାଇମବ୍ରାଞ୍ଚ ତଦନ୍ତ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲେ କହିବ: ପ୍ରମିଳା**

**ଭୁବନେଶ୍ୱର,୯।୩(ବ୍ୟୁରୋ)**

ନବ ଦାସ ହତ୍ୟା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ସିଧାସଳଖ ଟାର୍ଗେଟ କରିଛନ୍ତି। ଘଟଣାର ସତ୍ୟାସତ୍ୟ ଆଣିବାକୁ କେତେଦିନ ଲାଗିବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଯେପର୍ଯ୍ୟନ୍ତ ସତ୍ୟାସତ୍ୟ ନ ଆସିଛି ସନ୍ଦେହ ନିଆଁ ଭିତରେ କ୍ରାଇମବ୍ରାଞ୍ଚ, ପୋଲିସ ବିଭାଗ, ପ୍ରଶାସନିକ କଳ ସମସ୍ତେ ରହିବେ। ବିଜୟ କହିଛନ୍ତି, ଏଥିରେ କିଛି ବଡ଼ବଡ଼ିଆ ଲୋକ ସମ୍ପୃକ୍ତ ଥିବା ନେଇ ସନ୍ଦେହ ହେଉଛି। କାହାକୁ ସୁରକ୍ଷା ଦେବା ଲାଗି ତଦନ୍ତ ପ୍ରକ୍ରିୟା ଏକପାଖିଆ ଭାବେ କରାଯାଉଛି। ଖାମଖିଆଲି ଭାବେ ଏହି ତଦନ୍ତକୁ ବନ୍ଦ କରିବା ଲାଗି ଚକ୍ରାନ୍ତ ମଧ୍ୟ ଚାଲିଛି। ଏହି ଘଟଣା ସମ୍ପର୍କରେ ନବଙ୍କ କେତେଜଣ ପାଖ ଲୋକ ଯେଉଁମାନଙ୍କୁ ପ୍ରାୟ ସମସ୍ତେ ଜାଣନ୍ତି ଏବଂ ସେମାନେ ଜିଲା ପରିଷଦ ସଭ୍ୟ ଅଛନ୍ତି ସେମାନଙ୍କୁ ଗଣମାଧ୍ୟମ ଆଗରେ କିଛି ନ କହିବାକୁ ଧମକ ଦିଆଯାଇଛି। ଏହି ଘଟଣାରେ ୧୨୦-ବି ଦଫା କାହିଁକି ଲଗାଯାଇ ନାହିଁ ବୋଲି ବିଜୟ ପ୍ରଶ୍ନ କରିଛନ୍ତି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଗୋପାଳ କି ମଣିଷଟେ ଯେ ସିଏ ଡାଏରି ଲେଖିବ। ହୁଏତ ଏହି ଡାଏରିରେ ସେମାନେ ଏମିତି କିଛି ଲେଖିବେ ଯେଉଁଥିରେ ନବ ଦାସଙ୍କ ଚରିତ୍ର ଏବଂ ଘଟଣା ପଛରେ କାହାଣୀର ରୂପ ଦେଇ ତା'ର ବ୍ୟକ୍ତିଗତ ରାଗରୁ ମାରିଦେଲା ବୋଲି ଉଲ୍ଲେଖ କରିବାକୁ ଚାହିଁବେ। ସେଥିଲାଗି ସେମାନେ ଗୋପାଳ ଘରୁ ଡାଏରି ଜବତ ହୋଇଥିବା କଥା କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଦିନ ଦ୍ୱିପ୍ରହରରେ ଜଣେ ପୋଲିସ ଗୁଳିକରି ହତ୍ୟା କରୁଛି ଏହା କିଛି ଛୋଟ କଥା ନୁହେଁ। ତାଙ୍କୁ କାହିଁକି ହତ୍ୟା କରାଗଲା ବର୍ତ୍ତମାନ ସୁଦ୍ଧା ଜଣାପଡୁ ନାହିଁ। ଯଦି ଷଡ଼ଯନ୍ତ୍ର ବୋଲି ସ୍ୱୀକାର କରୁଛନ୍ତି ତେବେ କାହା ଉପରେ ସନ୍ଦେହ କରାଯାଉଛି ସେକଥା ଉଲ୍ଲେଖ କରନ୍ତୁ। ବିଜେଡି ନେତ୍ରୀ ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ତଦନ୍ତ ନ ସରିବା ପର୍ଯ୍ୟନ୍ତ କ'ଣ କୁହାଯିବ। ତଦନ୍ତ ସରିବା ପରେ ଗୋଟେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲେ ଯାଇ କ୍ରାଇମବ୍ରାଞ୍ଚ କିଛି କହିବ। କ୍ରାଇମବ୍ରାଞ୍ଚ କ'ଣ ପ୍ରତ୍ୟେକ ଦିନ କ'ଣ ସବୁ କଲା ତାହା କହିବ। ତଦନ୍ତ ଶେଷରେ କ୍ରାଇମବ୍ରାଞ୍ଚ ତାଙ୍କ ରିପୋର୍ଟ ଦେବେ ବୋଲି ସେ କହିଛନ୍ତି।

## ଫଡ଼ନବିସ୍‌ଙ୍କ ଶାସନ କାଳରେ ହୋଇଛି ୫୦୦ କୋଟିର ଦୁର୍ନୀତି: ଅଜିତ୍ ପାୱାର

**ମୁମ୍ବାଇ,୯।୩**

ମହାରାଷ୍ଟ୍ର ବିଧାନସଭାରେ ବିରୋଧୀ ଦଳ ନେତା ଅଜିତ୍ ପାୱାର ଗୁରୁବାର ଏକ ବଡ଼ ଅଭିଯୋଗ ଆଣିଛନ୍ତି। ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ନେତୃତ୍ୱାଧୀନ ସରକାରଙ୍କ କାର୍ଯ୍ୟକାଳ(୨୦୧୪-୧୯)ରେ ରାଜ୍ୟରେ ସୂଚନା ଏବଂ ପ୍ରସାରଣ ବିଭାଗରେ ୫୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ସେ କହିଛନ୍ତି। ୨୦୧୯ରେ ସରକାରୀ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କ ବିନା ମଞ୍ଜୁରୀରେ ୫୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମିଡିଆ ବିଜ୍ଞାପନକୁ ପ୍ରକାଶିତ କରିବାକୁ ମଞ୍ଜୁରୀ ଦେଇଥିଲେ। ତେଣୁ ସେହି ଅଧିକାରୀଙ୍କୁ ଏବେ ଦଣ୍ଡ ଦେବା ଲାଗି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନିକଟରେ ପାୱାର ଦାବି କରିଛନ୍ତି। ବିଧାନସଭାରେ ସେ କହିଛନ୍ତି, ଅଧିକାରୀମାନେ ଫାଇଲରେ ଉଲ୍ଲେଖ କରିଛନ୍ତି ଯେ, ପ୍ରକୃତରେ ଫଡ଼ନବିସ୍‌ଙ୍କ ଅନୁମତି ନ ନେଇ ବିଜ୍ଞାପନ ପ୍ରକାଶନ ପାଇଁ ୫୦୦ କୋଟି ଟଙ୍କା ଖର୍ଚ୍ଚ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା।

# ଦିଲ୍ଲୀ ମନ୍ତ୍ରୀ ଭାବେ ଶପଥ ନେଲେ ଆତିଶି, ସୌରଭ

**ନୂଆଦିଲ୍ଲୀ, ୯।୩**



ଆତିଶି



ସୌରଭ ଭରଦ୍ୱାଜ

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତା ଆତିଶି ଏବଂ ସୌରଭ ଭରଦ୍ୱାଜ ଦିଲ୍ଲୀ ସରକାରରେ ମନ୍ତ୍ରୀ ଭାବେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ସୌରଭଙ୍କୁ ସ୍ୱାସ୍ଥ୍ୟ ବିଭାଗ ସହ ସହରାଞ୍ଚଳ ବିକାଶ, ଜଳ ଓ ଶିଳ୍ପ ବିଭାଗ ଦାୟିତ୍ୱ ମିଳିଥିବାବେଳେ ଆତିଶିଙ୍କୁ ଶିକ୍ଷା, ପିଡବ୍ଲ୍ୟୁଡି, ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ମିଳିଛି। ସୌରଭ ଦ୍ୱିତୀୟ ଥର ପାଇଁ ଦିଲ୍ଲୀ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ୨୦୧୩ରେ ଏଏପି ନେତୃତ୍ୱାଧୀନ ଦିଲ୍ଲୀ ସରକାରରେ ସେ ପରିବହନ ମନ୍ତ୍ରୀ ଥିଲେ। ଆତିଶି ପୂର୍ବରୁ ମନୀଷ ସିସୋଡିଆଙ୍କ ଅଧୀନରେ ଶିକ୍ଷା ବିଭାଗ ଉପଦେଷ୍ଟା ଭାବେ କାର୍ଯ୍ୟ କରୁଥିଲେ। ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ସିସୋଡିଆ ଏବଂ ସତ୍ୟେନ୍ଦ୍ର ଜୈନ ଗିରଫ ହୋଇ ତିହାର ଜେଲରେ ରହିଥିବାବେଳେ ସେମାନେ ନିକଟରେ ରାଜ୍ୟ କ୍ୟାବିନେଟ୍‌ରୁ ଇସ୍ତଫା ଦେଇଥିଲେ। କ୍ୟାବିନେଟ୍‌ରେ ଦୁଇଟି ମନ୍ତ୍ରୀ ପଦ ଖାଲିପଡ଼ିଥିବାରୁ ଉକ୍ତ ସ୍ଥାନରେ ଆତିଶି ଏବଂ ସୌରଭଙ୍କୁ ନିଆଯାଇଛି। ତେବେ କାହାକୁ ଉପମୁଖ୍ୟମନ୍ତ୍ରୀ ପଦ ଦିଆଯାଇ ନାହିଁ।

# କଂଗ୍ରେସକୁ ସୁଦୃଢ଼ କରିବାକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ: ମୋକିମ୍



**ଭୁବନେଶ୍ୱର, ୯।୩(ବ୍ୟୁରୋ):** ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ରାଜ୍ୟରେ ନିଜର ଅଣ୍ଟା ସଳଖିବା ପାଇଁ ଉଦ୍ୟମ କରୁଥିବାବେଳେ ଗୁରୁବାର ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍ କଂଗ୍ରେସର ରାଜ୍ୟ ନେତୃତ୍ୱଙ୍କୁ ସତର୍କ କରାଇଛନ୍ତି। ଜାନକୀ ବଲ୍ଲଭ ପଟ୍ଟନାୟକ, ବସନ୍ତ ବିଶ୍ୱାଳ ଓ ହେମାନନ୍ଦ ବିଶ୍ୱାଳଙ୍କ ଭଳି ନେତାଙ୍କ ପରେ ରାଜ୍ୟ କଂଗ୍ରେସ ଏ ପର୍ଯ୍ୟନ୍ତ ସେମାନଙ୍କ ଭଳି ଲୋକପ୍ରିୟ ନେତାଙ୍କୁ ଆଗକୁ ଆଣିବାରେ ସକ୍ଷମ ହୋଇ ନ ଥିବା ତଥା ବର୍ତ୍ତମାନର ନେତୃତ୍ୱ ଏହି ସମସ୍ୟା ପ୍ରତି ସଚେତନ ରହିବେ ବୋଲି ମୋକିମ୍ ଆଶାବ୍ୟକ୍ତ କରିଛନ୍ତି। ଗଣମାଧ୍ୟମକୁ ମୋକିମ୍ କହିଛନ୍ତି, ସେ କଂଗ୍ରେସରେ ହିଁ ଅଛନ୍ତି। ରାଜ୍ୟରେ ଦଳକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ବିଧାନସଭାରେ କଂଗ୍ରେସର ୯ ବିଧାୟକ ଥିବାବେଳେ ଉପନିର୍ବାଚନରେ ଦଳ ବିଶେଷ ପ୍ରଭାବ ପକାଇପାରିଲା ନାହିଁ। ତେଣୁ ବାସ୍ତବତାକୁ ଗ୍ରହଣକରି ପରିଶ୍ରମ ନ କଲେ ରାଜ୍ୟରେ କଂଗ୍ରେସର ସ୍ଥିତି ଆହୁରି ଖରାପ ହେବ ବୋଲି ସେ କହିଛନ୍ତି।

# ଜିଲାପାଳଙ୍କୁ ଭାଜପାର ଅଭିଯୋଗ | ବିଡିଓଙ୍କ ବିଜ୍ଞାପନରେ ଶଙ୍ଖ ଚିହ୍ନ



ଭାଜପା ନେତୃବୃନ୍ଦ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

**ଅନୁଗୋଳ ଅଫିସ୍/ବଇଣ୍ଡା (ଡି.ଏନ୍.ଏ.), ୯।୩**

ଅନୁଗୋଳ ଜିଲା କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା ଓଡ଼ିଶା ସରକାରୀ କର୍ମଚାରୀ ସର୍ଭିସ କୋଡ୍-୧୯୫୯ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ପଞ୍ଚାୟତିରାଜ ଦିବସରେ ସେ ବିଜେଡିର ଶଙ୍ଖ ଚିହ୍ନ ଥାଇ ଏକ ନିର୍ଦ୍ଦିଷ୍ଟ ଖବରକାଗଜକୁ ବିଜ୍ଞାପନ ଦେଇଥିବା ଜିଲା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ଦଳର ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତିରାଜ ଦିବସ ଉପଲକ୍ଷେ ଗତ ମାର୍ଚ୍ଚ ୫ରେ ଏକ ଖବରକାଗଜରେ କିଶୋରନଗର ବିଡିଓଙ୍କ ସୌଜନ୍ୟରୁ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିରେ ଶଙ୍ଖ ଚିହ୍ନ ବ୍ୟବହାର କରାଯାଇଥିଲା। ଜଣେ ପ୍ରଶାସନିକ ଅଧିକାରୀ ହୋଇ ସେ ବିଜେଡି ପାଇଁ ଖୋଲାଖୋଲି ପ୍ରଚାର କରୁଛନ୍ତି, ଯାହା ଓଡ଼ିଶା ସରକାରୀ କର୍ମଚାରୀ ସର୍ଭିସ କୋଡ୍-୧୯୫୯ର ଉଲ୍ଲଂଘନ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଭାଜପା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। ଏଥିସହ ଆଇନର ଆଶ୍ରୟ ନିଆଯିବ ବୋଲି ଜିଲା ସଭାପତି ପ୍ରଧାନ ଚେତାବନୀ ଦେଇଛନ୍ତି। ଏହି ମର୍ମରେ ଶୁକ୍ରବାର ବିଡିଓଙ୍କ ନାମରେ କିଶୋରନଗର ଥାନାରେ ଏତଲା ଦିଆଯିବ ବୋଲି ସେ କହିଛନ୍ତି। ଜିଲାପାଳଙ୍କ ସହ ଆଲୋଚନା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ବରିଷ୍ଠ ନେତା ଦିଲୀପ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ସମ୍ପାଦକ ପ୍ରଭାତ ପ୍ରଧାନ, କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ପ୍ରଶାନ୍ତ ପୃଷ୍ଟି, ମିଲାପ ପ୍ରଧାନ, ଅମୂଲ୍ୟ ପ୍ରଧାନ, ସୋମୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗର ପ୍ରତିକ୍ରିୟାରେ ବିଡିଓ ବେହେରା କୁହନ୍ତି, ସେ କୌଣସି ଦଳର ପ୍ରଚାରକ ନୁହେଁ। ଯେଉଁ ଖବରକାଗଜ ସଂସ୍ଥା ଏହାକୁ ପ୍ରକାଶ କରିଛନ୍ତି, ଏହାକୁ ଭୁଲ୍‌ବଶତଃ ପ୍ରକାଶ କରିଛନ୍ତି। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଖବରକାଗଜରେ ଏ ସମ୍ପର୍କିତ ସ୍ପଷ୍ଟୀକରଣ ଦିଆଯାଇଛି।


GOVERNMENT OF ODISHA

**OFFICE OF THE SUPERINTENDING ENGINEER BIDYADHARPUR CANAL DIVISION, BIDYADHARPUR**

(E-mail Id: eebcdivision@gmail.com)

No.A-1232: **Bid Identification No.SEBCD-17/01 OF 2022-23**

| Name of the Procurement Office | Name of Work | Bid Id No. | Tender Cost in Lakhs (Appx.) | EMD Cost | Cost of Bid document (Online) | Availability of Tender | | Date of Opening |
|---|---|---|---|---|---|---|---|---|
| | | | | | | From | To | |
| Superintending Engineer, Bidyadharpur Canal Division, Bidyadharpur | Providing man power services for security arrangement for Salandi Dam at Hadagarh and Salandi Barrage at Bidyadharpur on contract basis through service provider for the period from April-2023 to March-2024 | SEB-CD-17/ 01 of 2022-23 | 27.42 | 27500/- | 6000/- | 09.03.23 11.30 Hrs. | 20.03.23 17.00 Hrs. | 21.03.23 11.30 Hrs. |

Further details can be seen from the Govt. website www.odisha.gov.in/www.dowrodisha.gov.in Addendum/Corrigendum/ Cancellation if any required will be published in Govt. website only.

**Sd./-Superintending Engineer, Bidyadharpur Canal Division, Bidyadharpur**

**OIPR-32240/11/0011/2223**

NANDANKANAN

**NANDANKANAN ZOOLOGICAL PARK**

**TENDER NOTICE No.56 of 2023 Date: 04.03.2023**

**No.MM-484:**Deputy Director, Nandankanan Zoological Park invites sealed tender in prescribed form, from interested individuals/ firms /entrepreneurs for following tender of Nandankanan Zoological Park for the year,2023-24.

| Sl. No. | Name of the Tender | Last date for submission of sealed tender | Opening of the sealed tender | Paper Cost inclusive of GST- 18% |
|---|---|---|---|---|
| 1 | Animal Feed & Fodder | 5.00 PM of 18.03.2023 | 11.30 A.M. of 20.03.2023 | Rs.11,800/- |

Detailed terms and conditions along with the tender papers will be available in the website of Nandankanan Zoological Park (www. nandankanan.org) from 06.03.2023. The downloaded tender papers must be accompanied with a Bank Draft/Demand draft as mentioned against the above tender drawn in favour of "Deputy Director, Nandankanan Zoological Park" in any Nationalized Bank payable at Bhubaneawar.

**Sd./- Deputy Director**
**Nandankanan Zoological Park**

**OIPR-08070/11/0029/2223**

GOVERNMENT OF ODISHA — No. O-1951

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR**

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**

**Bid Identification No. Online Tender / 80-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 80-2022-23/BPR | Bridge Works (BSY) for 2022-23 | 05 Nos. | From Rs.194.16 lakhs to Rs.791.47 lakhs | "B" Class, "A" Class & "Special" Class as applicable | 11 (Eleven), 12 (Twelve), 18 (Eighteen) & 24 (Twenty Four) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 80-2022-23/BPR | 10.03.2023 at 10.00 A.M. | 27.03.2023 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0125/2223 — Sd./- P.K. Jena, Chief Construction Engineer, R.W. Circle, Berhampur

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 2505/PSC Dt.06.03.2023**

**PF-1E-11-2021/22 (DR-III)**

No. D-339: It is for information of all concerned that, pursuant to Advt. No. 24 of 2021-22, **126 (One Hundred Twenty Six)** candidates bearing following PPSAN have been allowed to appear in the interview to determine their eligibility for recruitment to the post of **Post Graduate Teachers in English**. The Interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on 03.04.2023, 04.04.2023, 05.04.2023 & 06.04.2023 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates | Board |
|---|---|---|---|---|
| 1 | 03.04.2023 | 10.30 A.M. | 00114182, 00037076, 00103577, 00103389, 00119281, 00115529, 00120354, 00114715 & 00103229 = **09 Candidates** | **Board - I** |
| | | | 00100669, 00123783, 00045687, 00029333, 00104098, 00122331, 00115341, 00116613 & 00124117 = **09 Candidates** | **Board - II** |
| | | 02.30 P.M. | 00116454, 00133239, 00019277, 00120981, 00116610, 00125423 & 00103070 = **07 Candidates** | **Board - I** |
| | | | 00124286, 00077197, 00100726, 00091911, 00104096, 00114214 & 00099807 = **07 Candidates** | **Board - II** |
| 2 | 04.04.2023 | 10.30 A.M. | 00125996, 00114306, 00117603, 00125648, 00066551, 00112785, 00130405, 00126374 & 00114927 = **09 Candidates** | **Board - I** |
| | | | 00119819, 00016943, 00103052, 00114355, 00115012, 00111463, 00100180, 00122800 & 00122444 = **09 Candidates** | **Board - II** |
| | | 02.30 P.M. | 00070935, 00117632, 00050182, 00047210, 00119147, 00072945 & 00102923 = **07 Candidates** | **Board - I** |
| | | | 00126909, 00124395, 00118462, 00118853, 00124682, 00114051 & 00061371 = **07 Candidates** | **Board - II** |
| 3 | 05.04.2023 | 10.30 A.M. | 00103561, 00126365, 00115796, 00046634, 00114321, 00120366, 00127196, 00119991 & 00104481 = **09 Candidates** | **Board - I** |
| | | | 00114871, 00062568, 00092235, 00104482, 00128452, 00037432, 00103075, 00103757 & 00037996 = **09 Candidates** | **Board - II** |
| | | 02.30 P.M. | 00022816, 00121129, 00103131, 00128202, 00114204, 00057124 & 00121720 = **07 Candidates** | **Board - I** |
| | | | 00116213, 00120740, 00035890, 00020503, 00059018, 00121805 & 00060251 = **07 Candidates** | **Board - II** |
| 1 | 06.04.2023 | 10.30 A.M. | 00062853, 00121990, 00047986, 00131409, 00055944, 00035376, 00020020, 00123621 & 00114906 = **09 Candidates** | **Board - I** |
| | | | 00124798, 00123286, 00092803, 00114737, 00100500, 00018775, 00121804, 00036448 & 00122589 = **09 Candidates** | **Board - II** |
| | | 02.30 P.M. | 00038634, 00114863, 00000142, 00104354, 00129886 & 00115678 = **06 Candidates** | **Board - I** |
| | | | 00080309, 00104323, 00102130, 00120973, 00070076 & 00115105 = **06 Candidates** | **Board - II** |

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.

**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview Board. White board shall be provided by the commission for the purpose.

**OIPR-12002/11/0287/2223** — **Sd./- Secretary**

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୩ ପାଳିତ




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନବି) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପିଏନବିର ନୂଆଦିଲ୍ଲୀସ୍ଥିତ ଦ୍ୱାରକା ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ବ୍ୟାଙ୍କର ଅଭିବୃଦ୍ଧିରେ ମହିଳା କର୍ମଚାରୀଙ୍କ ଭୂମିକା ଏବଂ କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମାନତା' ସମ୍ପର୍କରେ ଏକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା।




ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ମୁମ୍ବାଇସ୍ଥିତ ମୁଖ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସ୍ୱୟଂ ସହାୟକା ଗୋଷ୍ଠୀ (ଏସଏଚଜି)ଙ୍କ ସହାୟତାରେ ଏକ ବିଶେଷ ମେଳା ବ୍ୟାଙ୍କର ମହିଳା କର୍ମଚାରୀ ଓ ଗ୍ରାହକଙ୍କ ପାଇଁ ଆୟୋଜନ କରାଯାଇଥିଲା।



ଟାଟା ପାୱାର ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ ବ୍ରହ୍ମପୁର ୟୁନିଟର ଗ୍ରାହକ ସେବା କେନ୍ଦ୍ରରେ କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କ ପାଇଁ କମ୍ପାନୀ ପକ୍ଷରୁ 'ଡିଜିଟାଲ,ଲିଙ୍ଗଗତ ସମାନତା ପାଇଁ ନବସୃଜନ ଓ ପ୍ରଯୁକ୍ତି' ଶୀର୍ଷକ ବିଷୟବସ୍ତୁ ଜରିଆରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି।

# ନୀତାଙ୍କ ଦ୍ୱାରା 'ଦି ହର୍ ସର୍କଲ ଏଭ୍ରିବଡି' ପ୍ରକଳ୍ପର ଶୁଭାରମ୍ଭ

**ନୂଆଦିଲ୍ଲୀ,୯।୩**



ଚଳିତ ବର୍ଷର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀ 'ଦି ହର୍ ସର୍କଲ ଏଭ୍ରିବଡି' ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ବିଶେଷକରି ମହିଳମାନଙ୍କ ଲାଗି ଏକ ସୁରକ୍ଷିତ, ଅନ୍ତର୍ଭୁକ୍ତୀକରଣ, ଅଭିବୃଦ୍ଧି କୈନ୍ଦ୍ରିକ ଡିଜିଟାଲ ମଞ୍ଚ ସୃଷ୍ଟି କରିବା ଲାଗି ୨୦୨୧ରେ ନୀତା ହର୍ ସର୍କଲର ଶୁଭାରମ୍ଭ କରିଥିଲେ। ଏପରିକି ପ୍ରକଳ୍ପର ୨ୟ ବାର୍ଷିକୀ ମଧ୍ୟରେ ୩୧୦ ନିୟୁତରୁ ଅଧିକ ମହିଳାଙ୍କ ପାଖରେ ପହଞ୍ଚି ମହିଳାମାନଙ୍କ ଲାଗି ଭାରତର ସର୍ବବୃହତ୍ ଡିଜିଟାଲ ମଞ୍ଚରେ ପରିଣତ ହୋଇଛି। ଅନ୍ତର୍ଭୁକ୍ତୀକରଣର ପ୍ରମୁଖ ଲକ୍ଷ୍ୟକୁ ହାସଲ କରିବା ଲାଗି ଉକ୍ତ ଅଭିଯାନରେ ସାମିଲହେବାକୁ ନୀତା ସମସ୍ତ ମହିଳାଙ୍କୁ ଆହ୍ୱାନ ଦେଇଥିଲେ।

ଏ ସମ୍ପର୍କରେ ନୀତା କହିଛନ୍ତି, ହର୍ ସର୍କଲ୍ ହେଉଛି, ଭଗିନୀତ୍ୱ ଓ ଏକତାର ପ୍ରତୀକ। ଅନ୍ତର୍ଭୁକ୍ତୀକରଣ ଓ ସମସ୍ତଙ୍କ ପାଇଁ ସମ୍ମାନ ଉପରେ ଏହା ପର୍ଯ୍ୟବସିତ। ଏହା ହିଁ ଆମ ନୂଆ ପ୍ରକଳ୍ପର ଆଭିମୁଖ୍ୟ, ସୋସିଆଲ ମିଡିଆରେ ହେଉଥିବା ଟ୍ରୋଲିଂ ବିଷୟରେ ଆମେ ସମସ୍ତେ ଅବଗତ। ଲୋକମାନେ ଲଢୁଥିବା ଲଢ଼େଇ ବିଷୟରେ କିଛି ବି ନ ଜାଣି ସେମାନେ ମତାମତ ଦିଅନ୍ତି। ଲୋକମାନେ ମେଡିକାଲ ସମସ୍ୟା ଏବଂ ଜେନେଟିକ୍ ସମସ୍ୟା ଦେଇ ଗତି କରୁଥାଇପାରନ୍ତି। ତଥାପି ସେମାନଙ୍କୁ ଟ୍ରୋଲିଂ ଓ ଉପହାସର ଶିକାର ହେବାକୁ ପଡୁଛି। ଏହା ବିଶେଷକରି ଯୁବପିଢ଼ି ପାଇଁ ବେଶ୍ କ୍ଷତିକାରକ। ଆମେ ଆଶା କରୁଛୁ, ଆମର ଏହି ଅଭିଯାନ ବିଭିନ୍ନ ଉପାୟରେ ଏହାର ମୁକାବିଲା କରିବ ଏବଂ ଲୋକମାନେ ଯାହା ସେମାନେ ତାହା ହୋଇ ରହିବା ଲାଗି ସେମାନଙ୍କୁ ବିଶ୍ୱାସ ଓ ସ୍ୱାଧୀନତା ପ୍ରଦାନ କରିବ। ଅପରପକ୍ଷରେ ହର ସର୍କଲ୍‌ର ଦ୍ୱିତୀୟ ବାର୍ଷିକୀକୁ ପ୍ଲାଟ୍‌ଫର୍ମର ବାର୍ଷିକ ସ୍ୱତନ୍ତ୍ର ଡିଜିଟାଲ କଭରରେ ସ୍ଥାନିତ ଏବଂ ଏକ ସ୍ୱତନ୍ତ୍ର ସାକ୍ଷାତ୍କାର ଦେଇ ପାଳନ କରିଥିଲେ। ସେହିପରି ନୀତା କହିଥିଲେ, ହର୍ ସର୍କଲକୁ ଗଠନ କରିଥିବା ସମଗ୍ର ଟିମ୍ ଓ ନିୟୁତାଧିକ ମହିଳାଙ୍କୁ ଅଭିନନ୍ଦନ ଜଣାଉଛି। ଏହା ଏକ ଚିନ୍ତାଧାରା ଭାବେ ଆରମ୍ଭ ହୋଇଥିଲା। ଆମେ ଏହାକୁ ସମସ୍ତ ମହିଳାଙ୍କ ଲାଗି ଏକ ଆନ୍ଦୋଳନରେ ପରିଣତ କରିବାକୁ ଚାହୁଁଛୁ। ହର୍ ସର୍କଲରେ ୨,୨୦,୦୦୦ ରୁ ଅଧିକ ମହିଳା ପଞ୍ଜୀକୃତ ହୋଇଛନ୍ତି ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା ଉଦ୍ୟୋଗୀ, ଯେଉଁମାନେ ନିରନ୍ତର ଭାବେ ମହିଳାମାନଙ୍କୁ ପେସାଦାର ଓ ସାମାଜିକ ଭାବେ ଯୋଡ଼ିହେବା ଲାଗି ଉତ୍ସାହିତ କରୁଛନ୍ତି।

# ବେଦାନ୍ତ ପକ୍ଷରୁ 'ପ୍ରୋଜେକ୍ଟ ପଞ୍ଛି'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୯।୩**




ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍ ଲାଞ୍ଜିଗଡ଼ ଆଲୁମିନା ରିଫାଇନେରିରେ ଏକ ଅଭିନବ ଯୋଜନା 'ପ୍ରୋଜେକ୍ଟ ପଞ୍ଛି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ପ୍ରକଳ୍ପ ଜରିଆରେ କର୍ପୋରେଟ ନିଯୁକ୍ତି ଡ୍ରାଇଭ ହେବ। ଏହା ଧାତୁ, ଖଣି, ତୈଳ ଓ ଗ୍ୟାସ୍ ଉଦ୍ୟୋଗର ବିଭିନ୍ନ ବ୍ୟବସାୟରେ ୧୦୦୦ରୁ ଅଧିକ ବାଳିକାଙ୍କୁ ନିଯୁକ୍ତି ଦେବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ଠାରେ ୪୦ଜଣ ବାଳିକାଙ୍କୁ ନିଯୁକ୍ତି ଦେଇଥିବା ଜଣାପଡ଼ିଛି। ବିଶେଷକରି କମ୍ପାନୀ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଜିଲାପାଳ ପି. ଅନ୍ୱେଶା ରେଡ଼ି, ଅତିରିକ୍ତ ଜିଲାପାଳ ଡ. ବିଶ୍ୱଜିତ ଦାସ, ବିଡିଓ ଜିତେନ୍ଦ୍ର ମିଶ୍ରଙ୍କ ସମେତ ବେଦାନ୍ତ ଲିଃ ଡେପୁଟି ସିଇଓ ଆଲୁମିନିୟମ ବିଜ୍‌ନେସ୍ ଜି.ଜି.ପାଲ ଏବଂ ସିଏଚ୍‌ଆର୍‌ଓ ଦିଲୀପ କୁମାର ସିହ୍ନା ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ ରାୟଗଡ଼ା ଓ କଳାହାଣ୍ଡି ଜିଲାର ୧୦ ପଞ୍ଚାୟତର ସଦସ୍ୟଙ୍କ ଉପସ୍ଥିତିରେ ମନୋନୀତ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିଃର ଡେପୁଟି ସିଇଓ (ଆଲୁମିନା ବ୍ୟବସାୟ) ଜି.ଜି.ପାଲ କହିଛନ୍ତି, ଉକ୍ତ ପ୍ରକଳ୍ପ ହେଉଛି ଆମର ଚେୟାରମ୍ୟାନ ଅନୀଲ ଅଗ୍ରୱାଲଙ୍କ ଏକ ଦୂର ଦୃଷ୍ଟିସମ୍ପନ୍ନ ପଦକ୍ଷେପ, ଯାହା ଭାରତର ଦୂରବର୍ତ୍ତୀ ଅଞ୍ଚଳରେ ରହୁଥିବା ଆଶାୟୀ ଯୁବତୀମାନଙ୍କୁ ସଶକ୍ତୀକରଣ କରିବା ସହ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ଆମର ୪୦ଜଣ ବାଳିକା ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଛନ୍ତି। ସେମାନଙ୍କୁ ଆମେ ସ୍ୱାଗତ କରୁଛୁ ଓ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ସେହିଭଳି ଲାଞ୍ଜିଗଡ଼ ବିଧାୟକ ଦିଶାରୀ କହିଛନ୍ତି, ଗୋଷ୍ଠୀର ବିକାଶ ପାଇଁ ବେଦାନ୍ତର ଅପାର ଅବଦାନ ରହିଛି। ଏଭଳି ଏକ ପଦକ୍ଷେପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଝିଅମାନେ ଉତ୍ସାହିତ ହେବେ। ଏହି ପଦକ୍ଷେପ ଜୀବିକା ନିର୍ବାହ ପାଇଁ ସାମାଜିକ ସୀମା ଭାଙ୍ଗିବ ଓ ପିଲାମାନେ ନିଜକୁ ହେୟ ମନେ ନ କରି ବୃତ୍ତିଗତ କ୍ଷେତ୍ରରେ ସୁଦୃଢ଼ କରିବାକୁ ଆଗେଇ ଆସିବେ। ସେହିପରି ପି.ଅନ୍ୱେଶା ରେଡ଼ି କହିଥିଲେ, ଦେଶରେ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତର ଏହା ଏକ ନିଆରା କାର୍ଯ୍ୟକ୍ରମ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ବହୁ ଯୁବତୀ କର୍ମନିଯୁକ୍ତି ପାଇପାରିବା ସହ ସେମାନଙ୍କ ମନୋବଳ ବୃଦ୍ଧି ପାଇବ। ମୁଁ ନବ ନିଯୁକ୍ତି ପାଇଥିବା ପ୍ରାର୍ଥୀଙ୍କୁ ଧନ୍ୟବାଦ ଜଣାଉଛି।

ଉଲ୍ଲେଖଯୋଗ୍ୟ ଓଡ଼ିଶା, ଛତିଶଗଡ଼, ରାଜସ୍ଥାନ, ଝାଡ଼ଖଣ୍ଡ, କର୍ଣାଟକ, ଗୋଆ ଭଳି ସ୍ଥାନରେ କମ୍ପାନୀର ଧାତୁ, ଖଣି ଏବଂ ତୈଳ ଓ ଗ୍ୟାସ୍ ବ୍ୟବସାୟିକ କାର୍ଯ୍ୟରେ ନବନିଯୁକ୍ତ ବାଳିକାମାନଙ୍କୁ ନିଯୁକ୍ତି ଦିଆଯିବ।

## ଫୁର୍‌ସତ

# ୬୨ ବର୍ଷୀୟା କନିଆଙ୍କୁ ୨୫ ବର୍ଷୀୟ ବର





**ରୋମ୍:** କୁହାଯାଏ ପ୍ରେମ ଅନ୍ଧ। ସେ ଜାତି, ଧର୍ମ, ବର୍ଣ୍ଣ କିଛି ମାନି ନ ଥାଏ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ରୋମ୍‌ରେ। ଜଣେ ୬୨ ବର୍ଷୀୟା ବୃଦ୍ଧାଙ୍କୁ ନିଜ ହୃଦୟ ଦେଇ ବସିଛନ୍ତି ୨୫ ବର୍ଷୀୟ ଯୁବକ। ସେମାନଙ୍କ ଭଲ ପାଇବା ସଫଳ ହେବା ସହ ସେମାନେ ୨ ବର୍ଷ ହେବ ବିବାହ କରିଛନ୍ତି। ରିପୋର୍ଟ ମୁତାବକ, ଯୁବକ କୁରାନ ମେକ୍‌କେନ୍ ଏବଂ ଚେରିଲ୍ ମେକ୍‌ଗ୍ରେଗର୍ ଦୁହେଁ ପ୍ରଥମ ଥର ପାଇଁ ୨୦୧୨ରେ ଦେଖାହୋଇଥିଲେ। ସେମାନେ ଏକ ରେଷ୍ଟୁରାଣ୍ଟରେ ଏକାଠି କାମ କରୁଥିଲେ। ସେତେବେଳେ କୁରାନଙ୍କୁ ୧୫ ବର୍ଷ ବୟସ ହୋଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରେ ସେତେବେଳେ କିଛି ସମ୍ପର୍କ ନ ଥିଲା। ପରେ ଚେରିଲ୍‌ଙ୍କୁ କୁରାନ ଏକ ଷ୍ଟୋରରେ କ୍ୟାଶିୟର ଭାବେ କାମ କରୁଥିବା ୨୦୨୦ରେ ମିଳିଥିଲେ। ଏହା ମଧ୍ୟରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହାପରେ ସେମାନେ ୨୦୨୧ରେ ବିବାହ କରିଥିଲେ। ହେଲେ ପୂର୍ବରୁ ଚେରିଲ୍‌ଙ୍କ ୭ଟି ସନ୍ତାନ ଥିଲେ। ଚେରିଲ୍ ତାଙ୍କର ୮ମ ସନ୍ତାନ ଜନ୍ମ କରିବାକୁ ଚାହୁଁଥିଲେ। ସେମାନେ ଏଥିପାଇଁ ଚେଷ୍ଟା କରିଥିଲେ ମଧ୍ୟ ଚେରିଲ୍‌ଙ୍କ ବୟସ ଅଧିକ ଥିବାରୁ ତାହା ସମ୍ଭବ ହୋଇ ନ ଥିଲା। ଏବେ ସେମାନେ ସରୋଗେସି ମାଧ୍ୟମରେ ସନ୍ତାନ ଜନ୍ମ କରିବାକୁ ୩ ଜଣଙ୍କ ସହ କଥା ହୋଇଥିବା ଜଣାପଡ଼ିଛି।

# ଚିକିତ୍ସା ପାଇଁ ବିଦେଶରେ ପ୍ରଭାସ



ମୁମ୍ବାଇ: ସାଉଥ ସୁପରଷ୍ଟାର ପ୍ରଭାସଙ୍କ ୩ଟି ଫିଲ୍ମ 'ଆଦିପୁରୁଷ', 'ସାଲାର' ଏବଂ 'ପ୍ରୋଜେକ୍ଟ କେ' ଦର୍ଶକଙ୍କୁ ଆଗାମୀ ଦିନରେ ଭେଟି ଦେବାକୁ ଯାଉଛି। ହେଲେ ପ୍ରଶଂସକଙ୍କୁ ଆହୁରି ଅପେକ୍ଷା କରିବାକୁ ପଡ଼ିବ ବୋଲି ଜଣାପଡ଼ିଛି। ତାଙ୍କ ଶରୀରର ତାପମାତ୍ରା ବଢ଼ିବା ପରେ ସେ ତାଙ୍କ ଶୁଟିଂ ବାତିଲ କରିଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ସେ ବିଦେଶକୁ ଯିବା ସହ ଅଧିକ ସମୟ ଲାଗିବ ବୋଲି କୁହାଯାଉଛି। ସେ ଯେଉଁ ରୋଗରେ ପୀଡିତ ଅଛନ୍ତି, ସେ ବାବଦରେ କିଛି ତଥ୍ୟ ସାମ୍ନାକୁ ଆସିନାହିଁ। ସେ ଏକାଧିକ ପ୍ରୋଜେକ୍ଟରେ କାମ କରୁଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ସେ ଚିକିତ୍ସା ପାଇଁ ବିରତି ନେଇଛନ୍ତି। ତେବେ ଜୁନ୍ ୧୬ରେ ଫିଲ୍ମ 'ଆଦିପୁରୁଷ'ର ଟିଜର ରିଲିଜ୍ ହୋଇଥିବାବେଳେ ତାହା ବିବାଦକୁ ଆସିଥିଲା। ସେଥିରେ ପରିବର୍ତ୍ତନ କରି ଫିଲ୍ମ ରିଲିଜ୍ ହେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ତାହା ବିଳମ୍ବ ହେବ ବୋଲି ଚର୍ଚ୍ଚା ହେଉଛି। 'ସାଲାର' ଏବଂ 'ପ୍ରୋଜେକ୍ଟ କେ'ର ଶୁଟିଂ ଚାଲୁ ରହିଥିବାବେଳେ ତା'ର ରିଲିଜ୍ ତାରିଖ ଘୁଞ୍ଚିବ ବୋଲି କୁହାଯାଉଛି।

# କେବଳ ପଇଡ଼ ପାଣି ପିଇ ବଞ୍ଚୁଛନ୍ତି



**ଥିରୁଭାନନ୍ତପୁରମ୍:** ଅନେକ ଲୋକଙ୍କ ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଥାଏ। ସେଥିପାଇଁ ସେମାନେ ଡାକ୍ତରଙ୍କଠାରୁ ପରାମର୍ଶ ନେଇ କିଛି ଖାଦ୍ୟ ଖାଇଥାନ୍ତି। ତେବେ କେରଳର ବାସିନ୍ଦା ୬୫ ବର୍ଷୀୟ ବାଲକ୍ରିଷ୍ଣନ୍ ପାଲାଇ ନାମକ ଜଣେ ବ୍ୟକ୍ତିଙ୍କ ଗ୍ୟାସ୍ ସମସ୍ୟା ଥିଲା। ସେଥିପାଇଁ ସେ ଡାଏଟ୍ ଯୋଜନା କରିଥିଲେ। ମାସେ କି ୨ ମାସ ପାଇଁ ନୁହେଁ, ସେ ୨୮ ବର୍ଷ ହେଲାଣି ସେହି ଡାଏଟ୍ ଆପଣାଉଛନ୍ତି। ବାଲକ୍ରିଷ୍ଣନ୍ ପ୍ରତିଦିନ ପଇଡ଼ ପିଇବା ଏବଂ ଖାଇବା ଆରମ୍ଭ କରିଥିଲେ। ଏଥିରୁ ତାଙ୍କୁ ବହୁତ ଉପଶମ ମିଳିଥିଲା। ସେ ଯୁବାବସ୍ଥାରେ ଜଣେ ଫୁଟବଲ୍ ଖେଳାଳି ଥିଲେ। ୩୫ ବର୍ଷ ବୟସରେ ତାଙ୍କର ଏପରି ସମସ୍ୟା ଯୋଗୁ କିଛି ଖାଇଲେ ତାଙ୍କର ବାନ୍ତି ହୋଇଯାଉଥିଲା। ସେ ଖାଇବା ନିୟନ୍ତ୍ରଣ କରିଥିଲେ ମଧ୍ୟ କେବଳ ପଇଡ଼ରୁ ହିଁ ତାଙ୍କୁ ଉପଶମ ମିଳିଥିଲା। ସେବେଠାରୁ ସେ କେବଳ ପଇଡ଼ ପିଉଛନ୍ତି।

# ୫ ଗୋଡ଼ ଥିବା ଦୁର୍ଲଭ ବେଙ୍ଗ ଠାବ



**କାନବେରା:** ଦୁନିଆରେ ବହୁତ ପ୍ରକାର ଜିନିଷ ରହିଛି, ଯାହାକି ସବୁବେଳେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଅଷ୍ଟ୍ରେଲିଆର କୁଇନ୍‌ସ ଲ୍ୟାଣ୍ଡରେ ୫ ଗୋଡ଼ ବିଶିଷ୍ଟ ବେଙ୍ଗ ଦେଖିବାକୁ ମିଳିଛି, ଯାହା ଦୁର୍ଲଭ ପ୍ରଜାତିର। ଏହାକୁ ମାଇକେଲ ମେସେଞ୍ଜର ନାମକ ଜଣେ ବ୍ୟକ୍ତି ତାଙ୍କ ଘର ଆଗରେ ଦେଖିଥିଲେ। ବିଶେଷଜ୍ଞଙ୍କ ଅନୁସାରେ, ଛୋଟ ବେଳେ ତାକୁ କୌଣସି ପ୍ରକାର ଚୋଟ ଲାଗିବା କାରଣରୁ ଏପରି ହୋଇଥିବା କହିଛନ୍ତି। ତେବେ ମରକ୍ୟୁରି ୟୁନିଭର୍ସିଟିର ପ୍ରଫେସର ରିକ୍ ସାଇନ୍ କହିଛନ୍ତି, ସେ ଆଗରୁ ଏପରି ୪/୫ଟି ବେଙ୍ଗ ଦେଖିଛନ୍ତି ଏବଂ ଏହି ବେଙ୍ଗ ଦୁର୍ଲଭ। ମାଇକେଲ ଏକ ସାକ୍ଷାତକାରରେ କହିଛନ୍ତି, ସେ ଯେତେବେଳେ ଏହି ବେଙ୍ଗଟିକୁ ଦେଖି ଧରିବାକୁ ଚେଷ୍ଟା କରିଥିଲେ, ସେତେବେଳେ ବେଙ୍ଗଟି ତା' ୫ମ ଗୋଡ଼ ବ୍ୟବହାର କରି ତାଙ୍କୁ ଲାତ ମାରିଥିଲା। ପରେ ୪ ଗୋଡ଼ ସାହାଯ୍ୟରେ ସେଠାରୁ ପଳାଇଥିଲା। ଏହା ପୂର୍ବରୁ ଅଷ୍ଟ୍ରେଲିଆର ଉତ୍ତର ଟେରିଟୋରିରେ ୫ ଗୋଡ଼ ଥିବା ବେଙ୍ଗ ଦେଖିବାକୁ ମିଳିଥିଲା।

### ମାଛ ଧରିବାକୁ ଯାଇ ଯୁବକଙ୍କ ମୃତ୍ୟୁ

ବଲାଙ୍ଗୀର ଅଫିସ: ବଲାଙ୍ଗୀର ସହର କନ୍ଧପାଲିପଡାରେ ମାଛ ଧରିବାକୁ ଯାଇ ପାଣିରେ ବୁଡି ଯିବାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାହୁଲ ଭାଟି (୨୨)। ସକାଳେ ରାହୁଲ ଘରୁ ଜାଲ ଧରି କନ୍ଧପାଲିପଡା ବନ୍ଧକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଓ ସାଙ୍ଗ ସାଥି ଖୋଜା ଖୋଜି କରିବା ବେଳେ ବନ୍ଧରେ ରାହୁଲ ଭାସୁଥିବା ଦେଖାଯାଇଥିଲା। ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ସଂକ୍ଷେପରେ

### ୯ କେନ୍ଦ୍ରରେ ୧୪୬୮ ଜଣ ପରୀକ୍ଷା ଦେବେ

ମୁରିବାହାଲ, ୯।୩(ଡି.ଏନ.ଏ.): ଚଳିତ ବର୍ଷ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକର ୯ଟି କେନ୍ଦ୍ରରେ ୧୪୬୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ନୋଡାଲ କେନ୍ଦ୍ରଭାବେ ମୁରିବାହାଲ ପଞ୍ଚାୟତ ହାଇସ୍କୁଲକୁ ବିବେଚନା କରାଯାଇଛି। ପ୍ରଶ୍ନପତ୍ରକୁ କଡା ସୁରକ୍ଷାରେ ୯ଟି ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ ବୋଲି ସେଣ୍ଟର ଅଧୀକ୍ଷକ ସୁନୀଲ ପତ୍ର, ଉପଅଧୀକ୍ଷକ ହେମନ୍ତ ନାଗ ସୂଚନା ଦେଇଛନ୍ତି। ମୁରିବାହାଲ କେନ୍ଦ୍ରରେ ୧୨୪ ହଳଦୀ କେନ୍ଦ୍ରରେ ୧୭୯, ଲେବଡାରେ ୨୮୯, ବାଙ୍କେଲ ୨୦୫, ଶିରୋଳ ୧୬୪, ତେନ୍ତୁଳିଖୁଣ୍ଟି, ୧୭୪, ଗୁଡିଘାଟ ୧୫୯, ଦେବଙ୍ଗ ୧୬୧ ଓ ଚଲକୀ କେନ୍ଦ୍ରରେ ୧୧୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ।

### ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

ଭବାନୀପାଟଣା,୯।୩(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣାରେ ଗୁରୁବାର ୮ଦଫା ଦାବି ନେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଙ୍ଗନୱାଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର ଆସୋସିଏଶନର ଡାକରାକ୍ରମେ ଏହି ବିକ୍ଷୋଭ କରାଯାଇଥିଲା। ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଜିଲାର ୧୩ଟି ବ୍ଲକରେ ଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟଗୁଡ଼ିକରେ ଅଙ୍ଗନୱାଡି କର୍ମୀମାନେ ଆମରଣ ଅନଶନରେ ବସିଥିଲେ। ସରକାର ପ୍ରତିଶ୍ରୁତି ଦେବାରୁ ଅଙ୍ଗନୱାଡି କର୍ମୀମାନେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ। ହେଲେ ଆଜିଯାଏଁ ସେହି ପ୍ରତିଶ୍ରୁତି ପୂରଣ ହେଲା ନାହିଁ। ଏ ନେଇ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅଙ୍ଗନୱାଡି କର୍ମୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଆରମ୍ଭରେ ସ୍ଥାନୀୟ ବାଲାଜି ମନ୍ଦିରଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ୨ ହଜାରରୁ ଉର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ଓ ପାଚିକା ସାମିଲ ହୋଇଥିଲେ। ଆଗାମୀ ସମୟରେ ଦାବି ପୂରଣ ନ ହେଲେ ବାଧ ହୋଇ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ବିଜେଡିର ସମସ୍ତ ହ୍ୱାଟସଆପ୍ ଗ୍ରୁପ୍‌ରୁ ବାହାର

**ଚର୍ଚ୍ଚାରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ**

ଭବାନୀପାଟଣା,୯।୩(ସ୍ୱ.ପ୍ର.): ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଜିଲା ଗସ୍ତର ୪ ଦିନ ପରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ଜଣେ ଦୃଢ଼ ସମର୍ଥକ ଭାବେ ପରିଚିତ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତଥା ବ୍ଲକ ଅଧକ୍ଷ ଜିଲା ସଂଘ ସଭାପତି ବିନ୍ଦୁ ମହାନନ୍ଦ ବିଜେଡିର ସମସ୍ତ ହ୍ୱାଟସଆପ୍ ଗ୍ରୁପ୍‌ରୁ ବାହାରି ଯିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। କୋକସରା ବ୍ଲକ ଆମପାଣିଠାରେ ଆୟୋଜିତ ବିଜୁ ଏକ୍ସପ୍ରେସ୍ ୱେ ଲୋକାର୍ପଣ କାର୍ଯ୍ୟକ୍ରମରେ ସେଠାକାର ବ୍ଲକ ଉପାଧକ୍ଷ ମୁଖ୍ୟମନ୍ତ୍ରୀଙ୍କ ପାଖେ ପାଖେ ଥିବା ଦେଖିବାକୁ ମିଳିଥିବାବେଳେ ବୃନ୍ଦାବାହାଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ ଅଧକ୍ଷ, ସ୍ଥାନୀୟ ସରପଞ୍ଚ, ଜିଲା ପରିଷଦ କଥା ଦୂରେ ଥାଉ" ଡି" ଏରିଆ ଭିତରକୁ ମଧ ପଶିବାକୁ ନ ଦେବା ନିହାତି ଅପମାନଜନକ ଓ ନିନ୍ଦନୀୟ ବୋଲି ସମର୍ଥକ ଓ ରାଜନୀତିକୁ ଜାଣୁଥିବା ସଚେତନବର୍ଗ ଆଲୋଚନା କରୁଥିବା ଶୁଣିବାକୁ ମିଳୁଛି। ବିନ୍ଦୁ ବ୍ଲକ ଅଧକ୍ଷ ସହ ଜଣେ ସୁସଙ୍ଗଠକ ମଧ। ସେ ଏବେ ବି ବିଭିନ୍ନ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି। ତେବେ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ସହ ନେତାଙ୍କ ଜୟଗାନ ସତ୍ତ୍ୱେ ତାଙ୍କୁ ମଞ୍ଚରେ ଦୁଇ ପଦ କହିବା ପାଇଁ ସୁଯୋଗ ନ ମିଳିବା ତାଙ୍କ ସମର୍ଥକଙ୍କୁ ନିରାଶ କରାଇଛି। ବିନ୍ଦୁଙ୍କ ପ୍ରତି ଲୋକଙ୍କ ସମର୍ଥନ ବଢୁଥିବା ଦେଖି ତାଙ୍କୁ ହତୋତ୍ସାହିତ କରିବା ପାଇଁ ଏଭଳି କରାଯାଇଛି ବୋଲି ମଧ ଚର୍ଚ୍ଚା ହେଉଛି। ଯଦି ଏହି ଧାରା ଜାରି ରହେ ତେବେ ଦଳ ପାଇଁ ଏହା ଶୁଭଙ୍କର ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ଜୋରଧରିଛି। ଏହାକୁ ଦଳ କିପରି ସମାଧାନ କରିବ ତାହା ଆଗାମୀ ଦିନରେ ଦେଖିବା କଥା। ଏଭଳି ଚର୍ଚ୍ଚା ଭିତରେ ବିନ୍ଦୁଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ମୋବାଇଲ ସୁଇଚ ଅଫ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ପୁଣି କାଉଗୁଡ଼ା ଗ୍ରାମ୍ୟ ଜଙ୍ଗଲ ଜଳୁଛି

ଲାଞ୍ଜିଗଡ଼,୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳ ସିକେରକୁପା ସେକ୍ସନ କିଡିଙ୍ଗ ବିଟର କାଉଗୁଡ଼ା ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗିଛି। ନିଆଁ ଲାଗିବା ଫଳରେ ଜଙ୍ଗଲରେ ଥିବା ଶହଶହ ମୂଲ୍ୟବାନ ଗଛ ପୋଡ଼ି ପାଉଁଶ ହେବାରେ ଲାଗିଛି। କୌଣସି ଦୁର୍ବୃତ୍ତ ନିଆଁ ଜାଣିଶୁଣି ଲଗାଇ ଦେଇଥିବା ଚର୍ଚ୍ଚା ହେଉଥିବାବେଳେ ରାସ୍ତା କଡ଼ରେ ଥିବା ଏହି ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗି ବ୍ୟାପିବାରେ ଲାଗିଥିଲେ ହେଁ ବର୍ତ୍ତମାନ ପର୍ଯ୍ୟନ୍ତ ଏ ନେଇ ବନବିଭାଗ ନିକଟରେ କୌଣସି ଖବର ନାହିଁ। ଗତ କିଛି ଦିନ ତଳେ ମୂଷାନାଳ ସେକ୍ସନ ପାତର ଡଙ୍ଗର ନିକଟରେ ଥିବା ଅରବାନ ପ୍ଲାଣ୍ଟରେ ନିଆଁ ଲାଗି ୭ ହଜାର ଗଛ ପୋଡି ଯାଇଥିବା ବେଳେ ମାତ୍ର ଏକ ସପ୍ତାହ ମଧ୍ୟରେ ଉକ୍ତ ସେକ୍ସନର ପଦ୍ମଥପା ଗ୍ରାମ୍ୟ ଜଙ୍ଗଲରେ


କାଉଗୁଡ଼ା ଜଙ୍ଗଲରେ ନିଆଁ ଲାଗିଛି।

ନିଆଁ ଲାଗି ମୂଲ୍ୟବାନ ଗଛ ପୋଡି ଯାଇଥିଲା। ସେହିପରି ବିଶ୍ୱନାଥପୁର ସେକ୍ସନ ବକଟପୁର ଜଙ୍ଗଲରେ ନିଆଁ ଲାଗି ମୂଲ୍ୟବାନ ଗଛ ପୋଡି ଯାଇଥିଲା। ଏହା ପରେ ପୋଖରୀ ବନ୍ଦ ନିକଟସ୍ଥ ବରାଘାଟି, ଲାଞ୍ଜିଗଡ଼ ସେକ୍ସନ ଝିମିରି ଜଙ୍ଗଲ, ମୂଷାନାଳ ସେକ୍ସନ ବୁରୀ ଜଙ୍ଗଲ ବହୁ ମୂଲ୍ୟବାନ ଗଛ ପୋଡ଼ି ଯାଇଛି। ଏପରିକି ବନାଗ୍ନି ରୋକିବାକୁ ବନ ବିଭାଗ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା

**ବନ ବିଭାଗ ପାଖରେ ଖବର ନାହିଁ**

ସତ୍ତ୍ୱେ ଜଙ୍ଗଲ ନିଆଁକୁ ରୋକିବାକୁ ସଫଳ ହୋଇପାରୁନାହିଁ। ବନବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଦାୟିତ୍ୱହୀନତା ତଥା ଅବହେଳା ଯୋଗୁ ନିଆଁ ଲିଭାଇବା ପାଇଁ ରଖାଯାଇଥିବା ଫାୟାର ୱାଚରମାନେ ନିଆଁ ଲାଗିବା ଖବର ପାଇ ମଧ ନିଆଁ ଲିଭାଇବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହାଦ୍ୱାରା ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଥିବାବେଳେ ଏହାଦ୍ୱାରା କେବଳ ଜଙ୍ଗଲ ପୋଡ଼ି ପାଉଁଶ ହେଉନି ବରଂ ଅଞ୍ଚଳର ଜୈବ ବିବିଧତା ଉପରେ ମଧ ଦୁଷ୍ପ୍ରଭାବ ପକାଉଛି। ଜିଲା ବିଭାଗୀୟ ଉଚ୍ଚସ୍ତରୀୟ କର୍ମଚାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ତାମିଲନାଡୁରେ ବନ୍ଧା ପଡ଼ିଛନ୍ତି ଦାଦନ

ଭବାନୀପାଟଣା,୯।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଙ୍ଗୁଡ଼ିସର ଗ୍ରାମର ଗୋଟିଏ ପରିବାରର ୬ଜଣ ଶ୍ରମିକ ତାମିଲନାଡୁର ବୀରାକୁପମ ନିକଟରେ ବନ୍ଧା ପଡିଥିବା ଜଣାପଡିଛି। ଗ୍ରାମର ଜଣେ ଦଲାଲଙ୍କ କଥାରେ ପଡି ୭ ମାସ ତଳେ ପରିବାର ସହ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେମାନେ ଏକ ଇଟା ଭାଟିରେ ନିୟୋଜିତ ଥିଲେ। ତେବେ ଦଲାଲ ଜଣକ ଇଟାଭାଟି ମାଲିକଠାରୁ ଟଙ୍କା ଧରି ଚମ୍ପଟ ମାରିଥିବାରୁ ଉକ୍ତ ଶ୍ରମିକମାନଙ୍କୁ ଇଟା ଇଟାଭାଟି ମାଲିକ ଟଙ୍କା ନ ଦେଇ ଏବେ ନିର୍ଯାତନା ଦେଉଥିବା ଅଭିଯୋଗ

**ଉଦ୍ଧାର ପାଇଁ ହାତ ଯୋଡି କଲେ ନିବେଦନ**


ହାତ ଯୋଡି କରୁଛନ୍ତି ନିବେଦନ ଶ୍ରମିକ।

ହୋଇଛି। ଫଳରେ ଭୋକ ଶୋଷରେ ରହି ଏହି ଶ୍ରମିକମାନେ ସେଠାରେ ବନ୍ଧା ପଡିଛନ୍ତି। ସେହିପରି ସେଠାରୁ ଉଦ୍ଧାର କରିବା ପାଇଁ କାନ୍ଦି କାନ୍ଦି ଏକ ଭିଡିଓ ବାର୍ତ୍ତା ଜରିଆରେ ନିବେଦନ କରୁଥିବା ଭିଡିଓ ଭାଇରାଲ ହୋଇଛି। ସେଠାରେ ଚିଙ୍ଗୁଡ଼ିସର ଗ୍ରାମର ମନ ଶବର, ଗୋପୀ ଶବର, ତାରା ଶବର, ସନେତ ଶବର, ଉକିଆ ଶବର ଓ ସଞ୍ଜିତ ଶବର ଗୋଟିଏ ପରିବାରର ୬ଜଣ ସଦସ୍ୟ ରହିଥିବା ଜଣାପଡିଛି। ଏଥିରେ ମହିଳା ଓ ଛୋଟ ଛୁଆ ମଧ ରହିଥିବା ଜଣାପଡିଛି। ଅନ୍ୟପକ୍ଷରେ ନବରଙ୍ଗପୁର ଜିଲାର ମଧ ୮ଜଣ ଶ୍ରମିକ ମଧ ସେଠାରେ ରହିଥିବା ସୂଚନା ମିଳିଛି। ଏଥିପ୍ରତି କଳାହାଣ୍ଡି ଜିଲା ପ୍ରଶାସନ ଦୃଷ୍ଟିଦେଇ ଏହି ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

- ମୃତଦେହ ଧରି ଫେରିଲେ ସ୍ତ୍ରୀ, ୧୪ ବର୍ଷର ଝିଅ ବନ୍ଧକ
- ତେଲଙ୍ଗାନାର ଇଟାଭାଟିକୁ ଦାଦନ ଖଟି ଯାଇଥିଲେ

ବେଲପଡା,୯।୩ (ଡି.ଏନ୍.ଏ.)

୪ମାସ ତଳେ ସ୍ତ୍ରୀ ଓ ପିଲାଙ୍କ ସହ ତେଲଙ୍ଗାନାର ଏକ ଇଟାଭାଟିକୁ ଦାଦନ ଖଟିବାକୁ ଯାଇଥିଲେ ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ବନମାଲ ଗାଁର ସୁକଦେବ ପରାଭୁଏ (୪୦)। ଅସୁସ୍ଥତା ସତ୍ତ୍ୱେ ସୁକଦେବଙ୍କ ଉପରେ ଇଟାଭାଟି ମାଲିକଙ୍କ ନିର୍ଯାତନା ଅସହ୍ୟ ହେଲା। ଯୋର ଜବରଦସ୍ତ କାମ କରିବାକୁ ବାଧ କରାଯାଉଥିଲା। ସ୍ୱାମୀଙ୍କ ଚିକିତ୍ସା ପାଇଁ ସୁକଦେବଙ୍କ ସ୍ତ୍ରୀ ଉଷା ପରାଭୁଏ ଅନୁରୋଧ କରିବା ସତ୍ତ୍ୱେ ଭାଟି ମାଲିକ ଶୁଣି ନ ଥିଲେ। ତାଙ୍କ ଅବସ୍ଥା ଗୁରୁତର ହୋଇଯାଇଥିଲା। ବୁଧବାର ସକାଳେ ତାଙ୍କ ଜୀବନ ଚାଲିଯାଇଥିଲା। ମୃତ୍ୟୁ ପରେ ଭାଟି ମାଲିକ ସ୍ଥାନୀୟ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ସେଠାରେ ପୋତି ଦେବାକୁ ଉଦ୍ୟମ କରିଥିଲେ। ଉଷା କାକୁତି ମିନତି କରିବା ପରେ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ବନମାଲକୁ ଭାଟି ମାଲିକ ପଠାଇ ଦେଇଥିଲେ। ଗୁରୁବାର ସୁକଦେବଙ୍କ ମୃତଦେହ ଧରି ଉଷା ଗାଁକୁ ଫେରିଛନ୍ତି। ହେଲେ ବଇନା ଟଙ୍କା ବାକି ରହିଥିବାରୁ ତାଙ୍କ ଝିଅ କୈକେୟୀ (୧୪)ଙ୍କୁ ଇଟା ଭାଟି ମାଲିକ ସେଠାରେ ବନ୍ଧକ ରଖିଥିବା ଉଷା ପରାଭୁଏ କହିଛନ୍ତି। ସୁକଦେବ ସ୍ତ୍ରୀ ଉଷା ଓ ଝିଅପୁଅଙ୍କ ସହ ୪ ମାସ ତଳେ ତେଲଙ୍ଗାନାର ପୈଦାପାଲି ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାକୁ ଯିବା ପୂର୍ବରୁ ପରିବାର ଲୋକେ ଦଲାଲ୍ ଘନ ସାଙ୍କଠାରୁ ବଇନା ଟଙ୍କା ନେଇଥିଲେ।

## ଜିଲାସ୍ତରୀୟ ଶିଳ୍ପ ଉଦ୍ୟୋଗୀ ମେଳା ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ନୂଆପଡ଼ା ଅଫିସ,୯।୩

ସ୍ଥାନୀୟ ପୋଲିସ ପଡିଆଠାରେ ୧୦୭ତମ ବିଜୁ ପଟ୍ଟନାୟକ ଜୟନ୍ତୀ ଉପଲକ୍ଷେ ୫ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଶିଳ୍ପ ଉଦ୍ୟୋଗୀ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ନୂଆପଡା ଜିଲା ଉଦ୍ୟୋଗୀ ସଂଘ ସଭାପତି ମୋତି ରାୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ ମୁଖ୍ୟଅତିଥି, ଜିଲା ଶିଳ୍ପକେନ୍ଦ୍ର ଆଇପିଓ ଆନନ୍ଦ ବେହେରା ଓ ଜିଲା ଅନେକ ଉଦ୍ୟୋଗୀ ଉପସ୍ଥିତ ରହିଥିଲେ। ଉଦ୍ୟୋଗୀ ମେଳାରେ ଜିଲାର ପ୍ରାୟ ୭୪ଜଣ ଛୋଟବଡ ଉଦ୍ୟୋଗୀ ଉପସ୍ଥିତ ରହିଥିଲେ। ଜିଲା ଶିଳ୍ପକେନ୍ଦ୍ର ସହ ଅନୁଭୂତି ତଥା ସେମାନେ କିଭଳି ଭାବରେ ଜିଲ୍ଲା ଶିଳ୍ପକେନ୍ଦ୍ର ସହାୟତାରେ ନିଜ ଉଦ୍ୟୋଗ ସ୍ଥାପନ କରି ଆଜିର ଦିନରେ ସମାଜରେ ଜଣେ ସଫଳ ଉଦ୍ୟୋଗୀ ହୋଇ ସମାଜରେ ନିଜର ପରିଚୟ ସୃଷ୍ଟି କରି ପାରିଛନ୍ତ। ଏହି ଅବସରରେ ଜିଲାର ୨୦ଜଣ ଉଦ୍ୟୋଗୀଙ୍କୁ ମୁଖ୍ୟ ଅତିଥି ସାହୁ ମାନପତ୍ର ପତ୍ର ପ୍ରଦାନ କରିଥିଲେ। ଜିଲା ଶିଳ୍ପ କେନ୍ଦ୍ର କ୍ଷୀପ୍ର ଲେଖକ ସ୍ୱାଧୀନ କେତନ ମହାରଣା, ଦେବକି ମନ୍ଦନ ପଟ୍ଟନାୟକ, ଅଳିଭା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିବା ବେଳେ ଆଇପିଓ ବେହେରା ଧନ୍ୟବାଦ ଦେଇଥିଲେ।

## ଟାଏକୋଣ୍ଡୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର ଅଫିସ, ୯।୩

ବଲାଙ୍ଗୀର ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ ସ୍ଥାନୀୟ ରେଲୱେ ଷ୍ଟେଶନ ଛକ ସ୍ଥିତ ଟାଏକୋଣ୍ଡୋ ସ୍କୁଲରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଗତ ଜାନୁୟାରୀ ୧୪ ଓ ୧୫ ତାରିଖ ଦୁଇଦିନ ଧରି ପୁରୀର ସତିରାନୀଘାଟସ୍ଥିତ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲାର ଜୁନିୟର ବାଳିକା ଖିରୋଗୀ (ଫାଇଟ) ବିଭାଗରେ କୌଶଲ୍ୟା ଷାଣ୍ଢ (୪୬ କେଜି) ବ୍ରୋଞ୍ଜ ପଦକ, ପ୍ରିୟଙ୍କା ପଶାୟତ ଓ ପରିମିତା ବିଶ୍ୱାଳ (୪୯ କେଜି) ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ଅବସରରେ ଜିଲା ଟାଏକୋଣ୍ଡୋ ସଂଘ ସାଧାରଣ ସମ୍ପାଦକ ତଥା କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏଥିରେ ଜିଲା ବନଖଣ୍ଡ ଅଧିକାରୀ ନୀତିଶ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଇଓ ଲୋକନାଥ ସୁନା ଓ ଯୁବନେତା ଆକାଶ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


ବଲାଙ୍ଗୀରରେ କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଅଲ ଇଣ୍ଡିଆ ଫ୍ଲଡ୍ ଲାଇଟ ଭଲିବଲ ଉଦ୍‌ଯାପିତ

କୋକସରା,୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାର ଗୁଡାହାଣ୍ଡି ମଞ୍ଚ ଖେଳ ପଡ଼ିଆରେ କୋକସରା ଭଲିବଲ ଆସୋସିଏଶନ ପକ୍ଷରୁ ଦି ଦିବସିୟ ଅଲ ଇଣ୍ଡିଆ ଫ୍ଲଡ଼ ଲାଇଟ ଭଲିବଲ ଟୁର୍ନାମେଣ୍ଟ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ହରିୟାଣା ବନାମ ରାଉରକେଲା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ହରିୟାଣା ଟିମ ଚାମ୍ପିୟନ ହୋଇଛି। ଜ୍ଞାନେନ୍ଦ୍ର ବଇେ, ପରୀକ୍ଷିତ ଖରସେଲ, ଚନ୍ଦ୍ର ମୋହନ ବିଶ୍ୱାଳ ରାଜୁ ଖରସେଲ, ଅମିତ ମହାନ୍ତି ପ୍ରମୁଖ ରାଜ୍ୟସ୍ତରୀୟ ରେଫରି ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। ଉଦଘୋଷକ ଭାବେ ଦେବାନନ୍ଦ ରାଉତ ଓ ମ୍ୟାଚର ଧାରା ବିବରଣୀ ସୁନିଲ କୁମାର ପ୍ରଧାନୀ ପ୍ରଦାନ କରିଥିଲେ। କୋକସରା ଭଲିବଲ ଆସୋସିଏଶନ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଉଦ୍‌ଯାପିତ ମ୍ୟାଚରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ମୁଖ୍ୟବକ୍ତା ପୂର୍ବତନ କଲେଜ ଅଧକ୍ଷ ଗୋବର୍ଦ୍ଧନ ବାଗ, ସମ୍ମାନିତ ଅତିଥି ଭାବେ ଡିଏସଓ ରାଜେନ୍ଦ୍ର ବଇେ, ଭାଜପା ନେତା ଜନାର୍ଦ୍ଦନ ପଣ୍ଡା, ଯୁବ ଉଦ୍ୟୋଗି ବିକ୍ରମ ଗୁପ୍ତା, ରାଜୁ ଗୁପ୍ତା, ଶିକ୍ଷାବିତ୍ ସୁଧୀର ପଣ୍ଡା, ଅଶୋକ ଦାସ, ଅଇରୀ ନାସନ ଚିନ୍ଦା, ପୂର୍ବତନ ଭଲିବଲ ଖେଳାଳି ସଫିକ ଖାଁ, କୋକସରା ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା ଉପସ୍ଥିତ ରହିଥିଲେ। ହରିଆଣା, କେରଳ, ବିଶାଖାପାଟଣା, ରାଉରକେଲା, ବଲାଙ୍ଗୀର, କେସିଙ୍ଗା, ବରଗଡ଼ ଟିମ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଉଦଘାଟନୀରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମ ଗୁପ୍ତା, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ଯୁବ ଉଦ୍ୟୋଗି ବିକ୍ରମ ଗୁପ୍ତା, ପୂର୍ବତନ ଭଲିବଲ ଖେଳାଳି ସଫିକ ଖାଁ ପ୍ରମୁଖ ଉପସ୍ଥିତ ରହିଥିଲେ।


ଖେଳାଳିମାନଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଆକାଶ


@ ସରୋଜ


@ ସୁଧିର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଯାଦବ ସମାଜ ପକ୍ଷରୁ ଦୋଳ ମହୋତ୍ସବ

କୋକସରା,୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲଗୁଡ଼ା ଯାଦବ ସମାଜ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସୋମବାର ନଗର ପରିକ୍ରମା ସହ କଳସ ଯାତ୍ରା ଓ ସୁସଜ୍ଜିତ ମଣ୍ଡପରେ ସ୍ଥାପନ ସହ ୩ ଦିନ ଧରି ମହିଳାମାନେ ଭଜନ କୀର୍ତ୍ତନ ସହ ମଙ୍ଗଳାବର ରାତ୍ରିରେ ରାଧା କୃଷ୍ଣଙ୍କ ପ୍ରତିମୂର୍ତ୍ତିଙ୍କୁ ଏକ ବିମାନରେ ବସାଇ ନଗର ପରିକ୍ରମା କରାଯାଇଥିଲା। ପ୍ରତ୍ୟେକ ଦିନ ପୂଜା ମଣ୍ଡପରେ ପୂଜାର୍ଚ୍ଚନା କରିବା ସହ କୃଷ୍ଣରାଧାଙ୍କ ପ୍ରତିମୂର୍ତ୍ତିକୁ ଦୋଳି ଝୁଲଣ ରାତ୍ରିରେ ମହିଳାମାନେ ପୂଜା ମଣ୍ଡପରେ ଶ୍ରୀକୃଷ୍ଣ ଭଜନ ଗାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରାତ୍ରିରେ ସାଂସ୍କୃତିକ କାର୍ଯକ୍ରମରେ ପରିବେଷଣ ହୋଇଥିଲା। ବୁଧବାର ଦଧି ହାଣ୍ଡି ଭଗ୍ନ ସହ ଉଦଯାପନୀ ହୋଇଥିଲା। ଯାଦବ ସମାଜର କର୍ମକର୍ତ୍ତାଙ୍କ ଆୟୋଜନରେ ସମାଜର କୁଳଦେବ ରାଧା ଶ୍ରୀକୃଷ୍ଣ ପ୍ରତି ମୂର୍ତ୍ତିଙ୍କୁ ରଖି ପୂଜନ କରିଥିବା ବେଳେ ଗ୍ରାମ୍ୟ ଯାଦବ କମିଟି ଓ ରାଧା କୃଷ୍ଣ ଯୁବ ଯାଦବ କମିଟି ଉଦ୍ୟମରେ କ୍ରମେ ପରିଚାଳିତ ହୋଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବିନିକା,( ଡି.ଏନ.ଏ.): ବୁଧବାର ସୁବର୍ଣ୍ଣପୁର ଜିଲା ବିନିକା ସହର ଗଡ଼ଭିତରପଡ଼ାର ଏକ ଘର ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଥୁଆପାଲି ଗାଁର ପ୍ରଭୁଦତ୍ତ ସରାଫ (୪୫)। ପ୍ରଭୁଦତ୍ତ ବିବାହିତ ହୋଇଥିବା ବେଳେ ସେ ନିଜ ଶ୍ୱଶୁର ଘର ବିନିକାରେ ପରିବାର ସହ ଗତ ଦୁଇ ବର୍ଷ ହେବ ଏକ ଭଡ଼ା ଘରେ ରହୁଥିଲେ। ପରିବାର ଲୋକଙ୍କ ଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ସ୍ଥାନୀୟ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଆଜି ମାଟ୍ରିକ ପରୀକ୍ଷା: ୮ କେନ୍ଦ୍ରରେ ୧୩୭୩ ପରୀକ୍ଷାର୍ଥୀ

ବିନିକା,୯।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ଶୁକ୍ରବାର ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ବିନିକା ବ୍ଲକର ୮କେନ୍ଦ୍ରରେ ବ୍ଲକର ୧୯ଟି ହାଇସ୍କୁଲ ସମେତ ସୋନପୁର ବ୍ଲକର ସରଧାପାଲି ଓ ଡୁଙ୍ଗୁରିପାଲି ବ୍ଲକର ଭୀମଟିକିରା ଏହିପରି ମୋଟ ୨୧ଗୋଟି ହାଇସ୍କୁଲର ୧୩୭୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ବିନିକା ସହର ବାଳକ ହାଇସ୍କୁଲଠାରେ ଅନୁଷ୍ଠିତ ପରୀକ୍ଷା କେନ୍ଦ୍ରରେ ୨୩୧ଜଣ, ବିନିକା ବାଳିକା ଉଚ୍ଚ ବିଦ୍ୟାଳୟ ସେଣ୍ଟରରେ ୨୦୧ଜଣ, ସେଲେଡି ସେଣ୍ଟରରେ ୧୫୨ଜଣ, ସିଲାଟି ସେଣ୍ଟରରେ ୧୪୪ଜଣ, ସିନ୍ଦୁରପୁର ସେଣ୍ଟରରେ ୧୬୬ଜଣ, ସିଂହଯୁବା ସେଣ୍ଟରରେ ୧୩୨ଜଣ, କୁହିବାହାଲ ସେଣ୍ଟରରେ ୨୦୫ଜଣ, ସେଲେଡି ସେଣ୍ଟର ରେ ୧୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସିସି ଟିଭି ନଜରରେ ବିନିକା ବାଳକ, କର୍ତ୍ତଙ୍ଗ, ସେଲେଡି ଓ କୁହିବାହାଳ ସ୍କୁଲ ରହିଥିବା ବେଳେ ବାକି ଅନ୍ୟ ସେଣ୍ଟରଗୁଡିକରେ ଏହା ନାହିଁ। ଏଥିପ୍ରତି ଶିକ୍ଷା ବିଭାଗ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ବୌଦ୍ଧରେ ୬୫୯୮ ଜଣ ମାଟ୍ରିକ ପରୀକ୍ଷାର୍ଥୀ

ବୌଦ୍ଧ,୯।୩(ସ୍ୱ.ପ୍ର.): ଶୁକ୍ରବାରଠାରୁ ସାରା ରାଜ୍ୟରେ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବା ବେଳେ ବୌଦ୍ଧ ଜିଲାରେ ପରୀକ୍ଷା ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଚଳିତବର୍ଷ ବୌଦ୍ଧ ଜିଲାରେ ୬୫୯୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ଅଛି। ସେଥିପାଇଁ ବିଭାଗ ପକ୍ଷରୁ ୩୧ ଗୋଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ଗୋଟିଏ ମାତ୍ର ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର କରାଯାଇଛି। ଉକ୍ତ ମୁକ୍ତ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୯୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ରହିଛି। ଜିଲାର ୩ ଗୋଟି ବ୍ଲକରେ ୩ ଗୋଟି ନୋଡାଲ ପରୀକ୍ଷା କେନ୍ଦ୍ର କରାଯାଇଛି। ବୌଦ୍ଧ ବ୍ଲକର ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, କଣ୍ଟାମାଳ ବ୍ଲକର କଣ୍ଟାମାଳ ଉଚ୍ଚ ବିଦ୍ୟାଳୟ ଓ ହରଭଙ୍ଗା ବ୍ଲକର ପୁରୁଣାକଟକ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ପରୀକ୍ଷାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ବିଭାଗ ପକ୍ଷରୁ ୧୦ ଜଣ ଅବଜରଭର ଓ ଗୋଟିଏ ସ୍କ୍ୱାଡ୍ ଗଠନ କରାଯାଇଛି।

### ଦୁର୍ଘଟଣାରେ ଯୁବକ ମୃତ: ଜଣେ ଆହତ

ଡୁଙ୍ଗୁରିପାଲି,୯।୩(ଡି.ଏନ.ଏ.): ଡୁଙ୍ଗୁରିପାଲି ବ୍ଲକ ୨୬ ନଂ ଜାତୀୟ ରାଜପଥର ଚେରୁପାଲି ଦିଗଶିରା ଛକ ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଡୁଙ୍ଗୁରିପାଲି ସହଲା କେନାଲ ଛକରେ ରହୁଥିବା ଜିତେନ୍ଦ୍ର କାଣ୍ଡ (୧୮)। ବୁଧବାର ସନ୍ଧ୍ୟା ୭ଟା ସମୟରେ ଜିତେନ୍ଦ୍ର ଓ ତାଙ୍କ ସାଙ୍ଗ ସୁଦାମ ବଗର୍ତ୍ତି ଏକ ବାଇକ୍ ଯୋଗେ ଚେରୁପାଲି ବୁଲି ଯାଇଥିଲେ। ତେବେ ଚେରୁପାଲି ଦିଗଶିରା ଛକ ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଛିଟିକି ପଡି ଉଭୟ ଗୁରୁତର ହୋଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜିତେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଆହତ ସୁଦାମଙ୍କୁ ବୁର୍ଲା ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ନଂ. ୪୦/୨୩ ରେ ଏକ ମାମଲା ରୁଜୁ କରିଛି।

# ସୋନପୁର କଲେଜକୁ ମିଳିନି ପୂର୍ଣ୍ଣ ସରକାରୀ ମାନ୍ୟତା

ସୋନପୁର,୯।୩(ନି.ପ୍ର.)



ସୋନପୁର କଲେଜ।

ସୋନପୁର କଲେଜ ସୁବର୍ଣ୍ଣପୁର ଜିଲାର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ। ୧୯୬୪ ମସିହାରେ ଏହି କଲେଜ ସ୍ଥାପିତ ହୋଇଥିଲା। ଇତିମଧ୍ୟରେ ୫୯ ବର୍ଷ ବିତିଯାଇଛି। ହେଲେ ସୋନପୁର କଲେଜକୁ ନା ପୂର୍ଣ୍ଣ ସରକାରୀ ମାନ୍ୟତା ମିଳିଛି ନା ସ୍ୱୟଂଶାସିତ ମାନ୍ୟତା ମିଳିଛି। ପଶ୍ଚିମ ଓଡିଶାର ଏହି ପୁରାତନ କଲେଜକୁ ପୂର୍ଣ୍ଣ ସରକାରୀ ଏବଂ ସ୍ୱୟଂଶାସିତ କଲେଜ ମାନ୍ୟତା ପ୍ରଦାନ ପାଇଁ ଦାବି ହେଉଥିଲେ ମଧ ତାହା ଅଦ୍ୟାବଧି ପୂରଣ ହୋଇନାହିଁ। ଖ୍ୟାତି ସମ୍ପନ୍ନ ଏହି ପୁରାତନ କଲେଜର ଶିକ୍ଷାଦାନ କ୍ଷେତ୍ରରେ ପଶ୍ଚିମ ଓଡିଶାରେ ସ୍ୱତନ୍ତ୍ର ପରିଚୟ ରହିଛି। ଏଠାରେ ପାଠ ପଢିବା ପାଇଁ ଛାତ୍ରୀଛାତ୍ର ଅଧିକ ଆଗ୍ରହ ପ୍ରକାଶ କରିଥାନ୍ତି। ସୋନପୁର କଲେଜର ଭିତ୍ତିଭୂମି ସୁଦୃଢ ରହିଛି। ସମସ୍ତ ମାନଦଣ୍ଡ ଥାଇ ବି ଏ ପର୍ଯ୍ୟନ୍ତ ପୂର୍ଣ୍ଣ ସରକାରୀ ମାନ୍ୟତା ତଥା ସ୍ୱୟଂଶାସିତ ମାନ୍ୟତା ନ ମିଳିବା ଅସନ୍ତୋଷର କାରଣ ହୋଇଛି। ଏହି ଉଚ୍ଚଶିକ୍ଷାନୁଷ୍ଠାନ ଅନେକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ କରିଛି। ଦାବି ପୂରଣ କରାଗଲେ ଶିକ୍ଷାର ବିକାଶ ସହିତ କଲେଜର ଅଧିକ ଉନ୍ନତି ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି। କଲେଜରେ ଯୁକ୍ତ ଦୁଇ ଓ ଯୁକ୍ତ ତିନିର କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗ ରହିଛି। ୨ ହଜାରରୁ ଅଧିକ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଛନ୍ତି। ତେବେ ପୂର୍ଣ୍ଣ ସରକାରୀ ତଥା ସ୍ୱୟଂଶାସିତ ମାନ୍ୟତା ପାଇ ନ ଥିବାରୁ କଲେଜରେ ଆବଶ୍ୟକ ଅଧ୍ୟାପକ ଓ କର୍ମଚାରୀ ପଦ ପୂରଣ ହୋଇ ପାରିନାହିଁ। ଏହି କଲେଜରୁ ପାଠ ପଢି ବିଭିନ୍ନ ଉଚ୍ଚ ପଦ ପଦବୀରେ ନିଯୁକ୍ତି ପାଇଛନ୍ତି। କଲେଜର ଭିତ୍ତିଭୂମିକୁ ଦେଖିଲେ ସବୁ ଦୃଷ୍ଟିରୁ ଏହାକୁ ପୂର୍ଣ୍ଣ ସରକାରୀ ତଥା ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରିବା କଥା। ଇତିମଧ୍ୟରେ ବିଶ୍ୱବ୍ୟାଙ୍କ ସହାୟତାରେ ୪ କୋଟି ଟଙ୍କା ବ୍ୟୟରେ ନୂତନ ଏକାଡେମିକ ବ୍ଲକ ନିର୍ମାଣ କରାଯାଇ କଲେଜକୁ ହସ୍ତାନ୍ତର କରାଯାଇଛି। ସେହିପରି ଆନୁସଙ୍ଗିକ ବ୍ୟବସ୍ଥାର ସୁଦୃଢୀକରଣ ପାଇଁ ବିଶ୍ୱବ୍ୟାଙ୍କ ୧ କୋଟି ଟଙ୍କା ଦେଇଛି। ଭିତ୍ତିଭୂମିର ଉନ୍ନତି ସହିତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢିଛି। ଏଣୁ ରାଜ୍ୟ ସରକାର ଦାବି ପୂରଣ ଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ୫୯ ବର୍ଷ ବିତିଲା

# ସୁବର୍ଣ୍ଣପୁରରେ ଝୁଲଣ ଯାତ୍ରା, ହୋଲି ଉତ୍ସବ

ସୋନପୁର,୯।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀରେ ଦୋଳ ପୂର୍ଣ୍ଣିମା ଅବସରରେ ଝୁଲଣ ଯାତ୍ରା ଓ ହୋଲି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସୋନପୁର ସହର ବଡ ଗୋପାଳଜୀ ମନ୍ଦିରରେ ଗତ ୫ ଦିନ ଧରି ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା ଆୟୋଜିତ ହୋଇଥିଲା। ପୁରୀ ରାମଜୀ ମଠର ମହନ୍ତ ବଂଶୀଧର ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିବର୍ଷ ଭଳି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୁଧବାର ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିରକୁ ଆସି କୃଷ୍ଣରାଧାଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିଥିଲେ। ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ସଂଗଠନ ପକ୍ଷରୁ ହୋଲି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରଙ୍ଗ ଖେଳ ସହ ନୃତ୍ୟ ଗୀତର ଆସର ଜମିଥିଲା। ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ହୋଲି ଉତ୍ସବ ଲୋକଙ୍କ ମଧ୍ୟରେ ବନ୍ଧୁତ୍ୱ ଭାବ ସୃଷ୍ଟି କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀ ଯୋଗଦାନ କରିଥିଲେ। ଧର୍ମଗଡ ବିଡିଓ ଶରତ ସେଠୀ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଶ୍ରୀକାନ୍ତ ତ୍ରିପାଠୀ, ଭରିବ ଲୋଇ, ଇନ୍ଦୁମତି ପୁରୋହିତ ଓ ପରେଶ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତେ ରଙ୍ଗ ଖେଳର ମଜା ନେଇଥିଲେ। ମନୋଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶାଶ୍ୱତ ତ୍ରିପାଠୀ ଓ ତନିଶା ଅଗ୍ରୱାଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କଳା ସଂସ୍କୃତି ଗବେଷକ ଚୌଧୁରୀ ବିଭାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ, ପୁରନ୍ଦର ଠେଲା, ବୀରେନ ଜଗଦଲା, ପଦ୍ମଲୋଚନ ସାହୁ ଓ ବ୍ରହ୍ମ କୁମ୍ଭାର ସଙ୍ଗୀତ ପରିବେଷଣ କରିଥିଲେ। ସ୍ୱଚ୍ଛ ଭାରତ ସଂଗଠନର କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସେହିପରି କଳାପଥରସ୍ଥିତ ଜିଲା ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟରେ ହୋଲି ଉତ୍ସବ ଆୟୋଜିତ ହୋଇଥିଲା।


ଏସ୍‌ପି ଅମରେଶ କୁମାର ପଣ୍ଡା ସାଧାରଣ ଲୋକଙ୍କ ସହ ମିଶି ହୋଲି ଖେଳୁଛନ୍ତି।

# ମନମୁଣ୍ଡା ପୋଲିସ ପକ୍ଷରୁ ୧୮ କୁଇଣ୍ଟାଲ ଗଞ୍ଜେଇ ଜବତ

### ଦୁଇ ଜଣଙ୍କୁ କୋର୍ଟ ଚାଲାଣ

କଣ୍ଟାମାଳ,୯।୩(ଡି.ଏନ.ଏ.)

ବୌଦ୍ଧ ଜିଲା ଆଦର୍ଶ ଥାନା ପକ୍ଷରୁ ଗତ ଶନିବାର ଦିନ ବଘିଆପଡା ଫାଣ୍ଡି ଅଞ୍ଚଳର ମାତାଗାଡୁ ଜଙ୍ଗଲରୁ ୨୦ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହୋଇଥିବା ବେଳେ ଗୁରୁବାର ଦିନ ମନମୁଣ୍ଡା ପୋଲିସ ପକ୍ଷରୁ ୧୮ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହାକୁ ଦେଖିଲେ ବୌଦ୍ଧ ଜିଲା ଗଞ୍ଜେଇ ଚାଷ ଓ କାରବାରର ପେଣ୍ଠସ୍ଥଳୀ ପାଲଟିଛି।

ପ୍ରକାଶ ଯେ, ମନମୁଣ୍ଡା ଥାନା ଶଗଡା ଅଞ୍ଚଳର ସିଗାଡି ଜଙ୍ଗଲ ମଧ୍ୟରେ ଗଞ୍ଜେଇ ଗଚ୍ଛିତ ଥିବାର ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଫଳରେ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରିଥିଲା। ଏହି ସମୟରେ ପୋଲିସକୁ ଦେଖି ସେଠାରେ ଥିବା ଦୁଇଜଣ ବ୍ୟକ୍ତି ଦୌଡି ପଳାଇ ଯିବାକୁ ବସିଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା। ଏହାଛଡା ସେଠାରେ ୫୨ ଗୋଟି ବସ୍ତାରେ ଥିବା ୧୮ କୁଇଣ୍ଟାଲ ୩୦ କେଜି ଗଞ୍ଜେଇ ଜବତ କରିବା ସହ ଗୋଟିଏ ମୋଟର ସାଇକେଲ ଜବତ କରିଥିଲା। ଏହି ଗଞ୍ଜେଇ କାରବାରରେ ମନମୁଣ୍ଡା ଥାନା ଚୁହାରନାଲି (ଚୁହାରକନ) ଗ୍ରାମର ଦୀନବନ୍ଧୁ କହଁର (୪୮) ଓ ମାଳତି ଗୋଛାପଡା ଗ୍ରାମର ଉଷତ ଘିବେଲା (୨୦)ଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏନେଇ ମନମୁଣ୍ଡା ଥାନାରେ ନଂ ୭୭/୨୩ ରେ ଏକ ମାମଲା ରୁଜୁ ହୋଇଛି।

# ସୁବର୍ଣ୍ଣପୁରରେ ବିଶ୍ୱ ମହିଳା ଦିବସ ପାଳିତ

ସୋନପୁର,୯।୩(ନି. ପ୍ର.)

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ଛକସ୍ଥିତ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର କାର୍ଯ୍ୟାଳୟ ପରିସରରେ ବିଶ୍ୱ ମହିଳା ଦିବସ ବୁଧବାର ପାଳିତ ହୋଇଯାଇଛି। ସୁବର୍ଣ୍ଣା ଏବଂ ଗାୟତ୍ରୀ ପରିବାରର ମିଳିତ ଆନୁକୂଲ୍ୟରେ ଏହି ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ହୋଲିକା ଦହନ ସହ ଦୀପ ମହାଯଜ୍ଞର ଆୟୋଜନ କରାଯାଇଥିଲା। ସୁବର୍ଣ୍ଣାର ସଭାନେତ୍ରୀ ମୀନା ମହାରଣା ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ସଂପାଦିକା କୁମୁଦିନୀ ମୁଦୁଲି ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ପ୍ରଗତି ନିମନ୍ତେ ନାରୀ ଶକ୍ତିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ମୀନା ବିଶ୍ୱ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ବୁଝାଇଥିଲେ। ସୁବର୍ଣ୍ଣପୁର ପୌର ପରିଷଦର ଅଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ଦିବସ ପାଳନର ଉଦ୍ଦେଶ୍ୟ ସଂପର୍କରେ କହିଥିଲେ। ଜିଲା ଗାୟତ୍ରୀ ପରିବାର ମହିଳା ମଣ୍ଡଳ ସଞ୍ଚାଳିକା ଭଗବତୀ ରାୟଗୁରୁ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ନାରୀଶକ୍ତିର ଭୂମିକା ସଂପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ସୁବର୍ଣ୍ଣାର ସଂପାଦିକା ମଞ୍ଜୁଳା ମିଶ୍ର ପ୍ରାରମ୍ଭିକ ସୂଚନା ଦେବା ସହ ବିବରଣୀ ଉପସ୍ଥାପନା କରିଥିଲେ। ସୁବର୍ଣ୍ଣାର ସଭ୍ୟାମାନେ ହୋଲି ଖେଳିବା ସହ ହୋଲିକା ଦହନ କରିଥିଲେ। ଏହି ଅବସରରେ ସୁବର୍ଣ୍ଣାର ସୁରଭି ବିଶିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୋକ୍ଷଦା ଶର୍ମା ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ସୁନନ୍ଦା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ମହିଳା ଦିବସରେ ମଞ୍ଚାସୀନ ଅତିଥି ବୃନ୍ଦ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଆକାଶ


@ ସରୋଜ



@ ସୁଧୀର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଡଖମାରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଅମରପାଲି,୯।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଙ୍ଗା ପଞ୍ଚାୟତର ବଡଖମାର ମିଶନଶକ୍ତି ସଭାଗୃହଠାରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସୁବର୍ଣ୍ଣପୁର ନେହେରୁ ଯୁବକେନ୍ଦ୍ର ଏବଂ ଗ୍ରାମ ପଞ୍ଚାୟତସ୍ତରୀୟ ମହିଳା ମହାସଂଘର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଗ୍ରାମ ପଞ୍ଚାୟତର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ମୀନକେତନ ମହାକୁର, ଜିପିଏଲଏଫ ସଭାପତି ସୁଜାତା ଭୋଇ, ମମତା ସାହୁ, ବ୍ୟାଙ୍କ ମିତ୍ର ଜୟନ୍ତୀ ମିଶ୍ର, ବଡଖମାର ଗାଁ କଲ୍ୟାଣ ସମିତିର ଅବାହିକା ମଞ୍ଜୁତା ତରିଆ ଅତିଥି ଭାବେ ମଞ୍ଚସୀନ ଥିଲେ। ଲାଲ ବାହାଦୁର ଯୁବକ ସଂଘର ସମ୍ପାଦକ ଗଦାଧର ବାଦୀ ସଭା ପରିଚାଳନା କରଥିଲେ। ମହିଳାମାନଙ୍କ ଅଧିକାର ଓ ସମସ୍ୟାର ସମାଧାନ ନିମନ୍ତେ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନେବା ନେଇ ଆଲୋଚନା କରାଯାଇଥିଲା। ନେହେରୁ ଯୁବକେନ୍ଦ୍ର ପ୍ରତିନିଧି ଆଶିଷ କୁମାର ସାହୁ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବିନୋଦିନୀ କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରିୟଙ୍କା ବେହେରା, ରଶ୍ମିତା ପଧାନ, ସସ୍ମିତା ପଧାନ ଓ ସିଆରପି ଭଉଣୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେନାଲରେ ପାଣି ନ ଆସିବାରୁ ଧାରଣା

ବିନିକା,୯।୩( ଡି.ଏନ.ଏ.)

### ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ହୀରାକୁଦ ଜଳଭଣ୍ଡାର କେନାଲ ପାଣି ବିନିକା ଅଞ୍ଚଳରେ ପହଞ୍ଚି ପାରୁ ନ ଥିବାରୁ ଗୁରୁବାର ଶ୍ରୀଗଣେଶ ଆଞ୍ଚଳିକ କୃଷକ ସଂଘ ସଦସ୍ୟ ତଥା ଅଞ୍ଚଳର ଶତାଧିକ ଚାଷୀ ବିନକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ଆନ୍ଦୋଳନକାରୀମାନେ ବିଭିନ୍ନ ନାରାବାଜି ଦେଇଥିଲେ। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ଆଇଆଇସି ପବିତ୍ର କୁମାର ସାହୁ ଓ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। କୃଷକ ସଂଘ ପକ୍ଷରୁ କେନାଲ ଶେଷ ସୀମା ତଳିଆ ଅଞ୍ଚଳକୁ ତୁରନ୍ତ ପାଣି ଯୋଗାଇ ଦେବା ପାଇଁ ବିନିକା ତହସିଲଦାର ମୁକ୍ତେଶର ପାଣିଗ୍ରାହୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର କେନାଲ ପାଣି ନ ଆସିଲେ ୧୦ ତାରିଖରେ ରାସ୍ତାରୋକୋ ଆନ୍ଦୋଳନ ଏବଂ ୧୧ତାରିଖରେ ବିନିକା ବନ୍ଦ ପାଳନ କରାଯିବ ବୋଲି ଚାଷୀଙ୍କ ତରଫରୁ ଚେତାବନୀ ଦିଆଯାଇଛି। ସଂଘର ସଭାପତି ଅଜିତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ ଚାଷୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।


ଚାଷୀମାନେ ଧାରଣାରେ ବସିଛନ୍ତି।

# ୮ ଦଫା ଦାବି ନେଇ ଗର୍ଜିଲେ ଅଙ୍ଗନୱାଡି କର୍ମୀ

ବୌଦ୍ଧ,୯।୩(ସ୍ୱ.ପ୍ର.)

ସାରା ରାଜ୍ୟରେ ଅଙ୍ଗନୱାଡି କର୍ମୀମାନେ ସମସ୍ତ ସରକାରୀ କାର୍ଯ୍ୟ କରି ଆସୁଥିବା ବେଳେ ସେମାନଙ୍କ ଦାବି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ଆସୁଛନ୍ତି। ଏନେଇ ଗୁରୁବାର ଦିନ ଅଲ ଓଡିଶା ଲେଡିଜ ୱାର୍କସ ଆସୋସିଏଶନ ବୌଦ୍ଧ ଜିଲା ଶାଖା ପକ୍ଷରୁ ୮ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଙ୍ଗନୱାଡି କର୍ମୀମାନେ ଏକ ଶୋଭାଯାତ୍ରାରେ ସହରର କଚେରି ଖେଳପଡିଆଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ବିକ୍ଷୋଭ କରିବା ସହ ବିଭିନ୍ନ ନାରା ଦେଇ ଗର୍ଜିଥିଲେ। ଦାବିଗୁଡିକ ମଧ୍ୟରେ ୨୦୧୮ ମସିହାରେ ଆନ୍ଦୋଳନ ସମୟରେ ବହିଷ୍କୃତ ହୋଇଥିବା ୬ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି ଦେବା, ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ଯେ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ମିଳିନାହିଁ ସେ ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମୀଙ୍କୁ ମାସିକ ୧୮ ହଜାର ଓ ପାଚିକାମାନଙ୍କୁ ୯ ହଜାର ଟଙ୍କା ପ୍ରଦାନ, ମିନି ଅଙ୍ଗନୱାଡି କର୍ମୀଙ୍କୁ ଅଙ୍ଗନୱାଡି କର୍ମୀର ମାନ୍ୟତା ପ୍ରଦାନ, ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ଅବସରକାଳୀନ ସହାୟତା ୫ ଲକ୍ଷ ଓ ମାସିକ ୫ ହଜାର ଟଙ୍କା ପେନସନ ପ୍ରଦାନ, କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ମୃତ୍ୟୁକାଳୀନ ସହାୟତା ୫ ଲକ୍ଷ ସହ ପରିବାରର ଜଣକୁ ଚାକିରି ପ୍ରଦାନ , ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ ଦିଆଯାଉ ଆଦି ଦାବି ରହିଛି। ଏହି ଅବସରରେ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ସଂଘର ସଭାପତି ଉର୍ମିଳା ମହାପାତ୍ର ଓ ସଂପାଦକ ସତ୍ୟବତୀ ସାହୁଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ବିକ୍ଷୋଭରେ ସାମିଲ ହୋଇଥିଲେ।



ଅଙ୍ଗନୱାଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦାବି

## ମାଛ ଧରିବାକୁ ଯାଇ ଯୁବକଙ୍କ ମୃତ୍ୟୁ

ବଲାଙ୍ଗୀର ଅଫିସ: ବଲାଙ୍ଗୀର ସହର କନ୍ଧପାଲିପଡାରେ ମାଛ ଧରିବାକୁ ଯାଇ ପାଣିରେ ବୁଡି ଯିବାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାହୁଲ ଭାଟି (୨୨)। ସକାଳେ ରାହୁଲ ଘରୁ ଜାଲ ଧରି କନ୍ଧପାଲିପଡା ବନ୍ଧକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଓ ସାଙ୍ଗ ସାଥି ଖୋଜା ଖୋଜି କରିବା ବେଳେ ବନ୍ଧରେ ରାହୁଲ ଭାସୁଥିବା ଦେଖାଯାଇଥିଲା। ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଆର୍‌ଏସ୍‌ପି ହଟ୍ ଷ୍ଟ୍ରିପ୍ ମିଲ୍-୨କୁ ଆଇଏସ୍‌ଓ ପ୍ରମାଣପତ୍ର

ରାଉରକେଲା ଅଫିସ,୯।୩


ଆର୍‌ଏସ୍‌ପିକୁ ଆଇଏସ୍‌ଓ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ରାଉରକେଲା ଇସ୍ପାତ କାରଖାନା ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ଅନ୍ତର୍ଜାତୀୟ ମାନକ ଆଇଏସ୍‌ଓ ୯୦୦୧-୨୦୧୫ ପ୍ରମାଣପତ୍ର ହାସଲ କରିଛି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କନଫରେନ୍ସ ହଲରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟନିର୍ବାହୀ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ, ହଟ୍ ଷ୍ଟ୍ରିପ୍ ମିଲ -୨ ବିଭାଗର ସିଜିଏମ୍ ଆର. କେ. ମୁଦୁଲିଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେବା ବିଭାଗ ସିଜିଏମ୍ ଇନଚାର୍ଜ ଦେବବ୍ରତ ଦତ୍ତ, ଗୁଣବତ୍ତା ବିଭାଗର ସିଜିଏମ୍ ଅତିଶ ଚନ୍ଦ୍ର ସରକାର, ବିଇ ଓ ଆଇଆଇଡି ବିଭାଗର ଜିଏମ୍ ଇନଚାର୍ଜ ସୁଶ୍ରୀ ଚୈତାଲୀ ଦାଶ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଦତ୍ତ ପ୍ରମାଣପତ୍ର ୨୦୨୩ ଫେବୃୟାରୀ ୧୦ରୁ ୨୦୨୬ ଜାନୁୟାରୀ ୩୧ ପର୍ଯ୍ୟନ୍ତ ବୈଧ ରହିବ। ପ୍ରମାଣପତ୍ର ପ୍ରଦାନ ପଛରେ ୬ ମାସରେ କ୍ୟୁଏମ୍‌ଏସ୍ ଡକୁମେଣ୍ଟେଶନ ପ୍ରଣାଳୀ, ଏସ୍‌ଓପି ଓ ଏସ୍‌ଏମ୍‌ପି ଗୁଡିକର ରେକର୍ଡ ପ୍ରସ୍ତୁତ ହେବା, ଦକ୍ଷତା ମ୍ୟାପିଂ ରିସ୍କ ମୂଲ୍ୟାଙ୍କନ ହେବା ଫଳରେ ପ୍ରମୁଖ ଯୋଗାଣକାରୀଙ୍କ ସହିତ ଆଇସିଏସ୍ ଚୁକ୍ତିନାମା ହେବା, ପ୍ରତିରୋଧକ ରକ୍ଷଣାବେକ୍ଷଣ ବ୍ୟବସ୍ଥା ଏସ୍‌ଏପିରେ ତିଆରି ହେବା ସହ ଏଚ୍‌ଓଡି ସମୀକ୍ଷା, ପରିଚାଳନା କମିଟି ସମୀକ୍ଷା ଓ ଅନ୍ୟାନ୍ୟ ଆବଶ୍ୟକତା ମାନ ଦେବବ୍ରତ ଦତ୍ତଙ୍କ ନେତୃତ୍ୱରେ ପୂରଣ ହୋଇଥିଲା। ପିପିସି, ଆରସିଏଲ୍, ଏଚ୍‌ଆର୍‌ଡିସି ଓ ଅନ୍ୟାନ୍ୟ ସମ୍ପୃକ୍ତ ୟୁନିଟ୍ ସହିତ ମିଳିତ ଭାବେ ସମଗ୍ର ହଟ୍ ଷ୍ଟ୍ରପ୍ ମିଲ୍-୨ ସାମୂହିକ ବ୍ୟବସ୍ଥିତ ଭାବେ କାର୍ଯ୍ୟ ସମ୍ପନ୍ନ କରିଥିଲା। ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ କ୍ୟୁଏମ୍‌ଏସ୍ ଆଭ୍ୟନ୍ତରୀଣ ଅଡିଟ୍ ୨୦୨୨ ନଭେମ୍ବର ୪ରେ କରାଯାଇଥିଲା। ସମସ୍ତ ଅଡିଟ୍ ପର୍ଯ୍ୟବେକ୍ଷଣ ଏବଂ ଏନ୍‌ସି ସମାପ୍ତ ହେବା ପରେ ୨୦୨୩ ଜାନୁୟାରୀ ୨୧ରେ ବାହ୍ୟ ଅଡିଟ୍ କରାଯାଇଥିଲା। ଅଡିଟ୍ ସଫଳତାର ସହ ସମାପ୍ତ ହେବା ପରେ ୨୦୨୩ ମାର୍ଚ୍ଚ ୧ରେ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଆର୍‌ଏସ୍‌ପିର ସୁଶ୍ରୀ ଚୈତାଳି ଦାଶ ଏବଂ ବ୍ୟବସାୟିକ ଉତ୍କର୍ଷତା ବିଭାଗ ଦ୍ୱାରା କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ଭଲିବଲ: ଦିଲ୍ଲୀ ଷ୍ଟ୍ରାଇକର ଚାମ୍ପିୟନ

ରାଉରକେଲା ଅଫିସ,୯।୩

ରାଉରକେଲା ସେକ୍ଟର-୨୦ ସ୍ଥିତ ରାଇଜିଂ କ୍ଲବର ୧୪ତମ ଦୁଇଦିନିଆ ଜାତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଓଡିଶା ସମେତ ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଦିଲ୍ଲୀ ଓ ହରିୟାଣାରୁ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଦିଲ୍ଲୀ ଷ୍ଟ୍ରାଇକର ଓ ହରିୟାଣା ମଧ୍ୟରେ ଖେଳା ଯାଇଥିଲା। ଦିଲ୍ଲୀ ଷ୍ଟ୍ରାଇକର ଦଳ ୩-୦ ସେଟ୍‌ରେ ହରିୟାଣା ଦଳକୁ ପରାସ୍ତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି, ଡକ୍ଟର ଏଲ. କେ. ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିରେ ଚାମ୍ପିୟନ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୧ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବିନୋଦ କୁମାର ରାୟ, କମଳ ନାୟକ, ସମୀର ରାୟ, ସଞ୍ଜୟ ଦାସ, ଇନ୍ଦ୍ରଜିତ ସିଂ, ନିରଞ୍ଜନ ସାମଲ, ମନୋଜ ତିୱାରୀ, ଶିଶିର ସାହୁ, ଜଶୋବନ୍ତ ବେହେରା, ପ୍ରଭାସ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଅମୃତ ଜଳଧାରା ଉଦ୍‌ଘାଟିତ

ରାଉରକେଲା ଅଫିସ,୯।୩

ଦୋଳ ପୂର୍ଣ୍ଣିମା ଉପଲକ୍ଷେ ରାଉରକେଲା ଛେଣ୍ଡ ସ୍ଥିତ ଇସ୍କନ ମନ୍ଦିରରେ ନବନିର୍ମିତ ଅମୃତ ଜଳଧାରାକୁ ମୁଖ୍ୟଅତିଥି ଭାବେ ବିଧାୟକ ସାରଦା ପ୍ରସାଦ ନାୟକ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରଶ୍ମିବାଳା ମିଶ୍ର, ସଲିଳା ମହାପାତ୍ର ଉପସ୍ଥିତ ଥିଲେ। ଉଦ୍‌ଘାଟିତ ଅମୃତ ଜଳଧାରା କିଓସ୍କ, ଫିଲଟର ଓ ସେଡ୍‌ଟି ଏମ୍‌ଜିଏମ୍ ଆଲୁମନି-୧୯୭୨ ଟ୍ରଷ୍ଟ ତରଫରୁ ନିର୍ମାଣ କରାଯାଇଛି। ଟ୍ରଷ୍ଟ ସମ୍ପାଦକ ଆଇନଜୀବୀ ଚଞ୍ଚଳ କେଡିଆ, ସଭାପତି ଗାରିସ୍ମା ପରମାର, କୋଷାଧ୍ୟକ୍ଷ ରଞ୍ଜନ କର, ପ୍ରଣବ ଚକ୍ରବର୍ତ୍ତୀ, ରାଜଶ୍ରୀ ଚନ୍ଦା, ଡାକ୍ତର ମିଳନ ପଶାୟତ ଓ ସୁଜାତା ସନ୍ତୋଷୀ ପ୍ରମୁଖ ସହଯୋଗୀ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଆକାଶ


@ ସରୋଜ



@ ସୁଧିର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମୁଖ୍ୟ ରାସ୍ତା ଉପରେ ନର୍ଦ୍ଦମା ପାଣି



ସମ୍ବଲପୁର,୯।୩(ବ୍ୟୁରୋ)

ସମ୍ବଲପୁର ସହରର ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟ-ମୁଦିପଡା ରାସ୍ତା ଉପରେ ନର୍ଦ୍ଦମା ପାଣି ପ୍ରବାହିତ ହେଉଛି। ଏପରି କି ରାସ୍ତା ପାର୍ଶ୍ୱରେ ଥିବା ହନୁମାନ ମନ୍ଦିରରେ ଡ୍ରେନ୍ ପାଣି ପଶୁଛି। ଏହାଛଡା ଗଳିରାସ୍ତାରେ ମଧ୍ୟ କୁଢ କୁଢ ଆବର୍ଜନା ପଡିରହୁଛି। ଅଭିଯୋଗ ଶୁଣିବା ପାଇଁ ଏସ୍‌ଏମ୍‌ସି ଏକ ହ୍ୱାଟ୍ସଆପ ନମ୍ବର ଜାରି କରିଛି। ହେଲେ ଏହି ନମ୍ବରରେ ଅଭିଯୋଗ କରିବା ପରେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଅନ୍ୟପଟେ ସ୍ଥାନୀୟ ଲୋକେ ରାସ୍ତାର ଫଟୋ ଓ ଭିଡିଓ ଅଧିକାରୀମାନଙ୍କୁ ପଠାଇ ଅଭିଯୋଗ କରିଥିଲେ। ହେଲେ କେବଳ ପ୍ରତିଶ୍ରୁତି ଦେଇ ଏସ୍‌ଏମ୍‌ସି ଚୁପ ବସୁଥିବା ଅଭିଯୋଗ ହେଉଛି। ଏବେ ସଫେଇ କାମ ପାଇଁ ଏକ ଠିକା ସଂସ୍ଥାକୁ ନିୟୋଜିତ କରାଯାଇଛି। ହେଲେ ଅଧିକାରୀମାନେ କହିବା ପରେ ମଧ୍ୟ ଠିକା ସଂସ୍ଥା କିଛି ଶୁଣୁ ନ ଥିବା ଏହି ଘଟଣାରୁ ସ୍ପଷ୍ଟ ହେଉଛି। ଏ ସମ୍ପର୍କରେ ସଫେଇ କାମ ଦାୟିତ୍ୱରେ ଥିବା ଡେପୁଟି କମିଶନର କର୍ଣ୍ଣ ସୁନା କହିଛନ୍ତି, ପାଖରେ ଥିବା ଡ୍ରେନ୍‌କୁ ଭଲ ଭାବେ ସଫା କରିବାକୁ ସ୍ଥାନୀୟ ସଫେଇ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି।

# ଗୋକର୍ଣ୍ଣେଶ୍ୱର ମନ୍ଦିରରେ ହରିହର ଭେଟ ଉତ୍ସବ

ଦେବଗଡ଼, ୯।୩(ଡି.ଏନ୍.ଏ.)


ଗୋକର୍ଣ୍ଣେଶ୍ୱର ମନ୍ଦିରରେ ହରିହର ଭେଟ ଅବସରରେ ପୂଜାର୍ଚ୍ଚନା।

ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ସ୍ଥାନୀୟ ଶାସନ ସାହି ସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ହରିହର ଭେଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋପୀନାଥ ମନ୍ଦିରରୁ ଏକ ସୁସଜ୍ଜିତ ରଥରେ ପ୍ରଭୂ ହରି ଏକ ପଟୁଆରରେ ଆସି ଗୋକର୍ଣ୍ଣେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପ୍ରଭୂ ଗୋକର୍ଣ୍ଣେଶ୍ୱରଙ୍କ ସହିତ ହରିଙ୍କର ଭେଟ ହୋଇଥିଲା। ପରମ୍ପରା ଅନୁଯାୟୀ ସେଠାରେ ପୂଜକ କମଳାକାନ୍ତ ପଣ୍ଡା ଓ ଲୁଧା ମହାପାତ୍ର ଉଭୟ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ପରେ ବାଦ୍ୟ ଓ ସଂକୀର୍ତ୍ତନ ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ଉଭୟ ଠାକୁରଙ୍କୁ ନଗର ପରିକ୍ରମା କରାଯାଇଥିଲା। ଶ୍ରଦ୍ଧାଳୁମାନଙ୍କ ପାଇଁ ଭୋଗର ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଗୋକର୍ଣ୍ଣେଶ୍ୱର ଆସୋସିଏସନର ସଭାପତି ସୁଶାନ୍ତ କୁମାର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଆସୋସିଏସନର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ଦାଶ, ସୁରେଶ ଚନ୍ଦ୍ର ଦାଶ, ଡିଲେଶ୍ୱର ନନ୍ଦ, ସୁରେନ ଶର୍ମା, କରୁଣାକର ଦାଶ, ସଞ୍ଜୟ ବ୍ରହ୍ମା, ସୁରଭି ନନ୍ଦ, ନିୟତିବାଳା ଦ୍ୱିବେଦୀ, ରେଣୁବାଳା ଦ୍ୱିବେଦୀ, ସରୋଜା ସାହୁ, ବୁଚା ଦ୍ୱିବେଦୀ, ସଚିନ ଦାଶ, ଘଣ୍ଟି ଦାଶ, ବାବି ପାଣିଗ୍ରାହୀ, ଶିଶିର ଦାଶ, ରାଜକିଶୋର ଦ୍ୱିବେଦୀ, ଚନ୍ଦ୍ର ମହାପାତ୍ର, ସୁଦାମ ଦ୍ୱିବେଦୀ, ମନୋଜ ଶତପଥୀ, ସନ୍ତୋଷ ସାହୁ, କମଲ କିଶୋର ଗୁପ୍ତା, ମଦନମୋହନ ଦାଶ, ପ୍ରଦୀପ ମିଶ୍ର, ଉଦିତ ପଣ୍ଡା, ରମେଶ ପ୍ରସାଦ ଗୁପ୍ତା, ବୁଲବୁଲ ନନ୍ଦ, ଗଙ୍ଗାଧର ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ହେମାନନ୍ଦ ଥିଲେ ଉପେକ୍ଷିତ ଓ ନିଷ୍ପେସିତର ଶାଣିତ ସ୍ୱର

ଭୁବନେଶ୍ୱର,୯।୩(ବ୍ୟୁରୋ)

**ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକ**

ରାଜ୍ୟସ୍ତରୀୟ ହେମାନନ୍ଦ ବିଶ୍ୱାଳ ସ୍ମୃତି ସଂସଦ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି। ସଂସଦର ସଭାପତି ଜୟଦେବ ଜେନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଥିଲେ ଯେ ସ୍ୱର୍ଗତ ବିଶ୍ୱାଳ ଓଡ଼ିଶାର ରାଜନୀତି ଓ ସମାଜ ସେବା କ୍ଷେତ୍ରରେ ଗତ ଅର୍ଦ୍ଧଶତାବ୍ଦୀର ଅଗ୍ରଣୀ ନାୟକ ଥିଲେ। ଠାକୁରପଡ଼ା ପଞ୍ଚାୟତରୁ ଦିଲ୍ଲୀ ରାଜଧାନୀ ପର୍ଯ୍ୟନ୍ତ ସ୍ୱର୍ଗତ ବିଶ୍ୱାଳଙ୍କର ଦୀର୍ଘ ଜୀବନ ଯାତ୍ରା ଘଟଣା ବହୁଳଥିଲା। ସାଧାରଣ ଜନତାଙ୍କ ଆଶୀର୍ବାଦ ଓ ସ୍ନେହ ଯୋଗୁଁ ସେ ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସାଂସଦ ଓ ପ୍ରଦେଶ କଂଗ୍ରେସର ସଭାପତି ପଦରେ ଆସୀନ ହୋଇପାରିଥିଲେ। କାର୍ଯ୍ୟକ୍ରମରେ ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ହେମାନନ୍ଦ ବିଶ୍ୱାଳ ଓଡ଼ିଶା କଂଗ୍ରେସର ଅମୂଲ୍ୟ ରତ୍ନଥିଲେ। ସାଧାରଣ ଜନତାଙ୍କ ପାଖରେ ହେମାନନ୍ଦ ବିଶ୍ୱାଳଙ୍କର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ମନ୍ତ୍ରୀ ଅଶୋକ ପଣ୍ଡା କହିଥିଲେ ଯେ ହେମାନନ୍ଦ ବିଶ୍ୱାଳ ନିଜକୁ କେବେ ଜଣେ ମୁଖ୍ୟମନ୍ତ୍ରୀ କିମ୍ବା ପୂର୍ବତନ ମୁଖ୍ୟମନ୍ତ୍ରୀ ଭାବେ ଭାବୁ ନଥିଲେ। ସେ ନିଜକୁ ସାଧାରଣ ଜନତାର ସେବକ ଭାବରେ ଗ୍ରହଣ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ ଯେ ହେମାନନ୍ଦ ବିଶ୍ୱାଳ ସମାଜର ଅବହେଳିତ ବର୍ଗର ଜନତାଙ୍କର ଶାଣିତ ସ୍ୱର। ହେମାନନ୍ଦ ବିଶ୍ୱାଳଙ୍କ ନାମରେ ରାଜଧାନୀରେ ଦଶହଜାର ଅନ୍ତେବାସୀ କ୍ଷମତା ସଂପନ୍ନ ଏକ ଛାତ୍ରବାସ ନିର୍ମାଣର ପ୍ରସ୍ତାବ ସେ ରଖିଥିଲେ। ବରିଷ୍ଠ ସାମ୍ବାଦିକ ରବିଦାସ କହିଥିଲେ ଯେ ୧୯୯୫ରେ କଂଗ୍ରେସର ପ୍ରତ୍ୟାବର୍ତ୍ତନ ପଛରେ ହେମାନନ୍ଦ ବିଶ୍ୱାଳଙ୍କ ପ୍ରଭାବ, ବ୍ୟକ୍ତିତ୍ୱ ଓ ନେତୃତ୍ୱ ରହିଥିଲେ। ପ୍ରସାଦ ହରିଚନ୍ଦନ କହିଥିଲେ ଯେ ହେମାନନ୍ଦ ବିଶ୍ୱାଳ ନୂତନ ପ୍ରତିଭାକୁ ପ୍ରତିଷ୍ଠିତ ହେବାପାଇଁ ସୁଯୋଗ ଦେଉଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କହିଥିଲେ ଯେ ସ୍ୱର୍ଗତ ବିଶ୍ୱାଳ ଥିଲେ ଓଡ଼ିଶାରେ ସାମାଜିକ ଆନ୍ଦୋଳନର କ୍ୟାପଟେନ। କାର୍ଯ୍ୟକ୍ରମରେ ସାଂସଦ ସୁଲତା ଦେଓ, ଶିବାନନ୍ଦ ରାୟ, ଚିରଞ୍ଜିବ ବିଶ୍ୱାଳ, ସୁରେଶ କୁମାର ରାଉତରାୟ, ଅନନ୍ତ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

ଭବାନୀପାଟଣା,୯।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାରେ ଗୁରୁବାର ୮ଦଫା ଦାବି ନେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଙ୍ଗନୱାଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର ଆସୋସିଏଶନର ଡାକରାକ୍ରମେ ଏହି ବିକ୍ଷୋଭ କରାଯାଇଥିଲା। ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜିଲାର ୧୩ଟି ବ୍ଲକରେ ଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟଗୁଡ଼ିକରେ ଅଙ୍ଗନୱାଡି କର୍ମୀମାନେ ଆମରଣ ଅନଶନରେ ବସିଥିଲେ। ସରକାର ପ୍ରତିଶ୍ରୁତି ଦେବାରୁ ଅଙ୍ଗନୱାଡି କର୍ମୀମାନେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ। ହେଲେ ଆଜିଯାଏଁ ସେହି ପ୍ରତିଶ୍ରୁତି ପୂରଣ ହେଲା ନାହିଁ। ଏ ନେଇ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅଙ୍ଗନୱାଡି କର୍ମୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ଯାଦବ ସମାଜ ପକ୍ଷରୁ ଦୋଳ ମହୋତ୍ସବ

କୋକସରା,୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲଗୁଡ଼ା ଯାଦବ ସମାଜ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସୋମବାର ନଗର ପରିକ୍ରମା ସହ କଳସ ଯାତ୍ରା ଓ ସୁସଜ୍ଜିତ ମଣ୍ଡପରେ ସ୍ଥାପନ ସହ ୩ ଦିନ ଧରି ମହିଳାମାନେ ଭଜନ କୀର୍ତ୍ତନ ସହ ମଙ୍ଗଳାବର ରାତ୍ରିରେ ରାଧା କୃଷ୍ଣଙ୍କ ପ୍ରତିମୂର୍ତ୍ତିଙ୍କୁ ଏକ ବିମାନରେ ବସାଇ ନଗର ପରିକ୍ରମା କରାଯାଇଥିଲା। ପ୍ରତ୍ୟେକ ଦିନ ପୂଜା ମଣ୍ଡପରେ ପୂଜାର୍ଚ୍ଚନା କରିବା ସହ କୃଷ୍ଣରାଧାଙ୍କ ପ୍ରତିମୂର୍ତ୍ତିକୁ ଦୋଳି ଝୁଲଣ ରାତ୍ରିରେ ମହିଳାମାନେ ପୂଜା ମଣ୍ଡପରେ ଶ୍ରୀକୃଷ୍ଣ ଭଜନ ଗାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରାତ୍ରିରେ ସାଂସ୍କୃତିକ କାର୍ଯକ୍ରମରେ ପରିବେଷଣ ହୋଇଥିଲା। ବୁଧବାର ଦଧି ହାଣ୍ଡି ଭଗ୍ନ ସହ ଉଦଯାପନୀ ହୋଇଥିଲା। ଯାଦବ ସମାଜର କର୍ମକର୍ତ୍ତାଙ୍କ ଆୟୋଜନରେ ସମାଜର କୁଳଦେବ ରାଧା ଶ୍ରୀକୃଷ୍ଣ ପ୍ରତି ମୂର୍ତ୍ତିଙ୍କୁ ରଖି ପୂଜନ କରିଥିବା ବେଳେ ଗ୍ରାମ୍ୟ ଯାଦବ କମିଟି ଓ ରାଧା କୃଷ୍ଣ ଯୁବ ଯାଦବ କମିଟି ଉଦ୍ୟମରେ କ୍ରମେ ପରିଚାଳିତ ହୋଇଥିଲା।

# ଉଚ୍ଚଶିକ୍ଷାର ଭିତ୍ତିଭୂମି ବିକାଶରେ ବନମାଳୀ ବାବୁଙ୍କ ଅବଦାନ

ସମ୍ବଲପୁର,୯।୩(ବ୍ୟୁରୋ)

ବିଶିଷ୍ଟ ରାଜନୀତିଜ୍ଞ ତଥା ପୂର୍ବତନ ମନ୍ତ୍ରୀ ବନମାଳୀ ବାବୁ ଦୃଢ଼ ପ୍ରତିଜ୍ଞ ବ୍ୟକ୍ତିତ୍ୱ ଥିଲେ। ବିଧାୟକ, ସାଂସଦ, ମନ୍ତ୍ରୀ ଭଳି ବିଭିନ୍ନ କ୍ଷମତାରେ ରହିଥିଲେ ମଧ୍ୟ ଜନସେବା ତାଙ୍କ ପ୍ରମୁଖ ଲକ୍ଷ୍ୟ ଥିଲା। ରାଜନୈତିକ ମତବାଦରୁ ଊର୍ଦ୍ଧ୍ୱରେ ରହି ସେ ଜୀବନବ୍ୟାପୀ ବିବେକାନୁମୋଦିତ ପ୍ରୟାସ କରିଥିଲେ। ଯାହାର ଫଳ ସ୍ୱରୂପ ଅଞ୍ଚଳରେ ଶିକ୍ଷା ଓ ଭିତ୍ତିଭୂମି ବିକାଶ ଗତିଶୀଳ ହୋଇଥିଲା ବୋଲି ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ ପକ୍ଷରୁ ୧୦୬ତମ ଜୟନ୍ତୀ ସଭାରେ ମତ ପ୍ରକାଶ ପାଇଥିଲା। ବରିଷ୍ଠ ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ରବିନାରାୟଣ ମିଶ୍ର, ପ୍ରାକ୍ତନ ଅଧ୍ୟକ୍ଷା ଡ. ନିରୂପମା ବଡ଼ପଣ୍ଡା ସେମାନଙ୍କ ବକ୍ତବ୍ୟରେ କହିଥିଲେ, ଗତ ଶତାବ୍ଦୀରେ ଉଚ୍ଚଶିକ୍ଷାର ପ୍ରସାର ପାଇଁ ହୋଇଥିବା ଅଭିଯାନ ଆଜି ଏକ ସ୍ୱରୂପ ହାସଲ କରିଛି। ଏହାର ଭିତ୍ତିଭୂମି ବନମାଳୀ ବାବୁଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନେ ସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟ, ମେଡ଼ିକାଲ କଲେଜ, ଇଞ୍ଜିନିୟରିଂ କଲେଜ, ହୋମିଓପ୍ୟାଥି କଲେଜ, ସରକାରୀ ମହିଳା କଲେଜ, ବିଇଡ଼ି କଲେଜ, ସେଣ୍ଟ ଯୋଶେଫ୍ କନ୍‌ଭେଣ୍ଟ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ସ୍ଥାପନରେ ତାଙ୍କର ସ୍ୱାକ୍ଷର ରହିଛି। କେବଳ ଶିକ୍ଷା ନୁହେଁ ଗମନାଗମନ, ବିଦ୍ୟୁତ୍ ଭଳି ମୌଳିକ ସୁବିଧା ଯୋଗାଇଦେବା ପାଇଁ ସେ କାମ କରୁଥିଲେ। ବିଶେଷ କରି ନାରୀମାନଙ୍କ ପାଇଁ ଶିକ୍ଷାର ସୁଯୋଗ ସୃଷ୍ଟି କରିବାରେ ବନମାଳୀ ବାବୁଙ୍କ ଅବଦାନ ଅବିସ୍ମରଣୀୟ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ସଭା ପରିଚାଳନା କରିଥିଲେ।


ଜୟନ୍ତୀ ସଭାରେ ଅତିଥିମାନେ।

# ଅଲ ଇଣ୍ଡିଆ ଫ୍ଲଡ୍ ଲାଇଟ ଭଲିବଲ ଉଦ୍‌ଯାପିତ

କୋକସରା,୯।୩(ଡି.ଏନ.ଏ.)


ଖେଳାଳିମାନଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାର ଗୁଡାହାଣ୍ଡି ମଞ୍ଚ ଖେଳ ପଡ଼ିଆରେ କୋକସରା ଭଲିବଲ ଆସୋସିଏଶନ ପକ୍ଷରୁ ଦି ଦିବସିୟ ଅଲ ଇଣ୍ଡିଆ ଫ୍ଲଡ଼ ଲାଇଟ ଭଲିବଲ ଟୁର୍ଣ୍ଣାମେଣ୍ଟ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ହରିୟାଣା ବନାମ ରାଉରକେଲା ମଧରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ହରିୟାଣା ଟିମ ଚାମ୍ପିୟନ ହୋଇଛି। ଜ୍ଞାନେନ୍ଦ୍ର ବଢେ଼, ପରୀକ୍ଷିତ ଖରସେଲ, ଚନ୍ଦ୍ର ମୋହନ ବିଶ୍ୱାଳ ରାଜୁ ଖରସେଲ, ଅମିତ ମହାନ୍ତି ପ୍ରମୁଖ ରାଜ୍ୟସ୍ତରୀୟ ରେଫରି ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। ଉଦଘୋଷକ ଭାବେ ଦେବାନନ୍ଦ ରାଉତ ଓ ମ୍ୟାଚର ଧାରା ବିବରଣୀ ସୁନିଲ କୁମାର ପ୍ରଧାନୀ ପ୍ରଦାନ କରିଥିଲେ। କୋକସରା ଭଲିବଲ ଆସୋସିଏଶନ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଉଦ୍‌ଯାପିତ ମ୍ୟାଚରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ, ମୁଖ୍ୟବକ୍ତା ପୂର୍ବତନ କଲେଜ ଅଧ୍ୟକ୍ଷ ଗୋବର୍ଦ୍ଧନ ବାଗ, ସମ୍ମାନିତ ଅତିଥି ଭାବେ ଡିଏସଓ ରାଜେନ୍ଦ୍ର ବଢେ଼, ଭାଜପା ନେତା ଜନାର୍ଦ୍ଦନ ପଣ୍ଡା, ଯୁବ ଉଦ୍ୟୋଗି ବିକ୍ରମ ଗୁପ୍ତା, ରାଜୁ ଗୁପ୍ତା, ଶିକ୍ଷାବିତ୍ ସୁଧୀର ପଣ୍ଡା, ଅଶୋକ ଦାସ, ଅଇରୀ ନାସନ ଚିନ୍ଦା, ପୂର୍ବତନ ଭଲିବଲ ଖେଳାଳି ସଫିକ ଖାଁ, କୋକସରା ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା ଉପସ୍ଥିତ ରହିଥିଲେ। ହରିଆଣା, କେରଳ, ବିଶାଖାପାଟଣା, ରାଉରକେଲା, ବଲାଙ୍ଗୀର, କେସିଙ୍ଗା, ବରଗଡ଼ ଟିମ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଉଦଘାଟନୀରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମ ଗୁପ୍ତା, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ଯୁବ ଉଦ୍ୟୋଗି ବିକ୍ରମ ଗୁପ୍ତା, ପୂର୍ବତନ ଭଲିବଲ ଖେଳାଳି ସଫିକ ଖାଁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶତାୟୁ ସଂଗ୍ରାମୀ ବ୍ରଜକିଶୋର ମହାପାତ୍ରଙ୍କ ଦେହାନ୍ତ

**ଢେଙ୍କାନାଳ ଅଫିସ, ୯।୩**



ଶତାୟୁ ସ୍ୱାଧୀନତା ସଂଗ୍ରାମୀ ତଥା ଢେଙ୍କାନାଳ ମାଟିର ଗୌରବ ବ୍ରଜକିଶୋର ମହାପାତ୍ରଙ୍କ ମଙ୍ଗଳବାର ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୧ ବର୍ଷ ହୋଇଥିଲା। ସେ ଅସୁସ୍ଥ ହୋଇ ପ୍ରାୟ ୧୭ ଦିନ ହେଲା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ୮ ତାରିଖ ସକାଳେ ସଦର ବ୍ଲକ ବଳଭଦ୍ରପୁର ଶାସନସ୍ଥିତ ତାଙ୍କ ବାସଭବନରୁ ମରଶରୀରକୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ପୁତ୍ର ଧର୍ମାନନ୍ଦ ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ସମଗ୍ର ଜିଲାରେ ଶୋକର ଛାୟା ଖେଳିଯାଇଛି।

୧୯୨୨ ମାର୍ଚ୍ଚ ୨୪ରେ ଜନ୍ମଗ୍ରହଣ କରିଥିବା ସଂଗ୍ରାମୀ ବ୍ରଜକିଶୋର ଥିଲେ ପ୍ରଜାମଣ୍ଡଳ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର। ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ବୈଷ୍ଣବ ପଟ୍ଟନାୟକଙ୍କ ସହ ମିଶି ସେ ପ୍ରଜା ମଣ୍ଡଳ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲେ। ଜଣେ ନିର୍ଭୀକ, ସ୍ୱଷ୍ଟବାଦୀ ଓ ସାଲିସବିହୀନ ବ୍ୟକ୍ତି ଭାବେ ତାଙ୍କର ପରିଚୟ ଥିଲା। ତାଙ୍କୁ ୨୦୧୫ ମେ ୮ରେ ଢେଙ୍କାନାଳ ଜିଲା ମହୋତ୍ସବରେ 'ରାଜ୍ୟସ୍ତରୀୟ କପିଳାସ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ତାଙ୍କର ପରଲୋକରେ ବିଧାୟକ ସୁଧୀର କୁମାର ସାମଲ ଗଭୀର ଶୋକପ୍ରକଟ କରିଛନ୍ତି। ନିଜ ଶୋକବାର୍ତ୍ତାରେ ସେ କହିଛନ୍ତି, କେବଳ ଢେଙ୍କାନାଳ ଜିଲା ନୁହେଁ ସମଗ୍ର ଓଡ଼ିଶା ଜଣେ ବରପୁତ୍ରଙ୍କୁ ହରାଇଲା। ତାଙ୍କର କର୍ମମୟ ଜୀବନ ଭିତରେ ସେ ନିଜ ସ୍ୱାର୍ଥକୁ ଭୁଲି ସ୍ୱାଧୀନତା ପାଇଁ ଯେଉଁ ଲଢ଼େଇ କରିଥିଲେ, ତାହା ଚିରସ୍ମରଣୀୟ ହୋଇ ରହିବ ବୋଲି ବିଧାୟକ କହିଥିଲେ। ଏମ୍‌ପି ମହେଶ ସାହୁ ମଧ୍ୟ ବାସଭବନରେ ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

ବ୍ରଜକିଶୋରଙ୍କ ଦେହାନ୍ତ ସୂଚନା ପାଇ ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ପୂର୍ବତନମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଆଇନଜୀବୀ ଶିବସାଇ ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମେଡିକାଲରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀର ନଗର ପରିକ୍ରମା କରିବା ବେଳେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ପ୍ରଶାସନିକ ଅଧିକାରୀ, ସହରବାସୀ ଏଥିରେ ସାମିଲ ହୋଇଥିଲେ। ଗୋପବନ୍ଧୁ ଟାଉନ ହଲଠାରେ ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ନଗର ସଭାପତି ଇନ୍ଦ୍ରମଣି ବେହେରାଙ୍କ ପରିଚାଳନାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

# କଥାକାର ବଂଶୀଧର ରାଉତଙ୍କ ପରଲୋକ

**ଭୁବନେଶ୍ୱର, ୯।୩(ବ୍ୟୁରୋ)**



ବିଶିଷ୍ଟ କଥାକାର, ଔପନ୍ୟାସିକ, ସମ୍ପାଦକ ତଥା ସଂଗଠକ ବଂଶୀଧର ରାଉତଙ୍କର ମଙ୍ଗଳବାର ଦୋଳପୂର୍ଣ୍ଣିମାରେ ପରଲୋକ ଘଟିଛି। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ଫୁସ୍‌ଫୁସ୍ କର୍କଟ ରୋଗରେ ଆକ୍ରାନ୍ତ ହୋଇ ସେ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ଦୁଇ ପୁଅ, ଦୁଇ ଝିଅ ଓ ନାତି ଉପସ୍ଥିତ ଥିଲେ । ତାଙ୍କ ମରଶରୀରକୁ କର୍ମଭୂମି ଖୋର୍ଦ୍ଧାକୁ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ବିଶ୍ୱଜିତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଭୁବନେଶ୍ୱର ସାହିତ୍ୟ ସମାଜ ସମେତ ସାହିତ୍ୟିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ବଂଶୀଧର ୧୯୪୯ ସେପ୍ଟେମ୍ବର ୧୭ରେ ରଣପୁର ନିକଟ ଗଡ଼ବାଣିକିଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଶିକ୍ଷାସମାପ୍ତି ପରେ ସେ ସରକାରୀ ଚାକିରି ଜୀବନ ଆରମ୍ଭ କରିବା ସହ ଖୋର୍ଦ୍ଧା ସହରରେ ରହୁଥିଲେ। ଜଣେ ଗାଳ୍ପିକ, ଔପନ୍ୟାସିକ ଓ ନାଟ୍ୟ ନିର୍ଦ୍ଦେଶକ ଭାବରେ ସେ ବିଶେଷ ସୁନାମ ଅର୍ଜନ କରିଥିଲେ। ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ନାଟ୍ୟ ନିର୍ଦ୍ଦେଶକ ଭାବେ ସେ ବେତାର ଓ ଦୂରଦର୍ଶନ ନିମନ୍ତେ ଏକାଧିକ କାର୍ଯ୍ୟକ୍ରମର ନିର୍ଦ୍ଦେଶନା ଦେଇଥିଲେ। ନୂଆ ସକାଳ, ପ୍ରତିଦାନ, ନୂଆ ଦିଗନ୍ତ, ବିକାଶଧାରା, ଜୀବନରଙ୍ଗ ଓ ସନ୍ତାନ ଆଦି କେତେକ ଲୋକପ୍ରିୟ ଟେଲିନାଟକ ଓ ଧାରାବାହିକର ସେ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ ରହିଛି ଗୋପନୀୟ କାହାଣୀ, ଲକ୍ଷ୍ମଣ ରେଖା, ପଶାଖେଳ, ହଜିଲା ଚାନ୍ଦର ମାୟା, ମନସମୁଦ୍ର, ବଣଫୁଲର ସୁରଭି, ଖେଳଘର,ଅନ୍ଧରାତିର ମୁହଁ, ମୁଁ ଆଶ୍ରୟ ଚାହେଁ, ଫୁଲବନ, ନିଦ୍ରିତ ଈଶ୍ୱର,ଜଣେ ମନ୍ତ୍ରୀ ଥିଲେ, ସଂପର୍କ, ହେ ଈଶ୍ୱର ମତେ ମୃତ୍ୟୁ ଦିଅ,ଜଙ୍ଗଲ ଯନ୍ତ୍ରଣା ପ୍ରମୁଖ। 'ମହଲ' ନାମରେ ଏକ ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ଓ ସମ୍ପାଦକ ଥିଲେ। ସାରସ୍ୱତ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ନିମନ୍ତେ ସେ ଉତ୍କଳ ସାହିତ୍ୟ ସମାଜ, ପ୍ରଜାତନ୍ତ୍ର ପ୍ରଚାର ସମିତି ସମେତ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ।

# ସୀମାନ୍ତରେ ମାଓବାଦୀ ବର୍ବରତା, ୩ଜଣଙ୍କ ମୃତ୍ୟୁ

**ମାଲକାନଗିରି, ୯।୩(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମନ୍ତ ଛତିଶଗଡ଼ରେ ମାଓବାଦୀମାନେ ହୋଲି ପୂର୍ବଦିନ ୩ଟି ସ୍ଥାନରେ ଅଘଟଣ ଘଟାଇଛନ୍ତି। ଫଳରେ ୩ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ସରପଞ୍ଚ ରହିଛନ୍ତି। ତାଙ୍କ ନାମ ପୁଣେମ ସନ୍ନା। ମାଓବାଦୀମାନେ ସୁକ୍‌ମା ଜିଲା କେରଳପାଲ ଥାନା ଅନ୍ତର୍ଗତ ପୋଗାବେଜି ଗ୍ରାମର ସରପଞ୍ଚ ସନ୍ନାଙ୍କୁ ଦିନ ଦ୍ୱିପ୍ରହରରେ ରାବିଡ଼ିପାରା ଗ୍ରାମ ନିକଟରେ ଗୁଳିକରି ହତ୍ୟା କରିଛନ୍ତି। ସନ୍ନା ସୁକ୍‌ମାରୁ ନିଜ ଗ୍ରାମ ପୋଗାବେଜିକୁ ଯାଉଥିବା ସମୟରେ ମାଓବାଦୀମାନେ ତାଙ୍କୁ ରାବିଡ଼ିପାରା ଜଙ୍ଗଲ ରାସ୍ତାରେ ଅଟକାଇ ଗୁଳିକରି ହତ୍ୟା କରିଥିଲେ। ସେହିପରି ୭ ତାରିଖ ରାତିରେ ଧମତରି ଜିଲା କଲାଡ ଥାନା ଅନ୍ତର୍ଗତ ଚାମିଣ୍ଡା ଗ୍ରାମର ନାରଦ ମାର୍କମ ନିଜ ଘରେ ଶୋଇଥିବା ବେଳେ ମାଓବାଦୀମାନେ ତାଙ୍କ ଗଳା କାଟି ହତ୍ୟା କରିଛନ୍ତି। ଅନ୍ୟ ଏକ ଘଟଣାରେ ମାଓବାଦୀମାନେ କାଙ୍କେର ଜିଲା କାନ୍ନା ଗ୍ରାମର ବୀରେଶ ମାଣ୍ଡାମଙ୍କୁ ହତ୍ୟା କରିଛନ୍ତି। ଯବାନଙ୍କୁ ଟାର୍ଗେଟ୍‌କରି ମାଓବାଦୀମାନେ ଏହି ରାସ୍ତାରେ ଲ୍ୟାଣ୍ଡମାଇନ ବିଛାଇଥିଲେ। ତେବେ ବୀରେଶ ବାଇକ୍‌ରେ ଯାଉଥିବା ବେଳେ ତାଙ୍କୁ ପରିସ୍ରା ଲାଗିବାରୁ ସେ ରାସ୍ତାକଡ଼ରେ ବାଇକ୍ ରଖି ପରିସ୍ରା କରିବାକୁ ଯାଉଥିଲେ। ଏହି ସମୟରେ ପୋତାଯାଇଥିବା ଲ୍ୟାଣ୍ଡମାଇନରେ ତାଙ୍କ ପାଦ ପଡ଼ିଯିବାରୁ ଏହା ବିସ୍ଫୋରଣ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି କାଙ୍କେର ଏସ୍‌ପି ସୌରଭ ସିହ୍ନା କହିଛନ୍ତି। ଏହି ତିନୋଟି ଘଟଣାର ତଦନ୍ତ ଜାରି ରହିଛି। ପୋଲିସ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରିଥିବା ସିହ୍ନା ସୂଚନା ଦେଇଛନ୍ତି।

# ଗୁଳିମାଡ଼ରେ ଯୁବକ ଗୁରୁତର

**ବରଗଡ଼ ଅଫିସ, ୯।୩**

ବରଗଡ଼ ସହର ସରକାରୀ ବସ୍‌ଷ୍ଟାଣ୍ଡ ନିକଟରେ ଗୁରୁବାର ରାତି ପ୍ରାୟ ୯ଟାରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଗୁଳି ଓ ଭୁଜାଲି ମାଡ଼ରେ ବରଗଡ଼ ହାଟପଦାର ଯୁବକ ଜଗନ୍ନାଥ କର୍ଣ୍ଣ ଗୁରୁତର ହୋଇଛନ୍ତି। ତାଙ୍କ ଗୋଡ଼ରେ ଗୁଳି ବାଜିଥିବା ବେଳେ ଭୁଜାଲି ମାଡ଼ରେ ହାତ ସମେତ ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଚିକିତ୍ସା ପାଇଁ ସହରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସେହିପରି ଘଟଣାସ୍ଥଳରୁ ଗୋଟିଏ ଫୁଟା ଗୁଳି ଓ ଖୋକା ଜବତ କରାଯାଇଛି। ସୂଚନା ଅନୁସାରେ, ଜଗନ୍ନାଥ ସରକାରୀ ବସ୍‌ଷ୍ଟାଣ୍ଡରୁ ନିଶାମଣି ସ୍କୁଲ ପଡ଼ିଆକୁ ଯାଇଥିବା ରାସ୍ତାକଡ଼ ଠେଲା ନିକଟକୁ ଆସିଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ରହିଥିବା କିଛି ଯୁବକ ତାଙ୍କ ଉପରକୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଗୁଳି ଓ ଭୁଜାଲି ମାଡ଼ରେ ଜଗନ୍ନାଥ ଗୁରୁତର ହୋଇ ତଳେ ପଡିଯିବାରୁ ଅଭିଯୁକ୍ତମାନେ ବାଇକ୍ ଯୋଗେ ଖସି ପଳାଇଥିଲେ। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ବୋଲି ଚର୍ଚ୍ଚା ହେଉଛି।

## ମହିଳାଙ୍କୁ ନିଆଳି ବିଧାୟକଙ୍କ ଦୁର୍ବ୍ୟବହାର ଘଟଣା | ଏନ୍‌ଏଚ୍‌ଆର୍‌ସିରେ ମାମଲା

**କଟକ ଅଫିସ, ୯।୩**

ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ ଅନୁସୂଚିତ ଜାତିର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଘଟଣାକୁ ନେଇ ଜାତୀୟ ମାନବ ଅଧିକାର କମିଶନ୍ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଗୁରୁବାର ମାମଲା ରୁଜୁ ହୋଇଛି। ନ୍ୟାୟ ପାଇଁ ଲଢ଼େଇ ପରିବାର ଅନୁଷ୍ଠାନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶଙ୍କ ଦ୍ୱାରା ରୁଜୁ ମାମଲା (ନଂ.୪୦୪୫/ଇନ୍/୨୦୨୩) ବିଚାର ପାଇଁ ଗ୍ରହଣ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ବିଧାୟକ ମଲ୍ଲିକ ଗତ ୫ ତାରିଖରେ ନିଆଳି ନିର୍ବାଚନ ମଣ୍ଡଳୀର ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଶତବାର୍ଷିକ ସଭାରେ ଯୋଗ ଦେଇଥିଲେ। ସ୍ଥାନୀୟ ଗରପଦା ଗ୍ରାମର ମହିଳା ସୋନୁଲତା ମଲ୍ଲିକ ନିଜକୁ ସାଧାରଣ ନାଗରିକ କହି ବିଧାୟକଙ୍କୁ ପ୍ରଶ୍ନ ପଚାରିଥିଲେ। ପରେ ବିଧାୟକ ସମ୍ପୃକ୍ତ ମହିଳାଙ୍କୁ ଅପାଠୁଆ କହି ଦୁର୍ବ୍ୟବହାର କରିଥିବା ଘଟଣା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଜଣେ ମହିଳାଙ୍କୁ ଅପାଠୁଆ କହି ଦୁର୍ବ୍ୟବହାର କରିବା ସମଗ୍ର ନାରୀ ସମାଜ ପାଇଁ ନିନ୍ଦନୀୟ ଘଟଣା। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପିଟିଶନ୍‌ରେ ଦର୍ଶାଯାଇଛି। ଏନେଇ ବିଧାୟକ ମଲ୍ଲିକ କହିଛନ୍ତି, ସେ ଆମ ଜାତିର ଝିଅ। ତାଙ୍କର ମାନହାନୀ କିମ୍ବା ତାଙ୍କୁ ବାଧିଲା ଭଳି କୌଣସି କଥା କହିନାହିଁ।

# କର୍ଲାପାଟ ଅଭୟାରଣ୍ୟରେ ପୁଣି ଏକ ଦନ୍ତା ମୃତ

**ଭବାନୀପାଟଣା, ୯।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅଧୀନ କର୍ଲାପାଟ ଅଭୟାରଣ୍ୟରେ ପୁଣି ଏକ ହାତୀର ମୃତ୍ୟୁ ଘଟିଥିବା ଘଟଣା ସାମ୍ନା ଆସିଛି। ଯାକମରୁ ୧୦୦ ମିଟର କୁକୁରଘାଟିର ସେମିଝରନଠାରେ ହାତୀର ମୃତ୍ୟୁ ଘଟିଛି। ଏହି ଘଟଣା ଗତ ୪ ତାରିଖରେ ଘଟିଥିବା ଜଣାଯାଇଛି। ଦୁର୍ଗନ୍ଧ ଦେବା ପରେ ବନ ବିଭାଗ ସୂଚନା ପାଇ ରାତାରାତି ବ୍ୟବଚ୍ଛେଦ କରି ପୋତି ଦେଇ ଘଟଣାକୁ ଘଣ୍ଟଘଡ଼ଉବାରେ ବ୍ୟସ୍ତ ରହିଛି। ଏହି ଘଟଣା ବନ ବିଭାଗ ଚାପି ଦେଉଥିବା ପାଇଁ ଚେଷ୍ଟା କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଯଦି କୌଣସି କାରଣରୁ ହାତୀର ମୃତ୍ୟୁ ହେଲା ତାହା ଏଯାଏଁ କୌଣସି ଗଣମାଧମରେ ସୂଚନା ନ ଥିବା ଓ ବନ ବିଭାଗ ସୂଚନା ଗଣମାଧମକୁ ଦେଇ ନ ଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ ପରେ ହାତୀ ମୃତ୍ୟୁ ହୋଇଥିବା ସେ କହିଛନ୍ତି। ହାତୀର କିଭଳି ମୃତ୍ୟୁ ଘଟିଲା, କେଉଁ କାରଣରୁ ମୃତ୍ୟୁ ଘଟିଲା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ଦୋଷ ଲୁଚାଇବା ପାଇଁ କାହିଁକି ରାତିରାତି ପୋତି ଦେଲେ ତାହା ତଦନ୍ତ ସାପେକ୍ଷ। ସୂଚନାଯୋଗ୍ୟ, ଗତବର୍ଷ କର୍ଲାପାଟ ଅଭୟାରଣ୍ୟରେ ୭ଟି ହାତୀର ମୃତ୍ୟୁ ହୋଇଥିଲା। ଏଥିରେ ମାଈ ଓ ଗୋଟିଏ ଛୋଟ ଛୁଆ ହାତୀ ରହିଥିଲା। ଏହାକୁ ନେଇ ସେତେବେଳେ ରାଜ୍ୟ ବ୍ୟାପି ଚର୍ଚ୍ଚା ହୋଇଥିଲା।

**INTEGRATED TRIBAL DEVELOPMENT AGENCY, MALKANGIRI**
No.590/XIX-I/2022 (Accounts)
Date: 06.03.2023
**QUOTATION CALL NOTICE**
Sealed quotations are invited from authorized dealer of Mahindra & Mahindra Ltd. quoting both Ex-Showroom & on road price for supply of 02 (two) Nos. of Mahindra Bolero Pick-up FB 1.7 T BS6 PS latest by 13.03.2023 by 5.30 P.M. (during office hour).
The date of opening of quotation is on 14.03.2023 at 11.00 A.M. in the office of the undersigned.
Sd./- Project Administrator
ITDA, Malkangiri

**ଜାତୀୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଅନୁଷ୍ଠାନ**
ବାବା ଗଙ୍ଗନାଥ ମାର୍ଗ, ମୁନିର୍କା
ନୂଆଦିଲ୍ଲୀ - ୧୧୦୦୬୭
आरोग्यं सुखसम्पदा
ଏନ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁ/ଡବ୍ଲ୍ୟୁଏସ୍/୩୭-୭/୨୦୨୨
**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
ନିର୍ଦ୍ଦେଶକ, ଏନ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁଙ୍କ ତରଫରୁ "ଏନ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁରେ ନବନିର୍ମିତ ଅନ୍ତର୍ଜାତୀୟ ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା, ପରିଚାଳନା ଓ ରକ୍ଷଣାବେକ୍ଷଣ ତଥା ବିଦ୍ୟମାନ ପୁରୁଣା ହଷ୍ଟେଲର ପରିଚାଳନା ଓ ରକ୍ଷଣାବେକ୍ଷଣ" ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଉଛି । ଏଥିପାଇଁ ପ୍ରାକ୍-ବିଡିଂ ବୈଠକ ତା୧୫।୦୩।୨୦୨୩ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଅନୁଷ୍ଠିତ ହେବ ଏବଂ ବିଡ୍ ପ୍ରାପ୍ତିର ଶେଷ ତାରିଖ ଓ ସମୟ ହେଉଛି ତା୨୭।୩।୨୦୨୩, ଅପରାହ୍ନ ୩ ଘଟିକା । ଅଧିକ ବିବରଣୀ ତଥା ହିନ୍ଦୀ ସଂସ୍କରଣ ପାଇଁ ଅନୁଷ୍ଠାନର ୱେବ୍‌ସାଇଟ୍ www.nihfw.org ଏବଂ https://eprocure.gov.in ପରିଦର୍ଶନ କରାଯାଇପାରିବ ।
CBC 17153/12/0014/2223
ନିର୍ଦ୍ଦେଶକ (ଅତିରିକ୍ତ ଦାୟିତ୍ୱ)

**OFFICE OF THE PRINCIPAL CHIEF CONSERVATOR OF FORESTS, KENDU LEAVES, ODISHA, BHUBANESWAR**
Plot No.GD 2/12, 5th Floor, Aranya Bhawan, Chandrasekharpur, Bhubaneswar, Odisha, Pin-751023, Phone No.0674-2300915/2300916, E-mail ID: pccfkldak@gmail.com
**ABRIDGED TENDER CALL NOTICE**
No.31/ Dated 09th March, 2023
**PROCUREMENT OF HESSIAN CLOTH (SUPERIOR) AND HESSIAN TWINE**
Sealed Tenders in prescribed format are invited from Companies/Firms/ Manufacturers/Traders of Hessian material for supply about **520 Bales of Hessian Cloth (Superior) and 12.50 MT of Hessian Twine** for 2023 KL Crop Year. The Tender Document along with terms & conditions can be obtained from the O/o- the PCCF (KL), Odisha on submitting the proof of payment of Rs.10,000/- towards cost of Tender Paper (Non-refundable) in the **(Account No. 32269698772 (State Bank of India, Fortune Towers Branch, IFSC Code. SBIN0004414**. The tender document can also be downloaded from Kendu Leaf Organization Web Portal:- **http://iklmsodisha.in.**
**SCHEDULE OF TENDER**

| | |
|---|---|
| Sale of Tender Documents | On all working days from 09.03.2023 to 22.03.2023 |
| Cost of Tender Documents (Non-refundable) | Rs.10,000/- |
| Last Date of Submission of Tender | 23.03.2023 (5.00 P.M.) |
| Opening of Technical Bid and Evaluation | 24.03.2023 (11.00 A.M.) |
| Opening of Financial Bid | 24.03.2023 (4.00 P.M.) |

Sd./- Assistant Chief Conservator of Forests
Kendu Leaves, Odisha

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
No.1213/Date:-03.03.2023
No.O-1060: **"e" Procurement Notice for Road Works**

| | | | |
|---|---|---|---|
| 1 | Name of the Work | : | Roadworks |
| 2 | Total No. of works: | : | 01 No. of Road Work under CMRL for the year 2022-23 |
| 3 | Estimated Cost of the work: | : | Rs.104.26 lakhs |
| 4 | Class of Contractor | : | |
| | a)Estimated cost more than Rs. 20.00 lakhs up to Rs. 3.00 Crores | | B Class (of Odisha PWD) or relevant class of other licensing authorities |
| | b)Estimated cost more than Rs. 1.00 Crores up to Rs. 20.00 Crores | | A Class (of Odisha PWD) or relevant class of other licensing authorities |
| 5 | Period of completion | : | As mentioned in Column-7 of Annexure |
| 6 | Offered rates by bidder | : | The offered rate by the contractor shall be excluding GST. |
| 7 | Other details | : | |

| Procurement Officer | Bid Identification No. | Availability of Tender Online for bidding | | Date & Time of Opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender- On-line-C.C.11 of 2023 | 10.03.2023 at 11.00 A.M. | 24.03.2023 upto 5.00 P.M. | 27.03.2023 at 11.00 A.M. | To be intimated later on |

Further details can be seen from the website www.tendersodisha.gov.in.
OIPR-25082/11/0047/2223
Sd./- Chief Construction Engineer
Central Rural Works Circle, Bhubaneswar

**TENDER NOTICE**
**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, GANJAM**
**Tender Adv. No. 3528** **Date: 06.03.2023**
No. E-960: Sealed tenders are invited from registered Company, Firm, Society or Trust for selection of most suitable agency for the below mentioned services under NIRMAL for Ganjam District.
- **To undertake Security Services at Govt. Health Institutions of Ganjam District.**
- **To unertake Mechanized Laundry Services with suply of Bed Sheets at Govt. Health Institutions of Ganjam District.**

The details terms & conditions, eligibility and selection criteria may be downloaded from the District website: **https://ganjam.nic.in**. The sealed proposals should reach at O/o. CDM&PHO, Ganjam, Berhampur on any working day by **3rd April 2023 on or before 12 Noon** by Registered Post/Speed Post/Courier only. The pre bid discussion will be held on **10th March at 4.30 P.M.** & the Technical Bids will be opened on **3rd April 2023 at 4.00 P.M.** at O/o. CDM&PHO, Ganjam, Berhampur in presence of the bidders/their authorised representatives.
The undersigned reserved the rights to accept or reject any or all bids without assigning any reason thereof.
Sd./- Chief District Medical & Public Health Officer, Ganjam
OIPR-10041/11/0021/2223

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-5073 OSIC GST No. 21AAACO2101M1Z1
**TENDER CALL NOTICE**
Tender Notice No.1241/OSIC/MKT Dt.09.03.2023
OSIC invites sealed bids from experienced Manufacturers / Suppliers/MSMEs/Dealers/Distributor for supply of Laboratory equipment to Fakir Mohan Autonomous College, Balasore, Odisha. The detail specification and quantity of the Laboratory equipment along with terms and conditions of supply is available in the website of OSIC i.e. www.osicltd.in. Any corrigendum /changes/ modifications will appear in OSIC website: www.osicltd.in only and all the bidders are further advised to keep referring OSIC website for any updates with reference to this advertisement.
By order of MD
Sd/-Manager (Mktg)
OIPR-14073/11/0166/2223

**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR, BHUBANESWAR - 22
Ph: 0674-2541545, 2542921 , Fax 0674-2541543
E-mail: ophwc.od@nic.in, Website: www.ophwc.nic.in
No.CAD-5063 **e-procurement notice No.- 58/OPHWC/2022-23**
**INVITATION FOR BIDS (IFB)**
The Chief Engineer (OSPH&WC), Odisha. Bhubaneswar invites Percentage rate bid in Single Cover system in ONLINE MODE only, for the works as detailed below:

| Sl. No. | Name of the work | Approx. estimated cost | EMD (to be paid on line) | Class of contractor |
|---|---|---|---|---|
| 1 | Cluster of 1. Construction of 1 No, E type Qtr. at Banarpal F.S., Angul, 2. Construction of Boundary Wall at Tumudibandha Banarpal F.S., Angul and 3.Construction of Approach Road at Banarpal F.S. Angul | Rs. 48,57,472.00 | Rs. 48,600.00 | B Class |
| 2 | Cluster of 1. Construction of 1 No. E type Qtr. at Tumudibandh, F.S., Kandhamal and 2. Construction of Boundary Wall at Tumudibandha F.S., Kandhamal | Rs.43,84,880.00 | Rs.43.800.00 | B Class |
| 3 | Cluster of 1. Construction of 1 No. E type Qtr. at Govindapur F.S., Sambalpur, 2. Construction of Boundary Wall at Govindapur F.S. Sambalpur and 3. Construction of Approach Road at Govindapur F.S., Sambalpur | Rs.43,64,830.00 | Rs.43,600.00 | B Class |
| 4 | Cluster of 1. Construction of 1 No. E type Qtr. at Gandia F.S. Dhenkanal, 2. Construction of Boundary Wall at Gandia F.S., Dhenkanal and 3. Construction of Approach Road at Gandia F.S., Dhenkanal | Rs.42,28,591.00 | Rs.42,300.00 | B Class |
| 5 | Cluster of 1. Construction of 1 No, E type Qtr, at Phiringia F.S., Kandhamal and 2. Construction of Boundary wall at Phiringia F.S., Kandhamal | Rs. 40,00,786.00 | Rs.40,000.00 | B Class |
| 6 | Cluster of 1. Construction of 1 No, E type Qtr. at Paikamal F.S., Bargarh and 2. Construction of Boundary Wall at Paikamal F.S., Bargarh | Rs. 37,47,604.00 | Rs.37,500.00 | C Class & B Class |
| 7 | Construction of Boundary Wall at Binika F.S., Sonepur | Rs. 33,83,169.00 | Rs.33,800.00 | C Class & B Class |
| 8 | Cluster of 1. Construction of Boundary Wall at Parjanga F.S., Dhenkanal and 2. Construction of Approach Road at Parjanga F.S., Dhenkanal | Rs. 29,29,355.00 | Rs.29.300.00 | C Class & B Class |
| 9 | Construction of 1 No. E type Qtr. at Maneswar F.S. Sambalpur | Rs. 28,72,384.00 | Rs. 28,700.00 | C Class & B Class |
| 10 | Cluster of 1. Construction of Boundary Wall at Hindol F.S., Dhenkanal and 2. Construction of Approach Road at Hindol Road F.S., Dhenkanal | Rs. 28,63,363.00 | Rs. 28,600.00 | C Class & B Class |
| 11 | Construction of 1. No.E type Qtr. at Nuagaon F.S., Sundargarh | Rs. 27,43,819.00 | Rs. 27,400.00 | C Class & B Class |
| 12 | Cluster of 1. Construction of 1 No. E type Qtr. at Bangamunda F.S., Bolangir and 2.Construction of Approach Road at Bangamunda F.S., Bolangir | Rs. 26,03,806.00 | Rs. 26,000.00 | C Class & B Class |
| 13 | Construction of 1 No.E type Qtr. at Sanakhemundi F.S., Ganjam | Rs. 25,59,967.00 | Rs. 25,600.00 | C Class & B Class |
| 14 | Construction of 1 No.E type Qtr. at Jharabandha F.S., Bargarh | Rs. 25,30,383.00 | Rs. 25,300.00 | C Class & B Class |
| 15 | Construction of 1 No. E type Qtr. at Loisingha F.S., Bolangir | Rs. 23,29,982.00 | Rs. 23,300.00 | C Class & B Class |
| 16 | Construction of 1 No.E type Qtr. at Kabisuryanagar F.S., Ganjam | Rs. 23,17,841.00 | Rs. 23,200.00 | C Class & B Class |
| 17 | Construction of Boundary Wall at Jharsuguda F.S., Jharsuguda | Rs. 21,19,726.00 | Rs. 21,200.00 | C Class & B Class |
| 18 | Construction of 1 No. E type Qtr. at Sarangagada F.S., Kandhamal | Rs. 20,37,648.00 | Rs. 20,400.00 | C Class & B Class |
| 19 | Construction of 1 No. E type Qtr, at Banspal F.S., Keonjhar | Rs. 20,37,105.00 | Rs.20,400.00 | C Class & B Class |
| 20 | Construction of Boundary Wall at Kolabira F.S., Jharsuguda | Rs. 20,16,122.00 | Rs. 20.200.00 | C Class & B Class |
| 21 | Cluster of 1. Construction of Boundary Wall at Bamur F.S., Angul and 2.Construction of Approach Road at Bamur F.S., Angul | Rs. 19,34,016,00 | Rs. 19,300.00 | D Class & C Class |
| 22 | Construction of Boundary Wall at Agalpur F.S., Bolangir | Rs. 12,86,150.00 | Rs. 12,900.00 | D Class & C Class |
| 23 | Cost of Bid document | Rs. 7,080.00 | (To be paid online) | |
| 24 | Availability of Bid Documents in the website | Dt.09.03.2023 to Dt. 18.03.2023 upto 5.00 P.M | | |
| 25 | Last date /time of Receipt of Bids in the Portal | Dt. 18.03.2023 upto 5.00 P.M. | | |
| 26 | Date of Opening Bid | Dt. 20.03.2023 at 11.00 A.M. | | |
| 27 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | | |

Sd./- Chief Engineer (OSPH & WC)
N.B.:- The quoted rate should be all inclusive but excluding G.S.T. as applicable under works contract.
OIPR-12118/11/0041/2223

**ZILLA SWASTHYA SAMITI, GANJAM**
(Contractual Appointment of Different Post under NHM Programme)
**Adv. No. 3541** **Date: 06.03.2023**
**CONTRACTUAL APPOINTMENT**
No. E-961: Zilla Swasthya Samiti (ZSS), Ganjam invites the applications from the eligible candidates for different posts under NHM Programme and also requested to eligible cnadidates to attend the Walk-in-Interview for some post under NHM Ganjam.
The eligibility criteria, vacancy, monthly remuneration, selection procedure, date of Walk-in-Interview, date of submission application and application from can be downloaded from district website. Interested candidates may log on to **https://ganjam.nic.in** for details. The candidates fulfilling the eligibility criteria for the post **(Sl. No. 7 to 11)** are to apply in the prescribed application form to the undersigned by Regd. Post/Speed Post on or before **31.03.2023 by 5.00 P.M.** with all relevant documents to the Chief District Medical & Public Health Officer, Ganjam, Near City Hospital, Berhampur, PIN - 760001. The eligibility candidates for the post **(Sl. No. 1 to 6)** are requested to attend the Walk-in-Interview on prescribed date at 10.30 A.M. in the Office Chamber of CDM & PHO, Ganjam with all relevant documents. The undersigned is not responsible for any postal delay or in-conveyance. Application received after due date will be rejected for the posts from **Sl. No. 7 to 11**.
Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hoisted in district website. The undersigned reserves the right to cancel/reject any or all the applications without assigning any reason thereof.
Sd./- CDM&PHO-cum-DMD, Ganjam
OIPR-10041/11/0020/2223

**DISTRICT PROJECT MANAGEMENT UNIT**
**PRADHAN MANTRI POSHAN SHAKTI NIRMAN (PM POSHAN)**
**DISTRICT EDUCATION OFFICE, JAJPUR**
Email: deojajpurtown13@gmail.com, dnojajpurmdm@gmail.com
**No. 2031/DPMU** **Date: 06.03.2023**
**TENDER CALL NOTICE FOR APPOINTMENT OF TRANSPORTING AGENT FOR TRANSPORTATION OF FOODSTUFF UNDER PM POSHAN PROGRAMME**
Sealed tenders in the prescribed form are invited from the intending firms/individuals/companies/corporations/ transporting agencies having valid transporting agent licence under Odisha motor vehicle (licensing of agent) rules, 1990 for transportation of foodstuff (Rice) under PM POSHAN Programmes of School & Mass Education Deptt. in Jajpur district during the year 2023-24. The tender paper along with details of terms and conditions of tender EMD, Solvency Certificate or Capability Certificate and Statutory Requirements can be obtained by downloading from the district website i.e. **http://www.jajpur.nic.in**. The cost of tender paper is Rs.10,500/- (Rupees ten thousand five hundred) only which is non-refundable and should be submitted with the tender form in shape of Demand Draft made in favour of **DISTRICT EDUCATION OFFICER, DPMU, MDM JAJPUR** payable at **Punjab National Bank, Jajpur Town Branch**. The tender paper complete in all respect alongwith other required documents may be sent in sealed cover superscripted as **"SEALED TENDER FOR UNDERTAKING TRANSPORTATION WORK OF FOODGRAINS (RICE) UNDER PM POSHAN PROGRAMME"** addressed to the "District Education Officer, Jajpur, District Project Management Unit (MDM), District Education Office, Jajpur, by Registered Post/Speed Post only so as to reach before 1 P.M. of 28.03.2023. The tender shall be opened at 11 A.M. on 29.03.2023 by the Collector, Jajpur or by any other officer authorized by him in presence of tenderers or their authorized representatives and tender committee memebs. The undersigned reserves the right to reject/ cancel any or all the tendes without assigning any reason thereof.
Sd./- Collector & District Magistrate, Jajpur

# ସଫଳତମ ଅଧିନାୟିକା ମେଗ୍ ଲାନିଙ୍ଗ୍


୨୦୨୩ ମହିଳା ଟି୨୦ ବିଶ୍ୱକପ ଟ୍ରଫି ସହ ମେଗ୍ ଲାନିଙ୍ଗ



**ମେଗ୍ ଲାନିଙ୍ଗ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୫ ଥର ବିଶ୍ୱ ଚାମ୍ପିୟନ ହୋଇଛି। ଟି୨୦ରେ ୪ ଥର ଏବଂ ଦିନିକିଆରେ ଥରେ ଲାନିଙ୍ଗ୍‌ଙ୍କ ନେତୃତ୍ୱରେ ଟ୍ରଫି ହାସଲ କରିଛି ଦଳ। ଓଭରଅଲ୍ ତାଙ୍କ ଉପସ୍ଥିତିରେ ଅଷ୍ଟ୍ରେଲିଆ ସମୁଦାୟ ୭ଥର ବିଶ୍ୱକପ୍ ବିଜୟୀ ହୋଇଛି। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ଥର ମହିଳା କ୍ରିକେଟ୍ ସାମିଲ ହୋଇଥିବା ବେଳେ ଲାନିଙ୍ଗ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ସ୍ୱର୍ଣ୍ଣ ପଦକ ଜିତିଥିଲା...**

ଯେକୌଣସି ଦଳଗତ କ୍ରୀଡ଼ାରେ ଅଧିନାୟକ/ଅଧିନାୟିକାଙ୍କୁ ଦଳର ମେରୁଦଣ୍ଡ ଭାବରେ ବିବେଚନା କରାଯାଏ। କ୍ରିକେଟର ସଫଳତମ ଅଧିନାୟକ କିଏ ଏ ନେଇ ଯେତେବେଳେ ବି ଆଲୋଚନା ହୁଏ, ପ୍ରଥମେ ପୁରୁଷ ଖେଳାଳିଙ୍କ ନାମ ଆସିଥାଏ। ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜୟୀ ଅଧିନାୟକ ରିକି ପଣ୍ଟିଂଙ୍କ ସହିତ ମହେନ୍ଦ୍ର ସିଂ ଧୋନୀ, ସୌରଭ ଗାଙ୍ଗୁଲି ଓ ନାସିର ହୁସେନ୍‌ଙ୍କ ପରି ଖେଳାଳିଙ୍କୁ ବିଶ୍ୱର ଶ୍ରେଷ୍ଠ ଅଧିନାୟକ ଭାବରେ ବିବେଚନା କରାଯାଏ। ଗାଙ୍ଗୁଲି ଓ ନାସିର ହୁସେନ୍ ଆଇସିସି ଟ୍ରଫି ଜିତି ନ ଥିବା ବେଳେ ପଣ୍ଟିଂ ଅଧିନାୟକ ଭାବରେ ୪ ଓ ଧୋନୀ ୩ ଥର ଏହି ସଫଳତା ପାଇଛନ୍ତି। ପଣ୍ଟିଂ ନିଜ କ୍ୟାରିୟରରେ ୨ଟି ବିଶ୍ୱକପ୍ ଓ ଦୁଇଟି ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଥିବା ବେଳେ ଧୋନୀ ଏକମାତ୍ର ଅଧିନାୟକ ଭାବରେ ସମସ୍ତ ଆଇସିସି ଟ୍ରଫି (ଟି୨୦ ବିଶ୍ୱକପ୍, ଦିନିକିଆ ବିଶ୍ୱକପ୍ ଓ ଚାମ୍ପିୟନ୍ସ ଟ୍ରଫି) ଜିତିବାର ଗୌରବ ହାସଲ କରିଛନ୍ତି। ତେବେ ଏହି ଦୁଇ ଖେଳାଳିଙ୍କୁ ପଛରେ ପକାଇଥିବା ଏମିତି ଜଣେ ଖେଳାଳି ଅଛନ୍ତି, ଯାହାଙ୍କୁ ସମପରିମାଣର ଆଦୃତି ମିଳିନାହିଁ। ଏହି ଖେଳାଳି ଜଣଙ୍କ ହେଉଛନ୍ତି ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଅଧିନାୟିକା ମେଗ୍ ଲାନିଙ୍ଗ। ତାଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୫ ଥର ବିଶ୍ୱ ଚାମ୍ପିୟନ ହୋଇଛି। ଟି୨୦ରେ ୪ ଥର ଏବଂ ଦିନିକିଆରେ ଥରେ ଲାନିଙ୍ଗଙ୍କ ନେତୃତ୍ୱରେ ଟ୍ରଫି ହାସଲ କରିଛି ଦଳ। ତେବେ ଲାନିଙ୍ଗଙ୍କ ଉପସ୍ଥିତିରେ ଅଷ୍ଟ୍ରେଲିଆ ସମୁଦାୟ ୭ଥର ବିଶ୍ୱକପ୍ ବିଜୟୀ ହୋଇଛି। ଏହା ସହିତ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ଥର ମହିଳା କ୍ରିକେଟ୍ ସାମିଲ ହୋଇଥିବା ବେଳେ ତାଙ୍କ ନେତୃତ୍ୱରେ ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା।

ସିଙ୍ଗାପୁରରେ ଜନ୍ମିତ ଲାନିଙ୍ଗ ଆରମ୍ଭରୁ ବିଭିନ୍ନ କ୍ରୀଡ଼ା ପ୍ରତି ଆଗ୍ରହୀ ଥିଲେ। ଆରମ୍ଭରୁ ହକି ଓ ଫୁଟବଲ୍ ପ୍ରତି ରୁଚି ରଖୁଥିବା ଲାନିଙ୍ଗ ଭିକ୍ଟୋରିଆ ପକ୍ଷରୁ ଖେଳିଥିଲେ। ତେବେ ଧୀରେ ଧୀରେ କ୍ରିକେଟ୍ ଆଡ଼କୁ ଢଳିବା ସହିତ ବିଶ୍ୱ କ୍ରିକେଟ୍‌ର ଅନ୍ୟତମ ପ୍ରଭାବଶାଳୀ ଅଧିନାୟିକା ପାଲଟି ଯାଇଥିଲେ। କ୍ରିକେଟ୍ ନୁହେଁ, ବରଂ କ୍ରୀଡ଼ା ଇତିହାସର ସବୁଠୁ ସଫଳତମ ଅଧିନାୟିକା ଭାବରେ ସୃଷ୍ଟି କରିଥିଲେ ସ୍ୱତନ୍ତ୍ର ପରିଚୟ। ୫ ଜାନୁୟାରୀ ୨୦୧୧ରେ ଇଂଲଣ୍ଡ ବିପକ୍ଷରେ ପଦାର୍ପଣ କରିବା ପରଠୁ ସେ ପଛକୁ ଚାହିଁ ନାହାନ୍ତି। ନିୟମିତ ଭାବରେ ଭଲ ପ୍ରଦର୍ଶନ କରିବା ସହିତ ୨୦୧୪ରେ ଅଷ୍ଟ୍ରେଲିଆ ଦଳର ଅଧିନାୟିକା ହୁଅନ୍ତି। ମହେନ୍ଦ୍ର ସିଂ ଧୋନୀଙ୍କୁ ନିଜର ଆଦର୍ଶ ମାନୁଥିବା ଲାନିଙ୍ଗଙ୍କ ସ୍ୱଭାବ ମଧ୍ୟ ଠିକ୍ ତାଙ୍କରି ଭଳି। ପରିସ୍ଥିତି ଯେଉଁ ଭଳି ବି ଥାଉ ନା କାହିଁକି କୌଣସି ବି ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତି ନାହିଁ ଲାନିଙ୍ଗ। ଲାନିଙ୍ଗ ଦିନିକିଆରେ ୧୫ ଶତକ ହାସଲ କରିଥିବା ବେଳେ ମହିଳା ଖେଳାଳିଙ୍କ ମଧ୍ୟରେ ଏହା ସର୍ବାଧିକ। ଅନ୍ୟ କୌଣସି ମହିଳା ଖେଳାଳି ୧୦ ଶତକ ମଧ୍ୟ ହାସଲ କରିବାରେ ସମର୍ଥ ହୋଇ ନାହାନ୍ତି। ଲାନିଙ୍ଗ ୨୦୧୩ ଓ ୨୦୨୨ ଦିନିକିଆ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ରହିଥିବା ବେଳେ ୨୦୧୨, ୨୦୧୪, ୨୦୧୮, ୨୦୨୦ ଓ ୨୦୨୩ରେ ଟି୨୦ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ରହିଛନ୍ତି। ଲାନିଙ୍ଗଙ୍କ ବିଶ୍ୱକପ୍ ବିଜୟ ଉପରେ ଏକ ନଜର....

**ଦିନିକିଆ ବିଶ୍ୱକପ୍:** (୨୦୧୩ ଓ ୨୦୨୨)

**୨୦୧୩ (ଭାରତ):** ୨୦୧୩ରେ ଭାରତରେ ଆୟୋଜିତ ଦିନିକିଆ ବିଶ୍ୱକପ୍ ବିଜେତା ଅଷ୍ଟ୍ରେଲିଆ ଦଳର ସଦସ୍ୟ ଥିଲେ ଲାନିଙ୍ଗ। ମୁମ୍ବାଇ ଓ କଟକରେ ଖେଳାଯାଇଥିବା ଏହି ସଂସ୍କରଣର ଫାଇନାଲରେ ୱେଷ୍ଟଇଣ୍ଡିଜକୁ ୧୧୪ ରନ୍‌ରେ ହରାଇ ଚାମ୍ପିୟନ ହୋଇଥିଲା ଅଷ୍ଟ୍ରେଲିଆ। ଫାଇନାଲ ମ୍ୟାଚରେ ଲାନିଙ୍ଗ ସ୍କୋର କରିଥିଲେ ୩୧ ରନ୍।

**୨୦୨୨ (ନ୍ୟୁଜିଲାଣ୍ଡ):** ୨୦୨୨ରେ ନ୍ୟୁଜିଲାଣ୍ଡରେ ଆୟୋଜିତ ଦିନିକିଆ ମହିଳା ବିଶ୍ୱକପ୍‌କୁ ଲାନିଙ୍ଗଙ୍କ ନେତୃତ୍ୱରେ ଜିତିଥିଲା ଅଷ୍ଟ୍ରେଲିଆ। ଫାଇନାଲରେ ଇଂଲଣ୍ଡକୁ ୭୧ ରନରେ ପରାସ୍ତ କରିଥିଲା ଅଷ୍ଟ୍ରେଲିଆ। ଏଲିସା ହିଲି ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ହୋଇଥିବା ବେଳେ ଲାନିଙ୍ଗ ୯ ମ୍ୟାଚରୁ ସ୍କୋର କରିଥିଲେ ୩୯୪ ରନ୍। ଏହା ମଧ୍ୟରେ ଗୋଟିଏ ଶତକ ଓ ୩ ଅର୍ଦ୍ଧଶତକ ସାମିଲ ଥିଲା।

**ଟି୨୦ ବିଶ୍ୱକପ୍:** (୨୦୧୨, ୨୦୧୪, ୨୦୧୮, ୨୦୨୦, ୨୦୨୩)

**୨୦୧୨ (ଶ୍ରୀଲଙ୍କା):** ଶ୍ରୀଲଙ୍କାରେ ଖେଳାଯାଇଥିବା ବିଶ୍ୱକପ୍‌କୁ ଜିତିବାରେ ସଫଳ ହୋଇଥିଲା ଅଷ୍ଟ୍ରେଲିଆ। ଫାଇନାଲରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୪ ଉଇକେଟରେ ୧୪୨ ରନ କରିଥିବା ବେଳେ ଇଂଲଣ୍ଡ ୪ ରନ୍ ଦୂରରେ ରହିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମେଗ୍ ଲାନିଙ୍ଗ ଉକ୍ତ ସଂସ୍କରଣରେ ୧୩୮ ରନ୍ କରିବା ସହିତ ହାଇଏଷ୍ଟ ରନ୍ ସ୍କୋରରଙ୍କ ତାଲିକାର ତୃତୀୟ ସ୍ଥାନରେ ରହିଥିଲେ।

୨୦୧୪ (ବାଂଲାଦେଶ): ଅଧିନାୟିକା ଭାବରେ ଲାନିଙ୍ଗ ବାଂଲାଦେଶରେ ନିଜର ପ୍ରଥମ ବିଶ୍ୱକପ୍ ଖେଳିଥିଲେ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଇଂଲଣ୍ଡକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା ଅଷ୍ଟ୍ରେଲିଆ। ଫାଇନାଲ ମ୍ୟାଚରେ ଲାନିଙ୍ଗ ୪୪ ରନ୍ ସ୍କୋର କରିଥିଲେ। ଉକ୍ତ ସଂସ୍କରଣର ସର୍ବାଧିକ ରନ୍ ହାସଲକାରୀ ରହିଥିବା ମେଗ୍ ଲାନିଂ ସ୍କୋର କରିଥିଲେ ୨୫୭ ରନ୍। ଏହା ମଧ୍ୟରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ଥିଲା।

**୨୦୧୮ (ୱେଷ୍ଟଇଣ୍ଡିଜ୍):** କ୍ରମାଗତ ତୃତୀୟ ସଂସ୍କରଣରେ ଇଂଲଣ୍ଡକୁ ହରାଇ ଅଷ୍ଟ୍ରେଲିଆ ଦଳ ହ୍ୟାଟ୍ରିକ୍ ଅର୍ଜନ କରିଥିଲା। ଲାନିଙ୍ଗଙ୍କ ନେତୃତ୍ୱରେ ଏହା ଦଳର ଦ୍ୱିତୀୟ ଟାଇଟଲ୍ ଥିଲା। ଆଲିସା ହିଲି ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

**୨୦୨୦ (ଅଷ୍ଟ୍ରେଲିଆ):** ୨୦୨୦ ସଂସ୍କରଣର ଟୁର୍ନାମେଣ୍ଟ ପାଇଁ ଘରୋଇ ଦଳ ଅଷ୍ଟ୍ରେଲିଆ ଫେବରିଟ୍ ଥିଲା। ମେଗ୍ ଲାନିଙ୍ଗଙ୍କ ଦଳ ଫାଇନାରେ ଭାରତକୁ ୮୫ ରନରେ ପରାସ୍ତ କରିଥିଲା। ଲାନିଙ୍ଗଙ୍କୁ ଟିମ୍ ଅଫ୍ ଦ ଟୁର୍ନାମେଣ୍ଟର ଅଧିନାୟିକା ମନୋନୀତ କରାଯାଇଥିଲା।

**୨୦୨୩ (ଦକ୍ଷିଣ ଆଫ୍ରିକା):** ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା ଅଷ୍ଟ୍ରେଲିଆ। ଅଧିନାୟିକା ଭାବରେ ଏହା ଲାନିଙ୍ଗଙ୍କର କ୍ରମାଗତ ୪ର୍ଥ ବିଶ୍ୱକପ୍ ଟାଇଟଲ ଥିଲା। ଟିମ୍ ଅଫ୍ ଦ ଟୁର୍ନାମେଣ୍ଟରେ ସ୍ଥାନ ପାଇଥିବା ଲାନିଙ୍ଗ ୬ ମ୍ୟାଚରୁ ସେ ୪୯ ଆଭରେଜ ଓ ୧୧୩ ଷ୍ଟ୍ରାଇକରେଟ୍‌ରେ ୧୪୯ ରନ୍ ସ୍କୋର କରିଥିଲେ।

**–ସରୋଜ କୁମାର ଜେନା**

### ସଂକ୍ଷେପରେ ଲାନିଙ୍ଗ୍

ଜନ୍ମ: ୨୫ ମାର୍ଚ୍ଚ ୧୯୯୨, ସିଙ୍ଗାପୁର
ଟେଷ୍ଟ– ୬ (୩୯୪ ରନ୍)
ଦିନିକିଆ–୧୦୦ (୪୪୬୩ ରନ୍, ୧ ଉଇକେଟ)
ଟି୨୦–୧୧୫(୩୦୦୭ ରନ୍, ୪ ଉଇକେଟ)
୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା– ସ୍ୱର୍ଣ୍ଣ ପଦକ
ଦିନିକିଆ ବିଶ୍ୱକପ୍– ୨୦୧୩, ୨୦୨୨
ଟି୨୦ ବିଶ୍ୱକପ୍– ୨୦୧୨, ୨୦୧୪, ୨୦୧୮, ୨୦୨୦, ୨୦୨୩।

# ବ୍ୟସ୍ତବହୁଳ କାର୍ଯ୍ୟସୂଚୀ


ନିର୍ମଳ କୁମାର ମିଶ୍ର

**ଆଗକୁ ଟିମ୍ ଇଣ୍ଡିଆ ପାଇଁ ଅନେକ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଛି। ଅକ୍ଟୋବର ଏବଂ ନଭେମ୍ବରରେ ଏକଦିବସୀୟ ଆଇସିସି ବିଶ୍ୱକପ୍ ଭାରତରେ ଖେଳାଯିବ। ଚଳିତ ବର୍ଡର–ଗାଭାସ୍କର ସିରିଜ୍ ପରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୩ଟି ଏକଦିବସୀୟ ମ୍ୟାଚ ଖେଳାଯିବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କଲେ ଜୁନ୍‌ରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଅବତୀର୍ଣ୍ଣ ହେବ। ଜୁଲାଇ ଏବଂ ଅଗଷ୍ଟରେ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ୩ଟି ଦିନିକିଆ ଖେଳିବ ଏବଂ ସେପ୍ଟେମ୍ବରରେ ଏସିଆ କପ୍‌ରେ ଅବତୀର୍ଣ୍ଣ ହେବ।**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ତାରିଖ ଇତିମଧ୍ୟରେ ଘୋଷଣା ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ମାନଜନକ ଚାମ୍ପିୟନଶିପ୍ ଫାଇନାଲର ଦ୍ୱିତୀୟ ସଂସ୍କରଣ ଲଣ୍ଡନସ୍ଥିତ ଦି ଓଭାଲରେ ଖେଳାଯିବ। ଆସନ୍ତା ଜୁନ୍ ୭ ରୁ ୧୧ ପର୍ଯ୍ୟନ୍ତ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ। ଜୁନ୍ ୧୨କୁ ରିଜର୍ଭ ଡେ' ରଖାଯାଇଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଉଦ୍‌ଘାଟନୀ ସଂସ୍କରଣରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା ନ୍ୟୁଜିଲାଣ୍ଡ। ସାଉଥାମ୍ପଟନରେ ଖେଳା ଯାଇଥିବା ଫାଇନାଲରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆକୁ ୮ ଉଇକେଟରେ ପରାସ୍ତ କରିଥିଲା କିୱି ଟିମ୍। ଦ୍ୱିତୀୟ ସଂସ୍କରଣରେ ଅଷ୍ଟ୍ରେଲିଆ ଦଳ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ବର୍ତ୍ତମାନ ଅଷ୍ଟ୍ରେଲିଆ ଦଳ ଭାରତ ସହ ବର୍ଡର–ଗାଭାସ୍କର ଟ୍ରଫିର ୪ ଟିକିଆ ଟେଷ୍ଟ ସିରିଜ୍ ଖେଳୁଛି। ତୃତୀୟ ଟେଷ୍ଟରେ ଯଦିଓ ଭାରତ ହାରିଯାଇଛି, ତେବେ ସାମ୍ପ୍ରତିକ ସ୍ଥିତି ଅନୁସାରେ ଅଷ୍ଟ୍ରେଲିଆ ବିପକ୍ଷରେ ଫାଇନାଲ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶ୍ୱଟେଷ୍ଟ ଚାମ୍ପିୟନଶିପ ଟେବୁଲରେ ଅଷ୍ଟ୍ରେଲିଆ, ଭାରତ ପଛକୁ ଶ୍ରୀଲଙ୍କା ଏବଂ ଦକ୍ଷିଣ ଆଫ୍ରିକା ଦଳ ରହିଛି। ଚଳିତ ବର୍ଡର–ଗାଭାସ୍କର ସିରିଜ୍‌ର ପ୍ରଥମ ୨ଟି ଟେଷ୍ଟ ଜିତିଥିବାରୁ ଭାରତ ସମ୍ପ୍ରତି ଅଷ୍ଟ୍ରେଲିଆ ବିପକ୍ଷରେ ୨–୧ ସିରିଜ୍‌ରେ ଆଗୁଆ ରହିଛି। ଫାଇନାଲ ଖେଳିବା ପାଇଁ ପରବର୍ତ୍ତୀ ଟେଷ୍ଟରେ ବିଜୟ ଆବଶ୍ୟକ କରୁଛି।

ପ୍ରଥମ ଟେଷ୍ଟରେ ଟିମ୍ ଇଣ୍ଡିଆ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଏକ ଇନିଂସ ଓ ୧୩୨ରନ୍‌ରେ ଏବଂ ଦ୍ୱିତୀୟ ଟେଷ୍ଟରେ ୬ ଉଇକେଟରେ ପରାସ୍ତ କରିଥିଲା। ତୃତୀୟ ଟେଷ୍ଟରେ କିନ୍ତୁ ଦଳ ୯ ଉଇକେଟରେ ହାରି ଯାଇଥିଲା। ପ୍ରଥମ ଦୁଇ ଟେଷ୍ଟରେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଫର୍ମରେ ଥିବାର ସୂଚନା ଦେଇଥିଲେ। ବିଶ୍ୱର ଶ୍ରେଷ୍ଠ ସ୍ପିନର ଯୋଡ଼ି ରବିଚନ୍ଦ୍ରନ ଅଶ୍ୱିନ ଏବଂ ରବୀନ୍ଦ୍ର ଜାଡେଜା ଏପର୍ଯ୍ୟନ୍ତ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ବିରାଟ କୋହଲି କ୍ରିକେଟର ୩ଟି ଫର୍ମାଟ୍‌ରେ ୨୫ ହଜାର ରନ୍ ପୂରଣ କରିବା ସହିତ ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ବିଶ୍ୱର ୬ଷ୍ଠ ତଥା ଭାରତର ଦ୍ୱିତୀୟ ଖେଳାଳି ରୂପେ ଏହି ସଫଳତା ପାଇବା ତାଙ୍କର ପ୍ରଶଂସକମାନଙ୍କୁ ଉତ୍ସାହିତ କରିଛି। ୩ଟି ଟେଷ୍ଟରେ ଅଶ୍ୱିନୀ ଏବଂ ଜାଡେଜାଙ୍କ ଯୋଡ଼ି ୩୯ଟି ଉଇକେଟ ନେଇ ଅଷ୍ଟ୍ରେଲିଆ ପରି ଶକ୍ତିଶାଳୀ ଟେଷ୍ଟ ଦଳକୁ ଅସୁବିଧାରେ ପକାଇଛନ୍ତି। ଅଶ୍ୱିନୀ ମଧ୍ୟ ଆଉ ଏକ କୀର୍ତ୍ତିମାନ ହାସଲ କରିଛନ୍ତି, ସେ ଅଷ୍ଟ୍ରେଲିଆ ବିପକ୍ଷରେ ୧୦୦ତମ ଉଇକେଟ ନେବା ସହ ଭ୍ରମଣକାରୀ ଦଳର ମିଡିଲ ଅର୍ଡରକୁ ଧୂଳିସାତ୍ କରିବାରେ ଡାଡେଜାଙ୍କୁ ବେଶ୍ ସହାୟତା କରିଛନ୍ତି। ଉପଅଧିନାୟକ ଲୋକେଶ ରାହୁଲ, ସୁଯୋଗ ପାଇଥିବା ସୂର୍ଯ୍ୟକୁମାର ଯାଦବ ଓ ଶ୍ରେୟସ ଆୟର ନିଜର ଆଶାନୁରୂପ ଖେଳିବାରେ ବିଫଳ ହୋଇଛନ୍ତି। ଚେତେଶ୍ୱର ପୂଜାରା ଯଦିଓ କିଛି ମାତ୍ରାରେ ସଫଳତା ପାଇଛନ୍ତି, ତେବେ ଦକ୍ଷତାଠାରୁ ତାହା ବହୁ ଦୂରରେ। ଭେଟେରାନ ପେସ୍ ବୋଲର ମହମ୍ମଦ ଶାମି ଏବଂ ମହମ୍ମଦ ସିରାଜ ଟର୍ନିଂ ଉଇକେଟରେ ପ୍ରାରମ୍ଭରୁ ଚମତ୍କାର ବୋଲିଂ କରିଛନ୍ତି।



ନାଗପୁର ଏବଂ ଦିଲ୍ଲୀ ପରେ ଇନ୍ଦୋର ପିଚ୍‌କୁ ନେଇ ଅନେକ ସମାଲୋଚନା ହୋଇଛି। ୩ଟିଯାକ ଟେଷ୍ଟ ଅଢ଼େଇ ଦିନରୁ କମ୍ ସମୟ ମଧ୍ୟରେ ଶେଷ ହୋଇଛି। ପ୍ରଥମ ୨ ଟେଷ୍ଟରେ ଭାରତ ଏବଂ ତୃତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ବୋଲର ପ୍ରଭାବୀ ରହିଥିଲେ। ସ୍ପିନିଂ ଟ୍ରାକ୍‌ରେ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ୧ନଂ. ବ୍ୟାଟର ମାର୍ନସ ଲାବୁସେନ ଏବଂ ଭାରତ ବିପକ୍ଷରେ ସର୍ବଦା ସଫଳ ହୋଇ ଆସୁଥିବା ଷ୍ଟିଭ ସ୍ମିଥ ଏଥର ସେମିତି କିଛି କରିସ୍ମା ଦେଖାଇ ପାରି ନାହାନ୍ତି। ଇନ୍ଦୋରରେ ଅନୁଷ୍ଠିତ ୩ୟ ଟେଷ୍ଟ ଅଷ୍ଟ୍ରେଲିଆ ସପକ୍ଷରେ ଯାଇଛି। ଫଳରେ ୨୦୦୪ ପରେ ଅଷ୍ଟ୍ରେଲିଆ ଦଳ ଭାରତରେ ଘରୋଇ ଟିମ୍‌କୁ ପରାସ୍ତ କରିବାରେ ସକ୍ଷମ ହୋଇଛି। ବର୍ଡର ଗାଭାସ୍କର ଟ୍ରଫିର ୨୭ ବର୍ଷ ଇତିହାସରେ ଏହା ପୂର୍ବରୁ ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ମୋଟ ୧୫ଟି ସିରିଜ୍ ମଧ୍ୟରୁ ଭାରତ ୯ଟି ଏବଂ ଅଷ୍ଟ୍ରେଲିଆ ଦଳ ମୋଟ ୫ଟି ସିରିଜ୍‌ରେ ବିଜୟୀ ହୋଇଛି ଏବଂ ଗୋଟିଏ ସିରିଜ୍ ଡ୍ର ରହିଛି। ୨୦୧୭ରୁ ଏପର୍ଯ୍ୟନ୍ତ ୪ଟି ସିରିଜ୍ ବିଜୟ ସହ ଭାରତ କ୍ରମାଗତ ଭାବେ ୪ର୍ଥ ଥର ପାଇଁ ଟ୍ରଫି ନିଜ ପାଖରେ ରଖିପାରିଛି। ଶେଷ ୩ଟି ସିରିଜ୍ ମଧ୍ୟରୁ ୨ଟି ସିରିଜ୍ ଅଷ୍ଟ୍ରେଲିଆରେ ଏବଂ ଗୋଟିଏ ଘରୋଇ ମାଟିରେ ଜିତିଛି। ଅଷ୍ଟ୍ରେଲିଆ ପାଇଁ ଆଶେସ ସିରିଜ୍ ବର୍ତ୍ତମାନ ଯେତେ ଗୁରୁତ୍ୱ ବହନ କରୁନାହିଁ, ବର୍ଡର ଗାଭାସ୍କର ଟ୍ରଫି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

ଆଗକୁ ଟିମ୍ ଇଣ୍ଡିଆ ପାଇଁ ଅନେକ ବ୍ୟସ୍ତବହୁଳ ସିରିଜ୍ ଖେଳିବାକୁ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅକ୍ଟୋବର ଏବଂ ନଭେମ୍ବରରେ ଏକଦିବସୀୟ ଆଇସିସି ବିଶ୍ୱକପ୍ ଭାରତରେ ଖେଳାଯିବାକୁ ରହିଛି। ଅଷ୍ଟ୍ରେଲିଆ ସହିତ ଟେଷ୍ଟ ସିରିଜ୍ ପରେ ଟିମ ଇଣ୍ଡିଆ ୩ଟି ଏକଦିବସୀୟ ମ୍ୟାଚ ଖେଳିବ। ଯଦି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରେ, ତେବେ ଜୁନରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଅବତୀର୍ଣ୍ଣ ହେବ। ଜୁଲାଇ ଏବଂ ଅଗଷ୍ଟ ମାସରେ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ୩ଟି ଦିନିକିଆ ମ୍ୟାଚ ଖେଳିବା ସହ ସେପ୍ଟେମ୍ବର ମାସରେ ଏସିଆ କପରେ ଅତିକମରେ ୫ଟି ଏକଦିବସୀୟ ମ୍ୟାଚ ଖେଳିବ। ଏସିଆ କପ୍ ଆୟୋଜନକୁ ନେଇ ବିବାଦ ଥମିବାର ନାଁ ଧରୁ ନ ଥିବା ବେଳେ ଏସିସି (ଏସିଆନ୍ କ୍ରିକେଟ କାଉନ୍‌ସିଲ) ଏବେ ମଧ୍ୟ ଏହାକୁ ପାକିସ୍ତାନରେ ନା ୟୁଏଇରେ ଆୟୋଜନ କରିବ ତାହା ଜଣାପଡ଼ିନାହିଁ। ପୁନର୍ବାର ସେପ୍ଟେମ୍ବର ମାସରେ ଅଷ୍ଟ୍ରେଲିଆ ଟିମ୍ ୩ଟି ଏକଦିବସୀୟ ମ୍ୟାଚ ଖେଳିବା ପାଇଁ ଭାରତ ଗସ୍ତରେ ଆସିବ। ପରିଶେଷରେ ଅକ୍ଟୋବର ଏବଂ ନଭେମ୍ବରରେ ଆଇସିସି ଏକଦିବସୀୟ ଚାମ୍ପିୟନ ଟ୍ରଫି ଖେଳିବ ଟିମ୍ ଇଣ୍ଡିଆ। ଏହି ବ୍ୟସ୍ତବହୁଳ ସିରିଜ୍ ମଧ୍ୟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟି୨୦ ପ୍ରିମିୟର ଲିଗ୍ ଆଇପିଏଲ୍ ମାର୍ଚ୍ଚ ୩୧ରୁ ଆରମ୍ଭ ହୋଇ ମେ ୨୮ରେ ଶେଷ ହେବ। ଏହି ଲିଗ୍‌ରେ ଭାରତୀୟ ଜାତୀୟ ଦଳର ସମସ୍ତ ଖେଳାଳି ବିଭିନ୍ନ ଦଳ ପକ୍ଷରୁ ଖେଳିବେ। ମୋଟ ୧୨ଟି ଭେନ୍ୟୁରେ ୭୪ଟି ମ୍ୟାଚ ଖେଳାଯିବ। ଏଥର ସମସ୍ତ ମ୍ୟାଚ ଭାରତ ମାଟିରେ ଖେଳାଯିବ। ୨୦୨୨ରେ ୧୫ତମ ସଂସ୍କରଣ ମଧ୍ୟ ସଂପୂର୍ଣ୍ଣ ରୂପେ ଭାରତରେ ଖେଳାଯାଇଥିଲା। କ୍ରମାଗତ ମ୍ୟାଚ ଖେଳିବାର ଥିବାରୁ ଖେଳାଳିମାନଙ୍କ ଫିଟ୍‌ନେସ୍, ଆଘାତଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ ଟୁର୍ନାମେଣ୍ଟ ପାଇଁ ଖେଳାଳିମାନଙ୍କୁ ରୋଟେଶନ୍ ମାଧ୍ୟମରେ ସୁଯୋଗ ଦେବା ବିସିସିଆଇ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ।

## କୀର୍ତ୍ତି

ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ
୨ୟ ଭାରତୀୟ ହୋଇ
ଲିଜେଣ୍ଡ ଖେଳାଳି କପିଳ ଦେବଙ୍କ
ରେକର୍ଡକୁ ଦେଲା ଖାଇ
ନାଚୁଅଛି ଥେଇ ଥେଇ
ଛଅ ଶହ ଅଣାନବେ ଉଇକେଟ
ସବୁ ଫର୍ମାଟରେ ନେଇ।

କଙ୍ଗାରୁ ପୁରୁଖା ସ୍ପିନର ନାଥନ
ଲାୟନ ବାଘକୁ ଝୁଣି
ଆଠ ଉଇକେଟ ପ୍ରଥମ ପାଳିରେ
ଟିମ୍ ପାରିଲାନି ଜାଣି
ମୁରଲୀ, କୁମ୍ବଲେଙ୍କୁ ଟାଣି
ବର୍ଡର–ଗାଭାସ୍କର ଟ୍ରଫିରେ ଏ କୀର୍ତ୍ତି
ଲାୟନ ରଚିଅଛି ପୁଣି।

ଇରାନୀ କପ୍‌ର ପ୍ରଥମ ଦ୍ୱିତୀୟ
ପାଳିରେ ଚମକ ଖେଳି
ଦ୍ୱିଶତକ ପରେ ଶତକ ମାରି ସେ
ଧାଓ୍ୱନଙ୍କୁ ଦେଇ ଟାଳି
ଜୟସ୍ୱାଲ ଗଲା ଜଳି
ଦେଶ କୀର୍ତ୍ତି ପାଇଁ ଏନ୍‌କରେଜ କର
ଆଟ୍‌ଲିଷ୍ଟ ମାର ତାଳି।

**–ସୁବାସ ଚନ୍ଦ୍ର ପ୍ରଧାନ**


ଯଶସ୍ୱୀ ଜୟସ୍ୱାଲ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ମିହୁଲ୍
ପରିବାରବର୍ଗ


ତନ୍ମୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଖ୍ୱାଜାଙ୍କ ଶତକରେ ଅଷ୍ଟ୍ରେଲିଆ ସୁଦୃଢ଼

**ଅହମଦାବାଦ,୯।୩(ପି.ଟି.)**

ବର୍ଡର-ଗାଭାସ୍କର ଟ୍ରଫିର ଅନ୍ତିମ ଟେଷ୍ଟ ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହୋଇଛି। ଓପନର ଉସ୍‌ମାନ ଖ୍ୱାଜାଙ୍କ ଅପରାଜିତ ଶତକ ବଳରେ ଅଷ୍ଟ୍ରେଲିଆ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୪ ଉଇକେଟରେ ୨୫୫ ରନ୍ ସଂଗ୍ରହ କରିଛି। ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନେଜ୍ ଏହି ମ୍ୟାଚ୍ ଦେଖିବା ପାଇଁ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ଉଭୟ ପ୍ରଧାନମନ୍ତ୍ରୀ ଖେଳାଳିଙ୍କ ସହିତ ପରିଚୟ ପରେ ଏକ ବ୍ୟାଟେରିଚାଳିତ ଗାଡିରେ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପକ୍ଷରୁ ଉସ୍‌ମାନ ଖ୍ୱାଜା ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୧୦୪ ରନରେ ଅପରାଜିତ ରହିଛନ୍ତି। ପ୍ରଥମ ୩ ମ୍ୟାଚରେ ଆଧିପତ୍ୟ ବିସ୍ତାର କରିଥିବା ଭାରତୀୟ ସ୍ପିନର ମୋଟେରା ଟ୍ରାକ୍‌ରେ ପ୍ରଭାବହୀନ ମନେହୋଇଥିବା ବେଳେ ବ୍ୟାଟ ଓ ବଲ୍ ମଧ୍ୟରେ କଡା ସଂଘର୍ଷ


ଶତକ ହାସଲ ପରେ ଉସ୍‌ମାନ ଖ୍ୱାଜା।

ଦେଖିବାକୁ ମିଳିଥିଲା। ୬ ଘଣ୍ଟା ଧରି ଖ୍ୱାଜା ବ୍ୟାଟିଂ କରିଥିବା ବେଳେ ୨୫୧ ବଲ୍ ଖେଳି ୧୫ ଚୌକା ମାରିଥିଲେ। ଏହି ଇନିଂସରେ ଖ୍ୱାଜା ଦୃଢ଼ ଡିଫେନ୍ସ ଦେଖାଇଥିଲେ। ଓପନିଂ ଯୋଡିରେ ଟ୍ରାଭିସ୍ ହେଡ୍(୩୨)ଙ୍କ ସହିତ ସେ ୬୧ ରନ୍ ଯୋଡିଥିଲେ। ଅଶ୍ୱିନ ଏହି ଭାଗୀଦାରି ସମାପ୍ତ କରିଥିବା ବେଳେ ମାର୍ନସ ଲାବୁଶେନ୍(୩)ଙ୍କୁ ଆଉଟ୍ କରିଥିଲେ ମହମ୍ମଦ ଶାମି। ୧୧ ରନ୍ ମଧ୍ୟରେ ଦୁଇଟି ଉଇକେଟ ପଡିଥିବା ବେଳେ ଷ୍ଟାଣ୍ଡଇନ୍ କ୍ୟାପ୍ଟେନ୍ ଷ୍ଟିଭ୍ ସ୍ମିଥ୍(୩୮) କ୍ରିଜରେ ଯୋଗ ଦେଇଥିଲେ। ଖ୍ୱାଜାଙ୍କ ସହିତ ସେ ୭୯ ରନ୍ ଯୋଡି ଅଷ୍ଟ୍ରେଲିଆକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଦଳୀୟ ସ୍କୋର ୧୫୧ରେ ସ୍ମିଥ୍‌ଙ୍କୁ ଆଉଟ କରି ଜାଡେଜା ଏହି ଭାଗୀଦାରି ସମାପ୍ତ କରିଥିଲେ। ପିଟର ହ୍ୟାଣ୍ଡସ୍କମ୍ବ (୧୭)ଙ୍କୁ ଆଉଟ କରି ଶାମି ଭାରତକୁ ଚତୁର୍ଥ ସଫଳତା ପ୍ରଦାନ କରିଥିଲେ। ତେବେ ଅବିଭାଜିତ ୫ମ

**ବର୍ଡର-ଗାଭାସ୍କର ଟ୍ରଫି**

ଉଇକେଟରେ ୮୫ ରନ୍ ଯୋଗ କରିଛନ୍ତି କାମେରୁନ୍ ଗ୍ରୀନ୍ ଓ ଉସ୍‌ମାନ ଖ୍ୱାଜା। ଉଭୟ ୧୯.୨ ଓଭର ଧରି ଭାରତୀୟ ବୋଲରଙ୍କ ମୁକାବିଲା କରିଥିଲେ। ପ୍ରଥମ ୩ ଟେଷ୍ଟ ପର ମୋଟେରାର ଟ୍ରାକ୍ ବୋଲିଂ ସହାୟକ ରହି ନ ଥିଲା। ମୋଟେରା ଟ୍ରାକରେ ରନ୍ ସଂଗ୍ରହ ଏତେଟା ସହଜ ନ ଥିବା ବେଳେ ବୋଲିଂ ମଧ୍ୟ ବେଶ୍ କଷ୍ଟସାଧ୍ୟ ରହିଥିଲା। ମହମ୍ମଦ ଶାମିଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବୋଲର ପ୍ରଭାବ ପକାଇବାରେ ଅସମର୍ଥ ରହିଥିଲେ। ପିଚ୍‌ରୁ ଶାମି ଚମତ୍କାର ରିଭର୍ସ ସୁଇଙ୍ଗ ହାସଲ କରିବା ସହିତ ହ୍ୟାଣ୍ଡସ୍କମ୍ବଙ୍କ ଉଇକେଟ ଅକ୍ତିଆର କରିଥିଲେ। ସଫଳ ବୋଲର ଭାବରେ ସେ ଦୁଇଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର. ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସେହିପରି ଗୁରୁବାର ଭାରତୀୟ ଫିଲ୍ଡର ଏକାଧିକ କ୍ୟାଚ ହାତଛଡା କରିଥିଲେ। ୭ ରନ୍ କରିଥିବା ବେଳେ ଉମେଶ ଯାଦବଙ୍କ ବଲରେ ଟ୍ରାଭିସ୍ ହେଡ୍‌ଙ୍କ ଏକ କ୍ୟାଚ୍ ହାତଛଡା କରିଥିଲେ ଉଇକେଟକିପର କେ. ଏସ୍. ଭରତ। ସେହିପରି ଖ୍ୱାଜାଙ୍କର ଏକ କଷ୍ଟସାଧ୍ୟ କ୍ୟାଚ୍ ହାତଛଡା କରିଥିଲେ ରବୀନ୍ଦ୍ର ଜାଡେଜା। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଖ୍ୱାଜା ଓ କାମେରନ୍ ଗ୍ରୀନ୍(୪୯) ବ୍ୟାଟିଂ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୯୦ ଓଭରରେ ୨୫୫/୪ (ଉସ୍‌ମାନ ଖ୍ୱାଜା-୧୦୪*, କାମେରୁନ୍ ଗ୍ରୀନ୍-୪୯*, ଷ୍ଟିଭ୍ ସ୍ମିଥ୍-୩୮, ମହମ୍ମଦ ଶାମି-୨/୬୫, ଆର. ଅଶ୍ୱିନ-୧/୫୭, ରବୀନ୍ଦ୍ର ଜାଡେଜା-୧/୪୯)।

# ମୁମ୍ବାଇର ତୃତୀୟ ବିଜୟ

**ମୁମ୍ବାଇ,୯।୩**

ଗୁରୁବାର ଓମେନ୍ସ ପ୍ରିମିୟର୍ ଲିଗ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସର ସହଜ ବିଜୟ। ସାଇକା ଇସାକ୍, ଇସି ୟଙ୍ଗ ଓ ହିଲି ମାଥ୍ୟୁସ ୩ଟି ଲେଖାଏ ଉଇକେଟ ନେବାରୁ କ୍ୟାପିଟାଲ୍ସ ମାତ୍ର ୧୦୫ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ୨ ଉଇକେଟ ହରାଇ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି ମୁମ୍ବାଇ। ଦିଲ୍ଲୀ ୩୧ ରନ୍‌ରେ ୩ ଉଇକେଟ ହରାଇଥିଲା। ଅଧିନାୟିକା ମେଗ୍ ଲାନିଙ୍ଗ(୪୩) ଓ

**ଓମେନ୍ସ ପ୍ରିମିୟର୍ ଲିଗ୍**

**ଆଜିର ମ୍ୟାଚ୍**

**ଆର୍‌ସିବି ବନାମ ୟୁପି ୱାରିୟର୍ଜ**
**ବ୍ରାବୋର୍ନ ଷ୍ଟାଡିୟମ, ମୁମ୍ବାଇ**
**ସମୟ- ରାତି ୭.୩୦**

ଜେମିମା ରୋଡ୍ରିଗୁଏଜ୍(୨୫) ଚତୁର୍ଥ ଉଇକେଟରେ ୩୪ ବଲ୍‌ରୁ ୫୦ ରନ୍ ଯୋଡିଥିଲେ। ଲାନିଙ୍ଗ ୪୧ ବଲ୍ ଖେଳି ୫ ଚୌକା ମାରିଥିବା ବେଳେ ଜେମିମା ୧୮ ବଲ୍ ଖେଳି ୩ ଚୌକା ମାରିଥିଲେ। ୮୧ ରନରେ ୩ ଉଇକେଟ ହରାଇଥିବା କ୍ୟାପିଟାଲ୍ସ ୨୪ ରନରେ ୭ ଉଇକେଟ ହରାଇବା ସହିତ ୧୮ ଓଭରରେ ୧୦୫ ରନ୍‌ରେ ଅଲଆଉଟ ହୋଇଥିଲା। ଇସି ୟଙ୍ଗ ୧୦ ରନ୍‌ରେ ୩ ଉଇକେଟ ନେଇଥିବା ବେଳେ ସାଇକା ୧୩ ଓ ହିଲି ମାଥ୍ୟୁସ୍ ୧୯ ରନ୍‌ରେ ୩ ଉଇକେଟ ନେଇଥିଲେ। ୧୦୬ ରନ୍ ଜବାବରେ ୟାସ୍ତିକା ଭାଟିଆ ୪୧ ଓ ହିଲି ମାଥ୍ୟୁସ ୩୨ ପ୍ରଥମ ଉଇକେଟରେ ୬୫ ରନ୍ ଯୋଡିଥିଲେ। ଟାରା ନୋରିସ୍ ଓ ଆଲିସ୍ କାପ୍‌ସି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୧୮ ଓଭରରେ ୧୦୫/୧୦ (ମେଗ୍ ଲାନିଙ୍ଗ-୪୩, ଜେମିମା ରୋଡ୍ରିଗୁଏଜ୍-୨୫, ରାଧା ଯାଦବ-୧୦, ଇସି ୟଙ୍ଗ-୩/୧୦, ସାଇକା ଇସାକ୍-୩/୧୩, ହିଲି ମାଥ୍ୟୁସ୍-୩/୧୯)। ମୁମ୍ବାଇ ଇଣ୍ଡିଆନ୍ସ ୧୫ ଓଭରରେ ୧୦୯/୨ (ୟାସ୍ତିକା ଭାଟିଆ-୪୧,ହିଲି ମାଥ୍ୟୁସ୍-୩୨, ନାଟାଲି ସ୍କିଭର ବ୍ରଣ୍ଟ-୨୩*, ଟାରା ନୋରିସ୍-୧/୪, ଆଲିସ୍ କାପ୍‌ସି-୧/୧୪।

**୧୧ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



**ପ୍ରଶାନ୍ତ ଓ ମଞ୍ଜୁ**
ଲୋଧାଚୂଆ, ରଣପୁର, ନୟାଗଡ଼
ଆଜି ଏହି ୧୧ତମ ବିବାହ ବାର୍ଷିକୀ ଶୁଭ ଅବସରରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୁମ ଜୀବନ ସଦାସର୍ବଦା ସୁଖମୟ ଓ ଚଲାପଥ କୁସୁମିତ ହେଉ। **ଶୁଭେଚ୍ଛା ସହ:** ବାପା, ବୋଉ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୭୪୬୫୫

CLASSIFIED DISPLAY ALL EDITION-BW (Everyday)
MORE SPACE • SAME PRICE
TARIFF
For Booking Contact 0674-2580385

SS 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶ୍ରେଷ୍ଠ ପ୍ରଦର୍ଶନ ଭାରତର ଲକ୍ଷ୍ୟ

**ରାଉରକେଲା ଅଫିସ,୯।୩**

**ପ୍ରୋ ଲିଗ୍ ହକି**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଶୁକ୍ରବାରଠାରୁ ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍ ହକି ମ୍ୟାଚ ଆରମ୍ଭ ହେବ। ଏଥିରେ ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରିବ ବୋଲି ଅଧିନାୟକ ହରମନପ୍ରୀତ ସିଂ ଓ ଉପ-ଅଧିନାୟକ ହାର୍ଦ୍ଦିକ ସିଂ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ସମ୍ମିଳନୀ ଗୃହରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉଭୟ ଖେଳାଳି ସୂଚନା ଦେଇଥିଲେ, ନୂଆ କୋଚ୍ କ୍ରେଗ୍ ଫଲଟନଙ୍କ ତତ୍ତ୍ୱାବଧାନରେ ଭାରତ ଦଳରେ ଦୁଇ ଯୁବ ଖେଳାଳିଙ୍କୁ ପ୍ରୋ ଲିଗ୍ ଖେଳିବାର ସୁଯୋଗ ମିଳିଛି। ଭାରତୀୟ ହକି ଦଳ ନୂତନ ରଣନୀତି ସହ ପଡିଆକୁ ଓହ୍ଲାଇବ। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବା ନେଇ ଆକ୍ରମଣାତ୍ମକ କୌଶଳ ଅବଲମ୍ବନ କରାଯିବ। କିଛିଦିନ ହେଲା ଦଳ ବେଙ୍ଗାଲୁରୁରେ ପ୍ରୋ ଲିଗ୍ ନିମନ୍ତେ ଆବଶ୍ୟକ ରଣନୀତି ମୁତାବକ ଅଭ୍ୟାସ କରିଛି। ଦଳର କେବଳ ଜଣେ ଖେଳାଳି ମାଧ୍ୟମରେ ବିଜୟ ହୋଇ ନ ଥାଏ, ସମୁଦାୟ ଦଳର ପ୍ରଦର୍ଶନ ଉପରେ ଜୟ କିମ୍ବା ପରାଜୟ ମିଳିଥାଏ। ବିଶ୍ୱବିଜୟୀ ଜର୍ମାନୀ ଓ ଅଷ୍ଟ୍ରେଲିଆ ଦଳ ସହିତ ୪ଟି ମ୍ୟାଚ୍ ଖେଳିବାକୁ ରହିଥିବା ବେଳେ ଭାରତୀୟ ଦଳ ନୂଆ ଷ୍ଟ୍ରାଟେଜି ଏବଂ ଆକ୍ରମଣାତ୍ମକ କୌଶଳ ପ୍ରଦର୍ଶନ କରି ଖେଳିବ। ରାଉରକେଲାର ହକି ଫିଭର ଆମ ଲକ୍ଷ୍ୟ ପୂରଣ କରିବ ବୋଲି ବୋଲି ହରମନପ୍ରୀତ ଓ ହାର୍ଦ୍ଦିକ କହିଥିଲେ।

## ବିଜୟ ଆଶାରେ ଜର୍ମାନୀ, ଅଷ୍ଟ୍ରେଲିଆ

ଜର୍ମାନୀ ଓ ଅଷ୍ଟ୍ରେଲିଆ ପୁରୁଷ ହକି ଦଳ ପ୍ରୋ ଲିଗ୍ ହାତେଇବା ପାଇଁ ଆଶାବାଦୀ ଅଛନ୍ତି। ଅଷ୍ଟ୍ରେଲିଆ ଦଳର କୋଚ୍ ଓ ଅଧିନାୟକ ଆରନ୍ ଜେଲସ୍କି ଗୁରୁବାର ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ହକି ବିଶ୍ୱକପ୍‌ରେ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଅତୀତକୁ ଭୁଲି ଦଳ ପ୍ରୋ ଲିଗ୍ ମ୍ୟାଚ୍‌ରେ ଅଭିଳାଷକୁ ପୂର୍ଣ୍ଣ କରିବ। ସେହିପରି ଜର୍ମାନୀ ଦଳର କୋଚ୍ ମାଟ୍ସ ଗାମ୍ରୁଷ୍ଟ ଓ ଅଧିନାୟକ ଆଣ୍ଡ୍ରେ ହେନିଙ୍ଗ କହିଛନ୍ତି, ଜର୍ମାନୀ ବିଜୟଧାରା ବଳବତ୍ତର ରଖିବ। ଆମେ ଭାରତ ଦଳକୁ ଅଧିକ ଗୁରୁତ୍ୱ ଦେଉ। ଭାରତୀୟ ଦଳ ସମର୍ଥକଙ୍କ ଉପସ୍ଥିତିରେ ପ୍ରଭାବୀ ପ୍ରଦର୍ଶନ କରିପାରେ।

# ଜାତୀୟ ଆନ୍ତଃ ବିଭାଗୀୟ ହକିରେ ଓଡ଼ିଆଙ୍କ କୃତିତ୍ୱ


ଜାତୀୟ ଆନ୍ତଃ ବିଭାଗୀୟ ହକି ଟୁର୍ନାମେଣ୍ଟରେ ପଦକ ବିଜୟୀ ଓଡ଼ିଆ ଖେଳାଳି।

**ଭୁବନେଶ୍ୱର, ୯।୩ (କ୍ରୀଡ଼ା ପ୍ରତିନିଧି)**

ହକି ଇଣ୍ଡିଆ ଆନୁକୂଲ୍ୟରେ ବେଙ୍ଗାଲୁରୁଠାରେ ବୁଧବାର ଜାତୀୟ ଆନ୍ତଃ ବିଭାଗୀୟ ହକି ଟୁର୍ନାମେଣ୍ଟ ଶେଷ ହୋଇଛି। ଏହାର ଫାଇନାଲରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ଶୁଟ୍ ଆଉଟ ୩-୧ ଗୋଲରେ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍‌ଏସ୍‌ପିବି)କୁ ହରାଇ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟ ଖେଳ ୨-୨ ଗୋଲରେ ଡ୍ର ରହିବାପରେ ଫଳାଫଳ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ସେହିପରି ତୃତୀୟ ସ୍ଥାନପାଇଁ ଅନୁଷ୍ଠିତ ମ୍ୟାଚରେ ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସଏସସିବି)୭-୨ ଗୋଲରେ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସକୁ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ଅନେକ ଖେଳାଳି ବିଭିନ୍ନ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କ ମଧ୍ୟରୁ ଇଗ୍ନେସ ତିର୍କୀ, ଅମିତ ରୋହିଦାସ, ଦୀପସାନ ତିର୍କୀ, ରୋଶନ ମିଞ୍ଜ, ସୁମନ୍ ବେକ୍, ସଞ୍ଜୀବ ଟପ୍ପୋ ଆଦି ଖେଳାଳିମାନେ ପଦକ ହାସଲ କରିବାରେ ସକ୍ଷମ ହୋଇଛନ୍ତି।

# ଇଂଲଣ୍ଡକୁ ହରାଇଲା ବାଂଲାଦେଶ

**ଚଟ୍ଟୋଗ୍ରାମ୍, ୯।୩ (ପି.ଟି.):** ନାଜମୁଲ ହୋସେନଙ୍କ ୩୦ ବଲ୍‌ର ୫୧ ରନକୁ ପାଥେୟ କରି ବାଂଲାଦେଶ ଏଠାରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଟି୨୦ରେ ବିଶ୍ୱ ଚାମ୍ପିୟନ ଇଂଲଣ୍ଡକୁ ଦୁଇ ଓଭର ବାକି ଥାଇ ୬ ଉଇକେଟରେ ପରାସ୍ତ କରିଛି। ନାଜମୁଲ ଚତୁର୍ଥ ଓଭରରୁ ୧୩ତମ ଓଭର ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ। ଶକିବ ଅଲ ହସନ ଡିପ୍ ବ୍ୟାକ୍‌ୱାର୍ଡ ପଏଣ୍ଟକୁ ବିଜୟ ସୂଚକ ଚୌକା ମାରି ଦଳକୁ ଜିତାଇଥିଲେ। ସେ ୨୪ ବଲ୍‌ରୁ ୩୪ ରନ କରି ଅପରାଜିତ ରହିଥିଲେ। ମ୍ୟାଚରେ ବାଂଲାଦେଶ ପ୍ରଥମେ ଇଂଲଣ୍ଡକୁ ୧୫୬/୬ରେ ସୀମିତ କରିଦେବା ପରେ ୪ ଉଇକେଟ ବିନିମୟରେ ୧୫୮ ରନ କରି ମ୍ୟାଚ ଜିତିନେଇଥିଲା। ଏହି ବିଜୟ ସହ ଘରୋଇ ବାଂଲାଦେଶ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ବାଂଲାଦେଶର ହସମ ମେହେମୁଦ ତାଙ୍କ ୪ ଓଭର ବୋଲିଂରେ ୨୬ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ଟି୨୦ ରବିବାର ଢାକାଠାରେ ଖେଳାଯିବ।

**Classified Everyday**
**0674-2580101, 2549949**


REAL ESTATE

**SALE**

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

Bhubaneswar-Khurda ମଧ୍ୟରେ Pitapali Chhakaରେ stithiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

**New Cancer Hospital** ନାଇକର, କଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। **9437621753.** D-73691

କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପଟ୍ଟା ଥିବା ପ୍ଲଟ୍ ମିଳୁଛି। 9692213354. D-74654

ପୁରୀ ଶ୍ରୀମନ୍ଦିର ପାଖରେ **Furnished One Bedroom new flat with Kitchen & Bathroom ମାତ୍ର 25 ଲକ୍ଷ (negotiable). Only genuine buyer. Contact: 9438220432, 8144658008.** D-2958

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74523

Duplex sale at Bhubaneswar @ 50 lakhs only. Contact: 9777433701. D-74828

**ଭୁବନେଶ୍ୱର-ପୁରୀ Bypass ସାଇ ମନ୍ଦିର NH side, ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। 6372894441.** D-74829

Mega Duplex at project Retang Medical, Station, near CV Raman Tamando, Bhubaneswar. 7008459987. D-74825

**Residential with commercial corner plot sale measuring (35'×40') 1400sqft. In Front of 60' Govt black top road near Panchayat Office, BANKUAL, Bhubaneswar, cost@30,80,000/-. Contact- 9938867397.** D-2947

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପାଖରୁ 7K.M. ଦୂର ରଙ୍ଗବଜାର ପାଖରେ finance ସହିତ ପ୍ଲଟ୍ ମିଳୁଛି। 8093465134, 9668194157. D-74827

Gharabari boundary wall plot sale for Ragabazar (Tankapani road). 7008492511. D-2900

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814

**Residential gharabari plot at Brahmanjharilo Cuttack with boundary wall, Electripole inside Temple on Bank Loan facilities near English Medium High School. 6 k.m. from Phulnakhara, 11 k.m. from Bhubaneswar. 7809525452.** D-74653

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CONSTRUCTION

Construct your Dream Home/Building with compititive rate contact Besco Developers, Satyanagar, Bhubaneswar. 7735330028, 9778855101. D-2706




Newly open health benefits SPA special offer@999 Nayapalli. 7846814019. D-73693

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74652

**Relax, Refresh your Body, Mind at Saikrupa Spa with best therapies. 8984068077.** D-2932




To-let Two Rooms, Kitchen, Bath near Kalpana Square at Goutam Nagar, 2nd Floor, for Office-Cum-Residential, rent-12,000. Please call- 9438033691. D-70300

**AFFIDAVIT**

I, Shri Ashish Mohapatra, aged about 49 years, S/o- Late Shasanka Sekhar Mohapatra, residing at E/2, Judicial Quarter at Boudh, working as Head Clerk, C.J.M. Court, Boudh. I have rectified my minor daughter's name from Priti Sudha Mahapatra to Priti Sudha Mohapatra, her father's name from Asish Mahapatra to Ashish Mohapatra and her mother's name from Sushree Sangita Mahapatra to Sushri Sangita Mohapatra vide affidavit, dated: 06.03.2023 sworn before the Executive Magistrate, Boudh.
Ashish Mohapatra. D-2957

By virtue an affidavit before Executive Magistrate, Dhenkanal I have changed my name from Subarna Dhall to Sima Dhal, W/o- Niranjan Dhal, At/ P.O.- Chandrasekhar Prasad, P.S.- Sadar, Dist.- Dhenkanal for LIC Policy-589760792 and all purposes. D-74051




ଘରେ ବାସ୍ତୁଦୋଷ ଥିବାପରି ମନେ ହେଉଛି କି? ବିଳମ୍ବ ନ କରି ତୁରନ୍ତ ଯୋଗାଯୋଗ ''ବାସ୍ତୁ ସମାଧାନ'' Odisha. 7978736177. D-74305

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ମୁଁ କାହିଁକି ନାରୀ ଓ ପୁରୁଷର ସମାନତା ବିଷୟରେ ଆଶାବାଦୀ

## ତାଙ୍କ କଥା, ମୋ କଥା



ଦ୍ରୌପଦୀ ମୁର୍ମୁ

ମୁଁ ଗତବର୍ଷ ସମ୍ବିଧାନ ଦିବସରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଆୟୋଜିତ ଉତ୍ସବରେ ସମାପନୀ ଭାଷଣ ଦେଉଥିଲି। ନ୍ୟାୟ ପ୍ରସଙ୍ଗରେ କହିଲାବେଳେ ବିଚାରାଧୀନ କଏଦୀଙ୍କ କଥା ମୋର ମନେପଡ଼ିଗଲା ଏବଂ ସେମାନଙ୍କ ଦୁର୍ଦ୍ଦଶା ବିଷୟରେ ନ କହି ମୁଁ ରହିପାରିଲି ନାହିଁ। ମୁଁ ସେଦିନ ଯାହାସବୁ କହିଥିଲି, ସେସବୁ ଥିଲା ମୋ' ହୃଦୟର କଥା। ତେଣୁ ସେ କଥାର ସକାରାତ୍ମକ ପ୍ରଭାବ ପଡ଼ିଛି। ସେଦିନ ପରି, ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ମୁଁ ଆପଣମାନଙ୍କୁ ମୋ' ହୃଦୟର ଆଉ କିଛି କଥା କହିବାକୁ ଇଚ୍ଛାକରୁଛି।

ପିଲାଟି ଦିନରୁ ହିଁ ମୁଁ ସମାଜରେ ନାରୀର ସ୍ଥିତିକୁ ନେଇ ଚିନ୍ତିତ ହୋଇଆସିଛି। ଗୋଟିଏ ପକ୍ଷରେ କନ୍ୟା ସନ୍ତାନକୁ ଚାରିଆଡ଼େ ଖୁବ୍ ଆଦର କରାଯାଏ ଏବଂ ଶୁଭ ଦିନଗୁଡ଼ିକରେ ପୂଜା ମଧ୍ୟ କରାଯାଏ। ଅପରପକ୍ଷେ, ତା' ବୟସର ପୁଅମାନଙ୍କ ତୁଳନାରେ ସମାଜରେ ତା' ପାଇଁ ସୁବିଧାସୁଯୋଗ ଯେ ଊଣା, ତାହା ସେ ଖୁବ୍‌ଶୀଘ୍ର ଜାଣିପାରେ। ପୁଣି ଗୋଟିଏ ପକ୍ଷରେ ନାରୀକୁ ତା'ର ଅନ୍ତର୍ନିହିତ ପ୍ରଜ୍ଞା ପାଇଁ ସମ୍ମାନ ଦିଆଯାଏ ଏବଂ ସମସ୍ତଙ୍କର ଯତ୍ନ ନେଉଥିବାରୁ ତାକୁ ପରିବାରର କେନ୍ଦ୍ର ଭାବରେ ବିବେଚନା କରାଯାଏ। ଅପରପକ୍ଷରେ ପରିବାର କିମ୍ବା ତା' ନିଜ ବିଷୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା କ୍ଷେତ୍ରରେ ତା'ର ଭୂମିକା ସୀମିତ।

ସମୟକ୍ରମେ, ଯେତେବେଳେ ଜଣେ ଛାତ୍ରୀ ଭାବରେ, ତା'ପରେ ଜଣେ ଶିକ୍ଷୟିତ୍ରୀ ଏବଂ ପରେ ପରେ ଜଣେ ସମାଜସେବୀ ଭାବରେ ଘରୁ ଗୋଡ଼ କାଢ଼ିଲି, ସମାଜରେ ଏପରି ବିରୋଧାତ୍ମକ ମନୋଭାବ ଦେଖି ମୁଁ ଆଶ୍ଚର୍ଯ୍ୟ ନ ହୋଇ ରହିପାରିଲି ନାହିଁ। ବେଳେବେଳେ ମୁଁ ଅନୁଭବ କରିଛି ଯେ ବ୍ୟକ୍ତିଗତ ସ୍ତରରେ ଆମ ମଧ୍ୟରୁ ଅନେକେ ପୁରୁଷ ଏବଂ ମହିଳାଙ୍କୁ ସମାନ ବୋଲି ବିଚାର କରନ୍ତି। କିନ୍ତୁ ସାମୂହିକ ସ୍ତରରେ ସେମାନେ ସମାଜର ଅଧା ଲୋକ, ଅର୍ଥାତ୍ ନାରୀମାନଙ୍କ ଉପରେ କଟକଣା ଲଦି ଦିଅନ୍ତି। ମୋ' ଜୀବଦ୍ଦଶା ମଧ୍ୟରେ ଅଧିକାଂଶ ଲୋକ ନାରୀ-ପୁରୁଷ ସମାନତାର ଅବଧାରଣା ଆଡ଼କୁ ଅଗ୍ରସର ହେଉଥିବା ମୁଁ ଲକ୍ଷ୍ୟ କରିଛି। ତେବେ ପୁରୁଣା ଅଭ୍ୟାସ ପରି ପୁରୁଣା ରୀତିନୀତି ଓ ପରମ୍ପରା ସାମାଜିକ ସ୍ତରରେ ଚାଲୁରହିଛି।

ଏହା ପୃଥିବୀର ସବୁ ମହିଳାଙ୍କ କରୁଣ କାହାଣୀ। ବିଶ୍ୱ ଜନସଂଖ୍ୟାର ଅଧାଲୋକଙ୍କ ଅର୍ଥାତ୍ ନାରୀମାନଙ୍କ ଜୀବନ ବାଧାବିଘ୍ନରୁ ହିଁ ଆରମ୍ଭ ହୋଇଥାଏ। ଏକବିଂଶ ଶତାବ୍ଦୀରେ, ଆମେ କଳ୍ପନାତୀତ ଭାବରେ ସର୍ବାଙ୍ଗୀନ ପ୍ରଗତି ହାସଲ କରିଥିବାବେଳେ ଅନେକ ରାଷ୍ଟ୍ରରେ ଏ ପର୍ଯ୍ୟନ୍ତ ମହିଳାମାନେ ରାଷ୍ଟ୍ରମୁଖ୍ୟ କିମ୍ବା ଶାସନମୁଖ୍ୟ ହୋଇପାରି ନାହାନ୍ତି। ଅଧିକନ୍ତୁ ପୃଥିବୀରେ ଏମିତି କିଛି ସ୍ଥାନ ଅଛି, ଯେଉଁଠି ଦୁର୍ଭାଗ୍ୟବଶତଃ ଆଜି ବି ମହିଳାମାନଙ୍କୁ ତୁଚ୍ଛ ମନେକରାଯାଏ। ସେଠାରେ ଜଣେ ଝିଅ ପାଇଁ ସ୍କୁଲ୍‌କୁ ଯିବା ମଧ୍ୟ ଜୀବନ ମରଣର ପ୍ରଶ୍ନ!

କିନ୍ତୁ ଏମିତି ଯେ ସବୁବେଳେ ହେଉଥିଲା ତା' ନୁହେଁ। ଅତୀତରେ ଭାରତର ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର ମଧ୍ୟ ଦୃଷ୍ଟାନ୍ତ ଅଛି। ମହିଳାମାନଙ୍କର ବୀରତ୍ୱ, ପାଣ୍ଡିତ୍ୟ ଓ ପ୍ରଶାସନିକ ଦକ୍ଷତା ବିଷୟରେ ଆମ ପୁରାଣ ଓ ଇତିହାସରେ ଉଲ୍ଲେଖ ରହିଛି। ଆଜି ଅଗଣିତ ମହିଳା ନିଜ ନିଜର ରୁଚି ଅନୁଯାୟୀ ଦେଶ ଗଠନ କ୍ଷେତ୍ରରେ ଅବଶ୍ୟ ଅଂଶଗ୍ରହଣ କରୁଛନ୍ତି। ସେମାନେ କର୍ପୋରେଟ୍ ସଂସ୍ଥାର ନେତୃତ୍ୱ ନେଉଛନ୍ତି, ଏପରି କି ସୈନ୍ୟବାହିନୀରେ ମଧ୍ୟ କାର୍ଯ୍ୟ କରୁଛନ୍ତି। କିନ୍ତୁ ପୁରୁଷ ଓ ମହିଳାଙ୍କ ମଧ୍ୟରେ ପାର୍ଥକ୍ୟ ଏହି ଯେ ମହିଳାମାନଙ୍କୁ କର୍ମକ୍ଷେତ୍ର ଓ ପରିବାର- ଉଭୟରେ ନିଜର ପାରଦର୍ଶିତା ପ୍ରମାଣ କରିବାକୁ ପଡ଼େ। ସେଥିପାଇଁ ମହିଳାମାନେ ଅଭିଯୋଗ ନ କଲେ ବି ଆଶା କରନ୍ତି ଯେ ସମାଜ ସେମାନଙ୍କ ଉପରେ ଆସ୍ଥା ରଖୁ।

ଏହାଦ୍ୱାରା ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ଆମ ଦେଶର ବିଭିନ୍ନ ପ୍ରତିନିଧିମୂଳକ ସଂସ୍ଥାର ତୃଣମୂଳ ସ୍ତରରେ ମହିଳାମାନଙ୍କର ଉତ୍ତମ ପ୍ରତିନିଧିତ୍ୱ ରହିଛି ସତ, କିନ୍ତୁ ଆମେ ଯେତେ ଉପର ସ୍ତରକୁ ଯିବା ମହିଳାମାନଙ୍କର ସଂଖ୍ୟା ସେତେ ହ୍ରାସ ପାଉଥିବା ଲକ୍ଷ୍ୟ କରିବା। ଏହା କେବଳ ରାଜନୈତିକ କ୍ଷେତ୍ରରେ ନୁହେଁ, ଅମଲାତନ୍ତ୍ର, ନ୍ୟାୟପାଳିକା ଓ କର୍ପୋରେଟ୍ ସଂସ୍ଥା ଆଦିରେ ମଧ୍ୟ ଦେଖିବାକୁ ମିଳୁଛି। ଏଠାରେ ଉଲ୍ଲେଖନୀୟ ଯେ, ଅଧିକ ସାକ୍ଷରତା ହାର ଥିବା ରାଜ୍ୟଗୁଡ଼ିକରେ ମଧ୍ୟ ଏହା ପରିଲକ୍ଷିତ ହେଉଛି। ଏଥିରୁ ସ୍ପଷ୍ଟ ଯେ ଶିକ୍ଷା ଏକାକୀ ମହିଳାମାନଙ୍କ ଆର୍ଥିକ ଏବଂ ରାଜନୈତିକ ସ୍ୱାବଲମ୍ବନକୁ ସୁନିଶ୍ଚିତ କରେ ନାହିଁ।

ସୁତରାଂ ସମାଜର ମାନସିକତାରେ ପରିବର୍ତ୍ତନ ଆସିବା ଆବଶ୍ୟକ ବୋଲି ମୁଁ ଦୃଢ଼ ଭାବରେ ବିଶ୍ୱାସ କରେ। ଏକ ଶାନ୍ତିପୂର୍ଣ୍ଣ ଓ ସମୃଦ୍ଧ ସମାଜ ଗଠନ ନିମନ୍ତେ ନାରୀ ଓ ପୁରୁଷ ମଧ୍ୟରେ ଥିବା ବଦ୍ଧମୂଳ ଭେଦଭାବକୁ ଚିହ୍ନଟ କରାଯିବା ସହିତ ତା'ର ଦୂରୀକରଣ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବା ଉଚିତ। ସାମାଜିକ ନ୍ୟାୟ ଓ ସମାନତାକୁ ପ୍ରୋତ୍ସାହିତ କରିବା ପାଇଁ ସଚେତନ ଭାବରେ ଅବଶ୍ୟ ପ୍ରୟାସ କରାଯାଇଛି। କିନ୍ତୁ ଏସବୁ ପଦକ୍ଷେପ ନାରୀ-ପୁରୁଷ ପ୍ରତିନିଧିତ୍ୱ କ୍ଷେତ୍ରରେ ସନ୍ତୁଳନକୁ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ସାବ୍ୟସ୍ତ ହୋଇନାହିଁ। କୌଣସି ଯୋଜନାବଦ୍ଧ କାର୍ଯ୍ୟ ଯୋଗୁ ନୁହେଁ, ବରଂ ରକ୍ଷଣଶୀଳତା ହେତୁ ଉଭୟ ଶିକ୍ଷା ଓ ଚାକିରିକ୍ଷେତ୍ରରେ ମହିଳାମାନେ ପୁରୁଷଙ୍କଠାରୁ ବହୁ ପଛରେ ପଡ଼ିଛନ୍ତି।

ମୁଁ ଦେଶର ବିଭିନ୍ନ ସ୍ଥାନରେ ଏକାଧିକ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଲକ୍ଷ୍ୟ କରିଛି, ଉପଯୁକ୍ତ ସୁଯୋଗ ପାଇଲେ ଅନେକ ସମୟରେ ମହିଳାମାନେ ଶିକ୍ଷାକ୍ଷେତ୍ରରେ ପୁରୁଷମାନଙ୍କୁ ଅତିକ୍ରମ କରିଯାଉଛନ୍ତି। ଆମ ସମାଜର ଏବଂ ବିଶେଷକରି ଭାରତୀୟ ନାରୀର ଏପରି ଅଦମ୍ୟ ଉତ୍ସାହ ଦେଖି ମୁଁ ଦୃଢ଼ନିଶ୍ଚିତ ଯେ, ଭାରତ ବିଶ୍ୱରେ ନାରୀ-ପୁରୁଷ ସମାନତାର ପଥପ୍ରଦର୍ଶକ ହେବ।

ସମାଜର ଅଧାଲୋକଙ୍କୁ ଅର୍ଥାତ୍ ନାରୀମାନଙ୍କୁ ପଛରେ ରଖି ଆରଅଧକ ଅର୍ଥାତ୍ ପୁରୁଷମାନେ ଯେ ଆଗକୁ ବଢ଼ିପାରିଛନ୍ତି, ତା' ନୁହେଁ। ପ୍ରକୃତ କଥା ହେଉଛି ମଣିଷଜାତିର ଚଳମାନ ଶଗଡ଼ର ଦୁଇ ଚକ ସମାନ ନ ଥିବାରୁ ଏପରି ଅସାମଞ୍ଜସ୍ୟ ସମସ୍ତଙ୍କର କ୍ଷତି କରୁଛି। ମହିଳାମାନଙ୍କୁ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସାମିଲ କରାଗଲେ କେବଳ ଯେ ଅର୍ଥନୈତିକ ପ୍ରଗତି ହେବ ତା' ନୁହେଁ, ଜଳବାୟୁ ସଂକ୍ରାନ୍ତୀୟ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇପାରିବ। ମୁଁ ନିଶ୍ଚିତ ଯେ ମଣିଷଜାତିର ପ୍ରଗତିରେ ମହିଳାମାନଙ୍କୁ ସମାନ ଅଂଶୀଦାର କରାଗଲେ ପୃଥିବୀ ଆହୁରି ସୁନ୍ଦର ହୋଇପାରିବ।

ଆମର ଭବିଷ୍ୟତ ଯେ ଉଜ୍ଜ୍ୱଳ, ଏଥିରେ ମୁଁ ବେଶ୍ ଆଶାବାଦୀ। ମୋ' ଜୀବନର ଅନୁଭୂତିରୁ ମୁଁ ଜାଣିଛି ଯେ, ସମୟକ୍ରମେ ଲୋକେ ବଦଳନ୍ତି ଏବଂ ମନୋଭାବ ବଦଳେ। ଏହା ହିଁ ମଣିଷଜାତିର କାହାଣୀ; ଅନ୍ୟଥା ଆମେ ଏବେ ମଧ୍ୟ ଗୁମ୍ଫାରେ ରହିଥା'ନ୍ତେ। ନାରୀ-ମୁକ୍ତିର କାହାଣୀ ମନ୍ଥର ଗତିରେ ଆଗକୁ ଚାଲିଛି। ଅନେକ ସମୟରେ ଏହାର ଶିଥିଳତା ଯନ୍ତ୍ରଣାଦାୟକ। କିନ୍ତୁ ସନ୍ତୋଷର କଥା, ଏହା ତା'ର ନିର୍ଦ୍ଦିଷ୍ଟ ଗତିପଥରେ ସର୍ବଦା ଆଗେଇ ଚାଲିଛି, କେବେ ବି ବିପରୀତ ଦିଗରେ ଗତି କରିନାହିଁ। ଏହା ମୋର ବିଶ୍ୱାସକୁ ଦୃଢ଼ କରିଛି ଏବଂ ସେଥିପାଇଁ ମୁଁ ବାରମ୍ବାର କହିଆସିଛି ଯେ, ଭାରତର ସ୍ୱାଧୀନତାର ଶତବାର୍ଷିକୀ ପର୍ଯ୍ୟନ୍ତ ଲମ୍ବିଥିବା ଏହି ଅମୃତ କାଳ ହେଉଛି ଆମ ଝିଅମାନଙ୍କର।

ନାରୀ-ପୁରୁଷ ସମାନତା ଭାବର ସୁଦୃଢ଼ ମୂଳଦୁଆରୁ ଆମେ ଏକ ଜାତି ଭାବରେ ଯାତ୍ରା ଆରମ୍ଭ କରିଛନ୍ତି- ଏହା ମୋତେ ବେଶ୍ ଆଶାବାଦୀ କରିଛି। ପ୍ରାୟ ଏକ ଶତାବ୍ଦୀ ପୂର୍ବେ ସ୍ୱାଧୀନତା ସଂଗ୍ରାମ ସମୟରେ ମହାତ୍ମା ଗାନ୍ଧୀଙ୍କ ଜନଆନ୍ଦୋଳନ ମହିଳାମାନଙ୍କୁ ଏରୁଣ୍ଡି ଡେଇଁ ବାହାର ଦୁନିଆରେ ପାଦ ରଖିବାକୁ ଅନୁପ୍ରାଣିତ କରିଥିଲା। ସେହି ଦିନଠାରୁ ଆମ ସମାଜ ଏବଂ ବିଶେଷକରି ଆମ ମହିଳାମାନେ ଏକ ଉନ୍ନତ ଭବିଷ୍ୟତ ଗଠନ କରିବା ପାଇଁ ସ୍ୱପ୍ନ ଦେଖିଆସୁଛନ୍ତି। ମହିଳାଙ୍କ ଲାଗି ଅନୁକୂଳ ହେଉ ନ ଥିବା କୁସଂସ୍କାର ଓ କୁପ୍ରଥାଗୁଡ଼ିକୁ ଆଇନ କିମ୍ବା ସଚେତନତା ମାଧ୍ୟମରେ ଦୂର କରାଯାଉଛି। ଆମ ସମାଜ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡୁଥିବା ଲକ୍ଷ୍ୟ କରାଯାଉଛି। ଉଦାହରଣ ସ୍ୱରୂପ, ଆଜିର ସଂସଦରେ ମହିଳାମାନଙ୍କ ପ୍ରତିନିଧିତ୍ୱ ସର୍ବାଧିକ ରହିଛି। କହିବା ବାହୁଲ୍ୟ ଯେ, ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ରାଷ୍ଟ୍ରପତି ଭାବରେ ମୁଁ ନିର୍ବାଚିତ ହେବା ମହିଳା ସଶକ୍ତୀକରଣ ମହାଗାଥାର ଏକ ଅଂଶବିଶେଷ। ମୁଁ ବିଶ୍ୱାସ କରେ ଯେ ନାରୀ-ପୁରୁଷ ସମାନତାର ବିଚାରକୁ ପ୍ରୋତ୍ସାହିତ କରିବା ପାଇଁ 'ମାତୃତ୍ୱରେ ନେତୃତ୍ୱ ନିହିତ' ଭାବନାକୁ ଉଜାଗର କରାଯିବା ଆବଶ୍ୟକ। 'ବେଟି ବଚାଓ, ବେଟି ପଢ଼ାଓ' ଭଳି ଅନେକ ସରକାରୀ କାର୍ଯ୍ୟକ୍ରମ ସିଧାସଳଖ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ଗୋଟିଏ ଗୋଟିଏ ଉପଯୁକ୍ତ ପଦକ୍ଷେପ।

ଯେକୌଣସି ସମାଜ ଶ୍ରେଷ୍ଠ ପ୍ରଗତିଶୀଳ ଚିନ୍ତାଧାରା ସହିତ ତାଳ ଦେଇ ଆଗକୁ ଚାଲିବା ନିଶ୍ଚୟ ସମୟସାପେକ୍ଷ। ଏହାକୁ ଆମେ ହୃଦୟଙ୍ଗମ କରିବା ଉଚିତ। ପ୍ରତି ସମାଜ ମଣିଷକୁ ନେଇ ଗଠିତ, ଯାହାର ଅଧା ହେଉଛନ୍ତି ନାରୀ। ଏହି ସମାଜର ପ୍ରଗତିକୁ ତ୍ୱରାନ୍ୱିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ମୁଁ ଆଜି ଅନୁରୋଧ କରିବାକୁ ଚାହେଁ ଯେ ଆପଣମାନେ ନିଜ ପରିବାର, ପଡ଼ୋଶୀ ଏବଂ କର୍ମକ୍ଷେତ୍ରରେ ଏପରି ପରିବର୍ତ୍ତନ ଆଣିବାକୁ ସଂକଳ୍ପ କରନ୍ତୁ; ଯଦ୍ଦ୍ୱାରା ଗୋଟିଏ ଝିଅ ମୁହଁରେ ହସ ଫୁଟିବ ଏବଂ ତା' ଜୀବନରେ ଆଗକୁ ଯିବାର ଅବସର ବୃଦ୍ଧି ପାଇବ। ମୁଁ ଆଗରୁ କହିଛି ଏବଂ ଏବେ ମଧ୍ୟ କହୁଛି ଯେ ଏହା ମୋ' ହୃଦୟର କଥା।

– ଭାରତର ରାଷ୍ଟ୍ରପତି, ନୂଆଦିଲ୍ଲୀ

# ଆଜି ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ

## ବିଭିନ୍ନ ପ୍ରକଳ୍ପର କରିବେ ଶୁଭାରମ୍ଭ

ଭୁବନେଶ୍ୱର,୯।୩(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଉରକେଲା ଗସ୍ତରେ ଯିବେ। ଅପରାହ୍ନ ୫ଟା ୨୦ମିନିଟରେ ସେ ରାଉରକେଲା ବିମାନବନ୍ଦରରେ ପହଞ୍ଚିବେ। ଏହାପରେ ୫ଟା ୩୦ରେ ସେ ବିଶ୍ରା ଛକ ନିକଟରେ ନିର୍ମିତ ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମକୁ ଉଦ୍‌ଘାଟନ କରିବେ। ଏଥିସହ ଷ୍ଟାଡିୟମ ପରିସରରେ ନିର୍ମାଣ କରାଯାଇଥିବା ବହୁମୁଖୀ କାର୍ ପାର୍କିଂ ଓ ସୁଇମିଂ ପୁଲ୍ କମ୍ପ୍ଲେକ୍ସ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏହାଛଡା ସେ ରାଉରକେଲା ସହର ତଥା ସୁନ୍ଦରଗଡ଼ ଜିଲାରେ ୯୦୦ କୋଟି ଟଙ୍କାର ୬୦୦ରୁ ଅଧିକ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେହିପରି ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ନିର୍ମିତ ହକି ତାଲିମ କେନ୍ଦ୍ର ଉଦ୍‌ଘାଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ୫ଟା ୫୦ ମିନିଟରେ ମୁଖ୍ୟମନ୍ତ୍ରୀ ଛେଣ୍ଡ ସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଥିବା ହକି ଭିଲେଜକୁ ଯିବେ। ସନ୍ଧ୍ୟା ୬ଟା ୫୫ ମିନିଟରେ ସେଠାରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ। ପରେ ଏଫ୍‌ଆଇଏଚ୍ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିବା କାର୍ଯ୍ୟକ୍ରମ ରହିଛି। ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ୍ ଭାବେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡ୍ସରେ ସ୍ଥାନ ପାଇଥିବାରୁ ମୁଖ୍ୟମନ୍ତ୍ରୀ ଏହି ରେକର୍ଡ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ୧୪ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ ବୋଲି ଜଣାପଡିଛି।

# ମୁଣ୍ଡ ପିଛା ଋଣଭାର ୧୯,୮୨୫ ଟଙ୍କା

## ରାଜ୍ୟରେ ବଢୁଛି ଋଣ ଭାର

ଭୁବନେଶ୍ୱର,୯।୩(ବ୍ୟୁରୋ)

ରାଜ୍ୟରେ ଋଣ ଭାର ବଢ଼ି ଚାଲିଛି। ମୁଣ୍ଡ ପିଛା ଋଣ ଭାର ୧୯,୮୨୫ ଟଙ୍କାରେ ପହଞ୍ଚିଲାଣି। ୨୦୨୨-୨୩ ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟର ଋଣ ଭାର ୮୭୭୨୬.୬୧ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭା ବଜେଟ ଅଧିବେଶନରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟର ଋଣ ଭାର କମାଇବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ୨୦୦୬-୦୭ରୁ ୨୦୧୩-୧୪ ଏବଂ ୨୦୨୨-୨୩ରୁ ଏ ପର୍ଯ୍ୟନ୍ତ ସରକାର ଖୋଲା ବଜାରରୁ କୌଣସି ଋଣ କରିନାହାନ୍ତି। ଉଚ୍ଚ ସୁଧ ହାର ଋଣକୁ ଆଗୁଆ ପୈଠ କରାଯାଉଛି। ଅନ୍ୟପକ୍ଷରେ ୨୦୦୫-୦୬ରୁ ୨୦୦୯-୧୦ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୩୮୧.୯୦ କୋଟି ହିସାବରେ ମୋଟ ୧୯୦୯.୫୦ କୋଟି ଟଙ୍କା ଋଣ ପରିଶୋଧରୁ ପାଇଛନ୍ତି। ସେହିପରି ତ୍ରୟୋଦଶ ଅର୍ଥ କମିଶନ ସୁପାରିସ କ୍ରମେ ରାଜ୍ୟ ସରକାରଙ୍କ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଆଇନ ୨୦୦୫ ପ୍ରଣୟନ ଓ ଆର୍ଥିକ ପରିଚାଳନା ପାଇଁ ରାଜ୍ୟ ସରକାର ୨୦୧୧-୧୨ ଆର୍ଥିକ ବର୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ବାବଦରେ ୧୩୯.୩୬ କୋଟି ଋଣ ପରିଶୋଧରୁ ପାଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।










# ସ୍କୁଲ ଚେସ୍‌ରେ ପ୍ରିୟାଂଶ ଚାମ୍ପିୟନ

ଭୁବନେଶ୍ୱର,୯।୩(ସ୍ପୋର୍ଟ୍ସ ବ୍ୟୁରୋ)

ଦ୍ୱମଶ୍ରିତା ଫାଉଣ୍ଡେଶନ୍ ଏବଂ ଏସ୍‌ଡିଏମ୍ ସଫ୍ଟୱେର ସଲ୍ୟୁଶନ୍ ପକ୍ଷରୁ ମିଳିତ ଭାବରେ ଆୟୋଜିତ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତାରେ ଷ୍ଟିୱାର୍ଟ ସ୍କୁଲ(କଟକ)ର ପ୍ରିୟାଂଶ ଦାସ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ପ୍ରିୟାଂଶ ୭ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭୁବନେଶ୍ୱର ସେଣ୍ଟ ଜାଭିୟର୍ସର କୌସ୍ତୁଭ ଦାସ ୬ ଓ ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲର ବିକାଶ କୁମାର ଲେଙ୍କା ୫ ପଏଣ୍ଟ ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ୭ ବର୍ଷରୁ କମ୍ ବାଳକ ବର୍ଗରେ ଅଦ୍‌ଭିକ୍ ଆଦିତ୍ୟ ସ୍ୱାଇଁ ଓ ବାଳିକା ବର୍ଗରେ ଅଦିତି ମହାରଣା, ୯ ବର୍ଷରୁ କମ୍ ବାଳକ ବର୍ଗରେ ପି. ପରଂବ୍ରହ୍ମ ରାଉତ ଓ ବାଳିକା ବର୍ଗରେ ଆର୍ଶିଆ ସାହୁ, ୧୧ ବର୍ଷରୁ କମ୍ ବାଳକ ବର୍ଗରେ ସାର୍ଥକ ମହାନ୍ତି ଓ ବାଳିକା ବର୍ଗରେ ଶୁଭସ୍ମିତା ପ୍ରିୟଦର୍ଶିନୀ, ୧୩ ବର୍ଷରୁ କମ୍ ବାଳକ ବର୍ଗରେ ଆଦିତ୍ୟ ବିକ୍ରମ ମିଶ୍ର ଓ ବାଳିକା ବର୍ଗରେ ସାଇ ସଂପ୍ରଦା ମହାନ୍ତି ଓ ୧୫ ବର୍ଷରୁ କମ୍ ବାଳକ ବର୍ଗରେ ସାଇ ଇଶାନ ଜେନା ଓ ବାଳିକା ବର୍ଗରେ ସାହାନା ଲେଙ୍କା ପ୍ରଥମ ସ୍ଥାନ ହାସଲ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ରବୀନ୍ଦ୍ର କୁମାର ଓଝା ତାଙ୍କୁ ସହଯୋଗ କରିଥିଲେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ସମ୍ପାଦକ ଇଂ. ଦେବବ୍ରତ ଭଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ମନସ୍ମିତା ଜେନା, ଜେ. ଏମ୍. ସ୍ପୋର୍ଟ୍ସ ମୁଖ୍ୟ ମୀରାରାଣୀ ଦାସ, ଦ୍ୱମଶ୍ରିତା ଫାଉଣ୍ଡେଶନର ଦୀପରେଖା ଦେ ଓ ସୁରେନ୍ଦ୍ର ଲେଙ୍କା କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ଓଏଫ୍‌ସିର ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ସାଲ ଇଭେଣ୍ଟ

ଭୁବନେଶ୍ୱର,୯।୩ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶାରେ ଫୁଟବଲର ପ୍ରଚାର ପ୍ରସାର ପାଇଁ ଅନ୍ତର୍ଜାତୀୟ ମହିଳା ଦିବସରେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ମହିଳା ଦଳ ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟସାଲ ଇଭେଣ୍ଟ ଆୟୋଜିତ ହୋଇଛି। ଜେଡ୍‌-୧ ସୋସାଇଟିରେ ଆୟୋଜିତ ଏହି ଇଭେଣ୍ଟରେ ୧୫ ବର୍ଷରୁ କମ୍ ବୟସର ୪୦୦ରୁ ଅଧିକ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ। ଏହା ସହିତ ଓଏଫ୍‌ସି ମହିଳା ଦଳର ସଦସ୍ୟଙ୍କ ଉପସ୍ଥିତିରେ ଏକ ପେନାଲ୍ଟି ଶୁଟଆଉଟ୍ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଓଏଫ୍‌ସି ମହିଳା ଦଳର ମୁଖ୍ୟ ରଣଦୀପ ବରୁଆଙ୍କ ସମେତ ଭାରତୀୟ ଫୁଟବଲ ଦଳର ଅଧିନାୟିକା ନାନଙ୍ଗୋମ ବାଲା ଦେବୀ, ଦୀପା ନାୟକ, ବନ୍ୟା କବିରାଜ, ସୁସ୍ମିତା ତନ୍ତୀ, ସୋନାଲି ଚେମଟେ, ଗ୍ରେସ୍ ହୌନାର, ଶ୍ରଦ୍ଧାଞ୍ଜଳି ପଣ୍ଡା, ମାଳତୀ ମୁଣ୍ଡା ଓ ସସ୍ମିତା ପରିଡାଙ୍କ ପରି ଖେଳାଳି ଉପସ୍ଥିତ ଥିଲେ।

# ଇଣ୍ଡୋନେସିଆକୁ ହରାଇଲା ଭାରତ

ଭିଏତ୍ ଟ୍ରାଇ ସିଟି (ଭିଏତନାମ), ୯।୩ (ପି.ଟି.): ୨୦ ବର୍ଷରୁ କମ୍ ମହିଳା ଏଏଫ୍‌ସି ଏସିଆନ କ୍ୱାଲିଫାୟର୍ସ ଫୁଟବଲ୍ ଟୁର୍ନାମେଣ୍ଟ ପ୍ରଥମ ରାଉଣ୍ଡରେ ଭାରତ ଗୁରୁବାର ଇଣ୍ଡୋନେସିଆ ବିପକ୍ଷରେ ୬-୦ ଗୋଲ୍‌ରେ ବିଜୟ ହାସଲ କରିଛି। ଏହା ପୂର୍ବରୁ ଦଳ ଏହାର ପ୍ରଥମ ମ୍ୟାଚରେ ସିଙ୍ଗାପୁରକୁ ୭-୦ଗୋଲ୍‌ରେ ପରାସ୍ତ କରିଥିଲା। ଇଣ୍ଡୋନେସିଆ ବିପକ୍ଷରେ ଭାରତୀୟ ମହିଳା ଦଳ ଉଭୟ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ୩ଟିଲେଖାଏ ଗୋଲ ଦେଇଥିଲେ। ଭାରତ ବର୍ତ୍ତମାନ ଦୁଇଟି ମ୍ୟାଚରେ ୧୩ ଗୋଲ ସ୍କୋର କରିବା ସହ ୬ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଛି। ମୁଖ୍ୟ କୋଚ୍ ମେମୋଲ୍ ରକି ଗୁରୁବାର ମ୍ୟାଚ ପାଇଁ ଦଳରେ ୩ ପରିବର୍ତ୍ତନ କରିଥିଲେ। ସେଣ୍ଟର ବ୍ୟାକ୍ ପୋଜିଶନରେ ଲିଣ୍ଡା ଚାନୁଙ୍କ ସ୍ଥାନରେ ହେମାମ୍ ସିଲ୍‌କି ଦେବୀ, ମିଡ୍ ଫିଲ୍ଡରେ ମାର୍ଟିନା ଥୋକ୍‌ଚୋମ୍‌ଙ୍କ ସ୍ଥାନରେ ଲିଶାମ୍ ବବିନା ଦେବୀ ଏବଂ ଲେଫ୍ଟ ୱିଙ୍ଗରେ ସୁମତି କୁମାରୀଙ୍କ ସ୍ଥାନରେ ନେହାଙ୍କୁ ଖେଳାଇଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ